# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୫/୨୦୧୮ (୨୦ ପୃଷ୍ଠା) | Bhubaneswar, Monday, October 15/ 2018 | ★★★★★★

୪୪ଶ ଭାଗ ୩୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-






Book now till **21 Oct 2018** | Flights commencing from **7 Dec 2018**

**airasia.com**

Now Everyone Can Fly

20kg Baggage | Santan Meal | Pick A Seat | Travel Insurance*

Save up to 10% on your add-ons with Value Pack!

AirAsia

All India domestic flights are operated by AirAsia India Ltd. and all international flights are operated by either AirAsia Berhad, Thai AirAsia Co. Ltd., AirAsia X Berhad or PT. Indonesia Co. Ltd. Our seats are limited and may not be available on all flights during public holidays, school breaks and weekends. Discount is applicable only on the base fare. All-in fares include fares, fuel surcharges and airport taxes. Inclusive of one-way only. A payment processing fee is applicable to all payments made via credit, debit or charge cards. Our other terms and conditions of arriage apply. Skytrax has named AirAsia Group as World's Best Low-Cost Airline for the tenth year in a row. **AirAsia India being a joint-venture of AirAsia Berhad, is a part of AirAsia Group and is permitted by Skytrax to use this logo for Indian market.


ODISHA's No.1 Retail Chain Store
RAJ ELECTRONICS
ଦୀର୍ଘ ୪୦ ବର୍ଷଧରି ସମଗ୍ର ଓଡିଶାବାସୀଙ୍କ ଘରେ ଘରେ ପରିଚିତ
BUY ONE GET TWO*
Get 32" FREE On AC or LED TV*
INTEREST 0% DOWN PAYMENT PROCESSING FEE
₹500 Cash Back through BFL
All Are Cordially invited
SHOP & SMILE
Grand OPENING TODAY
21st MEGA SHOWROOM at JAJPUR ROAD
Inaugurated By Sri Prashant Mallick GM-Tata Steel
Get CASH BACK up to ₹20000*
1 EMI Free
at Chorda Traffic Chhak, By Pass Road,Jajpur Road, Ph : 993745155
A new TV experience awakens BRAVIA OLED
SONY
MASTER series A9F OLED
A8F OLED
SPECIAL FESTIVE OFFERS!
Upgrade with easy EMIs
Pay As Per Screen Size** | Screen Size x 100 = EMI
SIZE 215cm (85) 189cm (75) 164cm (65) 139cm (55) 123cm (49) 108cm (43)
EMI (Rs.) 8,500/- 7,500/- 6,500/- 5,500/- 4,900/- 4,300/-
EMI Tenure upto 36 months
65" EMI : ₹6500
55" EMI : ₹3999
49" EMI : ₹3200
43" EMI : ₹2222
40" EMI : ₹1945
32" EMI : ₹1499
24" EMI : ₹745
180 Lts EMI:₹920
190 Lts EMI:₹1000
225 Lts EMI:₹1666
1.5T Split EMI ₹ 3,750* FREE 32" LED
1.5T Inverter EMI ₹ 4,169* FREE 32" LED
10 years warranty - Installation Free*
EMI ₹ 3168*
EMI ₹ 1000*
EMI ₹ 2958*
253 Lts EMI:₹1116
260 Lts EMI:₹1560
618 Lts EMI:₹2916
FREE with DIOS REFRIGERATOR
Special PRICE Available
KUTCHINA
Price Starts ₹6990
EMI ₹ 709*
EMI ₹ 1000*
EMI ₹ 1150*
21 Lt. Conv. EMI:₹833
23 Lt. Conv. EMI:₹1090
LG
EUREKA FORBES
OFFER PRICE ₹6,500
SAMSUNG mobile CASHBACK upto ₹16000* Screen Replacement Warranty Call : 7751069089
Nikon: 9437756121
Canon: 8908427908
oppo Screen Replacement Warranty 18 Months Warranty Call : 7377036196
21 STORES ACROSS ODISHA
RAJ ELECTRONICS
40 years EXCELLENCE
BISWAL SALES
JAJPUR ROAD Bus Stand-By Pass 06726 -220655, 9238365722
JAJPUR TOWN Medical Road 06728 - 222701, 9238365724
BHADRAK Chhapulia 06784 - 250566, 9238365720
*T&C Apply
BHUBANESWAR
Bapuji Nagar : Old Showroom Ph : 0674-2597716
Baramunda : Ph : 0674-2355155 Mob : 9238365729
Patia : Ph : 0674-2726216 Mob : 9238365755
Nayapally : Ph : 0674-2565717 Mob : 9238365515
Bapuji Nagar : Premium Showroom Mob : 9238365728
CUTTACK Ph : 0671-2342999 Mob : 9238365721
ROURKELA Ph : 0661-2342999 Mob : 9238365730
TALCHER Ph : 06760-241515 Mob : 7978421489
BALASORE Ph : 06782-241515 Mob : 8118052732
JHARSUGUDA Ph : 06645-271450, Mob : 8342718452
ANGUL Near TATA Motors,Nalco Square, Ph : 7064414161,8260434343
BHADRAK Bonth, Near Tahasil & Block Office, Ph : 7205321458
CUTTACK Badambadi-Kathajoti Road. 9437117285,9937593448
JALESWAR Maa Tarini Market Complex, Near Axis Bank,Mob : 8249023446
JAJPUR ROAD Near Registration Office Ph : 06726-365722,9238320655
JARAKA Near Venkateswar School, Mob. : 9776110273,9937157173
SALEPUR Near SBI, 9438022927 9937546384,9124858889

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୫/୨୦୧୮ | Bhubaneswar, Monday, October 15/ 2018 | ପୃଷ୍ଠା-୧




## ଭାରତ ସିରିଜ ବିଜୟୀ

ଦ୍ୱିତୀୟ ଟେଷ୍ଟରେ ୧୦ ଉଇକେଟ ହାସଲ କରି ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତକୁ ସିରିଜ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଉମେଶ ଯାଦବ।

୧୬ ୦୬

## ଅଜସ୍ର ଯଶର ଅଧିକାରୀ ହେବାକୁ ଚାହେଁ ନାହିଁ

ଏକ ସୁଖ୍ୟାତ ପରିବାରରୁ ଆସିଥିବା ସତ୍ତ୍ୱେ ଅଜସ୍ର ଯଶର ଅଧିକାରୀ ହେବାକୁ ଚାହାନ୍ତି ନାହିଁ ବଲିଉଡ୍ ଅଭିନେତ୍ରୀ ସୋହା ଅଲି ଖାନ୍।




ପୁରୀ ହିଂସା, ଆଉ ୮ ଗିରଫ ........୫........

ଗଙ୍ଗାବାଡ଼ରେ ପାହାଡ଼ ଧସିବା ଘଟଣା: ଉଦ୍ଧାର ହେଲା ୧୩ ମୃତଦେହ ........୫........

ହାତୀବାରିରେ ପୁଣି ବାଘୁଣୀ ଆତଙ୍କ ........୧୩........


### ■ ଖଣ୍ଡା ଝୁଲୁଛି, ହେଲେ ମୁଣ୍ଡ ଗଡୁନି

# ବିଦେଶରୁ ଫେରି ଓଲଟା ଧମକ

ନୂଆଦିଲ୍ଲୀ,୧୪।୧୦(ପି.ଟି.)



କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବର

### #ମିଟୂ ଝଡ଼କୁ ଖାତିର ନାହିଁ

- ■ ଅଭିଯୋଗକୁ ଖଣ୍ଡନ କଲେ କେନ୍ଦ୍ରମନ୍ତ୍ରୀ ଆକବର
- ■ ଅଭିଯୋଗକାରିଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ
- ■ ନିର୍ବାଚନ ପୂର୍ବରୁ ଷଡ଼ଯନ୍ତ୍ର ବୋଲି କହିଲେ
- ■ ଇସ୍ତଫା ପ୍ରସଙ୍ଗକୁ ଏଡାଇ ଗଲେ
- ■ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କୁ ନେଇ ଜାତୀୟ ରାଜନୀତିରେ ସୃଷ୍ଟି ହୋଇଛି ଝଡ଼। କାରଣ # ମିଟୂ ଅଭିଯାନରେ ଜଣେ କି ଦୁଇଜଣ ନୁହେଁ, ବରଂ ୧୫ ଜଣ ସାମ୍ବାଦିକା ତାଙ୍କ ବିରୋଧରେ ଆଣିଛନ୍ତି ଯୌନ ଶୋଷଣ ଅଭିଯୋଗ। ଏହାକୁ ନେଇ ପାଖାପାଖି ସପ୍ତାହେ ହେଲା ମୁଣ୍ଡ ଉପରେ ଖଣ୍ଡା ଝୁଲୁଛି, ମାତ୍ର ଆକବରଙ୍କୁ ଫରକ ପଡୁନି କିଛି। ଆଶା କରାଯାଉଥିଲା ଆକବର ବିଦେଶରୁ ଫେରିବା ପରେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଦେବେ କିମ୍ବା କେନ୍ଦ୍ରର ଏନ୍‌ଡିଏ ସରକାର ତାଙ୍କୁ କ୍ୟାବିନେଟରୁ ବିଦା କରିବେ। ହେଲେ ରବିବାର ଫେରିବା ପରେ ଏଭଳି କିଛି ଦେଖିବାକୁ ମିଳିଲା ନାହିଁ। ଆକବର ସବୁ ଅଭିଯୋଗକୁ ଖଣ୍ଡନ କରି ଅଭିଯୋଗକାରିଣୀଙ୍କ ବିରୋଧରେ ଓଲଟା ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦେଲେ। ଏଥିସହ ସେ ଏହାକୁ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କ ବିରୋଧରେ ଏକ ସୁନିୟୋଜିତ ଷଡ଼ଯନ୍ତ୍ର ବୋଲି ଅଭିହିତ କଲେ। ଆକବର ପଦ ଛାଡ଼ିବାକୁ ନରାଜ ବୋଲି ତାଙ୍କର ଏହି ମନ୍ତବ୍ୟରୁ ବିରୋଧୀ ଧରିନେଲେଣି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ନୀରବତା ଭଙ୍ଗ କରନ୍ତୁ ଓ ଆକବରଙ୍କୁ କ୍ୟାବିନେଟରୁ ହଟାଇ ସ୍ୱଚ୍ଛତାର ପ୍ରମାଣ ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି।

ପୂର୍ବରୁ ଏକାଧିକ ଖବରକାଗଜରେ ସମ୍ପାଦକ ଥିବା ଭାଜପାର ରାଜ୍ୟ ସଭା ସଦସ୍ୟ ତଥା ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏମ୍.ଜେ. ଆକବର ସପ୍ତାହେ ତଳେ ଆଫ୍ରିକୀୟ ରାଷ୍ଟ୍ର ନାଇଜେରିଆ ଯାଇଥିଲେ। ସେ ବିଦେଶରେ ଥିବାବେଳେ ତାଙ୍କ ବିରୋଧରେ ସୋମବାର ଟୁଇଟର୍‌ରେ ପ୍ରଥମେ ଉଠିଥିଲା ସାଂଘାତିକ ଅଭିଯୋଗ। ପରେ ଅଭିଯୋଗର ତାଲିକା ଲମ୍ବିଚାଲିଲା, ଯାହାକି ଏବେ ବି ଅବ୍ୟାହତ ରହିଛି। ୧୦ରୁ ୧୫ ବର୍ଷ ତଳେ ସେ କେତେକ ମୁଦ୍ରିତ ଗଣମାଧ୍ୟମର ଶୀର୍ଷ ପଦବୀ ଅଳଙ୍କୃତ କରିଥିବାବେଳେ ତାଙ୍କ ସହକର୍ମୀ ଓ ଅଧସ୍ତନ ସାମ୍ବାଦିକାମାନଙ୍କୁ ଯୌନ ଶୋଷଣ କରିଥିବା ନେଇ ସେମାନେ ଅଭିଯୋଗ ଆଣିଛନ୍ତି। ଆକବର ଫେରିବା ପରେ ଆରୋପକୁ ନେଇ ତାଙ୍କୁ ଇସ୍ତଫା ଦେବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଥିଲା। ଆକବର ରବିବାର ସକାଳେ ନୂଆଦିଲ୍ଲୀ ଫେରିଲେ। ବିମାନବନ୍ଦରରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସୁରକ୍ଷା କର୍ମୀ ତାଙ୍କୁ ପାଛୋଟି ନେଲେ। ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ଆକବର କହିଲେ କିଛି ସମୟ ପରେ ସେ ବିବୃତି ଦେବେ। ଇତିମଧ୍ୟରେ କେତେକ ଟିଭି ଚ୍ୟାନେଲ ଓ ୱେବ୍‌ସାଇଟ୍‌ରେ ଖବର ଆସିଲା ଯେ, ଆକବର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ଇ-ମେଲ୍ ଯୋଗେ ଇସ୍ତଫାପତ୍ର ପଠାଇଦେଇଛନ୍ତି।

ପରେ ଯାହା ବିବୃତି ଆସିଲା, ତାହା ସମସ୍ତଙ୍କୁ ଚକିତ କରିଦେଲା। ସଫେଇ ଦେବାକୁ ଯାଇ ଆକବର ତାଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ପ୍ରମାଣ ନ ଥାଇ ଅଭିଯୋଗ ☞ପୃଷ୍ଠା-୨

# ଖସିପଡ଼ିଲା ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ୍
# ୨୦ ଆହତ, ୫ ଗୁରୁତର

ସୁନ୍ଦରଗଡ଼, ୧୪।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ଅନ୍ତର୍ଗତ ଜାମୁଡିହି-କୁଞ୍ଜପାଣି ରାସ୍ତାର ଦାତ୍ରମ ନାଳ ଉପରେ ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ ରବିବାର ଖସିପଡ଼ିଛି। ଫଳରେ ସେଠାରେ କାର୍ଯ୍ୟରତ ୩୦ ଜଣ ଶ୍ରମିକଙ୍କ ମଧ୍ୟରୁ ୨୦ ଜଣ ଆହତ ହୋଇଛନ୍ତି। ଗ୍ରାମବାସୀ ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରି କେ.ବଲାଙ୍ଗ ଓ ବଣାଇଁ ଡାକ୍ତରଖାନା ନେଇଥିଲେ। ୫ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ସ୍ଥାନାନ୍ତର କରାଯାଇଛି। ଗୁରୁତର ଆହତଙ୍କ ମଧ୍ୟରୁ ଜଣଙ୍କର ପରିଚୟ ମିଳି ନ ଥିବାବେଳେ ଅନ୍ୟ ୪ ଜଣ ହେଲେ ଜନମଣି ମୁଣ୍ଡାରୀ, ଗହମୀ ମୁଣ୍ଡାରୀ, ସବରମ ମୁଣ୍ଡାରୀ ଓ ସମରା ମୁଣ୍ଡାରୀ। ☞ପୃଷ୍ଠା-୨



ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ୍ ଖସିପଡ଼ିଛି।

### ଆଜିର ସମ୍ପାଦକୀୟ

ସନ୍ତ୍ରାନ୍ତ ଠାଣି

### ଆଜିର ମନ୍ତବ୍ୟ

“ ନବ୍‌ଜୋତ୍ ସିଂ ସିଦ୍ଧୁ ନିଜକୁ ପାକିସ୍ତାନ କ୍ୟାବିନେଟ୍‌ରେ ସାମିଲ କରାଇ ନେବା ଉଚିତ।

–ସମ୍ବିତ୍ ପାତ୍ର, ଭାଜପା ମୁଖପାତ୍ର


NECC NATIONAL EGG CO-ORDINATION COMMITTEE 14.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 63 | 110 | 120 |
| CTC | 64 | 111 | 121 |
| DKL | 63 | 110 | 120 |
| BDK | 64 | 111 | 121 |
| BLS | 66 | 114 | 124 |
| ANG | 64 | 111 | 121 |

*Conditions Apply

Eggs Retail Price- 45/-Dozen

Issued in the Interest of Consumers







### ■ ପାହାଡ଼ ଧସି ମୃତ୍ୟୁ ଘଟଣା

# ମିଳି ନ ଥିଲା ପୂର୍ବରୁ ସୂଚନା

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

- ■ ଅଭିଯୋଗକୁ ଖଣ୍ଡନ କଲେ ଏସ୍ଆର୍‌ସି
- ■ ଏସ୍ଆର୍‌ସିଙ୍କ ବହିଷ୍କାର ଦାବି କଲା ଭାଜପା

ବାତ୍ୟା ସମୟରେ ମହେନ୍ଦ୍ରଗିରି ପାହାଡ ତଳେ ଆଶ୍ରୟ ନେଇଥିବା ୧୨ଜଣଙ୍କ ମୃତ୍ୟୁ ଘଟଣାରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ବାତ୍ୟା ଓ ବନ୍ୟା ହେବାର ଅଛି ବୋଲି ପୂର୍ବରୁ ଗାଁ ଲୋକଙ୍କୁ କୌଣସି ଖବର ଦିଆଯାଇ ନ ଥିବା ଭାଜପା ଅଭିଯୋଗ କରିଛି। ଉକ୍ତ ଗାଁ ଲୋକେ ଏହିଭଳି ଅଭିଯୋଗ କରୁଥିବା ଭାଜପା ଦାବି କରିଛି। ଅପରପକ୍ଷରେ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି) କିନ୍ତୁ ପୂର୍ବରୁ ବାତ୍ୟା ଓ ବନ୍ୟା ସମ୍ପର୍କରେ ଗ୍ରାମବାସୀଙ୍କୁ ଖବର ଦିଆଯାଇଥିଲା ବୋଲି ଯୁକ୍ତି ବାଢିଛନ୍ତି। ଭାଜପା ଏହି ପ୍ରସଙ୍ଗରେ ଏସ୍ଆର୍‌ସିଙ୍କ ବହିଷ୍କାର ଦାବି କରିଥିବା ବେଳେ ବିଜେଡି ବିରୋଧୀଙ୍କୁ ପାଲଟା ଆକ୍ରମଣ କରିଛି।

ବନ୍ୟା ଓ ବାତ୍ୟା ସମ୍ପର୍କରେ ଆଗରୁ କୌଣସି ଖବର ମିଳି ନ ଥିଲା ବୋଲି ଗାଁ ଲୋକ ଅଭିଯୋଗ କରିବାପରେ ଏସ୍ଆର୍‌ସି ବିଷ୍ଣୁପଦ ସେଠୀ କହିଛନ୍ତି ଯେ, ଏନେଇ ବ୍ଲକ ଅଧ୍ୟକ୍ଷ ଏବଂ ଆର୍‌ଡବ୍ଲୁଏସଏସ ଯନ୍ତ୍ରୀ ଏହି ଘଟଣାର ପୂର୍ବଦିନ ଯାଇ ଲୋକଙ୍କୁ ସ୍ଥାନାନ୍ତର ହେବାକୁ ଅନୁରୋଧ କରିଥିଲେ। ଅଧିକାଂଶ ପରିବାର ଖବର ପାଇବାପରେ ସ୍ଥାନାନ୍ତର ହୋଇଥିଲେ କିନ୍ତୁ ୭ଟି ପରିବାର ଯାଇ ନ ଥିଲେ। ସେହି ୭ ପରିବାର ସଦସ୍ୟଙ୍କ କ୍ଷେତ୍ରରେ ଅଘଟଣ ଘଟିଛି। ସମସ୍ତ ମୃତାହତ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ସରକାର ଘୋଷଣା କରିଛନ୍ତି ବୋଲି ବିଷ୍ଣୁପଦ କହିଛନ୍ତି।

ଭାଜପା ସାଧାରଣ ସମ୍ପାଦକ ଭୃଗୁବକ୍ସି ପାତ୍ର ☞ପୃଷ୍ଠା-୨

### କିଛି ତଥ୍ୟ

ସେପ୍ଟେମ୍ବର ୨୮ ସୁଦ୍ଧା ବ୍ୟାଙ୍କଗୁଡିକର ଋଣ ପ୍ରଦାନ ଧାରାରେ ୧୨.୫୧% ବୃଦ୍ଧି ଘଟି ୮୯.୮୨ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହି ସମୟରେ ଜମାରେ ୮.୦୭% ବଢି ୧୧୭.୯୯ ଲକ୍ଷ କୋଟି ଟଙ୍କା ରହିଛି। – ଆର୍‌ବିଆଇ




ଉତ୍ତରପ୍ରଦେଶ ସମ୍ବଲରେ ଘଟିଛି ଏକ ଅଭାବନୀୟ ଘଟଣା। ଅପରାଧୀଙ୍କ ପିଛା କରୁଥିବା ପୋଲିସ ବାବୁଙ୍କ ପିସ୍ତଲ କାମ କରି ନ ଥିଲା। ବାଧ୍ୟ ହୋଇ ସେ ଏବଂ କନଷ୍ଟେବଲ ମୁହଁରୁ ଠୋ ଠୋ ଶବ୍ଦ ବାହାର କରିଥିଲେ। ଏହି ଘଟଣାରେ ଜଣେ ଅପରାଧୀ ଧରାପଡ଼ିଥିବାବେଳେ ଜଣେ ଇନ୍ସପେକ୍ଟର ଏବଂ କନଷ୍ଟେବଲ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ ସୂଚନା ଦେଇଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଦ୍ୟାସା
ପରିବାରବର୍ଗ


ଆରାଧ୍ୟା
ପରିବାରବର୍ଗ


ଆଦ୍ୟା
ପରିବାରବର୍ଗ


ଦିପା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified




**SALE**

Maruti Swift ZDI, VDI, Pajero, A-star, Automatic, Skoda Octavia, Captiva, Passat. 7381091234, 9861194627. D-64344




**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Litigation free plots near Xavier University backside BDA Zone, Bhubaneswar. Sqft.-250/-, 160/-. 9337259012, 9937746907. D-64343

Gharabari plot with 30' wide revenue road and electricity near Patia station, Bhubaneswar. 9437827966. D-8875

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8869

Gharabari plot with boundary near Utkal Height Pahala, Nakhara OMFED, East College Bazarsahi, NIT Chandaka, Arugul near IIT: 9439889903, 9861158141. D-65024

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1200 sqft. 3,40,000/-ରେ ବିକ୍ରିହେବ। (outright) 9776934361, 9658523912. D-64347

Ready to move 2/3BHK flat at Tamando & GGP colony. Contact: 9040164510. D-65029

Now Matrimonial ads. only on Wednesday & Sunday Book 1 Get 1 FREE

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ ଅଳ୍ପଦୂରତାରେ 1200କୁ 2,10,000/- outrightରେ ମିଳୁଛି। 9776934361, 9938177361. D-64346

Running four wheeler spare sparts shop for sale in Puri. Interested persons please contact: 9556893322, 7978629314. D-63732




1000 sqft. full furnished office with AC, tables, chairs, fans, Aquaguard on Cuttack- Puri road: 9437001960. D-65030




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

All type of full body massage by expert therapist. 7609005923. D-65107

Saishree ayurvedic full body massage ladies & gents. Contact: 7438896074. D-64615

Newly opening ayurvedic body massage smart therapist, Shree herbal. 7750020754. D-65106

Experience full body massage with us by experts. Enquiry: 7377048581. D-65109

Newly open ayurvedic full body massage ladies & gents. 8117033493. D-65021

Herbal full body massage by smart/ expert therapist. Contact: 8338067247. D-65111

Ayurvedic full body massage ladies / gents smart experts therapist. 9114697517. D-64619

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Online shoppingସହ ପ୍ରତିଟି ସାମଗ୍ରୀ ଟଙ୍କା ବଦଳରେ swipe card ବ୍ୟବହାର କରି ଦିନକୁ 1000/-ରୁ 25000/- ରୋଜଗାର କରିବାର ସୁବର୍ଣ୍ଣ ସୁଯୋଗ। 7873411255. D-63856

ଭାରତର ସର୍ବବୃହତ ନେଟ୍‌ୱର୍କ, ଆଇ.ଟି.ସି.ଟି. ଏଜୁକେଶନ୍ ସହିତ ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ। ନିଜ ବ୍ୟବସାୟରୁ ଅତିରିକ୍ତ ଲାଭ କରନ୍ତୁ। ଆଇ.ଟି.ସି.ଟି. ଲର୍ନିଙ୍ଗ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ। କଲ୍ କରନ୍ତୁ: 09422123456. D-8931




All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରୋ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



# ମନେ ପଡ଼ନ୍ତି



**ସ୍ୱର୍ଗତ ସ୍ମୃତିକାନ୍ତ ପରିଡ଼ା**

ଆବିର୍ଭାବ: ୧୩।୦୧।୧୯୮୩
ତିରୋଧାନ: ୦୫।୧୦।୨୦୧୮

ଜୀବନ ସରଣୀରେ ପାଦ ଥାପୁଥାପୁ ଅଟକି ଗଲୁ। ସବୁ ଅଧା ରହିଗଲା। ଆଜି ଏକାଦଶାହ ତିଥିରେ ତୋ ଅମର ଆତ୍ମା ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳି। ତୋ ଆତ୍ମା ସଦ୍‌ଗତି ଲାଭ କରୁ। ତୋର ପିତା- ଚନ୍ଦ୍ରଶେଖର, ପତ୍ନୀ- ମିତାଞ୍ଜଳି, ଭ୍ରାତା- ମାନସ, ବିକାଶ, ଆକାଶ, ଭଗ୍ନୀ- ମୋନାଲିସା, ନିବେଦିତା, କନ୍ୟା- ଆରାଧ୍ୟା। ଧ-୬୩୭୩୧

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମଧୁସୂଦନ ସାହୁ**

କାତପଡା, କଣାସ, ପୁରୀ
ଆବିର୍ଭାବ: ୧୫।୦୯।୧୯୩୮
ତିରୋଧାନ: ୨୭।୦୯।୨୦୧୭

ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ। ଧ-୩୪୮୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସଦାନନ୍ଦ ଦାସ**

ଆବିର୍ଭାବ: ୦୬।୦୮।୧୯୩୧
ତିରୋଧାନ: ୦୬।୧୦।୨୦୧୮
ପ୍ଲଟ ନଂ- ୨୧୯/୩୧୫, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର

ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ମହାଲକ୍ଷ୍ମୀଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ; ଗୀତାରାଣୀ ଦାସ, ପୁତ୍ର-ପୁତ୍ରବଧୂ; ରବୀନ୍ଦ୍ର-ତୃପ୍ତି, ଜ୍ଞାନେନ୍ଦ୍ର-ଗୀତାଞ୍ଜଳି, ଝିଅ-ଜ୍ୱାଇଁ; ପ୍ରକାଶ-ସବିତା, ରଜନୀକାନ୍ତ-କବିତା, ଶ୍ରୀଧର-ମମତା, ନାତିନାତୁଣୀ- ଗୁଡ୍ଡୁ, ଗୁଗୁଲ, ମିକୁଲ, ରାଜା, ଭିକି, ସିପୁ, ମାମାଲି, ସୋନି, ସିମି, ଲୋନୀ, ରିମା, ବନ୍ଧୁ ଓ ପରିବାରବର୍ଗ। ଧ-୫୬୧୫୨

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଗୋଲକ ଚନ୍ଦ୍ର ମହାପାତ୍ର**

ପ୍ଲଟ ନଂ ୧୩୦୯, ମହାନଦୀ ବିହାର, କଟକ
ତିରୋଧାନ: ୦୫।୧୦।୨୦୧୮
ଆଶ୍ୱିନ ମାସ କୃଷ୍ଣପକ୍ଷ ଏକାଦଶୀ

ତୁମ ସ୍ମୃତି ଓ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଅଛୁ। ତୁମ ଆଶୀର୍ବାଦ ସଦାସର୍ବଦା ଆମ ଉପରେ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ପ୍ରାର୍ଥନା କରିବା ସହ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଶୋକସନ୍ତପ୍ତ: ପୁତ୍ର- ନାରାୟଣ, ବୋହୂ- ମୀନତି, ଝିଅ- ମିନା, ଇନା, ଜ୍ୱାଇଁ- ଭରତ, ମିଟୁ, ନାତି-ନାତୁଣୀ ଓ ପରିବାରବର୍ଗ। ଧ-୮୮୪୧



**ସ୍ୱର୍ଗତ ଗୌତମ ପଣ୍ଡା**

ଆବିର୍ଭାବ: ୨୦।୦୭।୧୯୬୫
ତିରୋଧାନ: ୧୩।୧୦।୧୯୯୧

ଚାହୁଁ ଚାହୁଁ ଏହା ଭିତରେ ୨୭ବର୍ଷ ପୂରିଗଲାଣି। ଭଗବାନ ତୁମକୁ ଆମଠାରୁ ଏତେ ଶୀଘ୍ର ଛଡାଇନେବେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲୁ। ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ଦିଗ୍‌ଦର୍ଶନ ଆମ ସମସ୍ତଙ୍କ ପାଥେୟ ହେଉ। ଶୋକସନ୍ତପ୍ତ ପରିବାରବର୍ଗ: ବାପା, ବୋଉ, ନନା (ଟୁଟୁ), ଭାଉଜ (ଶାନ୍ତି), ମିଟୁ, ଲିଲି, ଲୁଲୁ, ବାବୁଲି, ଟୁଲୁ, ମାମି, ଭିଣୋଇ (ଜୟଦୀପ, ଲକ୍ଷ୍ମୀନାରାୟଣ)। ଧ-୮୯୧୮

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


■ ବାତ୍ୟା, ବନ୍ୟା ପରିସ୍ଥିତି ନେଇ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ପ୍ରସଙ୍ଗ

# ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

ରାଜ୍ୟରେ ଦେଖାଦେଇଥିବା ବାତ୍ୟା ଓ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିନ୍ଦା କରିଛନ୍ତି। ଜିରୋ କାଜୁଆଲିଟି କଥା କହୁଥିବା ସରକାରଙ୍କ ଅସଲ ମୁଖା ପଦାରେ ପଡିଯାଇଛି ବୋଲି କହିଛନ୍ତି। ଅନ୍ୟପଟେ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଆମେରିକାରେ ହୋଇଥିବା ବାତ୍ୟା ତୁଳନାରେ ଓଡିଶାରେ ସେପରି ହୋଇନି ବୋଲି କହିଥିଲେ। ପାତ୍ରଙ୍କ ଏହି ବୟାନକୁ ଆଧାର କରି ସୋସିଆଲ ମିଡିଆରେ ରାଜ୍ୟ ସରକାରଙ୍କୁ ଧର୍ମେନ୍ଦ୍ର କଡା ଭାଷାରେ ସମାଲୋଚନା କରିଛନ୍ତି।

ରାଜ୍ୟରେ ସୃଷ୍ଟି ହୋଇଥିବା ବାତ୍ୟା ଓ ବନ୍ୟା ପରିସ୍ଥିତି ଦ୍ୱାରା ଲୋକମାନେ ବହୁ କଷ୍ଟରେ ରହିଛନ୍ତି। ମାତ୍ର ଏ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ମନ୍ତ୍ରୀମାନେ ଯେଉଁ ମନ୍ତବ୍ୟ ରଖୁଛନ୍ତି ତାହା ଆହୁରି କଷ୍ଟଦାୟକ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଗଜପତି ଜିଲାର ରାୟଗଡ ବ୍ଲକରେ ବାତ୍ୟା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ପାହାଡ ଗୁମ୍ଫାରେ ଆଶ୍ରୟ ନେଇଥିବା ଲୋକଙ୍କ ମଧ୍ୟରୁ କେତେକ ମୃତ୍ୟୁବରଣ କରିବା ଓ ଅନେକ ନିଖୋଜ ହୋଇଥିବା ସୂଚନା ମିଳୁଛି। ରାଜ୍ୟର ଆହୁରି ଅନେକ ସ୍ଥାନରେ ବହୁ ଲୋକ ମୃତାହତ ହେବାର ଖବର ଆସୁଛି। ହେଲେ ଏହି ପ୍ରସଙ୍ଗକୁ ଗୁରୁତର ସହ ନେବା ବଦଳରେ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀମାନେ ଅବାନ୍ତର ଯୁକ୍ତି ବାଢୁଛନ୍ତି। ଆମେରିକାର ବାତ୍ୟାରେ ୧୭୦ ଲୋକଙ୍କର ମୃତ୍ୟୁ ହୋଇଥିଲା। ତିତ୍‌ଲି ତା' ତୁଳନାରେ କିଛି ନୁହେଁ ବୋଲି ଜଣେ ବରିଷ୍ଠ ମନ୍ତ୍ରୀ ବକ୍ତବ୍ୟ ରଖିଛନ୍ତି। ଏହା ରାଜ୍ୟବାସୀଙ୍କ ଅନ୍ତରକୁ ବହୁ ବାଧିଛି ବୋଲି ସେ କହିଛନ୍ତି।

ପାହାଡ ଧସି ମୃତ୍ୟୁବରଣ କରିଥିବା ଲୋକ ବାତ୍ୟାରେ ମରି ନାହାନ୍ତି ଏବଂ ଜିରୋ କାଜୁଆଲିଟି ଲକ୍ଷ୍ୟ ପୂରଣ ହୋଇଛି ବୋଲି ରାଜ୍ୟ ସରକାରଙ୍କ ବରିଷ୍ଠ ଅଫିସରମାନଙ୍କ ସମ୍ବେଦନଶୀଳ ବୟାନ ଲୋକଙ୍କୁ ଅଧିକ ଲାଞ୍ଛିତ ଓ ଅପମାନିତ କରୁଛି। ଆକାଶମାର୍ଗରୁ ବିପନ୍ନ ଅଞ୍ଚଳ ବୁଲିବାପରେ ଖୋଦ୍ ମୁଖ୍ୟମନ୍ତ୍ରୀ ଗଜପତି ଜିଲାର ଗଣମୃତ୍ୟୁ ସ୍ୱୀକାର କରିବା ସହ ସମବେଦନା ଜଣାଇ ନିଜ ଦାୟିତ୍ୱ ସାରି ଦେଇଛନ୍ତି। ପାଣିପାଗ ବିଭାଗ ଯଥେଷ୍ଟ ପୂର୍ବରୁ ଗଞ୍ଜାମ, ଗଜପତି, ରାୟଗଡା, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡା ଭଳି କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ପର୍ବାନୁମାନ କରିଥିଲା। ଏହାସତ୍ତ୍ୱେ ପ୍ରସ୍ତୁତି ଓ ପରିଚାଳନାର ବିଫଳତା ପ୍ରଭାବିତ ଅଞ୍ଚଳର ଲୋକେ ଭଲରେ ଅନୁଭବ କରିଛନ୍ତି। ଜିରୋ କାଜୁଆଲିଟି ନାରାଦେଇ ମୁଖ୍ୟମନ୍ତ୍ରୀ ନିଜକୁ ପ୍ରଚାରରେ ସୀମିତ ରଖିଛନ୍ତି। ଆତ୍ମ ପ୍ରଚାରର ମାତ୍ରା ଏତେ ବଢାଇଦେଲେ ଯେ, ହକିର ବ୍ରାଣ୍ଡିଂ କରିବା ପାଇଁ ଓଡିଆଙ୍କ ଦୁର୍ଦ୍ଦଶା ସମୟରେ କଳିଙ୍ଗ ଷ୍ଟୁଡିଓରେ ଫଟୋସୁଟ୍ କଲେ। ଯେତେବେଳେ ବାତ୍ୟା ଏବଂ ଲଗାଣବର୍ଷା ରାଜ୍ୟବାସୀଙ୍କୁ ଚିନ୍ତାରେ ପକାଇଛି ସେତେବେଳେ ନିଜର ଆତ୍ମପ୍ରଚାର ପାଇଁ ଏକ ଜାତୀୟ ମନୋରଞ୍ଜନ ଚ୍ୟାନେଲରେ ଉତ୍ସବ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ବିବେକକୁ କିପରି ବାଧିଲା ନାହିଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି। ଧର୍ମେନ୍ଦ୍ରଙ୍କ ଏଭଳି ବିରୋଧକୁ ସମାଲୋଚନା କରି ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ନବୀନ ପଟ୍ଟନାୟକ କଣ ସେକଥା ରାଜ୍ୟବାସୀ ଜାଣିଛନ୍ତି। ତାଙ୍କ ସମ୍ପର୍କରେ ଧର୍ମେନ୍ଦ୍ର କିଛି ମତ ରଖିବା ଆବଶ୍ୟକ ନାହିଁ। ବାତ୍ୟା ଓ ବନ୍ୟା ପରିସ୍ଥିତି ମୁକାବିଲା କରିବାରେ ରାଜ୍ୟ ସରକାର ବିଫଳ ହୋଇ ନାହାନ୍ତି। ପାତ୍ର ଯାହା କହିଛନ୍ତି ସେ ସମ୍ପର୍କରେ ତାଙ୍କର ବୁଝିକି କହିବାର ଥିଲା ବୋଲି ସମୀର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବିଦେଶରୁ ଫେରି...

ଆଣିବା କେତେକ ବର୍ଗରେ 'ଭାଇରାଲ୍ ଫିଭର୍' ବା ଜୀବାଣୁ ଦ୍ୱାରା ସଂକ୍ରମିତ ଜ୍ୱରରେ ପରିଣତ ହୋଇଗଲାଣି। ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କ ବିରୋଧରେ ମନଗଢ଼ା ଅଭିଯୋଗ ଅଣାଯାଇଛି। ଏହା ତାଙ୍କର ସମ୍ମାନ ହାନି କରିଛି। ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ତାଙ୍କ ଓକିଲ ଆଇନଗତ ପଦକ୍ଷେପ ନେବେ। ସେହିପରି ୨୦୧୯ ନିର୍ବାଚନର ଠିକ୍ କିଛି ମାସ ପୂର୍ବରୁ #ମିଟୂ ଅଭିଯାନର ଝଡ଼ ଭାରତରେ କାହିଁକି ଉଠିଲା ବୋଲି ସେ ବିସ୍ମୟ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ପ୍ରିୟା ରମାନି, ଘଜାଲା ୱାହିବ୍, ସୁମା ରାହା, ଅଞ୍ଜୁ ଭାରତୀ ଓ ସୁତପା ପଲ୍‌ଙ୍କ ଭଳି ସାମ୍ବାଦିକାମାନେ ଆକବରଙ୍କ ବିରୋଧରେ ସୋସିଆଲ ମିଡିଆରେ ଆଣିଥିବା ଯୌନ ଉତ୍ପୀଡ଼ନ ଅଭିଯୋଗକୁ ନେଇ ସିପିଏମ୍, ଶିବସେନା ଓ କଂଗ୍ରେସ ତାଙ୍କର ଇସ୍ତଫା ଦାବି କରିଆସୁଛନ୍ତି। ଆକବରଙ୍କ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଗ୍ରହଣୀୟ ନୁହେଁ। ମୋଦି ତାଙ୍କ ସରକାରର ମୁଖ୍ୟ ହୋଇଥିବାରୁ ଏନେଇ ମୁହଁ ଖୋଲନ୍ତୁ ବୋଲି ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା ଦାବି କରିଛନ୍ତି।

### ମିଳି ନ ଥିଲା...

କହିଛନ୍ତି ଯେ, ଗଙ୍ଗାବାଡ଼ ପଞ୍ଚାୟତ ବାରଘର ଗ୍ରାମର ଲୋକମାନେ କହୁଛନ୍ତି ଯେ, ସେମାନଙ୍କୁ ପୂର୍ବରୁ ଏନେଇ ସତର୍କ କରାଯାଇଥିଲେ ହୁଏତ ଅଧା ଲୋକ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ ହୋଇଯାଇ ଥାଆନ୍ତେ। ବନ୍ୟା ଯୋଗୁ ଏଣେତେଣେ ଲୋକମାନଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳୁଥିବା ବେଳେ ରାଜ୍ୟ ସରକାରଙ୍କୁ ତାହା ଦେଖାଯାଉନି। ରାଜ୍ୟ ସରକାରଙ୍କ ଜିରୋ କାଜୁଆଲିଟି ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏହି ଘଟଣା ପାଇଁ ଏସ୍ଆର୍‌ସିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ବହିଷ୍କାର କରନ୍ତୁ ବୋଲି ବକ୍ସିପାତ୍ର କହିଛନ୍ତି। ଅନ୍ୟପଟେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କିନ୍ତୁ ଘଟଣାକୁ ପ୍ରାକୃତିକ ଦୁର୍ବିପାକର ଆଖ୍ୟା ଦେବାସହ ବିରୋଧୀଙ୍କୁ ପାଲଟା ଆକ୍ରମଣ କରିଛନ୍ତି। ଏହି ଘଟଣାକୁ ନେଇ ବିରୋଧୀ ଶସ୍ତା ରାଜନୀତି କରିବାକୁ ପ୍ରୟାସ କରୁଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ଭାଜପା ନେତାମାନେ କେବଳ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି ବୋଲି ସସ୍ମିତ କହିଛନ୍ତି।

### ୨୦ ଆହତ...

ସମରା ମୁଣ୍ଡାରୀଙ୍କ ଗୋଡ଼ କଟିଯାଇଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। କେବଲାଙ୍ଗ ଥାନା ଆଇଆଇସି ସୂର୍ଯ୍ୟମଣି ଦାସ, ବଣାଇଁ ଏସ୍‌ଡିପିଓ ଅବକାଶ ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ରବିବାର ସକାଳେ ବ୍ରିଜ୍‌ର ଛାତ ଢଳେଇ କାମ ଆରମ୍ଭ ହୋଇଥିଲା। ଅପରାହ୍ନ ସାଢ଼େ ୧୨ଟାରୁ ୧ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ଛାତକୁ ଧରି ରଖିବାକୁ ଖଞ୍ଜା ଯାଇଥିବା ଲୁହା ପାଇପ୍ ଦବିଯିବାରୁ ଛାତ ଗଳି ପଡ଼ିଥିଲା। ଫଳରେ ଉପରେ ରହି ଢଳେଇ କାର୍ଯ୍ୟ କରୁଥିବା ଶ୍ରମିକମାନେ ପ୍ରାୟ ୨୫ଫୁଟ ତଳକୁ ଖସି ପଡ଼ିଥିଲେ। ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଶ୍ରମିକମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କରିଥିଲେ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହି ବ୍ରିଜ୍ ନିର୍ମାଣ କାମ ଚାଲିଛି। ଏଥିପାଇଁ ୧ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ନ୍ୟାଶନାଲ ବ୍ରିଜ୍ କନଷ୍ଟ୍ରକ୍ସନ୍ କମ୍ପାନୀ ନିର୍ମାଣ କାର୍ଯ୍ୟ କରୁଛି। ବିହାର ଅଞ୍ଚଳର ଜଣେ ଠିକାଦାର କମ୍ପାନୀ ପକ୍ଷରୁ ଏହି କାର୍ଯ୍ୟ କରୁଛନ୍ତି। ଦିନେ ଏହି ଅଞ୍ଚଳ ମାଓବାଦୀଙ୍କ ଗଡ଼ ଥିଲା। ଏବେ ଏଠାରେ ମାଓବାଦୀଙ୍କ କାର୍ଯ୍ୟକଳାପ ଦେଖିବାକୁ ମିଳୁ ନ ଥିଲେ ମଧ୍ୟ କୌଣସି ପ୍ରକଳ୍ପ ନିର୍ମାଣ ବେଳେ ସରକାରୀ ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଅନ୍ୟପକ୍ଷେ ବ୍ରିଜ ପାଇଁ କରାଯାଇଥିବା ସେଣ୍ଟ୍ରି କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ଅତି ସରୁ ଲୁହା ପାଇପ୍ ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଛି। ସେଥିପାଇଁ ବ୍ରିଜ୍‌ର ସ୍ଲାବ୍ ଖସିପଡ଼ିଲା ବୋଲି ସ୍ଥାନୀୟ ସରପଞ୍ଚ ସୁଶିଳା ମୁଣ୍ଡା ଅଭିଯୋଗ କରିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରବିବାର ମଧ୍ୟାହ୍ନରୁ ଏହି ଘଟଣା ଘଟିଥିଲେ ମଧ୍ୟ ଜିଲା ପ୍ରଶାସନର କୌଣସି ଉଚ୍ଚ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଶନି ସହ ଚନ୍ଦ୍ର ସଂଯୋଗରୁ କାମଗୁଡିକୁ ସମ୍ପନ୍ନ କରିବା ପାଇଁ ଆବଶ୍ୟକୀୟ ସୁବିଧା, ସୁଯୋଗ ପାଇବେ ନାହିଁ। ଭୁଲବଶତଃ ଅଟକି ରହି ଯାଇଥିବା ଫାଇଲ କାମଟିକୁ ଆଜି ହିଁ ଆରମ୍ଭ କରିବାକୁ ମନ ବଳାଇବେ ଓ ଶେଷ ମଧ୍ୟ କରିପାରିବେ। ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ପାରିବାରିକ ଝମେଲା ସମାଧାନ ଆଡକୁ ଗତି କରିବ।

**ବୃଷ**
ଅଷ୍ଟମସ୍ଥ ପାପଗ୍ରହ କାରଣରୁ ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମ ଥିଲେ ମଧ୍ୟ କୌଣସି ବନ୍ଧୁଙ୍କ ସାହାଯ୍ୟ ପାଇ କାମ ହାସଲ କରିବାରେ ଅସୁବିଧା ହେବ ନାହିଁ। ସାଂଗଠନିକ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟ, ପରିବହନ ଓ ନିର୍ମାଣ, ଜମିଜମା କ୍ଷେତ୍ରରେ କିମ୍ବା ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ**
କାଣ ସ୍ଥାନରେ ବୁଧ ଓ ଶୁକ୍ର ହେତୁ ପାରିବାରିକ ସମସ୍ୟାର ସମାଧାନ ଘଟିବ, କିନ୍ତୁ ଏଥିପାଇଁ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡିବ। ବନ୍ଧୁମାନଙ୍କ ସହ ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। ଏହା ସହିତ ପୂର୍ବ ସଂକଳ୍ପିତ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ପାଇବେ। କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି।

**କର୍କଟ**
ରବିଙ୍କ ନବମ ଦୃଷ୍ଟିଜନିତ ଆଜିର କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟରେ ପ୍ରଚୁର ଲାଭରୁ ମନ ଖୁସି ରହିବ। କଚେରି ମାମଲା ମନ୍ଥର ହୋଇପାରେ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ପୁରାତନ ରୋଗର ପୀଡା ବୃଦ୍ଧି ପାଇପାରେ।

**ସିଂହ**
ରାହୁଙ୍କ ରାଶ୍ୟାବସ୍ଥାନ ପ୍ରଭାବରେ ଆଜି ଆପଣଙ୍କ କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅର୍ଥର ଅଭାବ ଲାଗି ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନିଜକୁ ଖାପ ଖୁଆଇ ଚଳିବା ଭଲ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ।

**କନ୍ୟା**
ଶୁକ୍ର ଓ ବୁଧଙ୍କ ସଂଯୋଗ କାରଣରୁ ସମସ୍ୟା ଜଡିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିପାରିବେ। ଯାନ ବାହନରେ ଲାଭ, ଦୋକାନ ବାଡିରେ ଉନ୍ନତି, ଅଚାନକ ଗୃହ ଭୂମି ଲାଭ ଯୋଗ ରହିଛି। ପ୍ରଶାସନ, କଚେରି ମାମଲାରେ ଶୁଭଫଳ ପାଇବେ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ତୁଳା**
ସକାଳୁସକାଳୁ କୌଣସି ଖବର ପାଇ ମନ ଖୁସୀ ହୋଇଯିବ। କିନ୍ତୁ ଅପରାହ୍ନରେ ଅନ୍ୟମାନଙ୍କ ସହ ନିଜକୁ ଆଡଜଷ୍ଟ କରାଇ ନେବା ଭଲ ହେବ। କଳା, ସଙ୍ଗୀତ ଆସର, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ବହୁତ ଅନୁନୟ ବିନୟ ପରେ ଧାର ସୂତ୍ରରେ ଅର୍ଥ ପାଇବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ପାପଯୁକ୍ତ ମଙ୍ଗଳ ହେତୁ ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ଭଲ ହେବ।

**ବିଛା**
ରାଶିରେ ବୃହସ୍ପତି ଯୋଗୁ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି କାମଗୁଡିକ ସହଜ ଓ ସୁବିଧାରେ ହୋଇଯିବ। ଅପ୍ରିୟ ସତ୍ୟ କଥାରେ ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ**
ଶନିଙ୍କ ଦୃଷ୍ଟି ପ୍ରଭାବରେ ଆଜି ଦିନଟିରେ ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଖୁସୀ ରହିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ବ୍ୟବସାୟିକ ଦିନଟି ଏକପ୍ରକାର ରହିବ।

**ମକର**
ସପ୍ତମାଧିପତି ଦ୍ୱାଦଶସ୍ଥ ହେତୁ ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଏବଂ ଆଜି ଯାହାକୁ ଯାହା ମାଗିବେ ସେହି ବ୍ୟକ୍ତି କଦାପି ମନା କରିବ ନାହିଁ। ଅବଶ୍ୟ ପରିବାରର ଲୋକମାନେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଭୁଲ୍ ବୁଝିବେ। କର୍ମକ୍ଷେତ୍ରରେ ପରସ୍ପର ଆପୋସ ମିଳାମିଶାରୁ ସମସ୍ୟାର ସମାଧାନ ଘଟିବ। ଆଜି କୌଣସି କାମରେ ମଧ୍ୟସ୍ଥତା କରିବା ଠିକ୍ ହେବନାହିଁ।

**କୁମ୍ଭ**
କର୍ମକ୍ଷେତ୍ରରେ କାମଟି ଠିକ୍ ସମୟରେ ନ ହୋଇପାରିବା କାରଣରୁ ମନ ଭଲ ଲାଗିବ ନାହିଁ। ପିଲାଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର କରିବାକୁ ଚିନ୍ତା କରିପାରନ୍ତି। କେତେକ ସାଧାରଣ ଅସୁବିଧା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ହେବନାହିଁ।

**ମୀନ**
ପୂର୍ବ ଯୋଜନାନୁଯାୟୀ କୌଣସି ନୂତନ କାମରେ ମନଦେବା ପାଇଁ ମନସ୍ଥ କରିବେ। ସମସ୍ୟା ଥିବା କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ସାମାଜିକ ସ୍ତରରେ ଜଣେ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ସଭାସମିତିରେ ସଫଳତା ହାସଲ କରିବେ।

ଆଜି ପୀଠେ ଶ୍ରୀଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜା, ଆଶ୍ୱିନ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ସୋମବାର, ମୃଣ୍ମୟୀ ଦେବୀଙ୍କର ବିଲ୍ୱାଧିବାସ, ନବ ପତ୍ରିକା ପ୍ରବେଶ ଓ ସ୍ଥାପନ, ଅକ୍ଟୋବର ୧୫ ତାରିଖ, ବିଶ୍ୱ ଛାତ୍ର ଦିବସ, ବିଶ୍ୱ ହାତଧୁଆ ଦିବସ, ରାଶିନକ୍ଷତ୍ର-ମୂଳା/ଧନୁ, ସପ୍ତମୀରଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୩ମି. ମଧ୍ୟେ ଘ୧।୨୨ମି. ଗତେ, ଘ୨।୫୭ମି. ମଧ୍ୟେ ଘ୪।୨୫ମି. ଗତେ, ଘ୬।୦୧ମଧ୍ୟେ ଅମୃତବେଳା। ଦିବା ଘ୮।୪୫ମି. ଗତେ ଘ୧୦।୨୦ମି. ମଧ୍ୟେ, ଘ୧୧।୫୦ମି. ଗତେ, ଘ୧।୧୦ମି. ମଧ୍ୟେ ମାହେନ୍ଦ୍ରବେଳା।










# ନିଯୁକ୍ତି ପାଇଲେ ୧୭୨ ଦନ୍ତ ଚିକିତ୍ସକ

**ଭୁବନେଶ୍ୱର, ୧୪।୧୦ (ବ୍ୟୁରୋ)**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ୧୭୨ ଦନ୍ତ ଚିକିତ୍ସକ ନିଯୁକ୍ତି ପାଇଛନ୍ତି। ଏନେଇ ଓପିଏସ୍‌ସି ପକ୍ଷରୁ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପାଇବାଠାରୁ ୩୦ଦିନ ମଧ୍ୟରେ ଏହି ଡାକ୍ତରମାନେ କାର୍ଯ୍ୟରେ ଯୋଗଦେବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଓଡ଼ିଶା ମେଡିକାଲ ଆଣ୍ଡ୍ ହେଲଥ ସର୍ଭିସ୍ (ଡେଣ୍ଟାଲ) କ୍ୟାଡର ଅନୁସାରେ ନିଯୁକ୍ତି ପାଇଥିବା ଡାକ୍ତରଙ୍କ ପଦବୀ କ୍ଲାସ-୧( କନିଷ୍ଠ)। ସପ୍ତମ ବେତନ କମିଶନ ଅନୁସାରେ ଦରମା ହାର ୫୬,୧୦୦ ଟଙ୍କା ରହିଛି। ଏଥିସହିତ ସମୟ ଅନୁସାରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଭତ୍ତା ମିଳିବ। ନିଯୁକ୍ତି ପାଇଥିବା ଡାକ୍ତରଙ୍କ ମଧ୍ୟରୁ ୧୦୬ ମହିଳା ଡାକ୍ତର ଥିବାବେଳେ ୬୬ ପୁରୁଷ ଡାକ୍ତର ଅଛନ୍ତି।

# କେନ୍ଦ୍ରୀୟ ଆସାମରେ ଘୂର୍ଣ୍ଣିବଳୟ ସୃଷ୍ଟି

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)**

ସମୁଦ୍ର ପତ୍ତନଠାରୁ ୧.୫ କି.ମି କେନ୍ଦ୍ରୀୟ ଆସାମରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଉତ୍ତର ବଙ୍ଗୋପସାଗରରୁ ପୂର୍ବ ବାଂଲାଦେଶ ଏବଂ ତ୍ରିପୁରା ମଧ୍ୟରେ ସମୁଦ୍ର ପତ୍ତନରୁ ୩.୧ କି.ମି ବାୟୁମଣ୍ଡଳରେ ଏକ ଟ୍ରାପ୍ ଲାଇନ୍ ରହିଛି। ଏହାର ପ୍ରଭାବରେ ଓଡ଼ିଶା, ଦକ୍ଷିଣ ତାମିଲନାଡୁ ଏବଂ ଉପକୂଳ ଆନ୍ଧ୍ରପ୍ରଦେଶରେ ଆକାଶ ମେଘାଚ୍ଛନ୍ନ ରହିବ ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଉପକୂଳ ଓଡ଼ିଶା ସମେତ କୋରାପୁଟ, ମାଲକାନଗିରି ଏବଂ ରାୟଗଡା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହିତ ବଜ୍ରପାତ ହେବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ରବିବାର ଅପରାହ୍ନ ୫ଟା ସୁଦ୍ଧା ସର୍ବାଧିକ ତାପମାତ୍ରା ହିରାକୁଦ ଏବଂ ତାଳଚେରରେ ୩୪.୨ ଡିଗ୍ରୀ ସେଲସିୟସ୍ ଲେଖାଏ ଥିବାବେଳେ ସର୍ବନିମ୍ନ ତାପମାତ୍ର ଫୁଲବାଣୀରେ ୧୬.୪ ଡିଗ୍ରୀ ସେଲସିୟସ୍ ରହିଛି।














ଶିଖର ଚିରଦିନ ଆକର୍ଷଣ କରୁଥାଏ। ନିମ୍ନଭୂମିକୁ। କାରଣ ସେ ଚାହେଁ-ନିମ୍ନ ଭାଗ ଉଠିଆସୁ ତା'ଉଚ୍ଚତାକୁ। ବିପୁଳ ମଧ୍ୟ କ୍ଷୁଦ୍ରକୁ ତା'ର ବୃହତ୍ତର ଅଭିଯାନରେ ଚାଲିବା ଲାଗି ଚିରଦିନ ଆକର୍ଷଣ କରୁଥାଏ। -ଶ୍ରୀଅରବିନ୍ଦ

# ସମ୍ଭ୍ରାନ୍ତ ଠାଣି

ଅକ୍ଟୋବର ୧୩ ଅପରାହ୍ଣ ୪ଟା ୪୫ ମିନିଟ୍‌ରେ ଦିଲ୍ଲୀ ନିକଟସ୍ଥ ଗୁଡ୍‌ଗାଓଁର ଜିଲା କୋର୍ଟ ଭିତରେ ଅତିରିକ୍ତ ଦୌରା ଜଜ୍ କ୍ରିଷ୍ଣକାନ୍ତ ଶର୍ମା ଅନ୍ୟ ଜଣେ ବିଚାରପତିଙ୍କ ସହ କଥା ହେଉଥିବା ବେଳେ ତାଙ୍କ ମୋବାଇଲ୍ ଫୋନ୍‌କୁ ଏକ କଲ୍ ଆସିଲା। ଫୋନ୍ କରିଥିବା ବ୍ୟକ୍ତି ଥିଲେ କ୍ରିଷ୍ଣକାନ୍ତଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ମହିପାଲ ସିଂ। ବିଚାରପତିଙ୍କୁ ସେ କହିଲେ, 'ଆପଣଙ୍କ ସ୍ତ୍ରୀ ଓ ପୁଅଙ୍କୁ ମୁଁ ଗୁଳି କରିଛି। ଶୀଘ୍ର ଯାଇ ଦେଖିଆସନ୍ତୁ।' ଫିଲ୍ମ ବାର୍ତ୍ତାଳାପ ପରି ଲାଗୁଥିବା ଏହି କଥା କିନ୍ତୁ ଥିଲା ବାସ୍ତବ। ହରିୟାଣାସ୍ଥ ଗୁଡ୍‌ଗାଓଁର ଏକ ବ୍ୟସ୍ତବହୁଳ ବଜାରରେ କ୍ରିଷ୍ଣକାନ୍ତଙ୍କ ସ୍ତ୍ରୀ ରିତୁ ଓ ପୁଅ ଧ୍ରୁବଙ୍କୁ ମହିପାଲ ଗୁଳି କରିଥିଲେ। ଅକ୍ଟୋବର ୧୩ ରାତିରେ ରିତୁଙ୍କ ମୃତ୍ୟୁ ଘଟିଥିବା ବେଳେ ଧ୍ରୁବ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମହିପାଲଙ୍କୁ ଗିରଫ କରାଯାଇ ପଚରାଉଚୁରା କଲା ପରେ ଜଣାପଡ଼ିଛି ଯେ, ସେ ଘୋର ଅବସାଦ ଦେଇ ଗତି କରୁଥିଲେ। ସେ ଆହୁରି ପ୍ରକାଶ କରିଛନ୍ତି, ବିଚାରପତି ଓ ତାଙ୍କ ପରିବାରବର୍ଗ ତାଙ୍କୁ ସର୍ବଦା ଗାଳି କରୁଥିଲେ। ଘରକୁ ଯିବା ପାଇଁ ଅଧିକାଂଶ ସମୟରେ ଛୁଟି ଦେଉ ନ ଥିଲେ। ସୁରକ୍ଷା ଦାୟିତ୍ୱ ଭିନ୍ନ ବହୁ ସମୟରେ ଘର କାମ ଓ ବଜାର ଯିବା ଲାଗି ତାଙ୍କୁ ବାଧ୍ୟ କରାଯାଉଥିଲା। ଏପରି କି ଘଟଣା ଘଟିବାର କିଛି ସମୟ ପୂର୍ବରୁ ବିଚାରପତିଙ୍କ ସ୍ତ୍ରୀ ଗାଡ଼ି ଭିତରେ ମହିପାଲଙ୍କୁ ଗାଳି କରିଥିବା ସେ ପ୍ରକାଶ କରିଛନ୍ତି।

ଆଜିର ସମୟରେ ମହିପାଲଙ୍କ ଭଳି ବ୍ୟକ୍ତିଙ୍କ ଆପରାଧିକ କାର୍ଯ୍ୟ ବ୍ୟକ୍ତିଗତ ନିରାପତ୍ତା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଦିଲ୍ଲୀଠାରୁ ଓଡ଼ିଶା ଯାଏ ଦେଖିଲେ ମନ୍ତ୍ରୀ, ସାଂସଦ, ବିଧାୟକ, ବିଚାରପତି, ଅମଲାତନ୍ତ୍ରୀଙ୍କୁ ପର୍ସନାଲ ସିକ୍ୟୁରିଟି ଅଫିସର ବା ପିଏସ୍‌ଓ ଯୋଗାଇ ଦିଆଯାଉଛି। ଓଡ଼ିଶାରେ ନିଜକୁ ଗୁରୁତ୍ୱପୂର୍ଣ୍ଣ ମନେ କରୁଥିବା ବ୍ୟକ୍ତିମାନେ ଗାଡ଼ି ସାମ୍ନାରେ ପିଏସ୍‌ଓ ଧରି ବୁଲିବାକୁ ସମ୍ଭ୍ରାନ୍ତ ଠାଣିର ପରିଚୟ ବୋଲି ଧରି ନେଇଛନ୍ତି। ଏହି ତଥାକଥିତ ବଡ଼ବଡ଼ିଆମାନେ ବୁଝିପାରୁ ନାହାନ୍ତି ଯେ, ସେମାନଙ୍କ ବ୍ୟକ୍ତିଗତ ଓ ପାରିବାରିକ ଜୀବନ ପ୍ରତି ପିଏସ୍‌ଓମାନେ କେତେ ବିପଦ ସୃଷ୍ଟି କରୁଛନ୍ତି। ମୋବାଇଲରେ କଥାବାର୍ତ୍ତା, ମ୍ୟାଡାମ୍ କିମ୍ବା ସାହେବଙ୍କ ବିବାହ ପରବର୍ତ୍ତୀ ପ୍ରେମ ସମ୍ପର୍କ, କଳାଧନ ଦିଆନିଆ ଏବଂ ଯାବତୀୟ ନୈତିକ ଓ ଅନୈତିକ କାର୍ଯ୍ୟର ସବୁ ଖବର ଏହିମାନେ ରଖିଥାଆନ୍ତି। ଅର୍ଥାତ୍ କେତେକ ପୋଲିସ ଅଫିସର ରାଜ୍ୟର ଅନେକ ମାରାତ୍ମକ ତଥ୍ୟ ଜାଣିବାର ସୁଯୋଗ ପାଉଛନ୍ତି। ସେହିଭଳି ଦିଲ୍ଲୀରେ ବ୍ଲାକ୍ କ୍ୟାଟ୍ କମାଣ୍ଡୋ ବଡ଼ବଡ଼ିଆଙ୍କ ଆଗ ପଛରେ ଚାଲୁଥିବା ସମ୍ମାନର ଶୀର୍ଷରେ ପହଞ୍ଚିଲାଣି। ଏହି ମିଥ୍ୟା ଦୁନିଆରୁ କେବଳ ନେତା ବା ଅମଲାତନ୍ତ୍ରୀ ନୁହନ୍ତି, ସମଗ୍ର ଦେଶ ମୁକ୍ତ ହେବା ଆବଶ୍ୟକ ହୋଇପଡ଼ିଲାଣି। ଅତୀତ କଥା ମନେ ପକାଇଲେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ତାଙ୍କ ଦେହରକ୍ଷୀ ବିୟନ୍ତ ସିଂ ଓ ସତୱନ୍ତ ସିଂଙ୍କ ଦ୍ୱାରା ନିହତ ହୋଇଥିବା ଘଟଣା ସାମ୍ନାକୁ ଆସୁଛି। ଇନ୍ଦିରାଙ୍କ ମୃତ୍ୟୁଠାରୁ ଅଦ୍ୟାବଧି ଘଟିଥିବା ଏଭଳି ଘଟଣାର ତାଲିକା ପ୍ରସ୍ତୁତ କଲେ ଲମ୍ବି ଚାଲିବ। ଏତଦ୍‌ବ୍ୟତୀତ ପିଏସ୍‌ଓ ନିଯୁକ୍ତିରେ କରଦାତାଙ୍କ ଅର୍ଥ ଖର୍ଚ୍ଚ ହେଉଛି। ଆଜି ଯେତେ କ୍ଷମତାସୀନ ବ୍ୟକ୍ତି ବା ପଦାଧିକାରୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଉଛି, ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ବ୍ୟକ୍ତିଙ୍କ ଜୀବନ ପ୍ରତି କୌଣସି ବିପଦ ନ ଥିବା କୁହାଯାଉଛି। ତେଣୁ କେଉଁମାନଙ୍କ ପାଇଁ ଏହା ନିତାନ୍ତ ଆବଶ୍ୟକ, ତାହାର ଚିଠା ପ୍ରସ୍ତୁତ କରାଯାଇ ଖର୍ଚ୍ଚକୁ କମାଇ ଦିଆଯିବାର ବ୍ୟବସ୍ଥା ସୃଷ୍ଟି କରାଯିବା ଉଚିତ।

କ୍ରିଷ୍ଣକାନ୍ତଙ୍କ ସ୍ତ୍ରୀ ଓ ପୁତ୍ରଙ୍କ ଉପରେ ଗୁଳିମାଡ଼ ଘଟଣାକୁ ଅବଲୋକନ କଲେ ଭିନ୍ନ ଏକ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଦରକାର। ସାଧାରଣରେ ଅଭିଯୋଗ ହୋଇଥାଏ ଯେ ଅଧିକାଂଶ ବିଚାରପତି, ଆଇପିଏସ୍ ଓ ଆଇଏଏସ୍ ଅଫିସର, ସେନା ଅଧିକାରୀ ସେମାନଙ୍କ ବ୍ୟକ୍ତିଗତ ସହାୟକ ଓ ତଳିଆ କର୍ମଚାରୀଙ୍କୁ ଦୂର୍‌ଦୂର୍ ମାର୍‌ମାର୍ କଲା ଭଳି ବ୍ୟବହାର ପ୍ରଦର୍ଶନ କରିଥାଆନ୍ତି। ସେମାନଙ୍କୁ ସହଜରେ ଛୁଟି ମଞ୍ଜୁର କରାଯାଇ ନ ଥାଏ। ସରକାରୀ ବ୍ୟବସ୍ଥାରେ ବଡ଼ ଅଧିକାରୀଙ୍କ ହାତରେ ଛୋଟକାଟିଆ କର୍ମଚାରୀଙ୍କ ଚାକିରି ବନ୍ଧା ପଡ଼ିଥାଏ। ଚାକିରି ପଳାଇଯିବା ଭୟରେ ଅନେକେ ଗାଳି ଓ ନିର୍ଯାତନା ସହି ଯାଇଥାଆନ୍ତି। ମାତ୍ର କେତେକେ ଏଭଳି ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ପ୍ରତିଶୋଧପରାୟଣ ହୋଇ ଯାଇଥାଆନ୍ତି। ସେନା ଓ ପୋଲିସ ବାହିନୀରେ ଶୃଙ୍ଖଳାକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଇଥାଏ ବୋଲି କୁହାଯାଏ। ହେଲେ ବ୍ରିଟିଶ୍ ଶାସନ ବେଳେ ଗୋରାମାନେ କଳାମାନଙ୍କୁ ଯେଭଳି ଅତ୍ୟାଚାର କରୁଥିଲେ, ସେହିଭଳି ଆଜିର ଏହି ବାହିନୀର ଉପରିସ୍ଥ ଅଧିକାରୀମାନେ ସେମାନଙ୍କ ତଳିଆ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଚାଲିଛନ୍ତି। ଫଳସ୍ୱରୂପ ଅଧସ୍ତନମାନେ ବଡ଼ବଡ଼ିଆଙ୍କ ଅତ୍ୟାଚାର ସହି ନ ପାରି ଆପରାଧିକ କାର୍ଯ୍ୟ ଭିଆଉଛନ୍ତି। ୨୦୧୭ ଜାନୁୟାରୀରେ ବିହାରର ଔରଙ୍ଗାବାଦରେ ଜଣେ ସିଆଇଏସ୍‌ଏଫ୍‌ର ଯବାନଙ୍କୁ ଛୁଟି ନ ମିଳିବାରୁ ସେ ୪ ଜଣ ବରିଷ୍ଠ ଅଧିକାରୀଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏଭଳି ଘଟଣା କଶ୍ମୀରଠାରୁ ଉତ୍ତର ପୂର୍ବାଞ୍ଚଳ ପର୍ଯ୍ୟନ୍ତ ଅନେକ ଥର ଘଟିଥିବାର ଖବର ଅଛି।

ବାସ୍ତବରେ ଯେଉଁମାନେ ସମାଜରେ ଉଚ୍ଚ ପାହ୍ୟାରେ ଅଛନ୍ତି, ସେମାନେ ଅନ୍ୟମାନଙ୍କ ମାନବିକ ଅଧିକାରକୁ ଦେଖିବା ଦରକାର। ପ୍ରତି କଥାରେ ତଳିଆ କର୍ମଚାରୀଙ୍କ ସ୍ୱାଧୀନତା ଓ ଇଚ୍ଛାକୁ ହତ୍ୟା କରାଗଲେ ସେ କ୍ରୋଧିତ ହେବା ସ୍ୱାଭାବିକ। କେବଳ ସେତିକି ନୁହେଁ, ଅନେକ ସମୟରେ ଦେଖାଯାଉଛି 'କୀଚକ ବାହୁବଳେ ବିରାଟ ରାଜା' ଭଳି ମୁନିବଙ୍କ ସହଧର୍ମିଣୀ ଓ ପିଲାମାନେ ମଧ୍ୟ ତଳିଆ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏଭଳି ପରମ୍ପରା ସାମାଜିକ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବା ସହ ଏକ ଶ୍ରେଣୀ ସଂଘର୍ଷ ଲାଗି ଖୋରାକ ଯୋଗାଉଛି। ଯଦି ବ୍ୟକ୍ତିଗତ ସହାୟକମାନଙ୍କୁ ନିୟମିତ ଛୁଟି, ପଦୋନ୍ନତି ସହ ଆନୁଷଙ୍ଗିକ ସୁବିଧା ଦିଆଯାଆନ୍ତା, ତାହା ହେଲେ ସେମାନେ ମାନସିକ ଅବସାଦ ଦେଇ ଗତି କରନ୍ତେ ନାହିଁ। ଏହା କହିଲା ବେଳେ ଆମେ ସଚେତନ ଯେ ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ମନସ୍ତାତ୍ତ୍ୱିକ ପରୀକ୍ଷା କରାଯିବା ସହ ନିୟମିତ ବ୍ୟବଧାନରେ ସେମାନଙ୍କୁ କାଉନ୍‌ସେଲିଂ ବା ପରାମର୍ଶ ଦିଆଯିବା ଉଚିତ। ଏକ ଶୃଙ୍ଖଳିତ ସମାଜ ଗଠନ ଦିଗରେ ଉପର ସ୍ତରରେ ଥିବା ବ୍ୟକ୍ତିମାନେ ସେମାନଙ୍କ ଆଭିମୁଖ୍ୟ ପରିବର୍ତ୍ତନ କଲେ ଗୁଡ଼ଗାଁଓ ଭଳି ଘଟଣାକୁ ହ୍ରାସ କରାଯାଇପାରନ୍ତା।

# ଲମ୍ବିଛି ନାବାଳିକା ଚାଲାଣର ଚେର



ଡ. ଗାୟତ୍ରୀବାଳା ପଣ୍ଡା

ଚାକିରି କରିବାର ପ୍ରଲୋଭନ ଦେଖାଇ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଗାଁ ପାଖର ଦୁଇ ଦଲାଲ କୋଲକାତା ବେଶ୍ୟାଳୟରେ ବିକି ଦେଇଥିଲେ। ପଶ୍ଚିମବଙ୍ଗରେ କାମ କଲେ ଭଲ ମଜୁରି ମିଳିବ କହି ପ୍ରଲୋଭନ ଦେଖାଇ ବାପଛେଉଣ୍ଢ ନାବାଳିକାଙ୍କ ମା'କୁ ବୁଝାଶୁଝା କରି ଦଲାଲ ଦୁଇଜଣ କୋଲକାତାରେ ତାଙ୍କୁ ଏକ ବେଶ୍ୟାଳୟରେ ବିକ୍ରି କରିଦେଇଥିଲେ। ଦୀର୍ଘ ୩୮ ଦିନ କାଳ ଉତ୍ପୀଡ଼ନର ଶିକାର ହେବା ପରେ ସୁଯୋଗ ଉଣ୍ଡି ନାବାଳିକା ସେଠାରୁ ଖସି ଆସିବାକୁ ସକ୍ଷମ ହେଲେ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଘରକୁ ଯାଇ ମା'ଙ୍କୁ ସବୁକଥା କହିଲେ। ମା' ଯାଇ ପ୍ରଥମେ ଗାଁର ୱାର୍ଡମେମ୍ବର ଓ ମୁରବିସ୍ଥାନୀୟ ବ୍ୟକ୍ତିଙ୍କୁ କହିଲେ, ମାତ୍ର କୌଣସି ନ୍ୟାୟ ନ ମିଳିବାରୁ ଥାନାରେ ଅଭିଯୋଗ କଲେ। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଜଳେଶ୍ୱର ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏହା ସେପ୍ଟେମ୍ବର ୧୨ରେ ଗୋଟିଏ ପ୍ରମୁଖ ଖବରକାଗଜରେ ପ୍ରକାଶ ପାଇଥିବା ଏକ ଖବର।

ନାବାଳିକା ଚାଲାଣ ଓ ବଳାତ୍କାର ସମ୍ପର୍କିତ ଇଏ ତ ଭାତହାଣ୍ଡିରୁ ଗୋଟିଏ ଚିପିବା ପରି ଘଟଣା। ଉଦ୍‌ବେଗର ବିଷୟ ହେଉଛି ଦିନକୁଦିନ ଆମ ଦେଶରେ ଓ ରାଜ୍ୟରେ ନାବାଳିକା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ତଥ୍ୟ ଅନୁଯାୟୀ ରାଜ୍ୟରେ ବିଗତ ୭ ବର୍ଷ ମଧ୍ୟରେ ୧୨,୦୦୦ ଶିଶୁ ଗାଏବ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ୮,୦୦୦ ନାବାଳିକା ଅଛନ୍ତି। କ୍ରାଇମବ୍ରାଞ୍ଚର ଅପରେଶନ ମୁସ୍କାନ୍ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୧୩ରୁ ୨୦୧୭ ଶେଷ ସୁଦ୍ଧା ରାଜ୍ୟରେ ମୋଟ ୧୯୫୮ ନାବାଳକ ଓ ନାବାଳିକା ଶିଶୁ ନିଖୋଜ ହୋଇଛନ୍ତି।

ରାଜ୍ୟରେ ନାବାଳିକା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେଉଁମାନଙ୍କୁ ଉଦ୍ଧାର କରାଯାଇଛି ସେମାନେ ଘରୋଇ ସହାୟକ, ଶ୍ରମିକ ଓ ଅଧିକାଂଶ ବେଶ୍ୟାବୃତ୍ତିରେ ନିୟୋଜିତ ହୋଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ଓଡ଼ିଶାରେ ବିଶେଷକରି ଆଦିବାସୀବହୁଳ ଇଲାକାରେ ଏହି ବେଆଇନ ଚାଲାଣ ଅଧିକ ମାତ୍ରାରେ ହେଉଛି। ଆନ୍ଧ୍ରପ୍ରଦେଶରୁ ଅଧିକ ସଂଖ୍ୟାରେ ଏମାନଙ୍କୁ ଉଦ୍ଧାର କରାଯାଉଛି। ତା' ପଛକୁ ଅଛି ଛତିଶଗଡ଼, ମଧ୍ୟପ୍ରଦେଶ ଓ କର୍ନାଟକ। ତେବେ ଜାତୀୟ ମାନବାଧିକାର କମିଶନଙ୍କ ରିପୋର୍ଟ ଅନୁଯାୟୀ ଗତ ୫ବର୍ଷ ମଧ୍ୟରେ କେବଳ ସୁନ୍ଦରଗଡ଼ ଜିଲାରୁ ୫୦୦୦ରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ ଏହି ବେଆଇନ ଚାଲାଣର ଶିକାର ହୋଇଛନ୍ତି। ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରୁ ଅଧିକ ମାତ୍ରାରେ ନାବାଳିକାଙ୍କୁ ଭଲ ଚାକିରି, ଭଲ ମଜୁରି ଓ ବିବାହର ପ୍ରଲୋଭନ ଦେଖାଇ ଉତ୍ତରପ୍ରଦେଶ, କର୍ନାଟକ, ତାମିଲନାଡୁ ଓ ମହାରାଷ୍ଟ୍ର ପ୍ରଭୃତି ରାଜ୍ୟକୁ ଚାଲାଣ କରାଯାଉଛି। ଏହି ଚାଲାଣ ପଛରେ ଥିବା ମୁଖ୍ୟ କାରଣ ହେଉଛି ଦାରିଦ୍ର୍ୟ। ଜୀବନଜୀବିକା ଦାୟରେ, ନିଜର ପେଟ ପୋଷିବା ପାଇଁ, ଦଲାଲର ମିଛ ପ୍ରଲୋଭନର ବଶବର୍ତ୍ତୀ ହୋଇ ଶୋଷଣର ଶିକାର ପାଲଟୁଛନ୍ତି ଏହି ନାବାଳିକାମାନେ।

ଗତ ଅଗଷ୍ଟରେ ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍‌ରୁ ମୁମ୍ବାଇକୁ ଚାଲାଣ ହେଉଥିବାବେଳେ ଦୁଇ ଜଣ ନାବାଳିକା ଓ ତିନି ଜଣ ମହିଳାଙ୍କୁ ରେଳବିଭାଗ ପୋଲିସ ଉଦ୍ଧାର କରିଥିଲା। ଢେଙ୍କାନାଳର ଏକ ଦମ୍ପତି ଏହି ଚାଲାଣରେ ସମ୍ପୃକ୍ତ ଥିଲେ। ସେହିପରି ଜୁନ୍‌ରେ ବ୍ରହ୍ମପୁର ରେଳ ଷ୍ଟେଶନରୁ ୧୯ଜଣ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। 'ଦି ହିନ୍ଦୁ'ରେ ପ୍ରକାଶିତ ଖବର ଅନୁଯାୟୀ କନ୍ଧମାଳର ପ୍ରାୟ ୧୦୦ଜଣ ନାବାଳିକା ବାହାର ରାଜ୍ୟକୁ ଚାଲାଣ ହେଉଥିବା ସମୟରେ ବ୍ରହ୍ମପୁରରୁ ଉଦ୍ଧାର ହୋଇଛନ୍ତି। ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବା ପାଇଁ ଅପରେଶନ୍ ସ୍ମାଇଲ୍ ଓ ଅପରେଶନ୍ ମୁସ୍କାନ୍ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ କ୍ରାଇମ୍‌ବ୍ରାଞ୍ଚ ଗତ ୨୦୧୫, ୨୦୧୬ ଓ ୨୦୧୭ରେ ୮୧୧୫ ଜଣ ଶିଶୁଙ୍କୁ ରାଜ୍ୟ ଭିତରୁ ଓ ବାହାରୁ ଉଦ୍ଧାର କରିଛି। ଚଳିତବର୍ଷ କ୍ରାଇମ୍‌ବ୍ରାଞ୍ଚ 'ଅପରେଶନ୍ ପରୀ-୨' ଯୋଜନାରେ ସେପ୍ଟେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୩୬ଟି ପୋଲିସ ଜିଲାରୁ ୨୧୮୯ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ସେପ୍ଟେମ୍ବର ୧୬ରୁ ୩୦ ମଧ୍ୟରେ ମହିଳା ଓ ଶିଶୁ କଲ୍ୟାଣ, ଶ୍ରମ ବିଭାଗ ଏବଂ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀମାନଙ୍କୁ ନେଇ ଗଠିତ ୮ଟି ଟିମ୍ ପଶ୍ଚିମବଙ୍ଗ, ଦିଲ୍ଲୀ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼, ତାମିଲନାଡୁ ଓ ଝାଡ଼ଖଣ୍ଡ ରାଜ୍ୟକୁ ଯାଇ ୯୨ ଜଣ ଶିଶୁଙ୍କୁ ଉଦ୍ଧାର କରିଛନ୍ତି।

ବାଲ୍ୟବିବାହ ଆଳରେ ବି ବାହାରକୁ ଚାଲାଣ ହେଉଛନ୍ତି ଶିଶୁକନ୍ୟା। ସମ୍ପ୍ରତି ସାରା ଦେଶରେ ବାଲ୍ୟବିବାହର ହାର ୨୬.୮% ରହିଥିବାବେଳେ ଓଡ଼ିଶାରେ ଏହା ୨୧.୩% ରହିଛି। ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାର ମାଲକାନଗିରି, ନବରଙ୍ଗପୁର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ କେନ୍ଦୁଝରରେ ବାଲ୍ୟବିବାହର ସଂଖ୍ୟା ଅଧିକ। ବାଲ୍ୟବିବାହ କରାଯିବା ପରେ ଶିଶୁକନ୍ୟାମାନଙ୍କୁ ମଧ୍ୟପ୍ରାଚ୍ୟ ଏବଂ ଅନ୍ୟ ଦେଶକୁ ତଥା ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା ଭଳି ରାଜ୍ୟକୁ ଚାଲାଣ କରାଯାଉଛି। ଫଳରେ ସେମାନେ ଶାରୀରିକ ଓ ମାନସିକ ନିର୍ଯାତନା ଭୋଗିବା ସହିତ ଯୌନହିଂସାର ଶିକାର ହେଉଛନ୍ତି। ଘରୋଇ ଚାକର ପାଇଁ ହେଉ କି ଭିକ୍ଷାବୃତ୍ତି ପାଇଁ କି ଦେହ ବ୍ୟବସାୟ ପାଇଁ, କିଛି ନା କିଛି ମନ୍ଦ ଉଦ୍ଦେଶ୍ୟ ରଖି ଦଲାଲମାନେ ଏହି ଚୋରାଚାଲାଣ କରୁଛନ୍ତି, ଯାହାକି ଏକ ସଂଗଠିତ ଅପରାଧ। ବାର ବର୍ଷରୁ କମ୍ ନାବାଳିକାଙ୍କ ପ୍ରତି ବଳାତ୍କାର ଘଟଣା ପାଇଁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ହୋଇଥିବା ବେଳେ ଉଦ୍‌ବେଗଜନକ ଭାବେ ଯେପରି ଏହିସବୁ ଘଟଣା ଘଟୁଛି, ଆଇନ ପ୍ରତି ଅପରାଧୀଙ୍କ ଭୟ ନ ଥିବା ମନେହେଉଛି।

ଏହି ଚାଲାଣକୁ ରୋକିବା ପାଇଁ ୨୦୧୮ରେ ଟ୍ରାଫିକିଂ ଅଫ୍ ପର୍ସନ୍‌ସ (ପ୍ରିଭେନଶନ୍, ପ୍ରୋଟେକ୍‌ଶନ୍ ଆଣ୍ଡ ରିହାବିଲିଟେଶନ୍) ଆଇନ ପ୍ରଣୟନ ହୋଇଛି।। ଏହି ଆଇନ ଅନୁଯାୟୀ ମାନବ ଚାଲାଣ କାର୍ଯ୍ୟରେ ସହଯୋଗ କରୁଥିବା ବ୍ୟକ୍ତିଙ୍କୁ ଅତି କଠୋର ଦଣ୍ଡବିଧାନ ସହିତ ଭିକ୍ଷାବୃତ୍ତି ପାଇଁ, ନିର୍ଦ୍ଧାରିତ ସମୟ ପୂର୍ବରୁ ଯୌନ ପରିପକ୍ୱତା ହାସଲ ପାଇଁ ହରମୋନ୍‌ର ଉପଯୋଗ କରିବା, ଜୋର ଜବରଦସ୍ତ ବିବାହକୁ ରୋକିବା ପାଇଁ ଏହି ଆଇନରେ ଶାସ୍ତିର ବ୍ୟବସ୍ଥା ରହିଛି। ଏଥିରେ ଉଦ୍ଧାର କରାଯାଇଥିବା ପୀଡ଼ିତାଙ୍କ ପୁନର୍ବାସର ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି। ଏଥିଲାଗି କେବଳ ଆଇନ କଠୋର ହେଲେ ଯଥେଷ୍ଟ ହେବନାହିଁ, ପୋଲିସ ଓ ପ୍ରଶାସନର ମିଳିତ ସହଯୋଗ ସହ ଜନସାଧାରଣଙ୍କ ସଚେତନତା ନିହାତି ଜରୁରୀ।

ମୋ-୯୯୩୭୦୪୬୫୫୪,
gayatribalap@gmail.com

# ଇଣ୍ଡୋନେସିଆରେ ସୁନାମି, ଭାରତରେ ଭୟ



ଡ. ଦେବାନନ୍ଦ ବେଉରା

୨୦୧୮ ଜୁଲାଇ ଓ ଅଗଷ୍ଟ ମାସର ଭୂକମ୍ପ ପରେ ସେପ୍ଟେମ୍ବର ୨୮ ତାରିଖର ଭୂକମ୍ପ ଥିଲା ଇଣ୍ଡୋନେସିଆରେ ଏ ବର୍ଷର ତୃତୀୟ ତଥା ଶକ୍ତିଶାଳୀ। ଇଣ୍ଡୋନେସିଆରେ ଛୋଟ-ବଡ଼ ଭୂକମ୍ପ ସାଧାରଣ କଥା। କିନ୍ତୁ ଏଥରର ଭୂକମ୍ପ ଯୋଗୁ ଆସିଥିବା ସୁନାମି ପ୍ରଳୟଙ୍କରୀ ରୂପ ଦେଖାଇ ଛାରଖାର୍ କରିଦେଇଛି ସୁଲାୱେସି ଦ୍ୱୀପାଞ୍ଚଳକୁ। ବିଶେଷକରି ଏହାର ପାଲୁ ସହରରେ ମୃତାହତଙ୍କ ସଂଖ୍ୟା ବଢିଚାଲିଛି। ସୁଲାୱେସିରେ ସୃଷ୍ଟ ୭.୫ ତୀବ୍ରତାଯୁକ୍ତ ଭୂକମ୍ପ ଯୋଗୁ ୧୮ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ସୁନାମି ଢେଉ ଭଳି ଉପକୂଳ ଆଡକୁ ମାଡିଆସିଥିଲା। ଭୂକମ୍ପ-ସୁନାମି ଯୋଗୁ ଶହ ଶହ ଲୋକଙ୍କର ପ୍ରାଣହାନି ଘଟିଛି। ପ୍ରାୟ ୭୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇ ବାସଚ୍ୟୁତ ବା ସ୍ଥାନାନ୍ତରିତ ହୋଇଛନ୍ତି।

୨୦୦୪ ସୁନାମିରେ ଭାରତର ପୂର୍ବତଟ ବିଶେଷ ଭାବେ ପ୍ରଭାବିତ ହେବା ପରିପ୍ରେକ୍ଷୀରେ ଭାରତର ଲୋକେ ସୁନାମି କଥା ଶୁଣି ଭୟଭୀତ ହେବା ସ୍ୱାଭାବିକ। ଭାରତୀୟ ଉପଦ୍ୱୀପାଞ୍ଚଳ (ପେନିନ୍‌ସୁଲା)ର ୭୫୦୦ କିମି ତଟରେଖା ସୁନାମିର ସମ୍ଭାବ୍ୟ ବିପତ୍ତିରୁ ମୁକ୍ତ ନୁହେଁ। ବଙ୍ଗୋପସାଗର ସଂଲଗ୍ନ ଭାରତର ପୂର୍ବ ଉପକୂଳ ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପାଞ୍ଚଳକୁ ପ୍ରମୁଖ ସୁନାମିପ୍ରବଣ ଅଞ୍ଚଳ ଭାବେ ଧରି ନିଆଯାଇପାରେ। ସମୁଦ୍ର ତଳେ ଭୂକମ୍ପ ଦ୍ୱାରା ସୃଷ୍ଟି ହେଉଥିବା ସୁଉଚ୍ଚ ସାମୁଦ୍ରିକ ଢେଉ ସୁନାମି ନାମରେ ପରିଚିତ। ଏମିତି ଦେଖିବାକୁ ଗଲେ ବଙ୍ଗୋପସାଗରର ଚଟାଣ ଭୂକମ୍ପପ୍ରବଣ, ଯାହାକୁ ଐତିହାସିକ ପୃଷ୍ଠଭୂମି ଏବଂ ଗବେଷଣାତ୍ମକ ତଥ୍ୟ ପ୍ରତିପାଦିତ କରୁଛି। ଏହା ବାଦ୍ ଇଣ୍ଡୋନେସିଆ, ଜାଭା, ସୁମାତ୍ରା ତଥା ଭାରତର ଆଣ୍ଡାମାନ୍-ନିକୋବର ଦୀପାଞ୍ଚଳ ଅତିଶୟ ଭୂକମ୍ପପ୍ରବଣ। ଉତ୍ତର ବଙ୍ଗୋପସାଗରର ସାମୁଦ୍ରିକ ଭୂଖଣ୍ଡ ମ୍ୟାନ୍‌ମାର ଭୂଖଣ୍ଡ ମଧ୍ୟକୁ ଅନ୍ତର୍ଭେଦ କରୁଥିବାରୁ ଏଠାରେ ମଝିରେ ମଝିରେ ଭୂକମ୍ପ ସୃଷ୍ଟି ହୋଇଥାଏ। ଏହି ଦୃଷ୍ଟିରୁ ଭାରତର ପୂର୍ବତଟରେ ସୁନାମି ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। କେବଳ ଏକ ବିଶେଷ ବୈଶିଷ୍ଟ୍ୟଯୁକ୍ତ ଶିଳାଚ୍ୟୁତି ହିଁ ଏହାର ସୃଷ୍ଟିକର୍ତ୍ତା। ଯଦି ସମୁଦ୍ରଗର୍ଭରେ ଶିଳାଚ୍ୟୁତି ଊର୍ଦ୍ଧ୍ୱ ବା ନିମ୍ନ ପାର୍ଶ୍ୱକୁ ସଂଘଟିତ ହୁଏ ତେବେ ସୁନାମି ସୃଷ୍ଟି ହୋଇଥାଏ। ଯାହା ୨୦୦୪ ମସିହାରେ ସୁମାତ୍ରାରେ ୯.୧ ତୀବ୍ରତାଯୁକ୍ତ ଭୂକମ୍ପ ଦ୍ୱାରା ଘଟିଥିଲା। ମାତ୍ର ସମ୍ପ୍ରତି ଇଣ୍ଡୋନେସିଆର ଭୂକମ୍ପ ଚ୍ୟୁତିରେ ବିସ୍ତାରିତ ସ୍ଖଳନ (ସ୍ଟ୍ରାଇକ୍ ସ୍ଲିପ୍ ଫଲ୍ଟ) ପାଇଁ ସଂଘଟିତ ହୋଇଛି। ଏ କ୍ଷେତ୍ରରେ ପ୍ରାୟତଃ ସୁନାମି ସୃଷ୍ଟି ହେବା କଥା ନୁହେଁ। କିନ୍ତୁ ସମୁଦ୍ର ଚଟାଣରେ ଭୂକମ୍ପ ଜନିତ ତୀବ୍ର ଭୂସ୍ଖଳନ ଯୋଗୁ ସୁନାମି ଆସିଲା ବୋଲି ଭୂତତ୍ତ୍ୱବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ଏଥିରୁ ସ୍ୱଷ୍ଟ ଯେ ପ୍ରାକୃତିକ ବିପର୍ଯ୍ୟୟ କୌଣସି ଏକ ନିର୍ଦ୍ଦିଷ୍ଟ ଧାରାରେ ସୃଷ୍ଟି ହୋଇ ନ ଥାଏ। ଭାରତର ଉତ୍ତର ଏବଂ ଉତ୍ତର ପୂର୍ବାଞ୍ଚଳ ବିଶେଷକରି ହିମାଳୟ ପର୍ବତମାଳା ଭୂଚଳନ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହୋଇ ଭୂକମ୍ପପ୍ରବଣ ହୋଇଉଠିଛି। ଯଦିଓ ଏହି ଅଞ୍ଚଳ ଭୂମିକମ୍ପର ଅନୁଚିଶାଳ ଭାବେ ପରିଚିତ, ଏହାର ସୁନାମି ସୃଷ୍ଟିରେ ଅବଦାନ ଶୂନ। ଏବେ ଆସିବା ପଶ୍ଚିମ ତଟାଞ୍ଚଳକୁ। ବେଲୁଚିସ୍ତାନ ଦେଇ ଯାଇଥିବା ୫୦୦ କିମି ଫଲ୍ଟଲାଇନ୍ (ଚ୍ୟୁତିରେଖା) ଭୂକମ୍ପ ସୃଷ୍ଟିର ଉତ୍ସ ଭାବେ ଜଣା। ଏଠାରେ ସାମାନ୍ୟ ତୀବ୍ରତାଯୁକ୍ତ ଭୂକମ୍ପ ଆରବସାଗରରେ ବଡ଼ ସୁନାମି ସୃଷ୍ଟି କରିପାରେ, ଯଦିଓ ଏହା ଦୀର୍ଘଦିନ ଧରି ନୀରବ ରହିଛି।

ଉପରୋକ୍ତ ଆଲୋଚନାରୁ ସ୍ୱଷ୍ଟ ଯେ, ଇଣ୍ଡୋନେସିଆ ଆଗ୍ନେୟ ବଳୟ ଉପରେ ଠିଆହୋଇଛି। ଜୀବନ୍ତ ଆଗ୍ନେୟଗିରି ପାଇଁ ସେଠାରେ ଭୂକମ୍ପର ସଂଖ୍ୟା ଓ ମାତ୍ରା ଅଧିକ। ବିସ୍ତୃତ ସାମୁଦ୍ରିକ ସଂଲଗ୍ନତା ପାଇଁ ସୁନାମି ସୃଷ୍ଟିର ସମ୍ଭାବନା ଅଧିକ, ଯାହା କିଛି କିଛି ସମୟ ବ୍ୟବଧାନରେ ଘଟି ଚାଲିଛି। ସେହିପରି ଭାରତର ଭୌଗୋଳିକ ଏବଂ ଭୂତାତ୍ତ୍ୱିକ ସଂରଚନା ସୂଚାଏ ଯେ, ଏହାର ପ୍ରମୁଖ ଭୂକମ୍ପପ୍ରବଣ ଅଞ୍ଚଳ ହିମାଳୟ ପର୍ବତାଞ୍ଚଳ ସୁନାମି ପାଇଁ ଦାୟୀ ନ ହେଲେ ବି ଉଭୟ ପୂର୍ବ ଏବଂ ପଶ୍ଚିମ ତଟାଞ୍ଚଳ ସୁନାମି ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଅଛି। ବଙ୍ଗୋପସାଗର ମଧ୍ୟରେ ଭୂକମ୍ପ ନ ହୋଇ ମଧ୍ୟ ଜାଭା, ସୁମାତ୍ରା ଓ ଇଣ୍ଡୋନେସିଆ ସମୁଦ୍ରରେ ବୃହତ୍ ସୁନାମି ଆସିଲେ ତାହା ଭାରତର ପୂର୍ବ ଉପକୂଳକୁ ପ୍ରଭାବିତ କରିପାରେ।

ସୁନାମି ଭୟର ଅନ୍ୟ କାରଣ ଭିତରେ ରହିଛି ଇଣ୍ଡୋନେସିଆର ସୁନାମି ପ୍ରାକ୍‌ସୂଚନାରେ ବିଫଳତା। ଯଦିଓ ଭୂକମ୍ପ ପରେ ପରେ ସୁନାମିର ସତର୍କ ସୂଚନା ଦିଆଯାଇଥିଲା କିନ୍ତୁ ଏହାର ୩୦ମିନିଟ୍ ମଧ୍ୟରେ ସୁନାମି ନ ଆସିବାରୁ ତାକୁ ପ୍ରତ୍ୟାହାର କରିନିଆଯାଇଥିଲା। ଇଣ୍ଡୋନେସିଆ ସମୁଦ୍ରରେ ସୁନାମି ପୂର୍ବସୂଚନା ଦେବା ପାଇଁ ସେଠାରେ ଟାଇଡାଲ୍ ଗଜ୍, ନୋୟସ ଭଳି ଯନ୍ତ୍ରପାତି ଲଗାଯାଇଛି। ତଥାପି ଏପରି ଅବସ୍ଥା। ମାତ୍ର ଭାରତରେ ଏସବୁ କ୍ଷେତ୍ରରେ ଆଦୌ ପ୍ରସ୍ତୁତି ନାହିଁ କହିଲେ ଚଳେ। ୨୦୦୪ରେ ସୁନାମି ଢେଉ ଭାରତର ପୂର୍ବ ଉପକୂଳରେ ପହଞ୍ଚିବାର ବହୁ ପୂର୍ବରୁ ସୁନାମି ସୂଚନା ଏଠାକାର ନୋଡାଲ ଅଫିସକୁ ପଠାଯାଇଥିବା କୁହାଯାଇଥିଲା। ମାତ୍ର ତାହାର ଫାଇଦା ଉଠାଯାଇ ପାରି ନ ଥିଲା। ଏପରିସ୍ଥଳେ ଆମେ ଭୟଭୀତ ନ ହେବୁ କେମିତି?

ଆମ ଦେଶର ଉପକୂଳ ଇଲାକାରେ ଜନସଂଖ୍ୟାର ଘନତ୍ୱ ବହୁତ ବେଶି। ପ୍ରାୟତଃ ଏହା ସମତଳ ଅଞ୍ଚଳ ଏବଂ ଏଠାରେ ଉଚ୍ଚସ୍ଥାନ ଏତେ ଦେଖାଯାଏ ନାହିଁ। ତେଣୁ ସାମାନ୍ୟ ଉଚ୍ଚର ସୁନାମି ଢେଉରେ ମୃତାହତଙ୍କ ସଂଖ୍ୟା ବହୁତ ବେଶି ହେବାର ସମ୍ଭାବନାକୁ ଏଡାଇ ହେବନି। ସାମାନ୍ୟ ଝଡ଼, ବର୍ଷା, ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟ ପରିଚାଳନାରେ ଆମେ ଝୁଣ୍ଟି ପଡୁଥିବା ବେଳେ ଯଦି ଭୂକମ୍ପ-ସୁନାମି ଭଳି ମହାବିପତ୍ତିକୁ ଭେଟୁ ତେବେ ଅବସ୍ଥା କ'ଣ ହେବ ତାହା ସହଜରେ ଅନୁମେୟ। ଏପରି ସ୍ଥିତିରେ ଇଣ୍ଡୋନେସିଆରେ ଆସିଥିବା ପ୍ରଳୟଙ୍କରୀ ସୁନାମିର ଧ୍ୱଂସକାରୀ ବିପର୍ଯ୍ୟୟରେ ବିରି 'ମାଡ଼ ଦେଖି କୋଳଥ ଚେପା' ନୀତିରେ ଆମେ ଭୟଭୀତ ହେବା ସ୍ୱାଭାବିକ।

ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ମୋ: ୯୮୬୧୨୧୩୪୭୨

## ଏଇ ଭାରତରେ

ଦୁନିଆରେ ଏମିତି ବ୍ୟକ୍ତି ଅଛନ୍ତି ଯିଏ ନିଜେ ବଞ୍ଚିରହିଥିବାର ପ୍ରମାଣ ଅନ୍ୟମାନଙ୍କୁ ଦେଇଥାଆନ୍ତି। ଏକଲା ବଞ୍ଚୁଥିବା ବ୍ୟକ୍ତି ହିଁ ଏହା କରିବାକୁ ବାଧ୍ୟ ହୋଇଥାଆନ୍ତି। ତେବେ ବଞ୍ଚିବାର ପ୍ରମାଣ ଦେବାପାଇଁ ଭିନ୍ନ ଭିନ୍ନ ତରିକା ଥିବାବେଳେ ଜଣେ ଅଶୀତିପର ବୃଦ୍ଧାଙ୍କ ପାଇଁ ବଞ୍ଚିବାର ପ୍ରମାଣ ଦେବାର ମାର୍ଗ ନିହାତି ନିଆରା। ସେ ହେଉଛନ୍ତି କୌଶଲ୍ୟା ଦେବୀ। ଧର୍ମଶାଳା ଅନ୍ତର୍ଗତ ଶାହପୁର ସହରଠାରୁ ୨୦କି.ମି. ଦୂର ଜଲାଦି ଗାଁର ଏହି ବୃଦ୍ଧା ନିହାତି ଏକଲା ଜୀବନଯାପନ କରନ୍ତି। ପ୍ରତିଦିନ ଅନ୍ଧାର ଘୋଟିବା ପୂର୍ବରୁ ସେ ଏକ ସାଦା କାଗଜକୁ ଚାରିଭାଗ କରି ନିଜ ଝରକାରେ ଲଗାଇ ଦିଅନ୍ତି ଏବଂ ସକାଳୁ ଉଠିବା ମାତ୍ରେ ଏହାକୁ କାଢ଼ି ଦିଅନ୍ତି। ଝରକାରେ କାଗଜ ନ ଥିବା ଦେଖି ପଡାପଡୋଶୀ ନିଶ୍ଚିତ ହୁଅନ୍ତି, କୌଶଲ୍ୟା ବଞ୍ଚିଛନ୍ତି। କୌଶଲ୍ୟା ବିଧବା। ଧଳା କାଗଜଟି କୌଶଲ୍ୟାଙ୍କ ବଞ୍ଚିବାର ସଂକେତ ଦିଏ। ବୃଦ୍ଧାଙ୍କର ଏହି ଦୟନୀୟ ଜୀବନ ଯାପନରେ ଗ୍ରାମବାସୀ ଦୁଃଖ ପ୍ରକାଶ କରନ୍ତି। ତେବେ ପାଖାପାଖି ୬ଟି ପରିବାର କୌଶଲ୍ୟାଙ୍କ ଘର ଏବଂ ଝରକାର କାଗଜ ଉପରେ ସବୁବେଳେ ନଜର ରଖନ୍ତି। କୌଶଲ୍ୟା କେବେ କେମିତି ଅତିଶୟ ବେମାର ପଡିଲେ ପଡୋଶୀମାନେ ଚାମ୍ବାରେ ରହୁଥିବା ତାଙ୍କ ଝିଅକୁ ଡକାଇଥାଆନ୍ତି। କୌଶଲ୍ୟା ୮ବର୍ଷ ତଳେ ତାଙ୍କ ସ୍ୱାମୀଙ୍କୁ ହରାଇଛନ୍ତି। ଏହାର ୩ବର୍ଷ ପରେ ୪୭ବର୍ଷର ପୁଅ ବୁଦ୍ଧି ସିଂ କେଉଁଆଡେ ଚାଲିଯାଇଛନ୍ତି ଯେ ତାଙ୍କର ପତ୍ତା ନାହିଁ।

## ଚିରନ୍ତନୀ

କି ଅଭିସାରେ ଅନ୍ଧ ଆଜି ଅଙ୍ଗେ ଭରେ ଗନ୍ଧ ରାଜି
ଅଧରେ ତବ ପଲାଶ-ରାଗ ରଞ୍ଜାଇ
ଦଶନ ମୂଳେ କୁନ୍ଦହାସ ଗଞ୍ଜାଇ। (ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଅକ୍ଟୋବର ୧୯୯୩

- ହାଇତିରେ ଆସନ୍ତା ୫ ଦିନ ମଧ୍ୟରେ ଗଣତାନ୍ତ୍ରିକ ବ୍ୟବସ୍ଥାର ପୁନଃ ପ୍ରଚଳନ କରା ନ ଗଲେ ତାହା ବିରୋଧରେ ବାସନ୍ଦ ବ୍ୟବସ୍ଥା ଲାଗୁ କରାଯିବ ବୋଲି ଜାତିସଂଘ ନିରାପତ୍ତା ପରିଷଦରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି।
- ଆଫଗାନ ରାଜଧାନୀ କାବୁଲ ନିକଟବର୍ତ୍ତୀ ଅଞ୍ଚଳରେ ମୁଜାହିଦ୍ଦିନ ଗେରିଲା ଏବଂ ସରକାର ସମର୍ଥିତ ବାହିନୀ ମଧ୍ୟରେ ଘମାଘୋଟ ଲଢେଇରେ ୮୦ଜଣ ମୃତ୍ୟୁବରଣ କରିଥିବାର ରେଡକ୍ରସ ସୂତ୍ରରୁ କୁହାଯାଇଛି।

## ସୁ-ଡୋ-କୁ

su do ku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | B | | | | | | | 2 | | | | | |
| | 8 | | 2 | | 7 | C | 9 | | | A | | | | |
| 1 | D | | | | | | | E | 4 | | 6 | | | |
| | | | C | 1 | | 7 | 3 | A | | | | | | |
| | | | 8 | | | 1 | 6 | | | 5 | | | | |
| | | C | | 9 | 0 | | | | | | | | | |
| | 9 | | 7 | 8 | | 6 | | | 5 | B | | 1 | | 4 |
| | A | | | 4 | | | | | D | 1 | | 9 | | |
| | | | B | | | | 1 | 0 | | 4 | | | | 3 |
| | 3 | | | | | 5 | | D | 8 | C | | B | | |
| | | 8 | 4 | | C | | A | | E | D | | | | |
| 9 | | 4 | 0 | | 3 | | | | 1 | | 2 | | | |
| | | | | | | | | | 0 | | | D | | |
| 0 | | | 1 | | | | 8 | 4 | | | 3 | | 7 | |
| | | | A | D | 2 | E | | | | 6 | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 5 | 4 | A | C | 6 | 3 | 0 | B | E | 7 | 9 | 2 | D | 1 |
| 1 | E | 7 | D | 2 | 5 | A | 9 | 8 | C | 0 | B | 6 | 4 | 3 |
| 3 | C | 2 | E | 0 | B | D | 6 | 7 | 5 | 4 | 1 | 8 | A | 9 |
| 9 | A | D | 1 | 3 | 7 | C | E | 4 | 6 | 8 | 2 | 5 | 0 | B |
| 6 | B | 0 | 9 | 4 | 8 | 1 | 2 | 5 | 3 | D | A | C | E | 7 |
| 5 | 2 | 3 | 8 | E | A | 0 | 4 | D | 9 | 6 | 7 | B | 1 | C |
| 7 | 0 | 1 | C | B | 4 | 2 | 3 | E | 8 | A | D | 9 | 6 | 5 |
| B | D | 9 | 2 | 7 | 0 | 6 | C | A | 1 | E | 5 | 3 | 8 | 4 |
| C | 8 | E | 3 | 6 | 1 | 5 | 7 | 9 | 0 | B | 4 | D | 2 | A |
| 4 | 6 | A | 5 | D | 9 | B | 8 | 1 | 2 | 3 | C | E | 7 | 0 |
| E | 4 | 5 | B | 9 | 3 | 7 | A | 0 | D | 2 | 6 | 1 | C | 8 |
| D | 9 | 8 | 7 | 1 | E | 4 | 5 | 2 | A | C | 3 | 0 | B | 6 |
| A | 3 | 6 | 4 | 8 | D | E | 1 | C | B | 5 | 0 | 7 | 9 | 2 |
| 0 | 1 | C | 6 | A | 2 | 8 | B | 3 | 7 | 9 | E | 4 | 5 | D |
| 2 | 7 | B | 0 | 5 | C | 9 | D | 6 | 4 | 1 | 8 | A | 3 | E |

ଗତକାଲିର ଉତ୍ତର

## ଆମ ସମସ୍ୟା

### ରସୁଲଗଡ଼ ବିଡିଏ କଲୋନୀ ବାସିନ୍ଦାଙ୍କ ଦୁର୍ଦ୍ଦଶା

ମହାଶୟ,

ରସୁଲଗଡ଼ ସନ୍ନିକଟ ଏକ ଖୋଲାଜାଗାରେ ବିଡିଏ ବହୁବର୍ଷ ପୂର୍ବେ ଯେଉଁ ଆବାସିକ ଡୁପ୍ଲେକ୍ସ କଲୋନୀ ନିର୍ମାଣ କରି ଜନସାଧାରଣଙ୍କୁ ଆବଣ୍ଟନ କରିଥିଲା, ତାହା ଉପଯୁକ୍ତ ତତ୍ତ୍ୱାବଧାନ ଅଭାବରୁ ଶ୍ରୀହୀନ ହୋଇପଡ଼ିଛି। ପ୍ରତି ଗୃହର ସମ୍ମୁଖଭାଗ ଏବଂ ପଛପଟ ଜବରଦଖଲ ହୋଇ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ ଏବଂ ରାସ୍ତା ସଂକୁଚିତ ହୋଇ ଯାନବାହନ ଚଳାଚଳରେ ଅସୁବିଧା ହେଉଛି। ଏଠାରେ ଏକ ସାଧାରଣ ରିଡିଂ ରୁମ୍ କିମ୍ବା ସମ୍ମିଳନୀ ପାଇଁ ଏକ କକ୍ଷ ନାହିଁ। ଜନସାଧାରଣଙ୍କ ଏହି ଅସୁବିଧା ଦୂର କରିବା ପାଇଁ ବିଡିଏ ଉପଯୁକ୍ତ ବ୍ୟବସ୍ଥା କରିବା ଆବଶ୍ୟକ।

ଲୋକନାଥ ପତ୍ରୀ, ଜିଜିପି କଲୋନୀ, ଭୁବନେଶ୍ୱର

### ବିଏସ୍‌ଏନ୍‌ଏଲ୍‌ର ଅସ୍ଥାୟୀ କର୍ମଚାରୀଙ୍କ ଅସନ୍ତୋଷ

ଭାରତ ସରକାରଙ୍କ ଅଧିକୃତ ସଂସ୍ଥା ବିଏସ୍‌ଏନ୍‌ଏଲ୍ ଦ୍ୱାରା ଓଡ଼ିଶାର ପ୍ରତ୍ୟେକ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟରେ ଅନେକ ପିଲା ଆଜକୁ ୨୦ରୁ ୨୫ବର୍ଷ ହେବ ବହୁତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଆସୁଛନ୍ତି। ୧୪୩୭ ଜଣଙ୍କ ମଧ୍ୟରୁ ୪୫୫ ଜଣଙ୍କୁ ସ୍ଥାୟୀ ଚାକିରି ଦେବା ପାଇଁ କର୍ପୋରେଟ୍ କାର୍ଯ୍ୟାଳୟ ନୂଆଦିଲ୍ଲୀ ୨୦୦୩ରେ ଆଦେଶ ଦେଇଥିଲେ। ସମସ୍ତ ୪୫୫ ଜଣଙ୍କୁ ପ୍ରୋଭିଜନାଲ ଆପଏଣ୍ଟମେଣ୍ଟ ଦେଇଥିଲେ। କିନ୍ତୁ ଇତିମଧ୍ୟରେ ୧୬ ବର୍ଷ ବିତିଗଲାଣି, ସେ ସ୍ଥାୟୀ ଚାକିରିଟି ଦେଲେନାହିଁ। ଆଜିପର୍ଯ୍ୟନ୍ତ ୪୫୫ ଜଣ ଓ ଆହୁରି ଅନେକ ପିଲା ବର୍ଷ ବର୍ଷ ଧରି କାର୍ଯ୍ୟାଳୟରେ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ତାଙ୍କୁ ମିଳୁଛି ମାସକର ପ୍ରାପ୍ୟ ଅନ୍‌ସ୍କିଲ୍ଡ ହିସାବରେ।

କରୁଣାକର ପ୍ରଧାନ, ପୁରୀ ବିଏସ୍‌ଏନ୍‌ଏଲ୍ ଲେବର ୟୁନିୟନ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

- ଅକ୍ଟୋବର ୭- ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟ ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର ଚୟନ କମିଟିର ଅଧ୍ୟକ୍ଷା ଭାବେ ମନୋନୀତ ହୋଇଛନ୍ତି।
- ୮- ଆମେରିକାର ଦୁଇ ଅର୍ଥନୀତିଜ୍ଞ ୱିଲିୟମ୍ ଡି. ନରଧୋସ୍ ଓ ପଲ୍ ଏମ୍. ରୋମରଙ୍କୁ ଅର୍ଥନୀତିରେ ନୋବେଲପୁରସ୍କାର ଲାଗି ମନୋନୀତ କରାଯାଇଛି।
- ୯- ଛତିଶଗଡ଼ସ୍ଥିତ ଭିଲାଇ ଷ୍ଟିଲ୍‌ପ୍ଲାଣ୍ଟରେ ବିସ୍ଫୋରଣ ଘଟି ୯ ମୃତ ଓ ୧୪ ଆହତ।
- ୧୦- ସୁପ୍ରିମ୍‌କୋର୍ଟର ବରିଷ୍ଠ ଆଇନଜୀବୀ ତଥା ଅତିରିକ୍ତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ସଲିସିଟର ଜେନେରାଲ ଭାବେ ନିଯୁକ୍ତି ମିଳିଛି।
- ୧୧- ଓଡ଼ିଶା ଓ ଆନ୍ଧ୍ରରେ ସାମୁଦ୍ରିକ ବାତ୍ୟା ତିତ୍‌ଲିର ତାଣ୍ଡବ: ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାରେ ବ୍ୟାପକ କ୍ଷୟକ୍ଷତି, ବହୁଲୋକ ମୃତାହତ।
- ୧୨- ଜାତିସଂଘ ମାନବାଧିକାର ପରିଷଦ ସଦସ୍ୟ ଭାବେ ଭାରତ ନିର୍ବାଚିତ ହୋଇଛି। ୨୦୧୯ ଜାନୁୟାରୀରୁ ତିନିବର୍ଷ ପାଇଁ ନୂଆଦିଲ୍ଲୀ ଏହି ପଦରେ ରହିବ।



ଜମ୍ମୁ-କଶ୍ମୀର ପୁଞ୍ଛ ଜିଲା ନିୟନ୍ତ୍ରଣରେଖାଠାରେ ପାକିସ୍ତାନ ରବିବାର ପୁଣି ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଦିଗବର ସେକ୍ଟରରେ ଭାରତୀୟ ପୋଷ୍ଟ ଉପରେ ପାକିସ୍ତାନ ମୋର୍ଟାର ସେଲିଂ ମାଡ଼ କରିଛି। ଏହାର ଜବାବରେ ଭାରତୀୟ ସେନାଙ୍କ ପକ୍ଷରୁ ପାଲଟା ଗୁଳିଗୋଳା ମାଡ଼ କରାଯାଇଛି। ଘଟଣାରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଭାରତୀୟ ସୁରକ୍ଷା ମୁଖପାତ୍ର ସୂଚନା ଦେଇଛନ୍ତି।

# ପୋଲିସ ସ୍ମାରକୀରେ ପ୍ରମୋଦ ଶତପଥୀ

## ■ ମାଓବାଦୀଙ୍କ ସହ ମୁକାବିଲା କରି ପ୍ରାଣବଳି ଦେଇଥିଲେ

**ନୂଆଦିଲ୍ଲୀ,୧୪।୧୦(ପି.ଟି.)**

ଦେଶର ସୁରକ୍ଷା ଲାଗି ପ୍ରାଣବଳି ଦେଇଥିବା ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗିକୃତ ଶହୀଦ ସ୍ମାରକୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ୨୧ରେ ଉଦ୍‌ଘାଟନ କରିବେ। ମାଓବାଦୀଙ୍କ ସହ ସଂଘର୍ଷ କରି ଶହୀଦ ହୋଇଥିବା ଓଡ଼ିଶା ପୋଲିସର ସ୍ପେଶାଲ୍ ଅପରେଶନ୍ ଗ୍ରୁପ୍ (ଏସ୍‌ଓଜି) ଆସିଷ୍ଟାଣ୍ଟ କମାଣ୍ଡର ପ୍ରମୋଦ ଶତପଥୀଙ୍କ ନାମ ମଧ୍ୟ ଏହି ସ୍ମାରକୀରେ ସ୍ଥାନ ପାଇବ। ସ୍ୱାଧୀନତା ପରଠୁ ଦେଶ ସେବାରେ ଜୀବନ ବଳି ଦେଇଥିବା ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ପ୍ରମୋଦଙ୍କ ବୀରତ୍ୱ ଏବଂ ବଳିଦାନକୁ ସମ୍ମାନିତ କରିବାକୁ ଯାଇ ୨୦୦୯ରେ ତାଙ୍କୁ ମରଣୋତ୍ତର ଅଶୋକଚକ୍ରରେ ସମ୍ମାନିତ କରାଯାଇଥିଲା। ୨୦୦୮ ଫେବୃୟାରୀ ୧୬ରେ ଗଞ୍ଜାମ ଜିଲାର ଗୋସମା ଜଙ୍ଗଲ ଏବଂ ନିକଟବର୍ତ୍ତୀ ଫୁଲବାଣୀ ଜିଲାର ଜଙ୍ଗଲ ଅଞ୍ଚଳରେ ମାଓବାଦୀଙ୍କ ସହ ଲଢ଼େଇ ବେଳେ ଏହି ବୀର ଓଡ଼ିଆ ଯବାନ ଶହୀଦ ହୋଇଥିଲେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ଅଧିକାରୀ ରବିବାର ପ୍ରକାଶ କରିଛନ୍ତି।



ପ୍ରମୋଦ ଶତପଥୀ (ଫାଇଲ ଫଟୋ)

୨୦୦୮ ଫେବୃୟାରୀ ୧୫ରେ ୫୦୦ରୁ ଉର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ନୟାଗଡ଼ ଥାନା ଏବଂ ଅସ୍ତ୍ରାଗାରରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଆଖପାଖ ଅଞ୍ଚଳର କେତେକ ଥାନା ଏବଂ ପୋଲିସ୍ ଆଉଟ୍ ପୋଷ୍ଟରେ ମଧ୍ୟ ଆକ୍ରମଣ ହୋଇଥିଲା। ବିଭିନ୍ନ ପ୍ରକାରର ପ୍ରାୟ ୧୨୦୦ ଅସ୍ତ୍ରଶସ୍ତ୍ର ସେମାନେ ଲୁଟି ନେବା ସହ ୧୪ ପୋଲିସ କର୍ମଚାରୀ ଏବଂ ଜଣେ ସାଧାରଣ ନାଗରିକଙ୍କୁ ହତ୍ୟା କରିଥିଲେ। ଏହି ଅପରେଶନରେ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଏବଂ ଝାଡ଼ଖଣ୍ଡ କ୍ୟାଡର୍‌ର ମାଓବାଦୀମାନେ ମଧ୍ୟ ସାମିଲ ଥିଲେ। ଆକ୍ରମଣ ପରେ ମାଓବାଦୀମାନେ ଗଞ୍ଜାମ ଏବଂ ଫୁଲବାଣୀର ଘଞ୍ଚ ଜଙ୍ଗଲକୁ ଚାଲି ଯାଇଥିଲେ। ପରେ ଏସ୍‌ଓଜି କମାଣ୍ଡରଙ୍କ ସହ ମୋଟର ସାଇକେଲ୍‌ରେ ପ୍ରମୋଦ ସେଠାରେ ପହଞ୍ଚିଥିଲେ। ଏସ୍‌ଏପି, ସିଆର୍‌ପିଏଫ୍ ଏବଂ ଉପଲବ୍ଧ ପୋଲିସ ବଳଙ୍କୁ ନେଇ ମାଓବାଦୀଙ୍କ ସହ ମୁକାବିଲା କରିବା ଲାଗି ସେ ଯୋଜନା ପ୍ରସ୍ତୁତ କରିଥିଲେ। ସଙ୍ଗେ ସଙ୍ଗେ ଜଙ୍ଗଲରେ ଅପରେଶନ ଆରମ୍ଭ ହୋଇଥିଲା। ସଶସ୍ତ୍ର ମାଓବାଦୀଙ୍କ ସହ ମୁକାବିଲା ବେଳେ ପ୍ରମୋଦ ଶହୀଦ ହୋଇଥିଲେ ବୋଲି ମନ୍ତ୍ରଣାଳୟର ଅଧିକାରୀ ଜଣକ ପ୍ରକାଶ କରିଛନ୍ତି।

ଅଶୋକଚକ୍ର ହେଉଛି ଦେଶର ଏକ ସମ୍ମାନଜନକ ସାମରିକ ଆୱାର୍ଡ, ଯାହା ବୀରତ୍ୱ, ଅଦମ୍ୟ ସାହସ ପ୍ରଦର୍ଶନ କରିବା ସହ ଦେଶ ପ୍ରାଇଁ ପ୍ରାଣବଳି ଦେଇଥିବା ଯବାନଙ୍କୁ ପ୍ରଦାନ କରାଯାଇଥାଏ।

# ପୁରୀ ହିଂସା, ଆଉ ୮ ଗିରଫ

**ମୋଟ୍ ଗିରଫ୍‌ଦାରୀ ୭୭ ଛୁଇଁଲା**

**ପୁରୀ ଅଫିସ,୧୪।୧୦**

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସାରେ ଗିରଫଦାରି ସଂଖ୍ୟା ୭୭ରେ ପହଞ୍ଚିଛି। ପୂର୍ବରୁ ପୋଲିସ ୬୯ ଜଣଙ୍କୁ ଗିରଫ କରିଥିବା ବେଳେ ରବିବାର ଆଉ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ରବିବାର ସିଂହଦ୍ୱାର ଥାନା କେସ୍ ନଂ.୮୫/୧୮ରେ ମାର୍କଣ୍ଡେଶ୍ୱର ସାହିର ଯଜ୍ଞେଶ୍ୱର ପାତ୍ର ଓ ମରିଚିକୋଟ ଲେନ୍‌ର ରାଧାନାଥ ଦାଶ (ଶ୍ରୀମନ୍ଦିରର ଅଙ୍ଗାରୁଆ ସେବାୟତ)ଙ୍କୁ ଗିରଫ କରିଛି। ସେହିପରି ଟାଉନ ଥାନା ପୋଲିସ କେସ୍ ନଂ. ୧୬୮/୧୮ରେ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ହାତୀଶାଳ ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ଦିଗପହଣ୍ଡିର ହରିହର ସେଠୀ, ତଲୁଛ ସାହିର ଅଜୟ ମିଶ୍ର, କାଳିକାଦେବୀ ସାହିର ବଳଭଦ୍ର ନନ୍ଦ, ପୁରୀରେ ରହୁଥିବା ନୟାଗଡ଼ ଜିଲା ମାଣିକପାଟଣାର ସନ୍ତୋଷ ପାଢୀ, କାଳିକାଦେବୀ ସାହିର ଜଗନ୍ନାଥ ନନ୍ଦ ଓ ଚୁଡ଼ଙ୍ଗ ସାହିର ଉମାକାନ୍ତ ବେହେରା। ସୂଚନାଯୋଗ୍ୟ ଯେ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ, ରାଜସ୍ୱ ମନ୍ତ୍ରୀଙ୍କ ବାସଭବନ ଆଦି ଭଙ୍ଗାରୁଜା ହୋଇଥିଲା। ସହରରେ ବ୍ୟାପକ ହିଂସା ଘଟିଥିଲା।




# ଗଙ୍ଗାବାଡ଼ରେ ପାହାଡ଼ ଧସିବା ଘଟଣା
# ଉଦ୍ଧାର ହେଲା ୧୩ ମୃତଦେହ

## ■ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର

**ରାୟଗଡ (ଗଜପତି), ୧୪।୧୦(ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ ବ୍ଲକରେ ତିତ୍‌ଲି ବାତ୍ୟା ପରବର୍ତ୍ତୀ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ବାତ୍ୟାର ଚାରିଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ କଇଁପୁର,ଲକ୍ଷ୍ମୀପୁର, ଏଙ୍ଗାରସିଂ ପଞ୍ଚାୟତରେ ପହଞ୍ଚିବାକୁ ସକ୍ଷମହୋଇ ନଥିବା ବେଳେ ବିପନ୍ନଙ୍କ ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ଗଙ୍ଗାବାଡ ପଞ୍ଚାୟତ ବାରଘର ଗ୍ରାମରେ ପାହାଡ ଧସିବା ଘଟଣାରେ ଶନିବାର ଏକ ଡାକ୍ତରୀ ଟିମ୍ ସେଠାରେ ପହଞ୍ଚି ୧୩ ମୃତଦେହ ଉଦ୍ଧାର ସହ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ସେହିଭଳି ପଥର ତଳେ ଚାପି ହୋଇ ରହିଥିବା ଅନ୍ୟ ୪ଜଣଙ୍କୁ ଏଯାବତ୍ ଉଦ୍ଧାର କରଯାଇ ପାରିନାହିଁ।





ଯେ କୌଣସି କାର୍ଯ୍ୟରେ ନିପୁଣ ହେବାକୁ ଇଚ୍ଛା କରେ।
-ସାନ୍ୟା ମାଲହୋତ୍ରା, ବଲିଉଡ ଅଭିନେତ୍ରୀ



# ସିକିମକୁ 'ସମ୍ପୂର୍ଣ୍ଣ ଜୈବିକ ରାଜ୍ୟ' ମାନ୍ୟତା

**ନୂଆଦିଲ୍ଲୀ**



ବିଶ୍ୱରେ ପ୍ରଥମକରି ଶତ ପ୍ରତିଶତ ଜୈବିକ ରାଜ୍ୟ ମାନ୍ୟତା ଲାଭ କରିଛି ସିକିମ। ସୋମବାର ସିକିମ ରୋମ୍‌ରେ ଜାତିସଂଘ ଦ୍ୱାରା 'ଓସ୍କାର ଫର ଦି ବେଷ୍ଟ ପଲିସିଜ୍' ପୁରସ୍କାର ଲାଭ କରିବ। ପୋଷଣୀୟ ଉନ୍ନୟନ ଲକ୍ଷ୍ୟ ହାସଲ କରିବାରେ ସିକ୍କିମ୍‌ର ଯଥାସାଧ ଉଦ୍ୟମକୁ ଏଥିପାଇଁ ପ୍ରଶଂସା କରାଯାଇଛି। ତେଣୁ ୨୫ଟି ଦେଶର ୫୧ଟି ରାଜ୍ୟ ଆବେଦନ କରିଥିଲେ। ତନ୍ମଧ୍ୟରୁ ସିକିମ ଫିଉଚର ପଲିସି ଆୱାର୍ଡ-୨୦୧୮ ପାଇବାକୁ ମନୋନୀତ ହୋଇପାରିଛି। ଏହାର ସମସ୍ତ କୃଷି କ୍ଷେତ୍ରରେ ଜୈବିକ ସାର ପ୍ରୟୋଗ କରାଯାଉଛି। ସିକ୍କିମ୍ ରାସାୟନିକ ସାର ଏବଂ କୀଟନାଶକ ବଦଳରେ ଜୈବିକ ସାର ପ୍ରୟୋଗ କରି ଭଲ ଫସଲ ଅମଳ କରୁଥିବା ପ୍ରମାଣିତ ହୋଇଛି। କୃଷିଭିତ୍ତିକ ପରିବେଶକୁ ପ୍ରୋତ୍ସାହନ ଦେଉଥିବା ଜୈବିକ ପଦ୍ଧତି ଏବଂ ବିକାଶ ସମ୍ପର୍କିତ ବିଶ୍ୱର ସର୍ବୋତ୍ତମ ନୀତି ସୋମବାର ବିଶ୍ୱ ଖାଦ୍ୟ ସପ୍ତାହ ଉତ୍ସବରେ ଉପସ୍ଥାପନ କରାଯିବ। ବର୍ତ୍ତମାନ ରୋମ୍‌ରେ ଥିବା ମୁଖ୍ୟମନ୍ତ୍ରୀ ପଓ୍ୱନ କୁମାର ଚାମ୍‌ଲିଂ ଏବଂ ସିକିମ ଡେମୋକ୍ରାଟିକ୍ ଫ୍ରଣ୍ଟ ଏମ୍‌ପି ପ୍ରେମ ଦାସ ରାୟ ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗଦାନ କରିବେ। ସେମାନଙ୍କ ସହିତ ଉପସ୍ଥିତ ରହିବେ ଭାରତର ରାଷ୍ଟ୍ରଦୂତ ରିନାଟ ସାନ୍ଧୁ। ଭାରତର ଏକ ହିମାଳୟାନ ରାଜ୍ୟ ଆଗ୍ରୋ-ଇକୋଲୋଜିରେ ଚଳିତ ବର୍ଷର ଫ୍ୟୁଚର ପଲିସିଜ୍ ଆୱାର୍ଡ ପାଇବାକୁ ଯାଉଥିବା ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ସାଂସଦ ପ୍ରେମ ଦାସ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ପ୍ରଶଂସା କରିଛନ୍ତି। ତେଣୁ ସିକିମ ତଥା ଭାରତ ଏଥିପାଇଁ ଗୌରବାନ୍ୱିତ ହେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଚଳିତବର୍ଷର ଉତ୍ସବ ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ), ଦି ଓ୍ୱାର୍ଲଡ ଫ୍ୟୁଚର କାଉନସିଲ୍ (ଡବ୍ଲ୍ୟୁଏଫ୍‌ସି) ଏବଂ ଆଇଏଫ୍‌ଓଏଏମ୍-ଅର୍ଗାନିକ୍ସ ଇଣ୍ଟରନ୍ୟାଶନାଲ୍ ଦ୍ୱାରା ମିଳିତ ଭାବରେ ଆୟୋଜିତ ହେଉଛି। ସ୍ୱର୍ଣ୍ଣ ପଦକ ପାଇବାକୁ ଯାଉଥିବା ସିକିମ ବିଶ୍ୱରେ ପ୍ରଥମ ଅର୍ଗାନିକ୍ ଷ୍ଟେଟ୍‌ର ମାନ୍ୟତା ଲାଭ କରିଛି।

## ଇତିହାସର ଆଇନାରେ

### ଅକ୍ଟୋବର ୧୫ର ପ୍ରମୁଖ ଘଟଣା

୧୯୯୦ ଅକ୍ଟୋବର ୧୫ରେ ସୋଭିଏତ୍ ୟୁନିୟନ୍ ନେତା ତଥା ରାଷ୍ଟ୍ରପତି ମିଖାଇଲ ଗୋର୍ବାଚୋଭଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ଦେଶରେ ଚାଲିଥିବା ଶୀତଳଯୁଦ୍ଧକୁ ବନ୍ଦ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପୂର୍ବତନ ସୋଭିଏତ୍ ରୁଷିଆର ନେତା ତଥା କମ୍ୟୁନିଷ୍ଟ ୟୁନିୟନର ସାଧାରଣ ସଚିବ ଭାବରେ ସେ ୧୯୮୫ରୁ ୧୯୯୧ ପର୍ଯ୍ୟନ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ସୋଭିଏତ୍ ରାଷ୍ଟ୍ରସଂଘର ଶେଷ ରାଷ୍ଟ୍ରପତି ଭାବରେ ୧୯୮୮ ରୁ ୧୯୯୧ ପର୍ଯ୍ୟନ୍ତ ଗୋର୍ବାଚୋଭ ଦାୟିତ୍ୱ ଗ୍ରହଣ କରିଥିଲେ।

୨୦୧୩ ଅକ୍ଟୋବର ୧୫ରେ ଫିଲିପାଇନ୍ସର ବୋହଲରେ ସୃଷ୍ଟି ହୋଇଥିବା ଭୟଙ୍କର ଭୂକମ୍ପରେ ୨୧୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯୭୬ ଆହତ ହୋଇଥିଲେ। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୨ ରହିଥିଲା। ୨୩ ବର୍ଷ ଭିତରେ ଏହା ଥିଲା ଫିଲିପାଇନ୍ସରେ ସବୁଠାରୁ ବଡ ଭୂକମ୍ପ। ହିରୋସିମା ଉପରେ ହୋଇଥିବା ଆଣବିକ ଆକ୍ରମଣ ଠାରୁ ୩୨ ଗୁଣ ଅଧିକ ରହିଥିଲା ଏହାର ତୀବ୍ରତା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଘରେ ଥାଇ ପର ପରାଣୀ,**
**ବେଳକାଳ ଜାଣି ପାଏ ତୋରାଣି ।**

ଯେଉଁ ବ୍ୟକ୍ତି ପର ଘରେ ଆଶ୍ରିତ ହେଉଥାଏ ସେଠାରେ ତା'ର ନିଜତ୍ୱ ବୋଲି କହିବାକୁ କିଛି ନ ଥାଏ। ଏପରି କି ସଂକୋଚତା ହେତୁ ନିଜର ଇଚ୍ଛା ବା ଆଗ୍ରହକୁ କାହା ଆଗରେ ପ୍ରକାଶ କରିପାରି ନ ଥାଏ। ସେହିପରି ପରର ହାତଟେକା ଉପରେ ତାକୁ ନିର୍ଭର କରି ଚଳିବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ପୁଅ ମିଠା, ଯେବେ ସଭାରେ ବସେ;**
**ବୋହୂ ମିଠା, ନିତି ରାନ୍ଧି ପରଷେ ।**

ପାଠଶାଠ ପଢ଼ି ପାଞ୍ଚଜଣରେ ଜଣେ ହୋଇ ନ୍ୟାୟ ନିଶାପ ତଥା ସଭାସମିତିରେ ଯୋଗଦେଉଥିବା ପୁତ୍ର ସୁପୁତ୍ର ବୋଲାଉଥାଏ। ସୁଗୁଣ ଓ ସୁକର୍ମ ବଳରେ ନିଜର, ବଂଶର ନାମକୁ ଉଚ୍ଚ ସୋପାନକୁ ନେଇପାରୁଥିବା ପୁତ୍ର ହିଁ ଶ୍ରେଷ୍ଠ ପୁତ୍ରର ଆଖ୍ୟା ପାଇଥାଏ। ସେହିପରି ଯେଉଁ ବୋହୂ ସମସ୍ତଙ୍କୁ ମିଠାକଥା କହି ଆପଣାର କରିବା ସହ ସମସ୍ତଙ୍କ ମନଜାଣି ନିତି ରାନ୍ଧିବାଢ଼ି ପରଷି ଦେଉଥାଏ, ସେହି ବୋହୂ ଉତ୍ତମ ବୋହୂର ମାନ୍ୟତା ପାଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଅଜସ୍ର ଯଶର ଅଧିକାରୀ ହେବାକୁ ଚାହେଁ ନାହିଁ



ସୋହା ଅଲି ଖାନ୍

**ମୁମ୍ବାଇ:** ଏକ ସୁଖ୍ୟାତ ପରିବାରରୁ ଆସିଥିବା ସତ୍ତ୍ୱେ ଅଜସ୍ର ଯଶର ଅଧିକାରୀ ହେବାକୁ ଚାହାନ୍ତି ନାହିଁ ବଲିଉଡ୍ ଅଭିନେତ୍ରୀ ସୋହା ଅଲି ଖାନ୍। ସେ ନିଜ ବ୍ୟକ୍ତିତ୍ୱ ବଜାୟ ରଖିବାକୁ ପସନ୍ଦ କରନ୍ତି ଏବଂ ନିଜ ନାମ ସହିତ ଅଧିକ କିଛି ଯୋଡିବାକୁ ଚାହାନ୍ତି ନାହିଁ। କାରଣ ସମୟ ସହିତ ଏହିସବୁ ନାଁ ବା ଯଶ ଫିକା ପଡିଯାଏ ବୋଲି ସେ ଅନୁଭବ କରନ୍ତି। ସୋହା ହେଉଛନ୍ତି ବିଶିଷ୍ଟ ଅଭିନେତ୍ରୀ ଶର୍ମିଳା ଟାଗୋର ଏବଂ ସ୍ୱର୍ଗତ ମନସୁର ଅଲି ଖାନ୍ ପଟୌଦିଙ୍କ କନ୍ୟା। ତାଙ୍କର ଭାଇ ଅଭିନେତା ସୈଫ ଅଲି ଖାନ୍। ବଲିଉଡ୍‌ର ଗ୍ଲାମର ଦୁନିଆରେ ସେ କାହିଁକି ପ୍ରସିଦ୍ଧି ବା ସ୍ୱତନ୍ତ୍ର ପରିଚିତି ହାସଲ କରିବାକୁ ଚାହାନ୍ତି ନାହିଁ ପ୍ରଶ୍ନରେ ସୋହା ଏହା ପ୍ରକାଶ କରିଛନ୍ତି। ତାଙ୍କ କହିବାନୁଯାୟୀ, ଯେ କୌଣସି ଜିନିଷ ଉପରେ ସ୍ପଷ୍ଟ ମତପ୍ରକାଶ ହେଉଛି ବଡ କଥା। ନିଶ୍ଚିତ ଭାବରେ ଯଶ ମୋ ପରିଚୟର ଏକ ମୁଖ୍ୟ ଉପାଦାନ ନୁହେଁ। କାରଣ ଆଜିର ତାରକାକୁ ଲୋକେ ଆସନ୍ତାକାଲି ଭୁଲିଯିବେ। ସୋହା ତାଙ୍କର କ୍ୟାରିୟର ୨୦୦୪ରେ 'ଦିଲ୍ ମାଙ୍ଗେ ମୋର'ରୁ ଆରମ୍ଭ କରିଥିଲେ। ତାଙ୍କର ଶୈଶବ ଦିଲ୍ଲୀରେ କଟିଥିଲା। ଯେତେବେଳେ ମୁମ୍ବାଇରେ ଜୀବନଯାପନ କଲେ, ଫିଲ୍ମ ଶିଳ୍ପରେ ଯୋଗଦେବାର ଅବସର ମିଳିଲା। ଗ୍ଲାମର ପାଇଁ ନୁହେଁ ବରଂ ଅଭିନୟ ପାଇଁ ହିଁ ଫିଲ୍ମରେ ଯୋଗ ଦେଇଥିଲେ ବୋଲି 'ରଙ୍ଗ ଦେ ବସନ୍ତି'ର ଅଭିନେତ୍ରୀ ସୋହା ପ୍ରକାଶ କରିଛନ୍ତି।


NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍

**ZILLA SWASTHYA SAMITI, NUAPADA**
**OFFICE OF THE CDM & PHO, NUAPADA**
**DPMU, NATIONAL HEALTH MISSION**
E-mail: dpmunua@gmail.com, Phone: (06678) 223346

Advt. No.: 10/DPMU/NHM/18 Date: 12.10.18

**WALK-IN-INTERVIEW**

Walk-in-Interview will be conducted for filling up the following posts under Zilla Swasthya Samiti, Nuapada on contractual basis for a period of 11 months with monthly remuneration as noted against each and subject to renewal as per society norms basing on the performance and subject to continuance of the programme.

| Sl. No. | Name of the Post | Vacancy | Date of Walk-in-Interview |
|---|---|---|---|
| 1 | Consultant - Medicine, NPHCE | 01 | 02.11.2018 |
| 2 | Doctor - Dist. NCD Clinic - NPCDCS | 02 | 02.11.2018 |
| 3 | Pediatrician at DEIC | 01 | 02.11.2018 |
| 4 | MO - MBBS at DEIC | 01 | 02.11.2018 |
| 5 | Medical Officer DTC - RNTCP | 01 | 02.11.2018 |
| 6 | Medical Officer (SNCU) | 03 | 02.11.2018 |
| 7 | MO (Dental) - DEIC | 01 | 03.11.2018 |
| 8 | Dental Technician - DEIC | 01 | 03.11.2018 |
| 9 | Optometrist, DEIC | 01 | 03.11.2018 |
| 10 | Laboratory Technician (RCH/NPPCF) | 02 (ST - 1, SC - 1) | 03.11.2018 |
| 11 | Laboratory Technician - RNTCP | 02 (ST - 1, SC - 1) | 03.11.2018 |
| 12 | Rehabilitation Worker (NCD) | 03 (UR - 2, SEBC - 1) | 03.11.2018 |
| 13 | AYUSH Doctor Ayurvedic - MHU | 01 (ST - 1) | 03.11.2018 |
| 14 | Pharmacist (MHU) | 02 (SC - 1, ST - 1) | 03.11.2018 |
| 15 | Senior Treatment Supervisor (STS) - RNTCP | 01 | 06.11.2018 |
| 16 | Staff Nurse | 10 (UR - 5, SC - 1, ST - 4) | 13.11.2018 |
| 17 | ANM | 02 (SC - 1, ST - 1) | 13.11.2018 |
| 18 | Block Accounts Manager | 01 | 13.11.2018 |

Interested eligible candidates can log on to **www.nuapada.nic.in** for details of vacancy, eligibility criteria, age, application format & selection procedure etc. Candidates fulfilling the eligibility criteria may appear for Walk-in-Interview as per above schedule. **Registration timing will be from 9.30 A.M. to 12 Noon for all above posts.** No application will be received beyond the scheduled timing of registration. The undersigned reserves the right to cancel any or all the applications/positions at any stage of recruitment process without assigning any reason thereof.

**Sd./- Chief District Medical & Public Health Officer**
**cum District Mission Director, NHM, Nuapada**



# CLASSIFIED DISPLAY

**ALL EDITION-B/W (Every Day)** | **For Booking Contact: 0674-2580385, 7894447131, 7894447148, 9437038266, 7894447166**

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

**Jeevanjyoti Finance**
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

**LOAN**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

**Vasundra Financial Services**
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

**SPOT ADMISSION**
**B.Ed**
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
**CT(D.El.Ed)**
Equivalent to Board of Secondary Education Odisha
SINCE 2001 **NIDT**
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**Dhanlaxmi Finance Services**
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ । 1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

**T.C.F. FINANCE**
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

**SAGAR FINANCE**
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ । ପର୍ସନାଲ, ପ୍ରପର୍ଟି, ଏଗ୍ରିକଲଚର୍, ମାକର୍ସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଦରେ ଉପଲବ୍ଧ । ( ଏଜେଣ୍ଟ ଆମନ୍ତ୍ରିତ )
34/5, 1st Floor, Palam Vihar, Gurugram, Haryana
8920535530
8826532451

**Urbasi Oil & Capsules**
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's **semegra** (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

**CTL Digital Network Company**
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ଓ୍ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ଓ୍ୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି । ଏଗ୍ରୀମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ କି-79, ଆଦର୍ଶ ନଗର, କ୍ରୋଲବାଗ
Contact :- 7894865978,7894865768

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

**BHARATI FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

**ଧନଲକ୍ଷ୍ମୀ ଫାଇନାନ୍ସ**
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
୪ର୍ଥ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

**ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ**
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
**ବାବା ହଜରତ ଉସ୍‌ମାନ୍**
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
**BABA AMIM SUFI JI**
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠ୍‌କରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
**ବାବା ରହେମାନ୍ ଖାନ ବଙ୍ଗାଳୀ**
7065430524
9599270336

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**TARIFF — MORE SPACE • SAME PRICE**

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

■ ଡଙ୍ଗାବୁଡ଼ି ଘଟଣାର ୧୧୯ ଦିନ ପରେ

# ଚିଲିକାରେ ଚାଲିଲା ଘରୋଇ ଡଙ୍ଗା

ଖୋର୍ଦ୍ଧା ଅଫିସ,୧୪।୧୦



ଚିଲିକାର କାଳିଜାଈ ପୀଠକୁ ସୋମବାର ଘରୋଇ ଡଙ୍ଗା ଚଳାଚଳ ଆରମ୍ଭ କରିଛି। ବଡକୂଳସ୍ଥିତ ମା’ କାଳିଜାଈ ବୋଟ୍ ମୋଟର ମାଲିକ ସଂଘ ପକ୍ଷରୁ ପ୍ରଥମ ଥରରେ କାଳିଜାଈକୁ ୪ଟି ଡଙ୍ଗା ଚଳାଚଳ କରିଥିଲା। ପରେ ଅନୁରୂପ ଭାବେ ଡଙ୍ଗା ଚଳାଚଳ କରିଥିଲା।

ଚିଲିକାରେ ଜୁନ ୧୬ରେ ଡଙ୍ଗାବୁଡି ୬ ଜଣ ପ୍ରାଣ ହରାଇଥିଲେ। ଡଙ୍ଗାବୁଡି ଘଟଣାର ୧୧୮ ଦିନ ବିତିଯାଇଥିଲେ ମଧ ଘରୋଇ ଡଙ୍ଗା ଚଳାଚଳ କରି ପାରି ନ ଥିଲା। ବାରମ୍ଵାର ଦାବି, ଆପତ୍ତି, ଅଭିଯୋଗ, ଆନ୍ଦୋଳନ ପରେ ବିଳମ୍ବରେ ପ୍ରଥମ ପର୍ଯ୍ୟାୟରେ ୪୭ ଘରୋଇ ଡଙ୍ଗା ଲାଇସେନ୍ସ ପାଇଥିଲା। ତେବେ ଲାଇସେନ୍ସ ପାଇଥିବା ଡଙ୍ଗା ଜିଲାପାଳଙ୍କ ସ୍ୱୀକୃତି ପାଇ ନ ଥିବାରୁ ଚିଲିକାରେ ଚଳାଚଳ କରି ପାରି ନ ଥିଲା। ଜିଲାପାଳଙ୍କ ଅନୁମତି ପରେ ସୋମବାରଠାରୁ ଚିଲିକାରେ ଯାତାୟାତ ଆରମ୍ଭ କରିଛି। ଯାତ୍ରୀମାନେ ଲାଇଫ୍ ଜ୍ୟାକେଟ୍ ପିନ୍ଧି ଯାତ୍ରା କରିଛନ୍ତି। ତେବେ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ କେତେଦୂର ପାଳନ ହେଉଛି ଦେଖିବାକୁ ରହିଲା। ଡଙ୍ଗାବୁଡି ୬ଜଣଙ୍କ ମୃତ୍ୟୁ ପରେ ସରକାରଙ୍କ ପକ୍ଷରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏବଂ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ କିଛି ନିର୍ଦ୍ଦେଶନାମା ଲାଗୁ କରିଥିଲେ। ଚିଲିକା ଭିତରକୁ ବୁଲିଯିବାକୁ ହେଲେ ଲାଇଫ୍ ଜ୍ୟାକେଟ୍ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଥିଲା। ପ୍ରତି ଡଙ୍ଗାରେ ଅଗ୍ନି ପ୍ରଶମନ ଯନ୍ତ୍ର ଓ ଲାଇଫ ବୟ ରହିବ। ଲାଇସେନ୍ସପ୍ରାପ୍ତ ଚାଳକ କେବଳ ଡଙ୍ଗା ଚଳାଇ ପାରିବେ। ପ୍ରତ୍ୟେକ ଡଙ୍ଗାରେ ରହିବ ଡଷ୍ଟବିନ୍। ପାଣି ଓ ଛାଇର ବ୍ୟବସ୍ଥା ରଖିବାକୁ ପଡିବ। ଡଙ୍ଗାଗୁଡିକ ସରକାରୀ ନୀତି ନିୟମର ମାପରେ ହୋଇଛି କି ନାହିଁ ତା’ର ଅନୁଧ୍ୟାନ ହେବା ପରି ଅନୁରୂପ ନିର୍ଦ୍ଦେଶନାମା ହୋଇଛି। ଦେଖିବାକୁ ରହିଲା ଏହା କେତେଦୂର କାର୍ଯ୍ୟକାରୀ ହେବ। ତେବେ ଅଘଟଣ ଘଟିବାର ଦୀର୍ଘଦିନ ପରେ ଡଙ୍ଗା ଚଳାଚଳର ସୁବିଧା ମିଳିଥିଲେ ହେଁ ବଡକୂଳସ୍ଥିତ ମା’ କାଳିଜାଈ ବୋଟ୍ ମୋଟର ମାଲିକ ସଂଘର ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ନାୟକଙ୍କ ସମେତ କର୍ମକର୍ତ୍ତା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

■ ୩ ବେଆଇନ ବାଣ କାରଖାନା ଠାବ

## ଦୁଇ ଟ୍ରକ୍ ବାଣ ଜବତ, ୩ ଗିରଫ

କଟକ ଅଫିସ,୧୪।୧୦

କଟକରେ ବେଆଇନ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେଲ, ସିମେଣ୍ଟ, ଲୁବ୍ରିକାଣ୍ଟ ପରେ ବେଆଇନ ବାଣ କାରଖାନା ଠାବ କରିଛି ଜଗତ୍ପୁର ପୋଲିସ। ଏହି ଥାନା ଅନ୍ତର୍ଗତ ମହାଜନପୁର ଅଞ୍ଚଳରେ ଥିବା ୩ଟି ବେଆଇନ ବାଣ କାରଖାନା ଉପରେ ରବିବାର ପୋଲିସ ଚଢାଉ କରି ଦୁଇ ଟ୍ରକ୍ ବାଣ ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂଚନା ଦେଇଛି। ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗରେ ମହାଜନପୁର ଅଞ୍ଚଳର ଗୋବିନ୍ଦ ନାୟକ, ସଂଗ୍ରାମ ନାୟକ ଓ ବୁଲୁ ମଲ୍ଲିକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଆଇପିସି ଦଫା ୨୮୬ ଏବଂ ସେକ୍ସନ ୪, ୫ ଏକ୍ସପ୍ଲୋସିଭ୍ ସବ୍ଷ୍ଟାନସ ଆକ୍ଟରେ ତିନୋଟି ମାମଲା (ନଂ. ୨୮୧, ୨୮୨, ୨୮୩/୧୮) ରୁଜୁ ହୋଇଛି। ତେବେ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଅଭିଯୁକ୍ତମାନେ ବେଆଇନ ଭାବେ ବାଣ ତିଆରି କରୁଥିବା ପୋଲିସ ସୂଚନା ଦେଇଛି।

ମହାଜନପୁର ଅଞ୍ଚଳରେ ବେଆଇନ ଭାବେ ବାଣ ତିଆରି ହେଉଥିବା ପୋଲିସ ସୂଚନା ପାଇଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ରବିବାର ମଧ୍ୟାହ୍ନରେ ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ଏକ ଟିମ୍ ୩ଟି ସ୍ଥାନରେ ଚଢାଉ କରିଥିଲା। ବାଣ ତିଆରି କରୁଥିବା ନେଇ ପୋଲିସ ସେମାନଙ୍କୁ ଲାଇସେନ୍ସ ମାଗିଥିଲେ ମଧ କେହି ଲାଇସେନ୍ସ ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ଚକଲେଟ୍ ବମ୍, ସୁତୁଲି ବମ୍, ଝରଝରି, ଧପଧପି, ତାଳ ଫୋଟକା, କୁମ୍ପି ସମେତ ବହୁ ପରିମାଣର ବାରୁଦ, ସୁତୁଲି ଏବଂ କାଗଜକୁ ପୋଲିସ ଜବତ କରିଛି। ଅପରାହ୍ନ ୪ଟା ସୁଦ୍ଧା ପୋଲିସ ୩ଟି କାରଖାନାରୁ ଦୁଇ ଟ୍ରକ୍ ସାମଗ୍ରୀ ଜବତ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏହି କାରବାରରେ ଆଉ କେତଜଣ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ସେମାନଙ୍କୁ ଧରିବା ପାଇଁ ଚଢାଉ ଆରମ୍ଭ ହୋଇଥିବା ପୋଲିସ କହିଛି।

## ବିମୁଦ୍ରୀକରଣ ପରେ ୧୦ ହଜାର ଜମାକାରୀଙ୍କୁ ନୋଟିସ୍

**ନୂଆଦିଲ୍ଲୀ,୧୪।୧୦:** କେନ୍ଦ୍ର ସରକାର ୨୦୧୬ରେ ବିମୁଦ୍ରୀକରଣ ଘୋଷଣା କରିବା ପରେ ସାଧାରଣ ଜନତା ଅଚଳ ହୋଇଯାଇଥିବା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍କୁ ବ୍ୟାଙ୍କରେ ଜମା ରଖିଲେ। କିନ୍ତୁ ଆୟ ବହିର୍ଭୂତ ଟଙ୍କା ଜମା ରଖିବା ନେଇ ଏବେ ଆୟକର ବିଭାଗ ପକ୍ଷରୁ ବେନାମୀ ଆଇନ ଅଧୀନରେ ୧୦ ହଜାର ଜମାକାରୀଙ୍କୁ ନୋଟିସ ଜାରି କରାଯାଇଛି। ଆହୁରି ଜମାକାରୀଙ୍କୁ ନୋଟିସ ପଠାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବିମୁଦ୍ରୀକରଣ ଯୋଗୁ ବ୍ୟାଙ୍କିଙ୍ଗ ସେକ୍ଟରକୁ ଟଙ୍କା ଆସିଗଲା। ଏଥିରୁ ଯେଉଁ ତଥ୍ୟ ମିଳିଲା ତାକୁ ଆୟକର ବିଭାଗ ସହ ଅନ୍ୟ ସମସ୍ତ ତଦନ୍ତକାରୀ ବିଭାଗ ଯାଞ୍ଚ କରିପାରିବ। ଆୟ ତୁଳନାରେ ଅଧିକ ନଗଦ ଜମା ନେଇ ଆୟକର ବିଭାଗ ଖୋଳତାଡ କରିଛି। ଏଣୁ ବେନାମୀ ସମ୍ପତ୍ତି ଆଇନ ଅଧୀନରେ ନୋଟିସ ଦିଆଯାଇଥିବା ଜମାକାରୀ ଫଶିଯିବା ନିଶ୍ଚିତ ବୋଲି ଅଶୋକ ମାହେଶ୍ୱରୀ ଆଣ୍ଡ ଆସୋସିଏଟ୍ସର ପାର୍ଟନର ଅମିତ ମାହେଶ୍ୱରୀ ପ୍ରକାଶ କରିଛନ୍ତି। ଜମାକାରୀ ନିଜର ଜମା ସମ୍ପର୍କରେ ଜଣାଇ ନ ପାରିଲେ ବେନାମୀ ସମ୍ପତ୍ତି ଆଇନରେ ଜମାକାରୀଙ୍କୁ ଜେଲ୍ ମଧ ହୋଇପାରେ ବୋଲି ସେ କହିଛନ୍ତି।

## ଆଇଏଲ୍ଆଣ୍ଡ୍ଏଫ୍ଏସ୍କୁ ଝଟ୍କା

**ନୂଆଦିଲ୍ଲୀ,୧୪।୧୦:** କେନ୍ଦ୍ର ସରକାର ଓ ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍ଆଣ୍ଡ୍ଏଫ୍ଏସ୍)କୁ ଏନ୍ସିଏଲ୍ଟିରୁ ଜୋରଦାର ଝଟ୍କା ଲାଗିଛି। କେନ୍ଦ୍ର ସରକାର ତାଙ୍କ ପିଟିସନରେ ଦର୍ଶାଇଥିଲେ ଯେ, କମ୍ପାନୀ ଓ ଏହାର ୩୪୮ ସହଯୋଗୀ କମ୍ପାନୀ ବିରୋଧରେ କୌଣସି ପକ୍ଷଙ୍କୁ ୩ମାସ ପର୍ଯ୍ୟନ୍ତ ମାମଲା କରିବାକୁ ଅନୁମତି ଦିଆ ନ ଯାଉ। ସରକାରଙ୍କ ଏହି ଅନୁରୋଧକୁ ନ୍ୟାଶନାଲ କମ୍ପାନୀ ଲ’ ଟ୍ରିବ୍ୟୁନାଲ ଖାରଜ କରିଦେଇଛନ୍ତି। ୪୯ ଜଣ ଋଣପ୍ରଦାନକାରୀ ଆଇଏଲ୍ଆଣ୍ଡ୍ଏଫ୍ଏସ୍ ଓ ସହଯୋଗୀ କମ୍ପାନୀ ବିରୋଧରେ ମାମଲା ଦାଏର କରିଛନ୍ତି ବା କରିବାକୁ ଯାଉଥିବା ଜଣାପଡିଛି।

# ଉପକୂଳ ନେତା, ଅଧିକାରୀଙ୍କୁ ଟାର୍ଗେଟ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୂର୍ବତନ ଏମପି ଲକ୍ଷ୍ମଣ ଟୁଡୁ ଓ ଅନ୍ୟମାନେ।

ବାରିପଦା ଅଫିସ,୧୪।୧୦

■ ସେମାନେ ମୟୂରଭଞ୍ଜର ବିକାଶ ଚାହୁଁ ନାହାନ୍ତି: ଲକ୍ଷ୍ମଣ

■ ପ୍ରଶାସନିକ ଅଧିକାରୀମାନେ ଲୁହାଖଣି ବେପାର, ଚାରା ଘୋଟାଲାରେ ଲିପ୍ତଥିଲେ

ଉପକୂଳ ଅଞ୍ଚଳର କେତେକ ନେତା ଓ ପ୍ରଶାସନିକ ଅଧିକାରୀ ମୟୂରଭଞ୍ଜ ଜିଲାର ବିକାଶ ଚାହୁଁ ନାହାନ୍ତି। ବରଂ ସେମାନେ ଉନ୍ନତିରେ ବାଧା ସୃଷ୍ଟି କରୁଛନ୍ତି ବୋଲି ନିକଟରେ ବିଜୁ ଜନତା ଦଳ ଛାଡି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ)ରେ ସାମିଲ ହୋଇଥିବା ପୂର୍ବତନ ଏମପି ଲକ୍ଷ୍ମଣ ଟୁଡୁ କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ରଖି ସେ ଉପକୂଳ ଅଞ୍ଚଳର ନେତାଙ୍କ ସମେତ ଜଣେ ନିର୍ଦ୍ଦିଷ୍ଟ ପ୍ରଶାସନିକ ଅଧିକାରୀଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ।

ରବିବାର ବାରିପଦା ଟ୍ରାଫିକ ଛକସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜେଏମଏମ ରାଜ୍ୟ ସଭାପତି ମହେଶ ହେମ୍ବ୍ରମ, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ଅଞ୍ଜନୀ ସୋରେନ, ରାଜ୍ୟ ପ୍ରବକ୍ତା ଅଜେନ ମୁର୍ମୁ, ସାଧାରଣ ସମ୍ପାଦକ ଗୋବିନ୍ଦ ସୋରେନ, ଦିଲିପ ଦାସ, ପ୍ରଭୁଦାନ ମାରାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ଦଳତ୍ୟାଗ ପରେ ଏହା ଥିଲା ପୂର୍ବତନ ଏମପି ଟୁଡୁଙ୍କ ପ୍ରଥମ ଖବରଦାତା ସମ୍ମିଳନୀ। ସେ କହିଥିଲେ,ବିଜେଡିରେ ତାଙ୍କୁ ଅଣଦେଖା କରାଯିବାରୁ ସେ ଦଳ ଛାଡିଛନ୍ତି। କେତେକ ଉପକୂଳିଆ ନେତା ମୟୂରଭଞ୍ଜ ରାଜନୀତିରେ ପତିଆରା ବୃଦ୍ଧି କରିବା ପାଇଁ ବାରମ୍ବାର ଏଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି। ଏହି ନେତାମାନେ ବିଧାୟକ ଓ ଏମ୍ପିଙ୍କୁ ହାତମୁଠାରେ ରଖି ଏହି ଜିଲାରେ ନିଜ ବେପାର ଚଲାଉଛନ୍ତି। ସେ ଏମପି ଥିବା ବେଳେ ଜାତୀୟ ରାଜପଥର ଉନ୍ନତୀକରଣ, ରେଳପଥର ବିକାଶ ଏବଂ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ଭବ ହୋଇଥିଲା। ତାଙ୍କ ପୂର୍ବରୁ ଓ ପରେ ଅନ୍ୟମାନେ ଏହା କରିପାରି ନାହାନ୍ତି। ବିଜେଡିରେ ଲୋଭନୀୟ ପଦବୀ ପ୍ରଦାନ କରି କାମ ସରିଗଲେ କିଭଳି ହାତ ଛାଡିଦିଆଯାଏ, ତାହାର ସେ ନିଜେ ଉଦାହରଣ ପାଲଟିଛନ୍ତି। ଜଣେ ଉଚ୍ଚ ପ୍ରଶାସନିକ ଅଧିକାରୀ ଜିଲାପାଳ ଥିବା ସମୟରେ ବିଧାୟକମାନଙ୍କ ସହିତ ସଲାସୁତୁରା କରି ଗୋରୁମହିଷାଣି ଓ ବାଦାମପାହାଡରେ ଲୁହା ଖଣି ବେପାରରେ ମାତିଲେ। ପରେ ଅନ୍ୟ ଜଣେ ପ୍ରଶାସନିକ ଅଧିକାରୀ ଚାରା ଘୋଟାଲା ଓ ଏମ୍ଜିଏନଆରଇଜିଏସ ଟଙ୍କା ହଡପ କରିଥିଲେ। ଏହାକୁ ସେ ବିରୋଧ କରିବାରୁ ତାଙ୍କୁ ଦଳରେ ଅଣଦେଖା କରାଗଲା। ସେ ଜିଲା ସଭାପତି ଥିବା ସତ୍ତ୍ୱେ ତାଙ୍କୁ ଗତ ପଞ୍ଚାୟତ ନିର୍ବାଚନରେ କିଛି ଦାୟିତ୍ୱ ଦିଆଯାଇ ନ ଥିଲା। ଫଳରେ ଦଳ ଶୋଚନୀୟ ଭାବେ ପରାସ୍ତ ହୋଇଥିଲା। ମୟୂରଭଞ୍ଜ ଜିଲାରେ ଆଦିବାସୀ ଓ ଅଧିବାସୀଙ୍କ ବିକାଶ ପାଇଁ ଜେଏମଏମ ହେଉଛି ଏକମାତ୍ର ଦଳ ଭାବେ ନିଷ୍ଠାର ସହ କାର୍ଯ୍ୟ କରୁଛି। ଏହି ଦଳ ଆନ୍ଦୋଳନରୁ ଆରମ୍ଭ ହୋଇ ଆଦିବାସୀ ଓ ଅଧିବାସୀଙ୍କ ସହିତ ରହିଛି। ଜିଲାରେ ମୁଖ୍ୟ ବିରୋଧୀ ଦଳ ଭାବେ ନିଜ ଦବଦବା ଜାହିର କରୁଛି। ନିକଟରେ ଜଣେ ଜେଏମ୍ଏମ୍ ନେତାଙ୍କୁ ଲୋଭ ଦେଖାଇ ବିଜେଡିକୁ ନିଆଯାଇଛି। କିଛି ଦିନ ପରେ ତାଙ୍କୁ ମଧ କୋଣ ଠେସା କରାଯିବ। ଜେଏମଏମର ଜଣେ ଲଢୁଆ ନେତାଙ୍କୁ ମନ୍ତ୍ରୀ ପଦ ଲୋଭ ଦେଖାଇ ବିଜେଡିକୁ ନିଆଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାଙ୍କଠାରୁ ଏହି ପଦବୀ ମଧ ଛଡାଇ ନିଆଯାଇଛି ବୋଲି ଟୁଡୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳ ପକ୍ଷରୁ ସାଦୁ ସିଂ, ନିମାଇଁ ଚରଣ ତ୍ରିପାଠୀ, ମୂର୍ଚ୍ଛନା ଦାସପଟ୍ଟନାୟକ, ଧନଞ୍ଜୟ ସାହୁ, ଗଣେଶ ମହାନ୍ତି, ରୁଦ୍ରନାରାୟଣ ଜିତବାବୁ, ଜଟିଆ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବତନ ଏମ୍ପି ଟୁଡୁଙ୍କ ଆକ୍ଷେପ ଓ ସମାଲୋଚନା ନେଇ ବିଜେଡି ମୁଖପାତ୍ର ଡାକ୍ତର ଦେବାଶିଷ ମାରାଣ୍ଡି ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଟୁଡୁଙ୍କ ସମସ୍ତ ଅଭିଯୋଗକୁ ଭିତ୍ତିହୀନ ବୋଲି ସେ କହିଛନ୍ତି। ଦଳରେ ତାଙ୍କୁ କେବେ ଅଣଦେଖା କରାଯାଇ ନ ଥିଲା। ସେ ଅନ୍ୟର ପ୍ରରୋଚନାରେ ଦଳ ଛାଡିଛନ୍ତି। ଏହା ବିଜେଡିର କୌଣସି କ୍ଷତି କରିବ ନାହିଁ ବୋଲି ଦର୍ଶାଇଛନ୍ତି।





ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ। ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।
- ସତ୍ୟ ସାଇବାବା



## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ମହିଳା ମୃତ

**ବାରଙ୍ଗ,୧୪।୧୦(ଡି.ଏନ୍.ଏ.):** ମଞ୍ଚେଶ୍ୱର ଜିଆର୍‌ପି ଫାଣ୍ଡି ଅଧୀନ କଳାରାହାଙ୍ଗ ଗ୍ରାମ ନିକଟ ରେଲୱେ ଫାଟକଠାରେ ଟ୍ରେନ୍‌ରୁ ଖସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ କଟକ ଜିଲା ବଡ଼ମଛପୁର ଗ୍ରାମର ସୁମିତ୍ରା ମଲ୍ଲିକ(୨୬)। ରବିବାର ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ସୁମିତ୍ରା ବାରଙ୍ଗ ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଟ୍ରେନ୍‌ରୁ ଓହ୍ଲାଇବାକୁ ଚେଷ୍ଟା କରୁଥିଲେ। ହେଲେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଫଳରେ ମୁଣ୍ଡରେ ଶକ୍ତ ଆଘାତ ଲାଗି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଜିଆର୍‌ପି ଫାଣ୍ଡି ଅଧିକାରୀ ନରେନ୍ଦ୍ର କୁମାର ଜେନା ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ନଂ. ୭୪/୨୦୧୮ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ମୃତାଙ୍କ ନିକଟରୁ ମିଳିଥିବା ଭୋଟ ପରିଚୟ ପତ୍ରରୁ ତାଙ୍କ ସ୍ୱାମୀ ବୁଲୁ ମଲ୍ଲିକଙ୍କ ପରିଚୟ ମିଳିବା ପରେ ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ସୁମିତ୍ରାଙ୍କ ସହ ଆସିଥିବା ତାଙ୍କ ୪ ବର୍ଷର ଝିଅକୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୁମିତ୍ରା ପଟିଆ ନିକଟ ପ୍ରଶାନ୍ତି ବିହାରସ୍ଥିତ ତାଙ୍କ ଭଉଣୀ ଘରକୁ ଯାଉଥିଲେ ବୋଲି ପୋଲିସ ସୂଚନା ଦେଇଛି।

### ଘର ଭିତରୁ ମହିଳାଙ୍କ ମୃତଦେହ ଜବତ

**କଟକ ଅଫିସ,୧୪।୧୦:** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମଠସାହି ଅଞ୍ଚଳର ଏକ ଘର ଭିତରୁ ସୁମିତ୍ରା ସାହୁ ନାମ୍ନୀ ମହିଳାଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ପରେ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୩୩/୧୮) ରୁଜୁକରି ତଦନ୍ତ ଆରମ୍ଭ କରିଛି। ମହିଳା ଜଣଙ୍କ ବିଷ ପିଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ମୃତଦେହ ଦେଖିବା ପରେ ୨ ଦିନ ପୂର୍ବରୁ ମହିଳାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଚାଉଳିଆଗଞ୍ଜ ଥାନା ଅଧିକାରୀ ଅଜୟ ଦାସ କହିଛନ୍ତି। ସୂଚନା ଅନୁଯାୟୀ, ସୁମିତ୍ରା ମଙ୍ଗଳାବାଗ ନୂଆପାଟଣା ଅଞ୍ଚଳର ପ୍ରଦୀପ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। କିନ୍ତୁ ଦୀର୍ଘ ୧୫ ଦିନ ତଳେ ତାଙ୍କର ଛାଡ଼ପତ୍ର ହୋଇଥିଲା। ସେବେଠାରୁ ସେ ତାଙ୍କ ନିଜ ଘର ମଠସାହି ଅଞ୍ଚଳରେ ରହୁଥିଲେ। ୨ ଦିନ ତଳେ ସୁମିତ୍ରାଙ୍କ ପରିବାର ଲୋକେ ବାହାରକୁ ଯାଇଥିବାବେଳେ ସେ ଘରେ ଏକା ଥିଲେ। ରବିବାର ଅପରାହ୍ନ ୪ଟାରେ ପରିବାର ଲୋକେ ଘରେ ପହଞ୍ଚିବା ପରେ ସୁମିତ୍ରାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇ ପୋଲିସକୁ ଜଣାଇଥିଲେ।

### ୯ରୁ କଳିଙ୍ଗ ପୁସ୍ତକ ମେଳା

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ):** କଳିଙ୍ଗ ପୁସ୍ତକ ମେଳାର ୨୧ତମ ସଂସ୍କରଣ ଆସନ୍ତା ନଭେମ୍ବର ୯ ରୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ହେବ। କେବଳ ମହିଳାଙ୍କଦ୍ୱାରା ପରିଚାଳିତ ହେଉଥିବା ଏହି ପୁସ୍ତକ ମେଳାରେ ଦେଶରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶକ, ବିକ୍ରେତା ଓ ବିତରକ ଯୋଗଦେବେ। ପୁସ୍ତକ ପଠନ ପ୍ରତି ଲୋକମାନଙ୍କର ଆଗ୍ରହ ବୃଦ୍ଧି କରିବା ସହ ପିଲାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାରସ୍ୱତ ସଙ୍ଗଠନ ପକ୍ଷରୁ ପୁସ୍ତକ ଉନ୍ମୋଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପାଠକଙ୍କ ସମାଗମକୁ ଦୃଷ୍ଟିରେ ରଖି ମେଳା ପରିସରରେ ସେଲ୍ଫି ଜୋନ୍, ଫୁଡ୍ ଜୋନ୍ ଓ ଅନ୍ୟାନ ମନୋରଞ୍ଜନ ଭିତ୍ତିକ ସେବା ସମୂହ ଉପଲବ୍ଧ ହେବ। ପୁସ୍ତକ ମେଳାରେ ଭାଗ ନେବାକୁ ଇଚ୍ଛୁକ ବିକ୍ରେତା, ବିତରକ, ପ୍ରକାଶନୀ ସଂସ୍ଥା ଓ ଅନ୍ୟାନ ଅନୁଷ୍ଠାନ ଗୁଡିକୁ ଆସନ୍ତା ନଭେମ୍ବର ୮ ତାରିଖ ସୁଦ୍ଧା ନାମ ପଞ୍ଜିକରଣ କରିବାକୁ ପୁସ୍ତକ ମେଳା କମିଟି ତରଫରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଖବରଦାତା ସମ୍ମିଳନୀରେ ସମ୍ପାଦିକା ରେଣୁକା ମିଶ୍ର ଓ ସଦସ୍ୟା ମିତାଲି ହୋତା, ସୁଚେତା ରାଉତ ପ୍ରମୁଖ ସୂଚନା ଦେଇଛନ୍ତି।



ର୍ୟାମ୍ପରେ ପ୍ରତିଯୋଗୀମାନେ

# ଐଶ୍ୱର୍ଯ୍ୟା, ରମନ୍‌ଙ୍କୁ 'ଟ୍ରେଣ୍ଡ୍‌ସ ଷ୍ଟାଇଲ ଆଇକନ ଆୱାର୍ଡ'

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)**

ଅନ୍ତର୍ଜାତୀୟ ଫ୍ୟାଶନ ବ୍ରାଣ୍ଡ 'ଟ୍ରେଣ୍ଡ୍‌ସ' ପକ୍ଷରୁ ରବିବାର 'ଷ୍ଟାଇଲ ଆଇକନ-୨୦୧୮' ଗ୍ରାଣ୍ଡ ଫିନାଲେର ବିଜେତା ଘୋଷଣା କରାଯାଇଛି। ଏଥିରେ ଐଶ୍ୱର୍ଯ୍ୟା ସିଂ ଏବଂ ରମନ୍ ରତନ ରାଉତ 'ଟ୍ରେଣ୍ଡ୍‌ସ ଷ୍ଟାଇଲ ଆଇକନ-୨୦୧୮' ଆୱାର୍ଡ ପାଇଛନ୍ତି। ପ୍ରତିଯୋଗିତାରେ ୪୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୯ ଯୁବତୀ ଏବଂ ୯ ଯୁବକଙ୍କୁ ମିଶାଇ ମୋଟ ୧୮ଜଣ ଗ୍ରାଣ୍ଡ୍ ଫିନାଲେ ପାଇଁ ମନୋନୀତ ହୋଇଥିଲେ। ଶେଷରେ ଐଶ୍ୱର୍ଯ୍ୟା ଏବଂ ରମନ୍ ନିଜ ଦକ୍ଷତା ବଳରେ ସମସ୍ତଙ୍କୁ ପଛରେ ପକାଇ କ୍ରାଉନ ହାତେଇଛନ୍ତି। ବିଜେତାମାନଙ୍କୁ କ୍ୟାଶ୍ ପ୍ରାଇଜ୍ ସହ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି ଫିନାଲେ କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଶାନ୍ତ ମଣି, ରିଲାଏନ୍ସ ଟ୍ରେଣ୍ଡ୍‌ସ କ୍ଲଷ୍ଟର ଅପରେଶନ ମୁଖ୍ୟ ଆୟୁଷ୍ମାନ ରାଏ, ଫ୍ୟାଶନ ଡିଜାଇନର ଜାହିଦା ଅହମ୍ମଦ ପ୍ରମୁଖ ଯୋଗଦେଇଥିଲେ।

'ଷ୍ଟାଇଲ ଆଇକନ'ର ତୃତୀୟ ସଂସ୍କରଣ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ବେଳେ ଫ୍ୟାଶନରେ ଯୁବ ପ୍ରତିଭାମାନଙ୍କ ସ୍ୱପ୍ନ ପୂରଣ କରିବାରେ ଏହା ସହାୟକ ହୋଇପାରିଛି ବୋଲି ଟ୍ରେଣ୍ଡ୍‌ସ ପକ୍ଷରୁ କୁହାଯାଇଛି। ଟ୍ରେଣ୍ଡ୍‌ସ ମଧ୍ୟମ ଶ୍ରେଣୀର ଗ୍ରାହକମାନଙ୍କ ଫ୍ୟାଶନ ଚାହିଦା ପୂରଣ କରିପାରୁଥିବା ବେଳେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଟ୍ରେଣ୍ଡ୍‌ସ ଷ୍ଟାଇଲ ଆଇକନ ସୃଷ୍ଟି ହୋଇଛି। ଏହା ତୃତୀୟ ବର୍ଷ ହୋଇଥିବା ବେଳେ ଭବିଷ୍ୟତରେ ଆହୁରି ସଫଳ ସଂସ୍କରଣ ପାଇଁ କମ୍ପାନୀ ଲକ୍ଷ୍ୟ ରଖିଥିବା କୁହାଯାଇଛି।

ସୂଚନାଯୋଗ୍ୟ, ଗତ ଅଗଷ୍ଟରୁ ଓଡ଼ିଶାର ୧୦ଟି ସହରରେ ଟ୍ରେଣ୍ଡ୍‌ସ ଷ୍ଟାଇଲ ଆଇକନ ଆରମ୍ଭ ହୋଇଥିବାବେଳେ ଏହାର ଅଡିଶନ ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ଯାଜପୁର, ସମ୍ବଲପୁର, ଝାରସୁଗୁଡ଼ା, ଅନୁଗୋଳ ଓ ରାଉରକେଲାରେ ଆୟୋଜିତ ହୋଇଥିଲା। ଏଥିରେ ଉଭୟ ଯୁବତୀ ଓ ଯୁବକମାନେ ଅଂଶଗ୍ରହଣ କରିଥିଲେ।




'ଟ୍ରେଣ୍ଡ୍‌ସ ଷ୍ଟାଇଲ ଆଇକନ ଆୱାର୍ଡ' ପାଇଥିବା ଐଶ୍ୱର୍ଯ୍ୟା ଓ ରମନ୍। (ଫଟୋ: ବିକାଶ ନାୟକ)



## #ମିଟୁ: ତିକ୍ତ ଅନୁଭୂତିର ଅଭିଯାନ

# 'ଅଫ୍‌ସ୍କ୍ରିନ୍‌ରେ ନାୟିକା କରିବାକୁ ଚାହିଁଥିଲେ'

ଏବେ ଦେଶବ୍ୟାପୀ ଚହଳ ପକାଇଛି '#ମିଟୁ' ଅଭିଯାନର ଝଡ଼। ସିନେମା ଜଗତ, ସାମ୍ବାଦିକତା ଆଦି ବିଭିନ୍ନ କ୍ଷେତ୍ରର କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ଆସିଛି ଯୌନ ନିର୍ଯାତନାର ଅଭିଯୋଗ। ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ପ୍ରତିଷ୍ଠିତ ମହିଳା ଓ ଯୁବତୀମାନେ ଏଭଳି ଅଭିଯୋଗ ଆଣି ଏହି ଅଭିଯାନକୁ ଜୋରଦାର କରିଛନ୍ତି। ବିଶେଷକରି ବଲିଉଡ୍‌ର ଅଭିନେତ୍ରୀ, ଗାୟିକାମାନେ ଏଥିରେ ସାମିଲ ହୋଇ ସେମାନଙ୍କ ପ୍ରତି ହୋଇଥିବା ଅସଦାଚରଣ ଘଟଣାକୁ ଲୋକଲୋଚନକୁ ଆଣୁଛନ୍ତି। ଫଳରେ ଅଭିଯୁକ୍ତମାନଙ୍କ ତାଲିକାରେ ଯୋଡ଼ି ହୋଇଯାଉଛି ଗୋଟିଏ ପରେ ଗୋଟିଏ ଚର୍ଚ୍ଚିତ ବ୍ୟକ୍ତିଙ୍କ ନାମ। ଏମାନଙ୍କ ମଧ୍ୟରେ ରହିଛନ୍ତି ଅଭିନେତା ନାନା ପାଟେକର, ଆଲୋକ ନାଥ, ଫିଲ୍ମ ନିର୍ଦ୍ଦେଶକ ବିକାଶ ବେହଲ, ଗୀତିକାର ଭୈରାମୁଥୁ ପ୍ରମୁଖ। ବଡ଼କଥା ହେଉଛି, ମହିଳା ସାମ୍ବାଦିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ କେନ୍ଦ୍ରମନ୍ତ୍ରୀ ଏମ.ଜେ. ଆକବର ବିବାଦୀୟ ହୋଇଛନ୍ତି। ନିକଟରେ ଓଡ଼ିଆ ଝିଅ ତଥା ବିଶିଷ୍ଟ ଗାୟିକା ସୋନା ମହାପାତ୍ର ଲୋକପ୍ରିୟ ଗାୟକ କୈଳାସ ଖେର୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଓଡିଆ ଚଳଚ୍ଚିତ୍ର ଜଗତରୁ ମଧ କେତେଜଣ ମହିଳା '#ମିଟୁ' ଅଭିଯାନରେ ସାମିଲ ହୋଇ ତିକ୍ତ ଅନୁଭୂତି କହିଥିବାବେଳେ ଅନେକେ ଭିନ୍ନ ଭିନ୍ନ ମତ ପ୍ରକାଶ କରିଛନ୍ତି।

- ରିପୋର୍ଟ: ସୌମ୍ୟରଞ୍ଜନ ଚୌଧୁରୀ, କଟକ



"ଓଡିଆ ଚଳଚ୍ଚିତ୍ର ଜଗତରେ ମୋ ସହ ଏଭଳି ଘଟଣା ଘଟିଛି। ଏକ ଫିଲ୍ମର ଶୁଟିଂ ବେଳେ ପ୍ରଯୋଜକଙ୍କ ମୋ ପ୍ରତି ଅନ୍ୟ ଉଦ୍ଦେଶ୍ୟ ଥିବା ଅନୁଭବ କରିବା ପରେ ମୁଁ ସେହି ଫିଲ୍ମରେ କାମ କରିବାକୁ ମନା କରିଥିଲି। ଜାଣିବାକୁ ପାଇଥିଲି ଯେ, ପ୍ରଯୋଜକଙ୍କ ଫିଲ୍ମ ନିର୍ମାଣ କରିବାରେ କିଛି ଆଗ୍ରହ ନ ଥିଲା ବରଂ ଫିଲ୍ମର ନାୟିକା ଅଫ୍‌ସ୍କ୍ରିନରେ ତାଙ୍କ ନାୟିକା ହେଉ ବୋଲି ସେ ଚାହୁଁଥିଲେ।

- ଏଲି ପାଢ଼ୀ, ଅଭିନେତ୍ରୀ



"କେବଳ ଓଲିଉଡ କାହିଁକି, ସବୁ କ୍ଷେତ୍ରରେ ଏଭଳି ଘଟଣା ଘଟୁଛି। ହେଲେ ଗ୍ଲାମର ଜୋନରେ ଏଭଳି ଘଟଣା ବେଶି ସାମ୍ନାକୁ ଆସୁଛି। ଓଡିଆ ଚଳଚ୍ଚିତ୍ର ଜଗତରେ ଏସବୁ ଘଟଣା ନବାଗତଙ୍କ ସହ ବେଶି ଘଟେ। ମୁଁ ଶର୍ଟକଟ୍‌ରେ ସଫଳତା ପାଇବାକୁ କେବେ ଚାହେଁନି, ତେଣୁ ଏସବୁଥିରୁ ମୁଁ ଦୂରେଇ ରୁହେ। ନାନା ପାଟେକରଙ୍କ ବିରୋଧରେ ତନୁଶ୍ରୀ ଦତ୍ତ କରିଥିବା ଅଭିଯୋଗକୁ ନେଇ ଯେଉଁମାନେ ଏବେ କହୁଛନ୍ତି ଯେ ଶସ୍ତା ପବ୍ଲିସିଟି ପାଇଁ ଏପରି ସେ କହିଛନ୍ତି, ମୁଁ କିନ୍ତୁ ତାହା ମାନିବି ନାହିଁ। ନିଶ୍ଚୟ କିଛି ସତ୍ୟତା ଥିବାରୁ ସେ ଏକଥା ସାମ୍ନାକୁ ଆଣିଛନ୍ତି।

- ଝିଲ୍ଲିକ, ଅଭିନେତ୍ରୀ



"ଆମ ଇଣ୍ଡଷ୍ଟ୍ରିରେ ଏଭଳି ଘଟଣା ଘଟିବା ମୁଁ ଅତି ନିକଟରୁ ଦେଖିଛି। ହେଲେ ଜୋର ଦେଇ କହିବି ଏସବୁ ଆପୋସ ବୁଝାମଣାରେ ହୁଏ। ହେଲେ ପରବର୍ତ୍ତୀ ସମୟରେ ଯେତେବେଳେ କାହାର ସ୍ୱାର୍ଥହାନି ହୁଏ, ସେ ଏଭଳି କଥା ସାମ୍ନାକୁ ଆଣେ। କେତେଜଣ ପ୍ରଯୋଜକ ନିଜ ବ୍ୟକ୍ତିଗତ ମନୋରଞ୍ଜନ ଏବଂ କେତେଜଣ କଳାକାର ରାତାରାତି ସଫଳତା ପାଇବା ପାଇଁ ଏଭଳି କାମ କରିବସନ୍ତି।

- ଅରୁଣ ମହାନ୍ତି, ବରିଷ୍ଠ ନିର୍ଦ୍ଦେଶକ



"ବର୍ତ୍ତମାନ ଚର୍ଚ୍ଚାରେ ଥିବା '#ମିଟୁ' ଅଭିଯାନ କିଛି ନୂଆ କଥା ନୁହେଁ। ଅତୀତରେ ଓଡ଼ିଆ ସିନେମା ଜଗତରେ କାଷ୍ଟିଂକାଉଚ ଘଟଣା ସାମ୍ନାକୁ ଆସିଥିଲା। ସେ ତନୁଶ୍ରୀ ହୁଅନ୍ତୁ ଅବା ଆଉ କେହି ଅଭିନେତ୍ରୀ, ଯେତେବେଳେ ଏହିଭଳି ଘଟଣା ସାମ୍ନାକୁ ବହୁ ବିଳମ୍ବରେ ଆଣୁଛନ୍ତି, ସେତେବେଳେ ସେମାନଙ୍କ ଅଭିଯୋଗ ପଛରେ କିଛି ଉଦ୍ଦେଶ୍ୟ ଥାଇପାରେ ବୋଲି ସନ୍ଦେହ ଆସିବା ମଧ ସ୍ୱାଭାବିକ।

- ଶ୍ରୀତମ ଦାସ, ଅଭିନେତା

## ବିଳମ୍ବିତ ରାତିରେ ଗୁଳିମାଡ଼

# ଠିକାଦାର ଗିରଫ: ବନ୍ଧୁକ, ଗୁଳି ଜବତ

**ପୁରୀ ଅଫିସ,୧୪।୧୦**



ଠିକାଦାରିକୁ କେନ୍ଦ୍ର କରି ଶନିବାର ବିଳମ୍ବିତ ରାତିରେ ଘଟିଥିବା ଗୁଳିମାଡ଼ ଘଟଣାରେ ସମୁଦ୍ରକୂଳ ଥାନା ପୋଲିସ ରବିବାର ଜଣେ ଠିକାଦାରଙ୍କୁ ଗିରଫ କରିଛି। ସେ ହେଲେ ପିକେଡିଏ ଛକର ଏମ୍.ଡି. ସାମସୁଦ୍ଦିନ। ତାଙ୍କଠାରୁ ପୋଲିସ ୯ ଏମ୍‌ଏମ୍‌ର ଏକ ବନ୍ଧୁକ, ଗୋଟିଏ ଖୋକା ଓ ଗୁଳି ଜବତ କରିଛି।

ପୋଲିସ ସୂଚନାନୁସାରେ, ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ଅଶୋକ ମହାପାତ୍ର ନାମକ ଜଣେ ବ୍ୟକ୍ତି ପୁରୀ ପୌରସଂସ୍ଥାଠାରୁ ଟେଣ୍ଡର ପାଇଛନ୍ତି। ମିଳନ ମିଶ୍ର ଓ ଆକୁନା ପରିଡା ଏହାର କାର୍ଯ୍ୟ ତଦାରଖ କରୁଥିଲେ। ବସ୍‌ଷ୍ଟାଣ୍ଡ ପରିସରରେ ଏକ ଆଶ୍ରୟ ସ୍ଥଳ ନିର୍ମାଣ ଲାଗି ଏମ୍. ଆସଲମଙ୍କ ଜରିଆରେ ମିଳନ ଓ ଆକୁନାଙ୍କଠାରୁ ଠିକାଦାର ସାମସୁଦ୍ଦିନ ୨ଲକ୍ଷ ୭୭ ହଜାର ଟଙ୍କାର କାମ ନେଇଥିଲେ। ଏ ବାବଦକୁ ସେ ୨ଲକ୍ଷ ୧୦ହଜାର ଟଙ୍କା ପାଇ ସାରିଥିଲେ। ତେବେ ବଳକା ୬୭ ହଜାର ଟଙ୍କା ଲାଗି ସେ ମିଳନ ଓ ଆକୁନାଙ୍କୁ ବାରମ୍ବାର ମାଗିଥିଲେ। ଏହା ମଧ୍ୟରେ ୨ମାସ ବିତିଯାଇଥିଲା। ଟଙ୍କା ଫେରି ନ ପାଇବାରୁ ଉଭୟଙ୍କୁ ଶନିବାର ଅର୍ବାନ ହାଟ ନିକଟକୁ ଡକାଇଥିଲା ସାମସୁଦ୍ଦିନ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ସେ ଆସଲମ୍‌ଙ୍କୁ ସେଠାକୁ ଡାକି ମଧ୍ୟସ୍ଥ ଥିବାରୁ ଟଙ୍କା ଦେବାକୁ ବାଧ କରିଥିଲେ। ପରେ ଆସଲମଙ୍କୁ ଲକ୍ଷ୍ୟ କରି ଗୁଳିମାଡ଼ କରିଥିଲେ। ମାତ୍ର ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା। ଏହାପରେ ପୁଣି ଏକ ବ୍ଲାଙ୍କ୍ ଫାଏରିଙ୍ଗ କରିଥିଲେ। ଖବରପାଇ ସମୁଦ୍ରକୂଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସାମସୁଦ୍ଦିନଙ୍କୁ ଧରିଥିଲା। ଆସଲମଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ଠିକାଦାର ସାମସୁଦ୍ଦିନଙ୍କୁ ଗିରଫ କରିଥିଲା।

# ଏସ୍‌ସିବିରେ ୭୯ ଡେଙ୍ଗୁ ରୋଗୀ

**କଟକ ଅଫିସ, ୧୪।୧୦**

ରବିବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ୭୯ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୬୯ ରୋଗୀ ୱାର୍ଡରେ ଚିକିତ୍ସିତ ହେଉଥିବାବେଳେ ୧୦ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପକ୍ଷରେ ରବିବାର ମେଡିକାଲରେ ପରୀକ୍ଷା କରାଯାଇଥିବା ୪୬ଟି ରକ୍ତ ନମୁନାରୁ ୧୪ଟିରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରେ କଟକରୁ ୩, ବାଲେଶ୍ୱରରୁ ୩, ଜଗତ୍‌ସିଂହପୁର ୪, କେନ୍ଦ୍ରାପଡ଼ାର ୨, ଯାଜପୁର ଓ ମୟୂରଭଞ୍ଜର ଜଣେ ଲେଖାଏଁ ରହିଛନ୍ତି।

## ଫଟୋରେ ଖବର




ଭୁବନେଶ୍ୱର ସୂଚନା ଭବନଠାରେ ରବିବାର ଶୈଶବ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ 'କଲାମଙ୍କ ସ୍ମୃତିରେ ଗୋଟିଏ ଦିନ' କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ଓ ଅନ୍ୟ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।




ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରଠାରେ ଭାରତୀୟ ଇତିହାସ ସଂକଳନ ସମିତି ଓଡ଼ିଶା ପକ୍ଷରୁ ରବିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା 'ଇତିହାସାୟନ'ର ବିଜୟା ଦଶମୀ ବିଶେଷାଙ୍କ ଏବଂ 'ସରସ୍ୱତୀ ନଦୀର କାହାଣୀ'କୁ ଉନ୍ମୋଚନ କରୁଛନ୍ତି।



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ତୁଳସୀ ଦାସ

# ଏଯାଏ ମିଳିଲାନି ରଥ ପୁରସ୍କାର

ପୁରୀ ଅଫିସ, ୧୪।୧୦



■ ବିଳମ୍ବକୁ ନେଇ ସେବାୟତଙ୍କ ମଧରେ ଅସନ୍ତୋଷ
■ ଜବାବ ଦେବାକୁ ଦାନା ବାନ୍ଧୁଛି ସେବାୟତ ମେଳି
■ ଶ୍ରୀମନ୍ଦିର ନୀତି ଓ ପରମ୍ପରା ପ୍ରଭାବିତ ହେବା ଆଶଙ୍କା

ଚଳିତବର୍ଷ ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିଲା। ରଥଯାତ୍ରା ଏବଂ ବାହୁଡା ପହଣ୍ଡି ନିର୍ଦ୍ଧାରିତ ସମୟ ପୂର୍ବରୁ ମଧ ସରିଥିଲା। ରଥଯାତ୍ରା ଶୃଙ୍ଖଳିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ବାହାବା ମିଳିଥିଲା। କିନ୍ତୁ ଏହି ସଫଳତା ପଛରେ ସେବାୟତଙ୍କର ପ୍ରମୁଖ ଭୂମିକା ଥିଲା। ରଥଯାତ୍ରା ପୂର୍ବରୁ ପ୍ରଶାସନକୁ ଦେଇଥିବା ପ୍ରତିଶ୍ରୁତି ସେମାନେ ରକ୍ଷା କରିଥିଲେ। ଇତିମଧ୍ୟରେ ରଥଯାତ୍ରାକୁ ୩ ମାସ ପୂରିଛି। ହେଲେ ସେବାୟତଙ୍କୁ ଏପର୍ଯ୍ୟନ୍ତ ରଥ ପୁରସ୍କାର (ପାଉଣା) ମିଳିନାହିଁ। ଏହାକୁ ନେଇ ସେବକଙ୍କମଧ୍ୟରେତୀବ୍ରଅସନ୍ତୋଷପ୍ରକାଶପାଇଛି।

ପ୍ରତିବର୍ଷ ରଥଯାତ୍ରା ଶେଷ ହେବାର ମାସେ କିମ୍ବା ଦେଢମାସ ଭିତରେ ସବୁ ନିଯୋଗକୁ ରଥ ପୁରସ୍କାର ପ୍ରଦାନ କରାଯାଇଥାଏ। କିନ୍ତୁ ଚଳିତବର୍ଷ ଏହା ପ୍ରଦାନରେ ଅହେତୁକ ବିଳମ୍ବ ହେଲାଣି। ଏହା ଭିତରେ ଦଶହରା ଆସିଯାଇଛି। ସେବାୟତମାନେ ଏହି ରଥ ପାଉଣାକୁ ଦଶହରା ଭେଟି ଭାବି ଖର୍ଚ୍ଚ କରିଥାନ୍ତି। ଦଶହରା ଭିତରେ ଏହି ପୁରସ୍କାର ମିଳିବା ଆଶା କ୍ଷୀଣ ହେଉଥିବାରୁ ସେବାୟତମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଅକ୍ଟୋବର ମାସ ଅଧା ହେବାକୁ ବସିଥିଲେ ବି ସେପ୍ଟେମ୍ବର ମାସର ପାଳିଆ ପୁରସ୍କାର ପ୍ରଦାନ କରାଯାଇ ନାହିଁ। ପାଳି ଖଟି ଗୁଜରାଣ ମେଣ୍ଟାଉଥିବା ସେବକ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଛି।

ଅନ୍ୟପକ୍ଷରେ ଜଗମୋହନ ମରାମତି ପାଇଁ ଗର୍ଭଗୃହ ଦର୍ଶନ ବନ୍ଦ ରହିଥିବାରୁ ସେବାୟତଙ୍କୁ କ୍ଷତିପୂରଣ ଦିଆଯାଉଥିଲା। ଜଗମୋହନ କାମ ଶେଷ ପରେ ଭିତରକାଠ ଦର୍ଶନ ଆରମ୍ଭ ହୋଇଥିଲେ ହେଁ ଗର୍ଭଗୃହ ଦର୍ଶନ ବନ୍ଦ ରହିଛି। ଗର୍ଭଗୃହ ଦର୍ଶନ ବନ୍ଦ ରହିଥିବାରୁ କ୍ଷତିଗ୍ରସ୍ତ ହେଉଥିବା ସେବାୟତଙ୍କୁ ଗତ ୩ ମାସ ହେଲା ପ୍ରୋତ୍ସାହନ ରାଶି ଦିଆଯାଉ ନାହିଁ। ଶ୍ରୀମନ୍ଦିର ସଂସ୍କାରକୁ ନେଇ ସେବାୟତମାନେ ଅସନ୍ତୁଷ୍ଟ ରହିଛନ୍ତି। ଏପରିସ୍ଥଳେ ପ୍ରାପ୍ୟ ପାଉଣା ପ୍ରଦାନରେ ବିଳମ୍ବ ସେମାନଙ୍କ ମାନସିକ ସ୍ଥିତିକୁ ଆହୁରି ପ୍ରଭାବିତ କରିଛି। ପୁଣି ହିଂସା ପରେ ପୋଲିସର ଗିରଫଦାରି ଜାରି ରହିଛି। ହିଂସାରେ ଜଡ଼ିତ ସେବାୟତଙ୍କୁ ଗିରଫ କରାଗଲେ ଏହାର ଉପଯୁକ୍ତ ଜବାବ ଦେବାକୁ ସେବାୟତ ମେଳି ବାନ୍ଧୁଥିବା ଜଣାପଡିଛି। ଏପରି କି ନୀତି ସବ୍ କମିଟି ବୈଠକରେ ଜଣେ ସେବାୟତ ଓ ଏସ୍‌ପି ମୁହାଁମୁହିଁ ହୋଇଥିବା ସୂଚନା ମିଳିଛି। ଦାମ ମହାସୁଆର ଗିରଫ ହେଲେ ଭୋଗମଣ୍ଡପ ବନ୍ଦ ହୋଇପାରେ ବୋଲି ଜଣେ ସେବାୟତ ଉକ୍ତ ବୈଠକରେ ଏସ୍‌ପିଙ୍କୁ ସୂଚାଇ ଦେଇଥିବା ଶୁଣିବାକୁ ମିଳୁଛି। ସେବାୟତଙ୍କ ଅସନ୍ତୋଷ ଶ୍ରୀମନ୍ଦିରରେ ଭିନ୍ନ ବାତାବରଣ ସୃଷ୍ଟି କରୁଥିବାବେଳେ ଦିନକୁ ଦିନ ସ୍ଥିତି ବିଗିଡିବାରେ ଲାଗିଛି।

ସୂଚନା ମୁତାବକ, ରଥ ପୁରସ୍କାର ବା ପାଉଣା ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ସେବାୟତ ନିଯୋଗକୁ ଦେଇଥାଏ। ନିଯୋଗ କର୍ମକର୍ତ୍ତା ସମସ୍ତ ସଦସ୍ୟଙ୍କୁ ଭାଗବାଣ୍ଟି ଦେଇଥାନ୍ତି। ଯେହେତୁ ଦଶହରା ପୂର୍ବରୁ ଏହା ମିଳିଥାଏ ତେଣୁ ଏହା ଅନେକ ସେବାୟତ ପରିବାରର ଦଶହରା ଖର୍ଚ୍ଚକୁ ଭରଣା କରିଦିଏ। ତେଣୁ ସମସ୍ତେ ଏହି ଅର୍ଥକୁ ଅପେକ୍ଷା କରିଥାନ୍ତି। ଗତ କିଛିବର୍ଷ ଧରି ବିଭ୍ରାଟ ସତ୍ତ୍ୱେ ଦଶହରା ପୂର୍ବରୁ ରଥ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଚଳିତବର୍ଷ କ'ଣ ପାଇଁ ବିଳମ୍ବ ହୋଇଛି ତାହା ସ୍ପଷ୍ଟ ହେଉ ନ ଥିବାରୁ ଏହାର ପ୍ରଭାବ ମହାପ୍ରଭୁଙ୍କ ପୂଜାନୀତି ଓ ପରମ୍ପରା ଉପରେ ପଡିବ ବୋଲି ଆଶଙ୍କା ପ୍ରକାଶ ପାଇଛି।






ଭୁବନେଶ୍ୱର ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ନିକଟ ପଡ଼ିଆରେ ରବିବାର ଆର୍‌ଏସ୍‌ଏସ୍ ପକ୍ଷରୁ ବିଜୟା ଦଶମୀ ଉତ୍ସବ ପାଳନ ଅବସରରେ ସଂଘର ସ୍ୱୟଂସେବକମାନେ ଦଣ୍ଡ ବ୍ୟାୟାମ ଯୋଗ ପ୍ରଦର୍ଶନ କରୁଛନ୍ତି (ବାମ) ଓ ମଞ୍ଚରେ ଉପସ୍ଥିତ ଅତିଥି।

# ରାଷ୍ଟ୍ରର ବିକାଶ ପାଇଁ ନିଷ୍କପଟ ଦେଶଭକ୍ତି ଆବଶ୍ୟକ

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

ଶକ୍ତି ବିନା ଭକ୍ତି ନାହିଁ। ବର୍ତ୍ତମାନର ସମାଜରେ ସଙ୍ଗଠିତ ଶକ୍ତିର ଆବଶ୍ୟକତା ରହିଛି। ସେଥିଲାଗି ସଂଘ ହିନ୍ଦୁ ସଙ୍ଗଠନ କରୁଛି। ଛଳନାତ୍ମକ ଦେଶଭକ୍ତି ଆଉ ଚାଲିବ ନାହିଁ। ରାଷ୍ଟ୍ରକୁ ବିକଶିତ କରିବାକୁ ହେଲେ ନିଷ୍କପଟ ଦେଶଭକ୍ତି ଆବଶ୍ୟକ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବପ୍ରାନ୍ତ ସହକାର୍ଯ୍ୟବାହ ସୁଦର୍ଶନ ଦାସ କହିଛନ୍ତି। ରବିବାର ଆରଏସ୍‌ଏସ୍ ଭୁବନେଶ୍ୱର ମହାନଗର ତରଫରୁ ବିଜୟାଦଶମୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଦାସ ଯୋଗଦେଇ କହିଥିଲେ ଯେ, ଦେଶକୁ ମା' ବୋଲି ଭାବୁଥିବା ପ୍ରତ୍ୟେକ ବ୍ୟକ୍ତି ହିନ୍ଦୁ। ସତ୍ୟ ଏକ, ହେଲେ ପଥ ଅନେକ। ଯିଏ ହୀନମନ୍ୟତାକୁ ଗ୍ରହଣ କରେନାହିଁ, ସିଏ ହିନ୍ଦୁ। ଭାରତ ବର୍ଷରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିର ଉପାସନା ପଦ୍ଧତି ଯାହାହେଉନା କାହିଁକି, ତା' ଭିତରେ ଯଦି ଦେଶଭକ୍ତିର ଭାବ ରହିଛି ସେ ହିନ୍ଦୁ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତ୍ୟେକ ହିନ୍ଦୁଙ୍କୁ ସଙ୍ଗଠିତ କରିବାକୁ ଚାହୁଁଛି। ତା'ର ପ୍ରତିଷ୍ଠାଠାରୁ ଆଜି ପର୍ଯ୍ୟନ୍ତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଭାରତ ବର୍ଷର ପ୍ରତ୍ୟେକ ବ୍ୟକ୍ତିର ମନ ମସ୍ତିଷ୍କରେ ଦେଶଭକ୍ତିର ଭାବ ଭରିଦେବା ଏବଂ ପ୍ରତ୍ୟେକ ଯୁବକର ବାହୁରେ ଶକ୍ତି ଭରିଦେବା ପାଇଁ ଚେଷ୍ଟା କରିଆସୁଛି ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷା ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ହୋଟେଲ ମ୍ୟାନେଜ୍‌ମେଣ୍ଟ ବିଭାଗର ଅଧକ୍ଷ ଶିତିକଣ୍ଠ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ବର୍ତ୍ତମାନର ଦୁନିଆରେ ଯେତେବେଳେ ମଣିଷ ନିଜ ଛଡ଼ା ଅନ୍ୟ କିଛି ଚିନ୍ତା କରୁନାହିଁ ସେ ସମୟରେ ନିଜଠାରୁ ଦେଶକୁ ଅଧିକ ଭଲପାଉଥିବା ସ୍ୱୟଂସେବକମାନେ ମାର୍ଗଦର୍ଶକ ଅଟନ୍ତି। ଯଦି ଜଣେ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ନ ଥିବ, ସେ କେବେ ଦେଶର ବିକାଶ କରିପାରିବ ନାହିଁ। ତେଣୁ ଗୋଟିଏ ଉନ୍ନତ ରାଷ୍ଟ୍ର ଗଠନ ପାଇଁ ତା'ର ନାଗରିକମାନେ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ରହିବା ନିତାନ୍ତ ଆବଶ୍ୟକ। କାର୍ଯ୍ୟକ୍ରମରେ ମହାନଗର ସଂଘ ଚାଳକ ଡ. ବସନ୍ତ ପତି ସଭାପତିତ୍ୱ କରିଥିଲେ। ମହାନଗର ସହକାର୍ଯ୍ୟବାହ ସୁବ୍ରତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ୫୦୦ରୁ ଊର୍ଦ୍ଧ୍ୱ ସ୍ୱୟଂସେବକଙ୍କ ଦ୍ୱାରା ଚିତ୍ତାକର୍ଷକ ଶାରୀରିକ ଏବଂ ଘୋଷର ପ୍ରଦର୍ଶନ ହୋଇଥିଲା। ଶେଷରେ ସ୍ୱୟଂସେବକମାନେ ଘୋଷ ବାଦ୍ୟ ସହ ଭବ୍ୟ ପଥସଞ୍ଚାଳନରେ ବାହାରି ନଗର ପରିକ୍ରମା କରିଥିଲେ।






# ମା' କୋଳରୁ ଶିଶୁପୁତ୍ରକୁ ଝାମ୍ପି ନେବାକୁ ଉଦ୍ୟମ

## ଗୁରୁତର ମା'ପୁଅଙ୍କୁ କଟକ ସ୍ଥାନାନ୍ତର

ସାଲେପୁର, ୧୪।୧୦(ଡି.ଏନ.ଏ.)



କଟକ ଜିଲା ସାଲେପୁର ବଜାର ନିକଟରେ ଥିବା ହାଇସ୍କୁଲ ଗେଟ୍ ଆଗରେ ରବିବାର ରାତି ୧୧ଟାରେ ପ୍ରାୟ ଏକ ବର୍ଷର ଶିଶୁ ପୁତ୍ରକୁ ମା'କୋଳରୁ ଝାମ୍ପି ନେବାକୁ ଉଦ୍ୟମ ହୋଇଛି। ମହିଳା ଜଣଙ୍କ ହାଇସ୍କୁଲ ଗେଟ୍ ଆଗରେ ବସିଥିବାବେଳେ ହଠାତ୍ ୨ଜଣ ମହିଳା ଆସି ତାଙ୍କ କୋଳରୁ ଶିଶୁ ପୁତ୍ରକୁ ଝାମ୍ପି ଥିଲେ। ତେବେ ଏହି ସମୟରେ ସମ୍ପୃକ୍ତ ମହିଳା ଜଣଙ୍କ ତାଙ୍କ ଶିଶୁ ପୁତ୍ରକୁ ନ ଛାଡ଼ିବାରୁ ସେମାନଙ୍କ ମଧ୍ୟରେ ଟଣାଓଟରା ହୋଇଥିଲା। ଏପରି କି ୨ ମହିଳା ସମ୍ପୃକ୍ତ ମହିଳା ଓ ତାଙ୍କ ଶିଶୁପୁତ୍ରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣା ବେଶ୍ କିଛି ସମୟ ଧରି ଚାଲିବା ପରେ ସେଠାରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଏହା ଦେଖି ଶିଶୁ ପୁତ୍ରକୁ ଝାମ୍ପିବାକୁ ଆସିଥିବା ମହିଳା ଦ୍ୱୟ କୌଶଳ କ୍ରମେ ଫେରାର ହୋଇ ଯାଇଥିଲେ। ପରେ ସ୍ଥାନୀୟଲୋକେ ମା'ପୁଅଙ୍କୁ ଉଦ୍ଧାର କରି ସାଲେପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ସାଲେପୁର ପୋଲିସ ଡାକ୍ତରଖାନାରେ ପହଞ୍ଚିଥିଲା। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ମହିଳା ଜଣଙ୍କ ଠିକ୍‌ରେ କଥା କହି ପାରୁ ନ ଥିବାରୁ ତାଙ୍କ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ମିଳି ପାରିନାହିଁ। କେବେଳ ସେ ତାଙ୍କ ନାମ ମଞ୍ଜୁ ସିଂ ଓ ଘର ଜଗତ୍‌ପୁର ଥାନା ତାଳବଣିଆ ଅଞ୍ଚଳର ବୋଲି କହିବା ସହ ସାଲେପୁର ଜେଲରେ ଥିବା ତାଙ୍କ ସ୍ୱାମୀଙ୍କୁ ଦେଖା କରିବାକୁ ଆସିଥିବା କହିଥିଲେ। ଅନ୍ୟପକ୍ଷରେ ସେ ତାଙ୍କ ସ୍ୱାମୀଙ୍କର ଯେଉଁ ନା କହିଥିଲେ ସେପରି କେହି କଏଦୀ ଜେଲରେ ନାହାନ୍ତି ବୋଲି ଜେଲର ସୂଚନା ଦେଇଛନ୍ତି।






@ ଶୁଭ୍ରମ



@ ଅର୍ଚ୍ଚିତା



@ ଗାୟତ୍ରୀ



@ ଲିଙ୍ଗରାଜ



@ ଜଗନ



@ ଲିପୁନ୍



@ ଧର୍ମ



@ ରାଣୀଲତା



“ଶତ୍ରୁଙ୍କୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକାରୀ ଶକ୍ତି।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ବିଶ୍ୱ ଧଳାବାଡ଼ି ଦିବସ, ଟ୍ରେନିଂ ସେଣ୍ଟର୍ ଫର୍ ଦି ଟିଚର୍ସ ଅଫ୍ ଦି ଭିଜୁଆଲି ହ୍ୟାଣ୍ଡିକାପ୍ଡ ପରିସର, ୟୁନିଟ୍-୮, ସକାଳ ୮ଟା।
- ସାମାଜିକ ସଙ୍ଗଠନ 'ଅବିନାଶ' ପକ୍ଷରୁ ଜାତୀୟ ସମ୍ମାନ ପ୍ରଦାନ ସମାରୋହ, ସୂଚନା ଭବନ, ସକାଳ ୯ଟା।
- ବିଚ୍ଛନ୍ଦ ଟ୍ରଷ୍ଟ ଅଫ୍ ୱେଲଫେୟାର୍ ପକ୍ଷରୁ ବିଶ୍ୱ ଧଳାବାଡ଼ି ଦିବସ, ମହାବୋଧି ସୋସାଇଟି, ୟୁନିଟ୍-୯, ପୂର୍ବାହ୍ନ ୧୧ଟା।
- ଯାଜପୁର ଏକତା ମଞ୍ଚ ପକ୍ଷରୁ ସତ୍ୟାଗ୍ରହ, ରାଜଭବନ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଭାରତରତ୍ନ ଡ. ଏ.ପି.ଜେ. ଅବଦୁଲ୍ କଲାମଙ୍କ ଜୟନ୍ତୀ, ଡୁମୁଡୁମା ପ୍ରତିଭା ଆଶ୍ରମ, ସୟଦ ମମତାଜ୍ ଅଲ୍ଲୀ ସ୍କୁଲ ପଛ, ଅପରାହ୍ନ ୩ଟା।
- ପୁରୁଣା ଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଷଷ୍ଠୀରେ ବିଲ୍ୱାଧିବାସ, ଅପରାହ୍ନ ୩ଟା ୪୫।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ଦୁର୍ଗାପୂଜା, ଷଷ୍ଠୀରେ ବିଲ୍ୱବରଣ ଓ ଦେବୀଙ୍କ ଆମନ୍ତ୍ରଣ ଅଧିବାସ, ପୂଜା ମଣ୍ଡପ, ଅପରାହ୍ନ ୩ଟା ୪୫।
- ସାର୍ବଜନୀନ ଦୁର୍ଗାପୂଜା ସମିତି, ରୁଚିକା ବଜାର ବରମୁଣ୍ଡା ପକ୍ଷରୁ ଦୁର୍ଗାପୂଜା, ଷଷ୍ଠୀରେ ବିଲ୍ୱବରଣ, ଦେବୀଙ୍କ ଆମନ୍ତ୍ରଣ, ପୂଜା ମଣ୍ଡପ, ଅପରାହ୍ନ ୩ଟା ୪୫। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା।
- ସଂଘ ଶ୍ରୀ କ୍ଲବ ପକ୍ଷରୁ ଦୁର୍ଗାପୂଜା, ଷଷ୍ଠୀରେ ବିଲ୍ୱାଧିବାସ, ବେଙ୍ଗଲି କଲୋନୀ ଦୁର୍ଗାପୂଜା ମଣ୍ଡପ, ଲକ୍ଷ୍ମୀସାଗର, କଟକ ରୋଡ୍, ଅପରାହ୍ନ ୩ଟା ୪୫।
- 'ଏଲିନା ଫ୍ୟାନ୍ ସଙ୍ଗ୍'ର ଅଡିଓ ରିଲିଜ୍, ବିଳାସିନୀ ମଣ୍ଡପ, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଅପରାହ୍ନ ୪ଟା।
- କଳିଙ୍ଗ ଏଜୁକେଶନାଲ୍ ଆଣ୍ଡ ସୋସିଆଲ୍ ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ଭାରତରତ୍ନ ଡ. ଏ.ପି.ଜେ. ଅବଦୁଲ୍ କଲାମଙ୍କ ଜୟନ୍ତୀ, ସିଓ୍ୱାଇଏସ୍‌ଡି, ଅପରାହ୍ନ ୫ଟା।
- ଭିଏସ୍ଏସ୍ ନଗର ଦୁର୍ଗାପୂଜା ସମିତି ପକ୍ଷରୁ ଦୁର୍ଗାପୂଜା, ଷଷ୍ଠୀ ପୂଜାରେ ବିଲ୍ୱାଧିବାସ, ଅପରାହ୍ନ ୫ଟା ୩୦।
- ଓଡ଼ିଆ ମିଡିଆ ପକ୍ଷରୁ ଓଡ଼ିଶା ଉତ୍କର୍ଷ ସମ୍ମାନ ପ୍ରଦାନ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- 'ଚଳଚ୍ଚିତ୍ର ଅଭିଲେଖ, ସଂରକ୍ଷଣ ଏବଂ ପୁନଃ ଉଦ୍ଧାର' ଶୀର୍ଷକ ସ୍ୱତନ୍ତ୍ର ସମ୍ମାନ, ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।
- ଦାଣ୍ଡିଆ ଉତ୍ସବ ଓ ଭଜନ ଅଡିଓ ସିଡୀ ଉନ୍ମୋଚନ, ଓଏଏସ୍ ଆସୋସିଏଶନ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- ନ୍ୟାଶନାଲ ଇଣ୍ଟିଗ୍ରେଶନ ଦାଣ୍ଡିଆ ଫେଷ୍ଟିଭାଲ, ଯାତ୍ରା ପଡ଼ିଆ(ସାଲିଆସାହି), ରାତି ୭ଟା।
- କଟକ ରୋଡ୍ ବ୍ୟବସାୟୀ ସଂଘ ଦୁର୍ଗାପୂଜା ସମିତି ପକ୍ଷରୁ ଷଷ୍ଠୀ ପୂଜା, ଲକ୍ଷ୍ମୀସାଗର ଛକ, ରାତି ୭ଟା ୧୩।
- ଡିଷ୍ଟ୍ରିକ୍ଟ ସେଣ୍ଟର ଦୁର୍ଗାପୂଜା କମିଟି ପକ୍ଷରୁ ଷଷ୍ଠୀ ପୂଜା, ମୋହିନୀ କମ୍ପ୍ଲେକ୍ସ ପାର୍ଶ୍ୱ, ଚନ୍ଦ୍ରଶେଖରପୁର, ରାତି ୭ଟା ୫୩।

## ୨୪ ଘଣ୍ଟାରେ ୬ ଲୁଟ୍: ଜଣେ ଗିରଫ

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ): ପୂଜା ଘଡିରେ ରାଜଧାନୀରେ ମାତିଛନ୍ତି ଲୁଟେରା। ରାଜଧାନୀର ୟୁନିଟ୍-୧ ମାର୍କେଟ, ମାର୍କେଟ ବିଲ୍ଡିଂ ଅଞ୍ଚଳ ଏବଂ ନୟାପଲ୍ଲୀ ଅଞ୍ଚଳରେ ଶନିବାର ସନ୍ଧ୍ୟାରୁ ରବିବାର ସନ୍ଧ୍ୟା ମଧ୍ୟରେ ୬ଟି ଲୁଟ୍ ଘଟଣା ଘଟିଛି। ଲୁଟେରାମାନେ ପର୍ସ ଓ ମୋବାଇଲ୍ ଲୁଟି ନେଇଛନ୍ତି। ଏ ନେଇ କ୍ୟାପିଟାଲ ଥାନା ଏବଂ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। କ୍ୟାପିଟାଲ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ।ସ ହେଲେ ବାପୁଜୀନଗର କେଦାରପଲୀ ବସ୍ତିର ବାଞ୍ଛା ନାୟକ(୨୨)। ତାଙ୍କ ନିକଟରୁ ପୋଲିସ ଗୋଟିଏ ମୋବାଇଲ୍ ଓ ପର୍ସ ଜବତ କରିଛି। ଏ ନେଇ ଦଫା ୩୭୯ରେ ଏକ ମାମଲା(୪୩୬/୧୮) ରୁଜୁ ହୋଇଛି। ସୂଚନା ମୁତାବକ, ଗଙ୍ଗନଗରରେ ରହୁଥିବା ନାରାୟଣ ନିଶଙ୍କ ଏକ ନମ୍ବର ମାର୍କେଟକୁ ଶନିବାର ରାତି ପ୍ରାୟ ୭ଟାରେ ଆସିଥିଲେ। ସେ ମାର୍କେଟିଂ କରୁଥିବା ସମୟରେ ବାଞ୍ଛା ତାଙ୍କ ପକେଟରୁ ମୋବାଇଲ ଓ ପର୍ସ ଲୁଟି ନେଇଥିଲେ। ନାରାୟଣ ପାଟି କରିବାରୁ ସ୍ଥାନୀୟ ଲୋକେ ବାଞ୍ଛାଙ୍କୁ କାବୁ କରି ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ। ଏ ନେଇ ନାରାୟଣ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ସେହିଭଳି ରବିବାର ସନ୍ଧ୍ୟାରେ କ୍ୟାପିଟାଲ ଥାନା ମାର୍କେଟ ବିଲ୍ଡିଂରୁ ୪ଜଣଙ୍କଠାରୁ ଲୁଟ ହୋଇଛି। ସେମାନଙ୍କ ମଧ୍ୟରେ ୩ ମହିଳା ଥିବାବେଳେ ଜଣେ ପୁରୁଷ ଅଛନ୍ତି। ମାର୍କେଟରେ କିଣାକିଣି କରୁଥିବା ସମୟରେ ଗହଳିର ସୁଯୋଗ ନେଇ ଲୁଟେରାମାନେ ଏହି ଲୁଟ୍ କରିଛନ୍ତି। ସେହିଭଳି ନୟାପଲ୍ଲୀ ଥାନା ସିଆରପି ଛକରେ ଜଣେ ବ୍ୟକ୍ତିଙ୍କଠାରୁ ମୋବାଇଲ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ପୂଜା ସମୟରେ ଲୁଟେରା ଏଭଳି ଲୁଟପାଟ କରୁଥିବାରୁ ପୋଲିସର ଚିନ୍ତା ବଢ଼ିଯାଇଛି।

■ ପ୍ରଫେସରଙ୍କଠାରୁ ୧.୩୫ ଲକ୍ଷ ଲୁଟ୍ ଘଟଣା

# ଏତଲା ନକଲ ପାଇଁ ୪ଦିନ ଦୌଡ଼ିଲେଣି

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

କୌଣସି ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବାର ୨୪ ଘଣ୍ଟା ମଧ୍ୟରେ ଏତଲାର ନକଲ ଅଭିଯୋଗକାରୀଙ୍କୁ ପ୍ରଦାନ କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ କମିଶନରେଟ ପୋଲିସର ଅଧିକାଂଶ ଥାନା ଏହି ନିର୍ଦ୍ଦେଶକୁ ବାରମ୍ବାର ଉଲ୍ଲଂଘନ କରୁଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମଞ୍ଚେଶ୍ୱର ଥାନାରେ। ଏକ ଲୁଟ୍ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ଦୂରର କଥା, ଅଭିଯୋଗକାରୀଙ୍କୁ ଏତଲାର ନକଲ ମଧ୍ୟ ଦେଉନାହିଁ। ଅଭିଯୋଗକାରୀ ପ୍ରଭାସ ଚନ୍ଦ୍ର ଦାଶ ଏତଲାର ନକଲ ନେବା ଲାଗି ୪ଦିନ ହେଲା ଥାନାକୁ ଦୌଡୁଥିଲେ ମଧ୍ୟ ତାଙ୍କୁ ଫେରାଇ ଦିଆଯାଉଛି। ଥାନାରୁ ନିରାଶ ହେବା ପରେ ସେ ରବିବାର ଗଣମାଧ୍ୟମ ସମ୍ମୁଖରେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



ଅଭିଯୋଗକାରୀ ପ୍ରଭାସ ଚନ୍ଦ୍ର ଦାଶ।

ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅଧୀନ ପଳାଶୁଣୀ ବ୍ୟାଙ୍କର୍ସ କଲୋନୀ ପ୍ଲଟ ନଂ. ୨୨ରେ ପ୍ରଭାସ ଚନ୍ଦ୍ର ଦାଶ ରୁହନ୍ତି। ସେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଗଣିତ ପ୍ରଫେସର ଅଛନ୍ତି। ବର୍ଷେ ତଳେ କ୍ୟାମ୍ପସ ପରିସରରେ ଦେବାଶିଷ ନାମକ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ଗଢ଼ିଉଠିଥିଲା। ଗତ ୮ ତାରିଖରେ ପ୍ରଭାସ ବ୍ୟାଙ୍କରୁ ୧ ଲକ୍ଷ ୩୫ ହଜାର

### ମାମଲା ରୁଜୁ କରିବାକୁ ପୋଲିସର ପଛଘୁଞ୍ଚା

ଟଙ୍କା ଉଠାଇ ଫେରୁଥିବାବେଳେ ବ୍ୟାଙ୍କର୍ସ କଲୋନୀରେ ଦେବାଶିଷଙ୍କ ସହ ତାଙ୍କର ଦେଖା ହୋଇଥିଲା। ଏହି ସମୟରେ ଦେବାଶିଷ ହଠାତ ପ୍ରଭାସଙ୍କୁ ଧକ୍କା ମାରି ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡ଼ାଇନେଇ ଚମ୍ପଟ ମାରିଥିଲେ। ଏ ନେଇ ପ୍ରଭାସ ତୁରନ୍ତ ଦେବାଶିଷଙ୍କ ପରିବାର ଲୋକଙ୍କୁ ଏ ନେଇ ଜଣାଇଥିଲେ। କିନ୍ତୁ ୩ଦିନ ବିତିଯିବା ପରେ ମଧ୍ୟ ପରିବାର ଲୋକେ କୌଣସି ସହଯୋଗ କରି ନ ଥିଲେ। ଶେଷରେ ନିରାଶ ହୋଇ ଗତ ୧୧ ତାରିଖରେ ପ୍ରଭାସ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ। ଡିସିଓ ଅଭିଯୋଗପତ୍ର ରଖିବା ପରେ ତଦନ୍ତ କରି ଖୁବଶୀଘ୍ର ଏତଲାର ନକଲ ଦିଆଯିବ ବୋଲି କହିଥିଲେ। ପର ଦିନ ସେ ଥାନାକୁ ଯିବାରୁ ଘଟଣାର ତଦନ୍ତ ଚାଲିଛି ପରେ ଆସନ୍ତୁ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ପରେ ସେ ଗତ ଶନିବାର ଏବଂ ରବିବାର ଥାନାକୁ ଯାଇ ଏତଲା ନକଲ ମାଗିଥିଲେ ମଧ୍ୟ ମିଳିନାହିଁ। ରବିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରଭାସ ଥାନାରେ ବସି ରହିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣି ନ ଥିଲେ। ଏହି ଘଟଣାରେ ମାମଲା ରୁଜୁ ହେବ ନାହିଁ ବୋଲି ଆଇଆଇସି ମନା କରିଥିବା ଥାନାର ଜଣେ କର୍ମଚାରୀ ଉତ୍ତର ଦେଇଥିବା ପ୍ରଭାସ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ କୃଷ୍ଣପ୍ରସାଦ ମିଶ୍ରଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯିବାରୁ ସେ କହିଲେ, ଏ ସମ୍ପର୍କରେ ମୁଁ ଅବଗତ ନାହିଁ। ମୁଁ କୌଣସି କର୍ମଚାରୀଙ୍କୁ ମାମଲା ରୁଜୁ ନ କରିବାକୁ ବାରଣ କରିନାହିଁ। ଖୁବ୍‌ଶୀଘ୍ର ଅଭିଯୋଗ ବିଷୟରେ ବୁଝିବା ପରେ ପଦକ୍ଷେପ ନେବି।

## ସାହିତ୍ୟ ସମାଜରେ ସମସ୍ତଙ୍କୁ ବାନ୍ଧି ରଖେ



ଶାରଦୀୟ ବନ୍ଧୁ ମିଳନ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

ସାହିତ୍ୟ ମାଧ୍ୟମରେ ଆନନ୍ଦପ୍ରାପ୍ତି ହୋଇପାରେ। ଏହା ସମାଜରେ ସମସ୍ତଙ୍କୁ ବାନ୍ଧି ରଖିବାରେ ସାହାଯ୍ୟ କରିଥାଏ। ସାହିତ୍ୟ ମଧ୍ୟ ଆମକୁ ପରମାତ୍ମାଙ୍କ ସହ ଯୋଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଶନିବାର କାଦମ୍ବିନୀ ପତ୍ରିକା ପକ୍ଷରୁ ଆୟୋଜିତ ଶାରଦୀୟ ବନ୍ଧୁ ମିଳନ ଉତ୍ସବରେ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟ ହେଉଛି ଶବ୍ଦର ଖେଳ ବୋଲି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ବସନ୍ତ ପଣ୍ଡା ଯୋଗଦେଇ କାଦମ୍ବିନୀର ପୂଜା ବିଶେଷାଙ୍କ ଉପରେ ଆଲୋକପାତ କରି କହିଲେ, କାଦମ୍ବିନୀ ଆଜି ଘରେ ଘରେ ପରିଚିତ। ଏହା ସମ୍ପୂର୍ଣ୍ଣ ଭାବେ ଏକ ପାରିବାରିକ ପତ୍ରିକା ହୋଇଥିବାରୁ ପାଠକଙ୍କ ଆଦୃତି ଲାଭ କରିପାରିଛି। ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି କହିଲେ, ଓଡ଼ିଶାର କଳା ଓ ଭାସ୍କର୍ଯ୍ୟ ବହୁ ଉଚ୍ଚକୋଟୀର ଏବଂ ସମୃଦ୍ଧଶାଳୀ ହୋଇଥିଲେ ମଧ୍ୟ ଏ ବାବଦରେ କୌଣସି ସାହିତ୍ୟ ପତ୍ରିକା ଆଲୋଚନା କରନ୍ତି ନାହିଁ। କାଦମ୍ବିନୀ ଚଳିତ ସଂଖ୍ୟାରେ ଭୁବନେଶ୍ୱର ଉପରେ ଯେଉଁ ସ୍ୱତନ୍ତ୍ର ଉପସ୍ଥାପନା କରିଛି ସେଥିରେ ଭୁବନେଶ୍ୱରରେ ଥିବା ମନ୍ଦିରଗୁଡ଼ିକ ଉପରେ ଆଲୋଚନା କରାଯାଇଛି। ଅନ୍ୟତମ ଅତିଥିଭାବେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଜୟନ୍ତୀ ରଥ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। କାଦମ୍ବିନୀ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ଡ. ଇତି ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କାଦମ୍ବିନୀର ପୂଜା ସଂଖ୍ୟାକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ।

■ ଶାରଦୀୟ ଦୁର୍ଗାପୂଜା: ନୂଆସାହି ମହାବୀର ପୂଜା କମିଟି

# ଶୋଭାପାଇବେ ମହାବୀର

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

ଶାରଦୀୟ ପାର୍ବଣ ପୂଜାରେ ରାଜଧାନୀର ବିଭିନ୍ନ ମଣ୍ଡପରେ ଦୁର୍ଗତିନାଶିନୀ ମା' ଦୁର୍ଗା ପୂଜାପାଉଥିବା ବେଳେ ନୂଆପଲ୍ଲୀର ନୂଆସାହି ଅଞ୍ଚଳରେ କିନ୍ତୁ ଶୋଭା ପାଇଥାଆନ୍ତି ମହାବୀର। ନୂଆସାହି ମହାବୀର ପୂଜା କମିଟି ପକ୍ଷରୁ ପ୍ରତିବର୍ଷ ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପ୍ରାଙ୍ଗଣରେ ମହାବୀରଙ୍କ ପୂଜା ମହାଆଡ଼ମ୍ବର ସହକାରେ ଆୟୋଜନ କରାଯାଇଥାଏ। ଚଳିତଥର ଏହା ନବମ ବର୍ଷରେ ପଦାର୍ପଣ କରିଛି। ଏଠାକାର ପରମ୍ପରା ଅନୁଯାୟୀ, ମହାବୀରଙ୍କ ମୂର୍ତ୍ତି ନିର୍ମାଣ ଲାଗି ଜନ୍ମାଷ୍ଟମୀ ଦିନ କୁଆଖାଇ ନଦୀପଠାରୁ ମାଟି ଅନୁକୂଳ କରାଯାଏ। ମାଟିକୁ ଏକ ବିଶାଳ ପଟୁଆରରେ ଆଣି ପ୍ରଥମେ ନୂଆସାହି ଅଞ୍ଚଳ ଏବଂ ବାଟରେ ଥିବା ସମସ୍ତ ଦେବଦେବୀ ମନ୍ଦିର ଦର୍ଶନ କରାଇ ଶେଷରେ ମହାବୀରଙ୍କ ମନ୍ଦିରରେ ମାଟିକୁ ପୂଜାର୍ଚ୍ଚନା କରାଯାଇଥାଏ। ପରେ କୋଲ୍‌କାତାରୁ କାରିଗରମାନେ ଆସି ମହାବୀରଙ୍କ ମୂର୍ତ୍ତି ନିର୍ମାଣ କରିଥାଆନ୍ତି। ସପ୍ତମୀରେ ପୁରୀର ମା' ବିମଳାଙ୍କଠାରୁ ଆଜ୍ଞାମାଳ ଆସିବା ପରେ ମହାବୀରଙ୍କ ପୂଜାର୍ଚ୍ଚନା ହୋଇଥାଏ। ଏହିଦିନ ୫୧ଜଣ ଶ୍ରଦ୍ଧାଳୁ ନୂଆପଲ୍ଲୀସ୍ଥିତ ପୁଷ୍କରିଣୀରୁ କଳସ ଉଠାଇଥାଆନ୍ତି। ଚଳିତବର୍ଷ ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ





କରାଯିବ। ଏଥରର ମୁଖ୍ୟ ଆକର୍ଷଣ ସାଜିବ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାସ୍ତ୍ରୀନଗର ଶାଖା ପକ୍ଷରୁ ଆୟୋଜନ ହେବାକୁ ଥିବା ପବିତ୍ର ଝାଙ୍କୀର କାର୍ଯ୍ୟକ୍ରମ। ସେହିପରି ଏଥର ୪ ବଡ଼ ବଡ଼ ଲାଇଟ୍ ଗେଟ୍ ସାଙ୍ଗକୁ ୪୦ଟି ଛୋଟ ଲାଇଟ୍ ଗେଟ୍‌ରେ ସାଜସଜ୍ଜା କରାଯାଇଛି। ବ୍ୟାଙ୍କ ଛକଠାରୁ ଆଖଣ୍ଡଳମଣି ମନ୍ଦିର ଛକ ପର୍ଯ୍ୟନ୍ତ ସଜାଯାଇଥିବା ବେଳେ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ୪ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରାଯାଇଛି।

### କମିଟି କର୍ମକର୍ତ୍ତାଙ୍କ ମୁହଁରୁ...



“ଚଳିତବର୍ଷ ପୂଜା ପାଇଁ ୫ ଲକ୍ଷ ଟଙ୍କାର ବଜେଟ ହୋଇଛି। ୫୦ଫୁଟ୍ ଚଉଡ଼ା ଓ ୫୦ଫୁଟ୍ ଉଚ୍ଚତା ବିଶିଷ୍ଟ ୪ଟି ଲାଇଟ୍ ଗେଟ୍‌ର ବ୍ୟବସ୍ଥା କରାଯାଇଛି। ପୂଜାକୁ କିଭଳି ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବ, ସେ ନେଇ ସମସ୍ତ ପଦକ୍ଷେପ ନିଆଯାଉଛି। ପୂଜା ୪ଦିନ ନୂଆପଲ୍ଲୀ ଅଧୀନରେ ଥିବା ଶାସ୍ତ୍ରୀନଗର, ବାଲିତୋଟା ସାହି, ନୂଆସାହି ଓ ଏହାର ଆଖପାଖ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯିବ।

– ମିଳନ କୁମାର ପାଇକରାୟ, କାର୍ଯ୍ୟକାରୀ ସଭାପତି



“ଦଶମୀ ଦିନ ୪,୦୦୦ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଭକ୍ତଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇଦେବା ଲାଗି ୫୦ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ।

– ଶୈଳେନ୍ଦ୍ର ପ୍ରସାଦ ରାୟ, ସମ୍ପାଦକ

ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ମହାବୀରଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞ ରୀତିନୀତି ଅନୁସାରେ କରାଯାଇଥାଏ। ସମ୍ବଲପୁରୀ ବାଦ୍ୟ, ଘଣ୍ଟପାଟୁଆ ଓ ଡିଜେ ସାଉଣ୍ଡ୍ ସହ ଭସାଣି ଶୋଭାଯାତ୍ରା ପୂଜା ମଣ୍ଡପଠାରୁ ବାହାରି ୟୁନିଟ୍-୮ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ପହଞ୍ଚେ। ସେଠାରେ ପ୍ରାୟ ୧୮ଟି ମେଢ଼ ଏକତ୍ରିତ ହେବା ପରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥାଏ।

– ସତ୍ୟବାନ ସାହୁ, ସହସମ୍ପାଦକ



ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ନିର୍ମିତ ଲାଇଟ୍ ଗେଟ୍।

## ବିଶ୍ୱକପ୍ ହକି: ସଜେଇ ହେବ ଏକାମ୍ରକ୍ଷେତ୍ର

ପୁରୁଣା ଭୁବନେଶ୍ୱର, ୧୪। ୧୦( ଡି.ଏନ.ଏ.)

ନଭେମ୍ବର ୧୮ରୁ ବିଶ୍ୱକପ୍ ହକି ଆରମ୍ଭ ହେବ। ବିଭିନ୍ନ ଦେଶରୁ ଖେଳାଳିଙ୍କ ଆଗମନକୁ ଲକ୍ଷ୍ୟ କରି ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରକୁ ସଜେଇବାକୁ ପ୍ରସ୍ତୁତି ଯୋରସୋର ଚାଲିଛି। ରବିବାର ଅନନ୍ତ ବାସୁଦେବ ମନ୍ଦିର ସନ୍ନିକଟ ନୂତନ ମାର୍କେଟ କମ୍ପ୍ଲେକ୍ସ, ଦେବୀ ପାଦହରା ପୁଷ୍କରିଣୀ, କୋଟି ତୀର୍ଥ ଲେନ୍ ଅଞ୍ଚଳର ପରିମଳ ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ନେଇ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ରମ ହେଲେ ଲିଙ୍ଗରାଜ ମନ୍ଦିର ପାଖ ଦୋକାନ ଭଜନ ମଣ୍ଡପ ନିକଟ ପୁରୁଣା ମାର୍କେଟ କମ୍ପ୍ଲେକ୍ସର ପ୍ରାୟ ୫୮ ଜଣ ଦୋକାନୀ ଉଠି ଆସି ଏଠାରେ ବ୍ୟବସାୟ କରିବେ। ଅନ୍ୟପକ୍ଷେ ହାଟସାହି, ରଥଦାଣ୍ଡ, ତଳବଜାର ରାସ୍ତା ପ୍ରଶସ୍ତୀକରଣ କରାଇ ଟ୍ରାଫିକ ସମସ୍ୟା ଦୂର ହୋଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି। ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା, ବିଏମ୍‌ସିର କମିଶନର କିଷନ କୁମାର, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ, ବିଏମ୍‌ସି ଅତିରିକ୍ତ କମିଶନର ଶୁଭମ ଶକ୍‌ସେନା, ବିଡିଏ ଏନଫୋର୍ସମେଣ୍ଟ ଅଫିସର ଭବାନୀ ଶଙ୍କର ଚାୟଣୀ ଉପସ୍ଥିତ ଥିଲେ।

## ପର୍ଯ୍ୟଟକଙ୍କଠାରୁ ୫୦ହଜାର ଲୁଟ୍

କୋଣାର୍କ,୧୪।୧୦(ଡି.ଏନ୍.ଏ.)

ଚନ୍ଦ୍ରଭାଗା ମେରାଇନ ଥାନା ଅଧୀନ ବେଳାମାର୍ଗରୁ ରବିବାର ସକାଳେ ଜଣେ ପର୍ଯ୍ୟଟକଙ୍କ କାର କାଚ ଭାଙ୍ଗି ୫୦ହଜାର ଟଙ୍କା, ଲ୍ୟାପଟପ ଓ କାଗଜପତ୍ର ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗୁଜରାଟର ଡ.ମୁକେଶ ଓ ତାଙ୍କ ସହଯୋଗୀ କୋଣାର୍କ ବେଳାଭୂମି ମାର୍ଗରେ କାର୍ ରଖି ବୁଲିବାକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ କାର କାଚ ଭାଙ୍ଗି ଲୁଟ୍ କରିଥିଲେ। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ସଞ୍ଜୀବ ପ୍ରଧାନ କହିଛନ୍ତି।

## ସହେଲି ଖୋଲିଲା ନୂଆ ଷ୍ଟୋର

ଭୁବନେଶ୍ୱର,୧୪।୧୦

ପ୍ରମୁଖ କସ୍‌ମେଟିକ ରିଟେଲ୍ ଆଣ୍ଡ ସେଲୁନ୍ ସପ୍ଲାଇ ଷ୍ଟୋର ସହେଲି ପକ୍ଷରୁ ଭୁବନେଶ୍ୱରରେ ନୂଆ ଷ୍ଟୋରର ଶୁଭାରମ୍ଭ ହୋଇଛି। ଏହା ଜନପଥ ୟୁନିଟ ୧ ସ୍ଥିତ କଳିଙ୍ଗ କମ୍ପ୍ଲେକ୍ସର ଗ୍ରାଉଣ୍ଡ ଫ୍ଲୋରରେ ଅବସ୍ଥିତ। ନୂଆ ଷ୍ଟୋରକୁ ଓଡିଆ ଅଭିନେତ୍ରୀ ଶିବାନି ସଙ୍ଗୀତା, ସ୍ୱତ୍ୱାଧିକାରୀ ଯୁଗଳ ସେଠିଆ ଏବଂ ବିକାଶ ସେଠିଆ ଉଦ୍‌ଘାଟନ କରିଥିଲେ। ଷ୍ଟୋରଟି ୧୧୦୦ ବର୍ଗଫୁଟରେ ଖୋଲିଛି। ଏଠାରେ ଗ୍ରାହକମାନେ ବିଭିନ୍ନ ବ୍ରାଣ୍ଡର କସ୍‌ମେଟିକ୍,ସ୍କିନ୍ କେୟାର ସାମଗ୍ରୀ ଲାଭ କରିପାରିବେ। ଏହା ସହ ସେଲୁନ ଆସେସୋରିଜ, ମେଶିନାରି ଆକର୍ଷଣୀୟ ମୂଲ୍ୟରେ ଏଠାରେ ଉପଲବ୍ଧ ହେବ। ସହେଲିର ଏହା ତୃତୀୟ ଷ୍ଟୋର ହୋଇଥିବା ବେଳେ ପୂର୍ବରୁ ମାର୍କେଟ ବିଲ୍ଡିଂ ଏବଂ ପାଲହାଇଟ୍ସରେ ଗୋଟିଏ ଲେଖାଏ ଷ୍ଟୋର ରହିଛି। ଷ୍ଟୋରକୁ ଗ୍ରାହକଙ୍କ ଭଲ ରେସପନ୍ସ ମିଳିବ ବୋଲି ଯୁଗଳ ସେଠିଆ ସୂଚନା ଦେଇଛନ୍ତି।

## ୧୯୮୦ ବ୍ୟାଚ୍‌ର ବନ୍ଧୁମିଳନ





ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ପୁରୀ ଅଫିସ୍, ୧୪।୧୦

ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ୧୯୮୦ ବ୍ୟାଚ୍‌ର ଛାତ୍ରୀଛାତ୍ରମାନଙ୍କର ରବିବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପାନ୍ଥନିବାସ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୀର୍ଘ ୩୮ବର୍ଷ ପରେ ଏହି ପୂରାତନ ଛାତ୍ରୀଛାତ୍ରମାନେ ଏକାଠି ହୋଇ ନିଜର ପୁରୁଣା ସ୍ମୃତିକୁ ମନେପକାଇ ଥିଲେ। ଏହି ଅବସରରେ ଉକ୍ତ ବ୍ୟାଚ୍‌ର ପରଲୋକ ଘଟିଥିବା ସହପାଠିମାନଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଆଗକୁ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ କରିବାକୁ ସମସ୍ତେ ମତ ରଖିଥିଲେ। ଏହି ଅବସରରେ ସମସ୍ତେ ନିଜ ନିଜର ପାରିବାରିକ, ସାମାଜିକ ଏବଂ ଆର୍ଥିକ ପରିସ୍ଥିତି ଓ ପରିବେଶ ସମ୍ପର୍କରେ ଆଲୋଚନା କରିଥିଲେ।

■ ଶାରଦୀୟ ଦୁର୍ଗାପୂଜା: ବରମୁଣ୍ଡା ଦୁର୍ଗାପୂଜା କମିଟି

# ଗିନା, ଥାଳିଆ, ଚାମଚରେ ତୋରଣ

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

ମା'ଙ୍କ ସ୍ୱାଗତ ପାଇଁ ପୂଜା ମଣ୍ଡପଗୁଡ଼ିକରେ ସମସ୍ତ କ୍ଷେତ୍ର ପ୍ରସ୍ତୁତ ହୋଇସାରିଥିବା ବେଳେ ଏଥିରେ ସାମିଲ ହୋଇଛି ବରମୁଣ୍ଡା ଦୁର୍ଗାପୂଜା କମିଟି। ଚଳିତବର୍ଷ ଧୁମ୍‌ଧାମ୍ ଓ ନିଆରା ଢଙ୍ଗରେ ପୂଜା କରିବାକୁ କମିଟି ପକ୍ଷରୁ ପ୍ରସ୍ତୁତି ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତୋରଣ କାର୍ଯ୍ୟ ସହ ମୂର୍ତ୍ତି ଓ ମେଢ଼ ନିର୍ମାଣ କାମ ବି ଶେଷହେଲାଣି। ପ୍ରତିବର୍ଷ ଭିନ୍ନ ଭିନ୍ନ ଥିମ୍‌କୁ ନେଇ ତୋରଣ ତିଆରି କରୁଥିବା ଏହି ମଣ୍ଡପରେ ଚଳିତବର୍ଷ ଷ୍ଟିଲ୍ ଗିନା, ଚାମଚ, ତାଟିଆ, ଥାଳିଆରେ ଏକ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି। ପୂର୍ବ ବର୍ଷଗୁଡ଼ିକରେ ଲେମ୍ବୁ, ଗୁଆ, କଉଡ଼ି, ବାଉଁଶ ପାତିଆ, ସନ୍ତରା କାଠି ଆଦି ସାମଗ୍ରୀରେ ତୋରଣ ନିର୍ମାଣ କରି ଚର୍ଚ୍ଚାରେ ଥିବା ବରମୁଣ୍ଡା ପୂଜା କମିଟି ଏଥର ମଧ୍ୟ ନିଆରା ସାଜସଜ୍ଜା ପାଇଁ ଚର୍ଚ୍ଚାରେ ରହିବ।

୨୦୦୦ ମସିହାରୁ ଏଠାରେ ମା'ଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ଏଥର ଏହା ୧୯ ବର୍ଷରେ ପଦାର୍ପଣ କରିଛି। କମିଟି ତରଫରୁ ଚଳିତବର୍ଷ ୨୮ଲକ୍ଷ ଟଙ୍କାର ଖର୍ଚ୍ଚ ଆକଳନ ରଖାଯାଇଛି। ଏଥର ମଣ୍ଡପରେ ୧୬ଫୁଟ୍‌ର ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବାକୁ ଥିବା ବେଳେ ମା' ରୁପା ମୁକୁଟ ଓ ରୁପା ଅଳଙ୍କାରରେ ସଜ୍ଜିତ ହେବେ। ସେହିଭଳି ନିର୍ମିତ ହେବାକୁ ଥିବା କାଳ୍ପନିକ ତୋରଣର ଉଚ୍ଚତା ୮୦ଫୁଟ୍ ଏବଂ ଚଉଡ଼ା ୧୨୦ଫୁଟ୍ ରହିବ। ସୁରକ୍ଷା ଦୃଷ୍ଟିରୁ ତୋରଣରେ ଫାୟାର ରିର୍ଟାଡାଣ୍ଟ ସ୍ପ୍ରେ କରାଯିବ। ଫଳରେ ଶର୍ଟସର୍କିଟ ହେଲେ ବି ବଡ଼ଧରଣର ଅଗ୍ନିକାଣ୍ଡକୁ ଏଡ଼ାଇ ଦିଆଯାଇପାରିବ। ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦେବ ଏହି ମଣ୍ଡପ। ତୋରଣ ଓ ଆଲୋକ ସଜ୍ଜା ପାଇଁ କେବଳ ୧୫ଲକ୍ଷ ଟଙ୍କାର ବଜେଟ ରଖାଯାଇଛି। ସମ୍ପୂର୍ଣ୍ଣ ବରମୁଣ୍ଡା ଓଭରବ୍ରିଜ୍ ସହ କାଳୀମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ରଙ୍ଗବେରଙ୍ଗର ଆଲୋକରେ ସଜାଯିବ। ଏଥିଲାଗି ୧୦ଟି ଏଲ୍ଇଡି ଗେଟ୍ ସହ ଶତାଧିକ ଷ୍ଟ୍ରକ୍‌ଚର ଲାଇଟ୍ ଲାଗିବ। ୪ ଦିନ ଧରି ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାକୁ ଥିବାବେଳେ ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ଭଜନ ସମାରୋହ, ମେଲୋଡି ଓ ତାରକା କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବ। ସବୁଠାରୁ ବଡ଼ କଥା ହେଲା, ରାଜଧାନୀର ଅଧିକାଂଶ ମଣ୍ଡପରେ ଏ ବର୍ଷ ରାବଣ ପୋଡ଼ି ହେଉ ନ ଥିବା ବେଳେ ବରମୁଣ୍ଡା ପୂଜା କମିଟି କିନ୍ତୁ ରାବଣ ପୋଡ଼ିକୁ ମହାଆଡ଼ମ୍ବରରେ କରିବ। କମିଶନରେଟ୍ ପୋଲିସର ସମସ୍ତ ଗାଇଡଲାଇନ୍ ପୂରଣ କରିଥିବାରୁ ରାବଣ ପୋଡ଼ି ପାଇଁ ଏହି ମଣ୍ଡପକୁ ଅନୁମତି ମିଳିଛି। ୭୫ଫୁଟ୍ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିକୃତିରେ ୩ଲକ୍ଷ ଟଙ୍କାର ଆତସବାଜି ଖଞ୍ଜାଯିବ। ଏହାସହ ରାଜ୍ୟର ବିଭିନ୍ନ ସ୍ଥାନର ବାଣୁଆମାନଙ୍କୁ ନେଇ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହେବ।



### କମିଟି କର୍ମକର୍ତ୍ତାଙ୍କ ମୁହଁରୁ...



“ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭସାଣିରେ ପାରମ୍ପରିକ ବାଦ୍ୟ ଓ ନାଚକୁ ସାମିଲ କରାଯିବ। ଶିଙ୍ଘା ବାଦ୍ୟ, ଯୋଡ଼ିଶଙ୍ଖ, ଘୋଡ଼ାନାଚ, ଜାଗା ଆଖଡ଼ା, ପାରମ୍ପରିକ ଘଣ୍ଟ, ବୁଢ଼ାବୁଢ଼ୀ ନାଚ, ସଂକୀର୍ତ୍ତନ ଆଦି ଆକର୍ଷଣ ରହିବ। ଭସାଣି ଶୋଭାଯାତ୍ରାରେ ପ୍ରାୟ ୩୦୦ କଳାକାର ସାମିଲ ହେବେ।

– ରାମଚନ୍ଦ୍ର ରଣସିଂ, ସଭାପତି



“ପୂଜାକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱ ଦିଆଯିବ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ରହିବ। ପୂଜାବେଳେ ୧ ପ୍ଲାଟୁନ୍ ଏବଂ ଭସାଣି ବେଳେ ୨ ପ୍ଲାଟୁନ୍ ପୋଲିସ ନିୟୋଜିତ ହେବେ। ମଣ୍ଡପ ପରିସରରେ ୧୦ଟି ସିସିଟିଭି କ୍ୟାମେରା ଲଗାଯିବ। ୩୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ନିୟୋଜିତ କରାଯିବ।

– ନରେନ୍ଦ୍ର ସାହୁ, ସମ୍ପାଦକ



ଶ୍ରଦ୍ଧାବାନ ହୁଅ, ବୀର୍ଯ୍ୟବାନ ହୁଅ, ଆତ୍ମଜ୍ଞାନ ଲାଭ କର, ଆଉ ପରହିତରେ ଜୀବନଯାପନ କର ଏହା ମୋର ଇଚ୍ଛା ଓ ଆଶୀର୍ବାଦ।
- ସ୍ୱାମୀ ବିବେକାନନ୍ଦ




PLEDGE 'PLASTIC-FREE' ODISHA
Dilip Tirkey
Sports Personality
#PlasticFreeOdisha
ଧରିତ୍ରୀ DHARITRI TEAM










(୧) ଭୁବନେଶ୍ୱର ବମିଖାଲ ଦୁର୍ଗାପୂଜା ତୋରଣ (୨) ରସୁଲଗଡ଼ ଦୁର୍ଗାପୂଜା ତୋରଣ (୩) ଝାରପଡ଼ା ଦୁର୍ଗାପୂଜା ତୋରଣ



କଟକ ଖାନନଗର ପୂଜା ମଣ୍ଡପରେ ଚଳିତବର୍ଷ ତିଆରି ହୋଇଥିବା ନୂତନ ସୁନା ମୁକୁଟରେ ମା' ଦୁର୍ଗା।

# ଆଜି ମହାଷଷ୍ଠୀ

## ଝଲସିଲାଣି ପୂଜାମଣ୍ଡପ

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଧରାପୃଷ୍ଠକୁ ଓହ୍ଲାଇଛନ୍ତି ମା' ଜଗଜ୍ଜନନୀ। ମା'ଙ୍କ ଆଗମନରେ ଚାରିଆଡ଼େ ଆନନ୍ଦ, ଉତ୍ସବର ମାହୋଲ। ପାର୍ବଣର ମହକରେ ପୁରପଲ୍ଲୀ ମହକି ଉଠୁଥିବା ବେଳେ ସୋମବାରଠାରୁ ମଣ୍ଡପରେ ଆରମ୍ଭ ହେଉଛି ମା'ଙ୍କ ମହାଷଷ୍ଠୀ ପୂଜା। ମା'ଙ୍କ ଆରାଧନା ପାଇଁ ପୂଜା ମଣ୍ଡପଗୁଡ଼ିକ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ମହାଷଷ୍ଠୀ ଅବସରରେ ମା'ଙ୍କ ବିଲ୍ୱାଧିବାସ ଅନୁଷ୍ଠିତ ହେବା ପରେ ବିଭିନ୍ନ ରୀତିନୀତି ଅନୁଯାୟୀ ଷଷ୍ଠାଦି କର୍ମ ସମ୍ପନ୍ନ ହେବ। ମହାସପ୍ତମୀଠାରୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇପାରିବେ। ଅଧିକାଂଶ ମଣ୍ଡପରେ ସୋମବାରଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉ ବେଳେ ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରମୁଖ ମଣ୍ଡପଗୁଡ଼ିକରେ ଟ୍ରାଫିକ ପରିଚାଳନା ଓ ଭିଡ଼ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

ସହରୀ ପୂଜା ମାହୋଲ ମନ ଛୁଉଁଥିବା ବେଳେ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ବିଭିନ୍ନ ପୂଜାମଣ୍ଡପ। ମହଣ ମହଣ ସୁନା, ଚାନ୍ଦି ଅଳଙ୍କାରରେ ଝଟକୁଛନ୍ତି ମା'। ସମସ୍ତଙ୍କ ନଜର ଅଟକିଯାଉଛି ଆକାଶଛୁଆଁ ତୋରଣ ଉପରେ। ଭୁବନେଶ୍ୱର ଏବେ ଶାରଦୀୟ ପୂଜାର ଅନ୍ୟତମ ଆକର୍ଷଣ ପାଲଟିଥିବା ବେଳେ ଆକାଶଛୁଆଁ ତୋରଣ, ଆଖି ଝଲସାଇଦେଲା ଭଳି ଡିଜାଇନ୍ ଓ କିଛି ଭିନ୍ନ କରିବାର ନିଶା ଏଠାକାର ଦୁର୍ଗାପୂଜାକୁ ଧୀରେ ଧୀରେ ପ୍ରସିଦ୍ଧ କରାଉଛି। ସମଗ୍ର ରାଜଧାନୀ ଏବେ ଏଲ୍ଇଡି ଓ ଡିଜିଟାଲ ଲାଇଟ୍‌ରେ ଝଲସିଉଠୁଛି। ଏଲ୍ଇଡି ଲାଇଟ୍ ଗେଟ୍ ଏବଂ ବୋର୍ଡ ଦେଖଣାହାରିଙ୍କ ଆକର୍ଷଣ ସାଜୁଛି। ନୟାପଲ୍ଲୀ, ଶହୀଦନଗର, ଝାରପଡ଼ା, ଷ୍ଟେଶନ ବଜାର, ବମିଖାଲ, ରସୁଲଗଡ଼, ୟୁନିଟ୍-୪, ୟୁନିଟ୍-୮, ୟୁନିଟ୍-୧ ଭଳି ପ୍ରମୁଖ ପୂଜା ମଣ୍ଡପ ଏପାଖ ସେପାଖରେ ରଙ୍ଗବେରଙ୍ଗର ଡିଜିଟାଲ୍ ଲାଇଟ୍ ସଜାଯାଇଛି। ଏପରି କି ରାସ୍ତାକଡ଼ରେ ଥିବା ବଡ଼ ବଡ଼ ଗଛ ମଧ୍ୟ ଏଲ୍ଇଡି ଲାଇଟ୍‌ରେ ଚକ୍‌ଚକ୍ କରୁଥିବା ଦେଖିବାକୁ ମିଳୁଛି। ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପରେ ଏଥର ଇଟାଲୀ ରାଜଧାନୀ ରୋମ୍‌ରେ ଥିବା ବିଖ୍ୟାତ 'ଆଲ୍‌ଟେୟାର ଡେଲା ପାଟ୍ରିଆ' ଆକୃତିର ତୋରଣ ଶୋଭା ପାଉଛି। ସେହିପରି ରସୁଲଗଡ଼ର ଆକର୍ଷଣ ରହିଛି ଲଣ୍ଡନର ପ୍ରସିଦ୍ଧ 'ଦି ରୟାଲ ଆଲବର୍ଟ ହଲ୍'ର ପ୍ରତିକୃତି ତୋରଣ। ଶହୀଦନଗର ପୂଜା ସମିତି ପକ୍ଷରୁ ରାଜସ୍ଥାନର ପ୍ରସିଦ୍ଧ ଚିତୋରଗଡ଼ ପ୍ୟାଲେସ୍ ଆକୃତିର ବିଶାଳ ତୋରଣ ନିର୍ମାଣ କରାଯାଇଥିବା ବେଳେ ଝାରପଡ଼ାରେ ରାଜସ୍ଥାନର ଆଲବର୍ଟ ହଲ୍ ମ୍ୟୁଜିୟମ୍ ଏବଂ ପୁରୁଣା ଷ୍ଟେଶନ ବଜାରରେ ଚଳିତବର୍ଷ ଜଗନ୍ନାଥ ସଂସ୍କୃତିର ଝଲକ ଦେଖିବାକୁ ମିଳିବ। ଏ ସବୁ ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଥର ପ୍ରାୟ ସମସ୍ତ ପୂଜା ମଣ୍ଡପ ପ୍ରଦୂଷଣମୁକ୍ତ ପୂଜା କରିବାକୁ ନିଷ୍ପତ୍ତି ନେଇଛନ୍ତି।



ଲାୟନ୍ସ କ୍ଲବ ଅଫ୍ କଟକ ଗ୍ରେଟର୍ ଆଣ୍ଡ ଗ୍ରେଟର୍ସ ଲେଡିଜ୍ ୱିଙ୍ଗ୍ ପକ୍ଷରୁ କଟକ ମାଣିକଘୋଷ ବଜାରସ୍ଥିତ ମାରୱାଡ଼ି କ୍ଲବରେ ରବିବାର ନବରାତ୍ର ଉତ୍ସବ ପାଳନ ଅବସରରେ ପରିବେଷିତ ଦାଣ୍ଡିଆ ନୃତ୍ୟ।

# ଆରମ୍ଭ ହେଲା ଦାଣ୍ଡିଆ ମହୋତ୍ସବ

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

ଓଡ଼ିଶା ଇଣ୍ଟରନ୍ୟାଶନାଲ୍ ସେଣ୍ଟର(ଓଆଇସି) ପକ୍ଷରୁ ରବିବାରଠାରୁ ସ୍ଥାନୀୟ ଜନତା ମଇଦାନ ନିକଟ ଯାତ୍ରା ପଡ଼ିଆରେ ଦାଣ୍ଡିଆ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର, ଆୟକର ବିଭାଗ ଆୟୁକ୍ତ ଶରତ କୁମାର ଦାଶ, ମାତୃପ୍ରସାଦ ମିଶ୍ର, ସାମ୍ବାଦିକ ଅରୁଣ ପଣ୍ଡା, ସ୍ଥାନୀୟ କର୍ପୋରେଟର ଭାରତୀ ସିଂ, ରବୀନ୍ଦ୍ର ବେହେରା, ଉମେଶ ଖଣ୍ଡେଲୱାଲ୍ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରାରମ୍ଭରେ ମା' ଦୁର୍ଗାଙ୍କ ଆରାଧନା ପାଇଁ ମହିଷମର୍ଦ୍ଦିନୀ ସ୍ତୋତ୍ର ଉପରେ ଆଧାରିତ ଅଇଗିରି ନନ୍ଦିନୀ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମା'ଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ଦାଣ୍ଡିଆ ନୃତ୍ୟ ଯୁବପିଢ଼ିଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇଥିଲା। ଓଆଇସି ଅଧ୍ୟକ୍ଷ ପରେଶ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକାରୀ ଅଧ୍ୟକ୍ଷ ଶୁଚିସ୍ମିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ୬ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବ ପ୍ରତ୍ୟହ ରାତି ୭ଟାରୁ ଆରମ୍ଭ ହୋଇ ୧୦ଟା ପର୍ଯ୍ୟନ୍ତ ଚାଲିବ। ସେହିଭଳି ପ୍ରତ୍ୟେକ ଦିନ ଶ୍ରେଷ୍ଠ ନୃତ୍ୟଶିଳ୍ପୀ, ଶ୍ରେଷ୍ଠ ବେଶଭୂଷା, ଶ୍ରେଷ୍ଠ ନୃତ୍ୟଦଳଙ୍କୁ ପୁରସ୍କୃତ କରାଯିବ। ଦାଣ୍ଡିଆ ନୃତ୍ୟ ସାଙ୍ଗକୁ ଓଡ଼ିଆ ଖାଦ୍ୟ ଓ ପିଠାପଣା ଏଠାକାର ମୁଖ୍ୟ ଆକର୍ଷଣ ରହିଛି।



The festivities arrive in style.

The biggest festival of fashion is here. And it's time to stand out with a fresh new avatar. Explore the latest in Puja styles at Kalamandir for the entire family.

10% Festive Discount

Kalamandir ODISHA'S MOST POPULAR FASHION SHOP
କଳାମନ୍ଦିର
Shop with a smile.
3, Western Market, Bhubaneswar 751009

BENARASIS | KANJEVARAMS | ODISSIS | PRINTED SILKS | BROCADES | JAMEVARS | SOUTH SILKS | GADWALS
FANCY SAREES | LEHENGAS SUITINGS | SHIRTINGS | SUITS | JACKETS | KURTA PYJAMAS | SHERWANIS
EXCLUSIVE READYMADES | WOMEN'S WEAR | KIDSWEAR FURNISHINGS | DRESS MATERIALS

# କାତ୍ୟାୟନୀ ବେଶରେ ମା'ମଙ୍ଗଳା



କାକଟପୁର, ୧୪।୧୦(ଡି.ଏନ୍.ଏ.)

ଆଶ୍ୱିନ ମୂଳାଷ୍ଟମୀ ତିଥିଠାରୁ ପାରମ୍ପରିକ ପ୍ରଥାନୁସାରେ କାକଟପୁରର ମା'ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ପୂଜା ଆରମ୍ଭ ହୋଇଛି। ରବିବାର ସକାଳ ଧୂପ ପରେ ମା'ଙ୍କ ବିଜେ ପ୍ରତିମା ଓ ଦୁର୍ଗାଙ୍କୁ ଏକତ୍ର ଜଗମୋହନରେ ଖଟୁଲିରେ ବିଜେ କରାଯାଇ ପୂଜା କରାଯାଇଥିଲା। ଜଗତି ପୂଜା ପରେ ମୂର୍ତ୍ତିଦ୍ୱୟଙ୍କୁ ସିଂହାସନ ବିଜେ କରାଯାଇଛି। ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଏବଂ ମହାସ୍ନାନ ପରେ ମା'ମଙ୍ଗଳାଙ୍କୁ କାତ୍ୟାୟନୀ ବେଶରେ ସଜ୍ଜିତ କରାଯାଇଥିଲା। ପୂର୍ବରୁ ମା'ଙ୍କ ଶ୍ରୀପୟର, କାଠଭୁଜ, ଧନୁ, ତୀର ପ୍ରଭୃତି ଲାଗି କରାଯାଇଥିଲା। ସେସବୁ ସହିତ ରବିବାର ଖଣ୍ଡା ଏବଂ ପାତ୍ର ଲାଗି କରାଯାଇଥିଲା। ମା'ଙ୍କ ବେଶ ସମୟରେ ବିଜେ ପ୍ରତିମାଙ୍କ ବାହାର ବେଦିପୂଜା, ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ପ୍ରାତଃରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନ୍ଦିରରେ ଭକ୍ତମାନଙ୍କ ଭିଡ଼ ଲାଗିରହିଥିଲା।

ଧରିତ୍ରୀ DHARITRI Quiz No.3

## Puja Quiz- 2018

Main Sponsor: TVS
Co-Sponsors: CENTRAL, Nikon

☑ Tick mark the box which is correct

୧. ଆଗା ଖାଁ କପ୍ କେଉଁ ଖେଳ ପାଇଁ ଦିଆଯାଇଥାଏ ?
କ. ଫୁଟବଲ୍ ☐ ଖ. ହକି ☐ ଗ. କ୍ରିକେଟ୍ ☐ ଘ. ପୋଲୋ ☐

୨. ନେତାଜୀ ସୁଭାଷ ନ୍ୟାଶନାଲ ସ୍ପୋର୍ଟ୍ସ ଇନ୍‌ଷ୍ଟିଚ୍ୟୁଟ୍ କେଉଁଠାରେ ଅବସ୍ଥିତ ?
କ. ପଟିଆଲା ☐ ଖ. ନୂଆଦିଲ୍ଲୀ ☐ ଗ. ଅହମଦାବାଦ ☐ ଘ. ହାଇଦ୍ରାବାଦ ☐

୩. ଜାତୀୟ ସାହିତ୍ୟ ଏକାଡେମୀ କେବେ ଏବଂ କେଉଁଠାରେ ପ୍ରତିଷ୍ଠା କରାଯାଇଥିଲା ?
କ. ୧୯୫୪-ଦିଲ୍ଲୀ ☐ ଖ. ୧୯୬୦-କୋଲକାତା ☐ ଗ. ୧୯୫୧-ଇନ୍ଦୋର ☐ ଘ. ୧୯୫୭-ପାଟନା ☐

୪. ଭାରତୀୟ କଳା ଭବନ କେଉଁଠାରେ ଅବସ୍ଥିତ ?
କ. ଦିଲ୍ଲୀ ☐ ଖ. ଶାନ୍ତିନିକେତନ ☐ ଗ. ଚେନ୍ନାଇ ☐ ଘ. ବାରାଣସୀ ☐

୫. ଦାଦା ସାହେବ ଫାଲ୍‌କେ ଆୱାର୍ଡ଼ କେଉଁ ମସିହାରେ ପ୍ରଚଳନ କରାଯାଇଥିଲା ?
କ. ୧୯50 ☐ ଖ. ୧୯୬୦ ☐ ଗ. ୧୯୬୧ ☐ ଘ.୧୯୬୫ ☐

Participant's Name:........................................
Address:........................................
........................................
Education ........................................
Mobile........................................Age:..........
E-mail:........................................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 3
B-15, Industrial Estate, Rasulgarh, Bhubaneswar-10


TVS Apache RTR 160 4V
India's Most Powerful 160cc Motorcycle

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୫ ଅକ୍ଟୋବର, ୨୦୧୮



“ ଭାଜପା ହିଁ ଜଣେ ଚା’ ବାଲାଙ୍କ ପୁଅଙ୍କୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ଆସନରେ ବସାଇପାରେ। ଅନ୍ୟ କୌଣସି ଦଳରେ ଏହା ଦେଖିବାକୁ ମିଳେ ନାହିଁ।

-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



## ସଂକ୍ଷେପରେ

### ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ ଆଖିବୁଜିଲେ ଜଜ୍‌ଙ୍କ ସ୍ତ୍ରୀ, ପୁଅ ଗୁରୁତର

**ଗୁରୁଗ୍ରାମ୍,୧୪।୧୦(ଆଇଏଏନ୍ଏସ୍):** ଗୁରୁଗ୍ରାମ୍‌ର ବ୍ୟସ୍ତବହୁଳ ବଜାରରେ ସୁରକ୍ଷାକର୍ମୀଙ୍କ ଗୁଳିର ଶିକାର ହୋଇଥିବା ବିଚାରପତି କ୍ରିଷ୍ଣକାନ୍ତ ଶର୍ମାଙ୍କ ସ୍ତ୍ରୀ ରିତୁ ଶର୍ମାଙ୍କ ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତାଙ୍କ ପୁଅ ଧ୍ରୁବ୍‌ଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେ ବ୍ରେନ୍ ଡେଡ୍ ଅବସ୍ଥାରେ ଥିବା ଗୁରୁଗ୍ରାମ୍ ସିଭିଲ୍ ହସ୍ପିଟାଲ୍‌ର ରିଜିଓନାଲ୍ ମେଡିକାଲ୍ ଅଫିସର୍ ପଓ୍ୱନ୍ ଚୌଧୁରୀ ସୂଚନା ଦେଇଛନ୍ତି। ରିତୁଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ମଧ ସେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ସୁରକ୍ଷାକର୍ମୀ ମହିପାଳଙ୍କୁ ରବିବାର ମଧ୍ୟାହ୍ନରେ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ଅଦାଲତ ତାଙ୍କୁ ୪ ଦିନିଆ ପୋଲିସ ହେପାଜତକୁ ପଠାଇ ଦେଇଛନ୍ତି। ମହିପାଲ ବାରମ୍ବାର ବୟାନ ବଦଳାଉ ଥିବାବେଳେ ତାଙ୍କୁ ଅଧିକରୁ ଅଧିକ ଜେରା କରିବା ଲାଗି ପୋଲିସ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ଦାବି କରିଥିଲା। କିନ୍ତୁ ମାତ୍ର ୪ ଦିନିଆ ରିମାଣ୍ଡ ମଞ୍ଜୁର କରିଥିଲେ କୋର୍ଟ।

### ବୈଷ୍ଣୋଦେବୀ ଦର୍ଶନାର୍ଥୀଙ୍କୁ ୫ ଲକ୍ଷର ବୀମା



**ଶ୍ରୀନଗର,୧୪।୧୦(ପି.ଟି.):** ମାତା ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କୁ ଏବେ ମାଗଣାରେ ୫ ଲକ୍ଷ ଟଙ୍କାର ଦୁର୍ଘଟଣା ଜନିତ ବୀମା ଦିଆଯିବା ନେଇ ମଞ୍ଜୁରୀ ମିଳିଛି। ଏହା ସହ ଆଖପାଖ ଅଞ୍ଚଳରେ କେହି ଶ୍ରଦ୍ଧାଳୁ ଦୁର୍ଘଟଣାରେ ଆହତ ହୋଇଥିଲେ ମଧ୍ୟ ତାଙ୍କର ଚିକିତ୍ସା କରାଯିବ। ଭବନ ଏବଂ ଭାଇରୋନ୍ ଘାଟିକୁ ରୋପୱେରେ ଯାଉଥିବା ଯାତ୍ରୀଙ୍କୁ ମଧ ୫ ଲକ୍ଷ ଅତିରିକ୍ତ ବୀମା ସୁବିଧା ମିଳିବ।

### ଦୁର୍ଘଟଣାରେ: ୧୯ ଶରଣାର୍ଥୀ ମୃତ

**ଇସ୍ତାନବୁଲ,୧୪।୧୦(ପି.ଟି.)-** ତୁର୍କୀରେ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ ରବିବାର ଇଜମିରରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୯ ପ୍ରାଣ ହରାଇଥିବାବେଳେ ୧୧ ଜଣ ଆହତ ହୋଇଛନ୍ତି। ବେଆଇନ ଭାବରେ ଏହି ଶରଣାର୍ଥୀଙ୍କୁ ଟ୍ରକରେ ଅଣାଯାଇ ପରେ ତାଙ୍କୁ ବୋଟ୍ ଯୋଗେ ଗ୍ରୀସ୍ ପଠାଇ ଦିଆଯାଇଥାନ୍ତା। କାରଣ ଏବେ ତୁର୍କୀରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଅନେକ ଶରଣାର୍ଥୀ ଭୟରେ ୟୁରୋପ ପଳାୟନ କରୁଛନ୍ତି।

### ମାଲାୱିରେ ଗାନ୍ଧୀ ପ୍ରତିମୂର୍ତ୍ତିକୁ ବିରୋଧ

**ବ୍ଲାଣ୍ଟାୟାର୍,୧୪।୧୦(ପି.ଟି.)** ଦକ୍ଷିଣ-ପୂର୍ବ ଆଫ୍ରିକୀୟ ରାଷ୍ଟ୍ର ମାଲାୱିରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି। ମାଲାୱି ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ଅବଦାନ କିଛି ନ ଥିବା ଦର୍ଶାଇ ସେଠାରେ ପ୍ରତିମୂର୍ତ୍ତି ନିର୍ମାଣକୁ ବିରୋଧ କରାଯାଇଛି। ଦେଶର ବାଣିଜ୍ୟିକ ରାଜଧାନୀ ବାଣ୍ଟାୟାର୍‌ଠାରେ ୧୦ ନିୟୁତ ଡଲାର ବିନିମୟରେ ଭାରତ ସରକାରଙ୍କ ପକ୍ଷରୁ ଏକ କନ୍‌ଭେନ୍‌ଶନ୍ ସେଣ୍ଟର ନିର୍ମାଣ ଚାଲିଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମା ସ୍ଥାପନ କରିବାକୁ ଯାଉଛି। ତେବେ ଏହାକୁ ବିରୋଧ କରି ସ୍ଥାନୀୟ ଏକ ଗୋଷ୍ଠୀ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଦେଶ ପାଇଁ ଗାନ୍ଧିଜୀଙ୍କ ଅବଦାନ କିଛି ନାହିଁ। ଏଣୁ ପ୍ରତିମୂର୍ତ୍ତି ସ୍ଥାପନ କରିବାର ଆବଶ୍ୟକତା ନାହିଁ। ମାଲାୱିବାସୀଙ୍କ ଉପରେ ଗାନ୍ଧୀ ପ୍ରତିମାକୁ ଜୋର୍ ଜବରଦସ୍ତି ଥପାଯାଉଛି। ଦେଶର ଲୋକଙ୍କ ଉପରେ ବିଦେଶୀ କ୍ଷମତାକୁ ଜାହିର କରିବା ଲାଗି ଏହା ଏକ ଉଦ୍ୟମ। ବିଦେଶୀ ପ୍ରଭାବ ଏବଂ ସମ୍ମାନ ନାମରେ ସାମ୍ରାଜ୍ୟବାଦୀ ତଥା ନୂଆ ଉପନିବେଶୀୟ ବିଚାରଧାରାକୁ ପାଳନ କରିବା ଲାଗି ବାଧ କରାଯାଇ ପାରିବ ନାହିଁ ବୋଲି ସେମାନେ ଅଭିଯୋଗ ଆଣିଛନ୍ତି।

## ■ ୨୪ ବର୍ଷ ତଳର ମିଥ୍ୟା ଏନ୍‌କାଉଣ୍ଟର ମାମଲା

# ୭ ସେନା ଅଧିକାରୀଙ୍କୁ ଆଜୀବନ ଜେଲ

**ଗୁଆହାଟୀ,୧୪।୧୦**



ଉଗ୍ରବାଦୀ କହି ୫ ଛାତ୍ରଙ୍କୁ ମାରିଦେଇଥିଲେ

୨୪ ବର୍ଷ ତଳର ଏକ ମିଥ୍ୟା ଏନ୍‌କାଉଣ୍ଟରକୁ ନେଇ ଜଣେ ମେଜରଙ୍କ ସମେତ ୭ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଛି। ଆସାମର ଦିବ୍ରୁଗଡ଼ସ୍ଥିତ ସେନା କୋର୍ଟ ସେମାନଙ୍କ ଦଣ୍ଡାଦେଶ ନିଶ୍ଚିତ କରିଥିବା ରବିବାର ଜଣାପଡ଼ିଛି।

୧୯୯୪ ଫେବୃୟାରୀ ୧୮ରେ ଆସାମର ତିନିସୁକିଆ ଜିଲାରେ ୯ ଛାତ୍ରଙ୍କୁ ଯବାନମାନେ ଉଠାଇନେଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଉଲ୍‌ଫା ଉଗ୍ରବାଦୀ ବୋଲି ଅଭିହିତ କରି ଏନ୍‌କାଉଣ୍ଟରରେ ହତ୍ୟା କରିଥିଲେ। ଏହାର କିଛି ଦିନ ପରେ ସେମାନେ ଅନ୍ୟ ୪ ଯୁବକଙ୍କୁ ଛାଡ଼ିଦେଇଥିଲେ। ଏହି ମିଥ୍ୟା ଏନ୍‌କାଉଣ୍ଟରକୁ ନେଇ ସେତେବେଳେ ବିବାଦ ଉଠିଥିଲା। ଏପରି କି ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ଆସାମର ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ଜଗଦୀଶ ଭୂୟାଁ ସେହି ବର୍ଷ ଫେବୃୟାରୀ ୨୨ରେ ନିଖୋଜ ଯୁବକମାନଙ୍କ ପତ୍ତା ମିଳୁନାହିଁ ବୋଲି ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ହାଇକୋର୍ଟ ଅଲ୍ ଆସାମ ଷ୍ଟୁଡେଣ୍ଟସ୍ ୟୁନିୟନ୍ (ଏଏଏସ୍‌ୟୁ)ର ଉକ୍ତ ୯ ଯୁବକଙ୍କୁ ନିକଟସ୍ଥ ଥାନାରେ ହାଜର କରିବାକୁ ଭାରତୀୟ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ସେନା ପକ୍ଷରୁ ଢୋଲା ଥାନାକୁ ୫ ଯୁବକଙ୍କ ମୃତଦେହକୁ ନିଆଯାଇଥିଲା। ଏହି ମାମଲାକୁ ନେଇ ସେନା କୋର୍ଟ ଗତ ଜୁଲାଇ ୧୬ରେ ଶୁଣାଣି ଆରମ୍ଭ କରିଥିଲା। ଜୁଲାଇ ୨୭ରେ କୋର୍ଟ ମାର୍ଶଲ ପ୍ରକ୍ରିୟା ଶେଷ ହୋଇଥିଲା। ଦିବ୍ରୁଗଡ଼ ୟୁନିଟର ସେନା ଅଦାଲତ ଏହି ମାମଲାରେ ୭ ସେନା ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ମେଜର ଜେନେରାଲ ଏ.କେ. ଲାଲ, କଲୋନେଲ ଥୋମାସ୍ ମାଥ୍ୟୁ, କଲୋନେଲ ଆର୍.ଏସ୍. ସିବିରେନ୍, କ୍ୟାପ୍‌ଟେନ୍ ଜଗଦେଓ ସିଂ, କ୍ୟାପଟେନ୍ ଦିଲୀପ ସିଂ, ନାଏକ୍ ଅଲ୍‌ବିନ୍ଦର ସିଂ ଓ ନାଏକ ଶିବେନ୍ଦ୍ର ସିଂ। ଏହି ରାୟକୁ ନେଇ ଭୂୟାଁ ଖୁସି ବ୍ୟକ୍ତ କରିଛନ୍ତି। ସେ ଦେଶର ନ୍ୟାୟିକ ବ୍ୟବସ୍ଥା, ଗଣତନ୍ତ୍ର ଓ ସେନାର ନିରପେକ୍ଷତାକୁ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ୨୦୦୭ରେ ମେଜର ଜେନେରାଲ ଏ.କେ. ଲାଲ ତାଙ୍କ ଅଧସ୍ତନ ଜଣେ ମହିଳା ଅଧିକାରୀଙ୍କୁ ଯୋଗ ଶିଖାଇବାକୁ କହି ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଥିଲା। ଲାଲଙ୍କ ବିରୋଧରେ ଦୋଷ ପ୍ରମାଣିତ ହେବା ପରେ ତାଙ୍କୁ ସେନାରୁ ବହିଷ୍କୃତ କରାଯାଇଥିଲା।

# ପାରିକର ଏମ୍ସରୁ ଡିସ୍‌ଚାର୍ଜ

**ପଣଜୀ,୧୪।୧୦(ପି.ଟି.)**

### ଘରୁ ଚଳାଇବେ ଶାସନ କଳ



ଦିଲ୍ଲୀ ଏମ୍ସରୁ ଡିସ୍‌ଚାର୍ଜ ହୋଇ ରବିବାର ଗୋଆରେ ପହଞ୍ଚିଛନ୍ତି ମୁଖ୍ୟମନ୍ତ୍ରୀ ମନୋହର ପାରିକର। ପାକସ୍ଥଳୀ ସମସ୍ୟା ଦେଇ ଗତି କରୁଥିବା ୬୨ ବର୍ଷୀୟ ପାରିକର ସେପ୍ଟେମ୍ବର ୧୫ରୁ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଦେଖାଯିବା ପରେ ମଧ୍ୟାହ୍ନରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଅପରାହ୍ନରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଗୋଆକୁ ଅଣାଯାଇଥିଲା। ଦାବୋଲିମ୍ ବିମାନବନ୍ଦରରୁ ଆମ୍ବୁଲାନ୍ସ ଯୋଗେ ଦୋନା ପୌଲା ଅଞ୍ଚଳରେ ଥିବା ନିଜ ବାସଭବନକୁ ନିଆଯାଇଥିଲା। ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ ହେବା ପରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ପରେ ସବୁକିଛି ଠିକ୍ ଜଣାପଡ଼ିବା ଯୋଗୁ ଏମ୍ସରୁ ଡିସ୍‌ଚାର୍ଜ କରି ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ବାସଭବନରେ ଚିକିତ୍ସା ଯୋଗାଇ ଦେବା ଲାଗି ଗୋଆ ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲ୍ ପକ୍ଷରୁ ସବୁ ବ୍ୟବସ୍ଥା କରାଯାଇଛି। ପାରିକରଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ଲାଗି ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଉପସ୍ଥିତ ରହିବେ। ସେଠାରେ ହିଁ ତାଙ୍କର ଚିକିତ୍ସା ଜାରି ରହିବ। କେବଳ ସେତିକି ନୁହେଁ, ମୁଖ୍ୟମନ୍ତ୍ରୀ ଘରେ ଥାଇ ଶାସନ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି।

ପାରିକର ଦିଲ୍ଲୀ ଏମ୍ସରେ ଭର୍ତ୍ତି ହେବାପରେ ରାଜ୍ୟରେ ଶାସନ ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକାଶ କରି ଗୋଆ ଭାଜପାର କୋର୍ କମିଟି ସଦସ୍ୟ, କ୍ୟାବିନେଟ୍ ସଦସ୍ୟ ଏବଂ ମେଣ୍ଟ ଦଳର ଶୀର୍ଷନେତୃବୃନ୍ଦ ଶୁକ୍ରବାର ଡାକ୍ତରଖାନାରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ଅନୁପସ୍ଥିତିରେ ଶାସନ କଳ କିଭଳି ସୁରୁଖୁରୁରେ ଚାଲିବ ସେ ନେଇ ଆଲୋଚନା ହୋଇଥିଲା। ଅସୁସ୍ଥତା କାରଣରୁ ପାରିକର ମୁଖ୍ୟମନ୍ତ୍ରୀ ପଦରୁ ଓହରି ଯାଆନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରୁଥିବାବେଳେ ଶାସକ ଭାଜପା କିମ୍ବା ଏହାର ମେଣ୍ଟ ଦଳଗୁଡ଼ିକ ଏଭଳି ସମ୍ଭାବନାକୁ ଖଣ୍ଡନ କରିଛନ୍ତି। ପାରିକର ହିଁ ମୁଖ୍ୟମନ୍ତ୍ରୀ ପଦରେ ରହିବେ ବୋଲି ସେମାନେ କହିଆସୁଛନ୍ତି।

# ଦୁର୍ଘଟଣା ନେଲା ୧୦ ଜୀବନ

**ରାୟପୁର,୧୪।୧୦(ପି.ଟି.)**



ଛତିଶଗଡ଼ର ରାଜନନ୍ଦଗାଁଓ ଜିଲାରେ ରବିବାର ଟ୍ରକ୍-ଏସ୍‌ୟୁଭି ମୁହାଁମୁହିଁ ଧକ୍କା ହେବା ଯୋଗୁ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଗୋଟିଏ ପରିବାରର ସଦସ୍ୟ ଏବଂ ଦୁର୍ଗ ଜିଲାର ଭିଲାଇ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଏଥିରେ ଜଣେ ଶିଶୁ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ନବରାତ୍ରୀ ଅବସରରେ ଡୋଙ୍ଗରଗଡ଼ଠାରେ ଥିବା ମା’ ବାମଳେଶ୍ୱରୀଙ୍କ ଦର୍ଶନ କରି ଫେରୁଥିବାବେଳେ ରାଜନନ୍ଦଗାଁଓ-ଦୁର୍ଗ ରୋଡ୍‌ରେ ସେମାନଙ୍କ ଏସ୍‌ୟୁଭି ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଏସ୍‌ୟୁଭି ଚାଳକ ଏକ ଗାଡ଼ିକୁ ଓଭର୍‌ଟେକ୍ କରିବାକୁ ଚେଷ୍ଟା କରୁଥିବାବେଳେ ସାମ୍ନା ପଟୁ ଆସୁଥିବା ଟ୍ରକ୍ ସହ ସୋମ୍‌ନି ଗ୍ରାମ ନିକଟରେ ଧକ୍କା ହୋଇଥିଲା। ଏସ୍‌ୟୁଭିରେ ଥିବା ୯ ଜଣ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର୍ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ଲାଗି ଉଦ୍ୟମ ଚାଲିଥିବା ପୋଲିସ ସୂଚନା ଦେଇଛି।

# ଜନ୍ମଦିନରେ ରକ୍ତ ହୋଲି

**ଟାଫ୍ଟ,୧୪।୧୦(ପି.ଟି.)**

ଜନ୍ମଦିନ ଉତ୍ସବରେ ରକ୍ତର ହୋଲି। ଆମେରିକାର ଦକ୍ଷିଣ ଟେକ୍ସାସ୍ ଅନ୍ତର୍ଗତ ଟାଫ୍ଟ ସହରରେ ଶନିବାର ଏକ ଜନ୍ମଦିନ ଉତ୍ସବରେ ଗୁଳିକାଣ୍ଡ ଘଟି ୪ ଜଣ ପ୍ରାଣ ହରାଇଛନ୍ତି। ଜଣେ ଶିଶୁର ପ୍ରଥମ ଜନ୍ମଦିନ ଉତ୍ସବ ଚାଲିଥିବାବେଳେ କୌଣସି କାରଣବଶତଃ ଦୁଇଟି ପରିବାର ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ଉତ୍ତେଜନା ଚରମ ସୀମାରେ ପହଞ୍ଚିବା ପରେ ଗୁଳିମାଡ଼ ଆରମ୍ଭ ହୋଇଥିଲା। ଏଥିରେ ୪ ଜଣ ପୁରୁଷଙ୍କ ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କର୍ପସ୍ କ୍ରୀଷ୍ଟି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ଟେକ୍ସାସ୍ ସାଧାରଣ ନିରାପତ୍ତା ବିଭାଗର ମୁଖ୍ୟ ନାଥାନ୍ ବ୍ରାଣ୍ଡଲେ ସୂଚନା ଦେଇଛନ୍ତି। ତେବେ ମୃତକଙ୍କ ପରିଚୟ କିମ୍ବା ଘଟଣା ସମ୍ପର୍କରେ ସେ କିଛି ବିସ୍ତୃତ ସୂଚନା ଦେଇନାହାନ୍ତି।

## ■ ଆନ୍ତଃରାଜ୍ୟ ନଦୀଜଳ ବିବାଦର ତ୍ୱରିତ ସମାଧାନ

# କେନ୍ଦ୍ର ଆଣିବ ଆଇନ

**ନୂଆଦିଲ୍ଲୀ,୧୪।୧୦(ପି.ଟି.)**

ଆନ୍ତଃରାଜ୍ୟ ନଦୀ ଜଳ ବିବାଦର ତ୍ୱରିତ ସମାଧାନ ପାଇଁ ଖୁବ୍‌ଶୀଘ୍ର ଆସିପାରେ ଆଇନ। ନଦୀ ଜଳ ବିବାଦ ଏବଂ ଦେଶର ୧୩ଟି ନଦୀ ଅବବାହିକା ସୁପରିଚାଳନା ପାଇଁ କେନ୍ଦ୍ର ସରକାର ଆଇନ ଆଣିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏ ସମ୍ପର୍କିତ ବିଲ୍ ପାର୍ଲାମେଣ୍ଟର ଆସନ୍ତା ଶୀତ ଅଧିବେଶନରେ ଆସିବାର ସମ୍ଭାବନା ରହିଛି ବୋଲି ରବିବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ପୂର୍ବ ପ୍ରଚଳିତ ‘ରିଭର୍ ବୋର୍ଡ ଆକ୍ଟ ୧୯୫୬’ ସ୍ଥାନରେ ପ୍ରସ୍ତାବିତ ‘ରିଭର୍ ବେସିନ୍ ମ୍ୟାନେଜ୍‌ମେଣ୍ଟ ବିଲ୍’ ଅଣାଯିବ। ଦେଶରେ ୧୩ଟି ନଦୀ ଅବବାହିକା କର୍ତ୍ତୃପକ୍ଷ ସ୍ଥାପନ କରିବା ଲାଗି ଏଥିରେ ବ୍ୟବସ୍ଥା ରହିବ। ପ୍ରତିଟି କର୍ତ୍ତୃପକ୍ଷରେ ଦୁଇ ସ୍ତରୀୟ ବ୍ୟବସ୍ଥା ଯଥା, ଗୋଟିଏ ଗଭର୍ନିଂ କାଉନ୍‌ସିଲ୍ ଏବଂ ଅନ୍ୟଟି ଏକ୍‌ଜିକ୍ୟୁଟିଭ୍ ବୋର୍ଡ ରହିବ। ଅବବାହିକା ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ପରିଷଦରେ ଅଧ୍ୟକ୍ଷ ପଦରେ ରହିବେ। ସେମାନେ ହିଁ ରୋଟେଶନ୍ ପୋଷ୍ଟ ଶେୟାର୍ କରିବେ। ସେହିପରି ଅବବାହିକା ବିଶିଷ୍ଟ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ବର୍ଷକୁ ଦୁଇଥର ବୈଠକ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ।

### ୟୁପିରେ ଭିଡ଼ ହିଂସା: ୨ ମୃତ

**ଆମେଥି, ୧୪।୧୦(ପି.ଟି):** ଉତ୍ତର ପ୍ରଦେଶର ଆମେଥିରେ ଭିଡ଼ ହିଂସାର ଶିକାର ହୋଇ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଲ୍ଲୀପ ଯାଦବ(୨୮) ଏବଂ ରାହୁଲ ସିଂ(୩୦)। ଶନିବାର ରାତିରେ ସରିୟା ଗାଁରେ ଥିବା ଏକ ମନ୍ଦିରରେ ପୂଜା ଚାଲିଥିବା ସମୟରେ ୧୨ ବର୍ଷୀୟ ଜଣେ ବାଳକ(ସୁମିତ)ଙ୍କୁ ନିଶାଗ୍ରସ୍ତ ଅବସ୍ଥାରେ ଦୁହେଁ ଗୁଳି କରିଥିଲେ। ସୁମିତ ଏବେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରବିବାର ଦିଲ୍ଲୀପ ଏବଂ ରାହୁଲଙ୍କୁ ଗୋଷ୍ଠୀବଦ୍ଧ ଭାବରେ ମରଣାନ୍ତକ ଆକ୍ରମଣ କରିଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦୁହିଁଙ୍କର ମୃତ୍ୟୁ ଘଟିଛି।

# ଏଏମ୍‌ୟୁ ଛାଡ଼ିବାକୁ କଶ୍ମୀରୀ ଛାତ୍ରୀଛାତ୍ରଙ୍କ ଧମକ

**ଅଲିଗଡ଼,୧୪।୧୦(ପି.ଟି.)**



ଉତ୍ତରପ୍ରଦେଶର ଅଲିଗଡ଼ ମୁସଲିମ୍ ୟୁନିଭର୍ସିଟି (ଏଏମ୍‌ୟୁ)ରେ ଛାତ୍ର ଅଶାନ୍ତି ବଢ଼ିବାରେ ଲାଗିଛି। ୩ କଶ୍ମୀରୀ ଛାତ୍ରଙ୍କ ଉପରୁ ନିଲମ୍ବନ କଟକଣା ପ୍ରତ୍ୟାହାର କରା ନ ଗଲେ ଉପତ୍ୟକାର ସମସ୍ତ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ଛାଡ଼ି ରାଜ୍ୟକୁ ଫେରିଯିବେ ବୋଲି ରବିବାର ଧମକ ଦେଇଛନ୍ତି। ୧୨୦୦ରୁ ଅଧିକ ଛାତ୍ରୀଛାତ୍ର ବର୍ତ୍ତମାନ ସେଠାରେ ଅଧ୍ୟୟନ କରୁଛନ୍ତି। ଅକ୍ଟୋବର ୧୭ ତାରିଖ ଯାଏ ସେମାନେ ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ନିଲମ୍ବିତ ପିଲାଙ୍କୁ ଅଣାଯାଉ। ନଚେତ୍ କଶ୍ମୀର ଫେରିଯିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। ସେନା ଗୁଳିରେ ପ୍ରାଣ ହରାଇଥିବା ହିଜ୍‌ବୁଲ୍ ମୁଜାହିଦ୍ଦିନ୍ କମାଣ୍ଡର ମନନ୍ ବଶିର୍ ୱାନିଙ୍କ ଉଦ୍ଦେଶ୍ୟରେ ୩ କଶ୍ମୀରୀ ଛାତ୍ର ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ ଉଦ୍ୟମ କରୁଥିବାବେଳେ ସେମାନଙ୍କୁ ଅଟକାଯାଇଥିଲା। ପରେ ୩ ଛାତ୍ରଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ହୋଇଥିଲା।

### କ୍ଲାସ୍‌ରୁମ୍‌ରେ ପ୍ରଧାନ ଶିକ୍ଷକଙ୍କୁ ହତ୍ୟା

**ବେଙ୍ଗାଲୁରୁ,୧୪।୧୦(ପି.ଟି.):** କର୍ନାଟକରେ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ପ୍ରଧାନ ଶିକ୍ଷକଙ୍କୁ ପିଟି ହତ୍ୟା କଲେ ଦୁର୍ବୃତ୍ତ। ରାଜ୍ୟର ଅଗ୍ରହରା ଦଶରାହଲ୍ଲି ଅଞ୍ଚଳରେ ଥିବା ହାଭାନୁର୍ ପବ୍ଲିକ୍ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ୬୦ ବର୍ଷୀୟ ରଙ୍ଗନାଥନ୍ ରବିବାର ଦଶମ ଶ୍ରେଣୀର ୨୦ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର କ୍ଲାସ୍‌ରେ ପାଠ ପଢ଼ାଉଥିଲେ। ଏହି ସମୟରେ ୬ ଜଣ ଦୁର୍ବୃତ୍ତ ସେଠାରେ ଜୋର୍ ଜବରଦସ୍ତ ପ୍ରବେଶ କରି ଶିକ୍ଷକଙ୍କୁ ହତ୍ୟା କରିଥିଲେ। ପରେ ଏକ କାର୍‌ରେ ଫେରାର ହୋଇଯାଇଥିଲେ। ପରେ ଦୁର୍ବୃତ୍ତ ଗୋଷ୍ଠୀକୁ ମହାଲକ୍ଷ୍ମୀ ଲେଆଉଟ୍ ଅଞ୍ଚଳରୁ ଗିରଫ କରାଯାଇଥିଲା ବୋଲି ପୋଲିସ ସୂଚନା ଦେଇଛି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମୁଖ୍ୟତଃ ପରିଷ୍କାର ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୮ | ୨୦.୧ |
| ଚାନ୍ଦବାଲି | ୩୧.୨ | ୨୩.୫ |
| କଟକ | ୩୧.୦ | ୨୧.୦ |
| ପାରାଦ୍ୱୀପ | ୩୧.୫ | ୨୪.୩ |
| ଭୁବନେଶ୍ୱର | ୩୨.୬ | ୨୧.୯ |
| ଗୋପାଳପୁର | ୩୨.୦ | ୨୪.୭ |
| ପୁରୀ | ୩୧.୮ | ୨୪.୪ |
| ଅନୁଗୋଳ | ୩୨.୧ | ୧୯.୦ |
| ବାରିପଦା | ୨୯.୪ | ୨୦.୮ |
| ଝାରସୁଗୁଡ଼ା | ୩୩.୭ | ୨୨.୩ |
| କେନ୍ଦୁଝର | ୨୯.୫ | ୧୮.୮ |
| ସମ୍ବଲପୁର | ୩୩.୦ | ୨୨.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୪.୨ | ୨୩.୧ |
| ତାଳଚେର | ୩୪.୨ | ୨୨.୬ |
| ଭବାନୀପାଟଣା | ୨୯.୦ | ୨୦.୫ |
| ବଲାଙ୍ଗୀର | ୩୨.୫ | ୨୧.୫ |
| କୋରାପୁଟ | ୨୮.୦ | ୧୮.୬ |
| ଫୁଲବାଣୀ | ୨୯.୦ | ୧୬.୪ |
| ଟିଟିଲାଗଡ଼ | ୩୨.୦ | ୨୦.୦ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୨.୪ | ୨୦.୦ |
| ଦାରିଙ୍ଗିବାଡ଼ି | ୨୭.୫ | ୧୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଉଠିଲା ବିନୋଦ ଦୁଆଙ୍କ ନାମ

**ମୁମ୍ବାଇ/ନୂଆଦିଲ୍ଲୀ,୧୪।୧୦(ପି.ଟି.)**

‘#ମିଟୂ’ ଅଭିଯାନ ଭାରତରେ ତୀବ୍ର ରୂପ ଧାରଣ କରିଥିବାବେଳେ ଏହି କ୍ରମରେ ଆଉ ଜଣେ ବଡ଼ ନାମ ସାମ୍ନାକୁ ଆସିଛି। ଫେସ୍‌ବୁକ ପୋଷ୍ଟ ଜରିଆରେ ଚଳଚ୍ଚିତ୍ର ନିର୍ମାତା ନିଷ୍ଠା ଜୈନ ରବିବାର ବିଶିଷ୍ଟ ସାମ୍ବାଦିକ ବିନୋଦ ଦୁଆଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ୧୯୮୯ରେ ପ୍ରଥମକରି ଏକ କାର୍ଯ୍ୟକ୍ରମରେ ଦୁଆଙ୍କ ସହ ତାଙ୍କର ଭେଟ ହୋଇଥିଲା। ଅତି ଖରାପ ଶବ୍ଦ ବ୍ୟବହାର କରି ବ୍ୟଙ୍ଗ କରୁଥିଲେ। ଏହାସତ୍ତ୍ୱେ ତାଙ୍କ ସାମ୍ନାରେ କାର୍ଯ୍ୟକ୍ରମରେ ବସିବାକୁ ପଡୁଥିଲା। ବିଭିନ୍ନ ସମୟରେ ସେ ତାଙ୍କ ପଛେ ଗୋଡ଼ାଉଥିଲେ। ଗାଡ଼ିରେ ବସିବାକୁ ବାଧ କରୁଥିଲେ। ଗାଡ଼ିକୁ ଯିବା ପରେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିଲେ। ଗାଡ଼ିରୁ ବାହାରି ଆସିବା ପରେ ମଧ ସେ ତାଙ୍କ ପଛେ ଗୋଡ଼ାଉଥିଲେ। ‘#ମିଟୂ’ କାମ୍ପେନ୍‌ରେ ଦୁଆ ସବୁଠାରୁ ବଡ଼ ଚାମ୍ପିୟନ୍ ବୋଲି ନିଷ୍ଠା ଅଭିଯୋଗ ଆଣିଛନ୍ତି।

### #ମିଟୂ: ଘାଇଙ୍କ ବିରୋଧରେ ମାମଲା



ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଭାଷ ଘାଇଙ୍କ ବିରୋଧରେ ଦାଏର ହେଲା ଯୌନ ନିର୍ଯାତନା ମାମଲା। ‘#ମିଟୂ’ ଅଭିଯାନ ଜରିଆରେ ଘାଇଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା ଅଭିନେତ୍ରୀ ତଥା ମଡେଲ୍ ଜଣକ ଶନିବାର ରାତିରେ ମୁମ୍ବାଇର ଭର୍ସୋଭା ଥାନାରେ ଏହି ଏତଲା ଦାଏର କରିଛନ୍ତି। ମାମଲା ଦାଏର ହେବା ପରେ ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ବୋଲି ଜୋନ୍-୧୧ ଡିସିପି ପରମ୍‌ଜିତ୍ ସିଂ ଦହିୟା ରବିବାର ସୂଚନା ଦେଇଛନ୍ତି। ପରମ୍‌ଜିତଙ୍କ ସୂଚନା ମୁତାବକ, ଚଳିତବର୍ଷ ଅଗଷ୍ଟ ୬ରେ ଘାଇ ନିଜ ବାସଭବନକୁ ଡାକି ଜୋର୍ ଜବରଦସ୍ତ ଚୁମ୍ବନ କରିବାକୁ ଉଦ୍ୟମ କରିଥିଲେ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଗର୍ଲଫ୍ରେଣ୍ଡଙ୍କ ଡିମାଣ୍ଡ ପୂରଣ ପାଇଁ ଗାଡ଼ି ଚୋରି କରୁଥିବା ୨ ଯୁବକଙ୍କୁ କ୍ରାଇମ୍ ବ୍ରାଞ୍ଚ୍ ଗିରଫ କରିଛି। ଦିଲ୍ଲୀର ଉତ୍ତର-ପୂର୍ବ ଅଞ୍ଚଳରେ ରାତିରେ ଗାଡ଼ି ଚୋରି କରିବା ଅଙ୍କିତ ଓ ଅମିତ ନାମକ ଦୁଇ ଅପରାଧୀଙ୍କ ପେଶାଥିଲା। ଅଭିଯୁକ୍ତ ଦ୍ୱୟ ସେମାନଙ୍କ ଗର୍ଲଫ୍ରେଣ୍ଡଙ୍କ ଦାବି ପୂରଣ ତଥା ସେମାନଙ୍କୁ ସୌଖୀନ କାର୍‌ରେ ବୁଲାଇବା ପାଇଁ ଏପରି କରୁଥିବା କ୍ରାଇମ୍ ବ୍ରାଞ୍ଚ୍ ଡିସିପି ରାମଗୋପାଳ ନାଇକ୍‌ଙ୍କ ସମ୍ମୁଖରେ ସ୍ୱୀକାର କରିଛନ୍ତି।



## ସଂକ୍ଷେପରେ

### ରାୟଗଡ଼ା ସିଡିଏମ୍‌ଓ ନିଲମ୍ବିତ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ):** କର୍ତ୍ତବ୍ୟରେ ଅବହେଳା କାରଣରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଡାକ୍ତର ବିମଳାପ୍ରଭା ସାହୁଙ୍କୁ ନିଲମ୍ବନ କରାଯାଇଛି। ଏ ନେଇ ଶନିବାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିମଳାପ୍ରଭାଙ୍କ ସ୍ଥାନରେ ଡାକ୍ତର ଶିବପ୍ରସାଦ ପାଢ଼ୀଙ୍କୁ ରାୟଗଡ଼ାର ନୂତନ ସିଡିଏମ୍‌ଓ ଭାବେ ନିଯୁକ୍ତି ମିଳିଛି। ପ୍ରାୟ ୨ ବର୍ଷ ମଧ୍ୟରେ ରାୟଗଡ଼ା ଜିଲାବାସୀ ଡଜନରୁ ଅଧିକ ସିଡିଏମ୍‌ଓ ଦେଖିସାରିଲେଣି।

### ପୂଜା କମିଟିକୁ ସମ୍ମାନିତ କରିବ ଭୁବନେଶ୍ୱର କଂଗ୍ରେସ କମିଟି

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ):** ଆଗକୁ ସାଧାରଣ ନିର୍ବାଚନ। ଏଥିପାଇଁ ସାଧାରଣ ଜନତାଙ୍କ ନିକଟତର ହେବାରେ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି ରାଜନୈତିକ ଦଳଗୁଡ଼ିକ। ପାର୍ବଣ ଋତୁରେ ରାଜଧାନୀର କେତେକ ପ୍ରମୁଖ ଦୁର୍ଗାପୂଜା କମିଟିକୁ ସମ୍ମାନିତ କରିବ ଭୁବନେଶ୍ୱର କଂଗ୍ରେସ କମିଟି। ସଭାପତି ମାନସ ଚୌଧୁରୀ ରବିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଆସନ୍ତା ୨୦ରେ ହେବାକୁଥିବା ଭସାଣି ଦିନ କମିଟିଗୁଡ଼ିକୁ ସମ୍ମାନିତ କରାଯିବ। ମାଷ୍ଟରକ୍ୟାଣ୍ଟିନ, ସାମନ୍ତରାପୁର ଛକ, ଡମଣା ଛକ ଏବଂ ଷ୍ଟୁଆର୍ଟ ସ୍କୁଲ ଛକ ପୂଜା କମିଟିଗୁଡ଼ିକୁ ସମ୍ମାନିତ କରାଯିବ। ନିକଟରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇକୁ ବିଜେଡି ପକ୍ଷରୁ ବିଭିନ୍ନ ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ଭାବେ ଆୟୋଜନ କରାଯାଇଥିଲା।

### ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ଉଦ୍ୟମ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ):** ତିତ୍‌ଲି ବାତ୍ୟା ଯୋଗୁ ଦକ୍ଷିଣ ଓଡ଼ିଶାର ୪ଟି ଜିଲାରେ ବିଦ୍ୟୁତ୍ ସରବରାହ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏହି ଜିଲାଗୁଡ଼ିକ ହେଉଛି-ଗଞ୍ଜାମ, ଗଜପତି, କନ୍ଧମାଳ ଏବଂ ରାୟଗଡ଼ା। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ବିଦ୍ୟୁତ୍ ବ୍ୟବସ୍ଥାକୁ ଯଥାଶୀଘ୍ର ଚାଲୁ ରଖିବା ପାଇଁ ଶକ୍ତି ବିଭାଗ ପକ୍ଷରୁ ସମସ୍ତ ଉଦ୍ୟମ କରାଯାଉଛି। ସାଉଥ୍‌କୋ ଏବଂ ଓପିଟିସିଏଲ୍‌ର ମିଳିତ ଉଦ୍ୟମ କ୍ରମେ ବିଦ୍ୟୁତ୍ ସେବା ପୂର୍ବଭଳି ଚାଲିବା ପାଇଁ ପଦକ୍ଷେପ ନିଆଯାଉଛି। ତୃଣମୂଳରେ କର୍ମଚାରୀମାନେ କାମ ଅବ୍ୟାହତ ରଖିଛନ୍ତି। ଅଖୁସିଂ-୧୩୨ କେଭି ମୋହନା, ଦିଗପହଣ୍ଡି ମୋହନା ଲାଇନ ଓ ୨୨୦ କେଭି ଅତ୍ରି-ନରେନ୍ଦ୍ରପୁର ଏବଂ ଥେରୁବାଲି-ନରେନ୍ଦ୍ରପୁର ଲାଇନ ମରାମତି କାର୍ଯ୍ୟ ଗୋଟିଏ ଦିନରେ ସମାପ୍ତ ହୋଇଛି। ସେହିପରି ସର୍ବାଧିକ ପ୍ରଭାବିତ ହୋଇଥିବା ଗଜପତି ଜିଲାର ୫୦ ପ୍ରତିଶତ ମରାମତି କାର୍ଯ୍ୟ ସରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୫ଟି ଖୁଣ୍ଟ ବଦଳା ଯାଇ ୧୬୫୦ କିମି ଲାଇନ ବିଦ୍ୟୁତ ସେବା କାର୍ଯ୍ୟ ସରିଥିବା କୁହାଯାଇଛି। ପ୍ରଭାବିତ ହୋଇଥିବା ୭ ଲକ୍ଷ ଜନସାଧାରଣ ବିଦ୍ୟୁତ୍ ସଂଯୋଗ ପାଇସାରିଥିବା ଜଣାପଡିଛି। ଶକ୍ତି ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ବେଳେ ଛୁଟିରେ ଥିବା କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ଡକାଯାଇଛି। ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂ ବିଭିନ୍ନ ପ୍ରଭାବିତ ଜିଲା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଅନୁରୂପ ଭାବେ ବିଭାଗୀୟ ସଚିବ ତଥା କମିଶନର ହେମନ୍ତ ଶର୍ମା ମରାମତି କାର୍ଯ୍ୟର ତଦାରଖ ଜାରି ରଖିଛନ୍ତି।

### ଡରାଉଛି ଅଜଣା ଜ୍ୱର ଆଉ ୩ ଶିଶୁ ଡାକ୍ତରଖାନାରେ ଭର୍ତ୍ତି

**କାଳିମେଳା,୧୪।୧୦(ଡି.ଏନ.ଏ):** ମାଲକାନଗିରି ଜିଲା କାଳିମେଳା ବ୍ଲକରେ ଅଜଣା ଜ୍ୱର ଲୋକଙ୍କୁ ଡରାଉଛି। ଜଣକ ପରେ ଜଣେ ଶିଶୁ ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଫଳରେ ଏହା ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କାଳିମେଳା ବ୍ଲକ ଅନ୍ତର୍ଗତ କଇମେଟଲା ପଞ୍ଚାୟତର ମାରନପାଲି ଗ୍ରାମରେ ଏପରି ସ୍ଥିତି ଦେଖାଦେଇଛି। ମାରନପାଲି ଗ୍ରାମର ରାମା ପଡିଆମିଙ୍କ ୩ ବର୍ଷର ଝିଅ ଚନ୍ଦ୍ରିକା ପଡିଆମି ଜ୍ୱରରେ ଆକ୍ରାନ୍ତ ହୋଇ ମାଲକାନଗିରି ଜିଲା ମୁଖ୍ୟଚିକିତ୍ସାଳୟର ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ମାରନପାଲି ଗ୍ରାମରେ ୨ ଜଣ ଶିଶୁ ଓ କଇମେଟଲା ଗ୍ରାମରେ ଜଣେ ଶିଶୁ ଅଜଣା ଜ୍ୱରରେ ଆକ୍ରାନ୍ତ ହୋଇ କାଳିମେଳା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଗ୍ରାମକୁ ରବିବାର ଏକ ଡାକ୍ତରୀ ଦଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହ ଆକ୍ରାନ୍ତ ଶିଶୁମାନଙ୍କୁ ମେଡିକାଲ ପଠାଇବା ବ୍ୟବସ୍ଥା କରିଥିଲେ। ଗ୍ରାମରେ ରବିବାର ସନ୍ଧ୍ୟାରେ ମଶା ଧୂଆଁ ସ୍ପ୍ରେ କରାଯାଇଛି। ମାରନପାଲି ଗ୍ରାମରେ ଅପରିଷ୍କାର ପରିବେଶ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ପାଣି ଜମା ହୋଇ ରହିବା, ଘୁଷୁରିମାନେ ମଧ୍ୟ ଏଣେତେଣେ ବୁଲୁଥିବା ନଜରକୁ ଆସିଛି। ଫଳରେ ଗ୍ରାମ ପରିବେଶ ଅଜଣା ଜ୍ୱରର ମାଧ୍ୟମ ସାଜିଛି ବୋଲି କୁହାଯାଉଛି।

# ଶକ୍ତି ବିଭାଗ ଅପାରଗତା ନେଇ ବର୍ଷିଲେ ଶ୍ରୀକାନ୍ତ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

- ଗ୍ରୀଡ୍‌କୋ ପାଇବ ୭୦୦୦ କୋଟି ବକେୟା
- ଟି ଆଣ୍ଡ ଡି କ୍ଷତି ୪୧ ପ୍ରତିଶତ
- ଚାଷୀଙ୍କୁ ମାଗଣା ବିଜୁଳି ଦାବି
- ପ୍ରତିକ୍ରିୟା ରଖିଲେ ଶକ୍ତି ସଚିବ



ରାଜ୍ୟବାସୀଙ୍କୁ ରିହାତି ଦରରେ ବିଜୁଳି ସେବା ଯୋଗାଇଦେବା ପ୍ରତ୍ୟେକ ସରକାରଙ୍କ ଦାୟିତ୍ୱ। ଚାଷୀ, ସାଧାରଣ ଖାଉଟି ଏବଂ ସରକାରୀ ଉଦ୍ୟୋଗକୁ ବିଦ୍ୟୁତ୍ ସେବା କ୍ଷେତ୍ରରେ ପ୍ରାଥମିକତା ମିଳିବା କଥା। ମାତ୍ର ରାଜ୍ୟ ସରକାର ଶିଳ୍ପସଂସ୍ଥାକୁ ଅନୁକମ୍ପା ଦେଖାଇବାକୁ ଯାଇ ଖାଉଟିଙ୍କଠାରୁ ଅଧିକ ଶୁଳ୍କ ଆଦାୟ କରୁଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ରାଜଧାନୀସ୍ଥିତ ବାସଭବନରେ ରବିବାର ଖବରଦାତା ସମ୍ମିଳନୀ କରି ଶ୍ରୀକାନ୍ତ ଶକ୍ତି ବିଭାଗର ଏକାଧିକ ଅନିୟମିତତା ସମ୍ପର୍କରେ ମତ ରଖିଛନ୍ତି।

ଶ୍ରୀକାନ୍ତ କହିଛନ୍ତି ଯେ, ରିଲାଏନ୍ସ ଅଧୀନରେ ଥିବା ନେସ୍କୋ, ସାଉଥ୍‌କୋ ଓ ୱେସ୍କୋ ଏବଂ ଏଇଏସ୍ ଅଧୀନରେ ଥିବା ସେସ୍କୋ ଗ୍ରୀଡ୍‌କୋକୁ ୭୦୦୦ କୋଟି ଟଙ୍କା ପୈଠ କରିବାକୁ ରହିଛି। ଏହାକୁ ଆଦାୟ କରିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି। ଦେଶର ପ୍ରଥମ ରାଜ୍ୟ ଭାବେ ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ଆଣିଥିବା ଓଡ଼ିଶା ଟ୍ରାନ୍ସମିଶନ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ(ଟି ଏବଂ ଡି) କ୍ଷୟକ୍ଷତି ହ୍ରାସ କରିପାରୁନାହିଁ। ବର୍ତ୍ତମାନ ଏହା ୪୧ ପ୍ରତିଶତ ହୋଇଛି, ସାଧାରଣତଃ ୧୫ ପ୍ରତିଶତ ଟି ଆଣ୍ଡ ଡି କ୍ଷୟକ୍ଷତିକୁ ଛାଡ଼ କରାଯାଇପାରେ। ଏହାଠାରୁ ଅଧିକ ହେଲେ ସାଧାରଣ ଖାଉଟିଙ୍କ ଉପରେ ବ୍ୟୟଭାର ଅଧିକ ପଡିଥାଏ। କାହା ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଏହାକୁ ଆଖି ବୁଜି ଦେଇଛି ବୋଲି ଶ୍ରୀକାନ୍ତ କହିଛନ୍ତି। ଟି ଏବଂ ଡି ଦ୍ୱାରା ହେଉଥିବା ପ୍ରାୟ ୨୫ ପ୍ରତିଶତ କ୍ଷତି ପାଇଁ କମ୍ପାନୀମାନଙ୍କ ଅପାରଗତା ଦାୟୀ। ଏହା ଏକପ୍ରକାର ବିଦ୍ୟୁତ୍ ଚୋରି, ଯାହାର ପରିମାଣ ୨୫,୦୦୦ କୋଟି ଟଙ୍କାରୁ ଅଧିକ ହେବ। ଯାହାକୁ ଭରଣା କରିବା ପାଇଁ ଖାଉଟିଙ୍କ ଉପରେ ଅଧିକ କର ଲାଗୁ କରାଯାଇଥିବା ଶ୍ରୀକାନ୍ତ ଯୁକ୍ତି ବାଢ଼ିଛନ୍ତି।

ସେହିପରି ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି। ଦିଲ୍ଲୀ ଭଳି ବିଜୁଳି ଆମଦାନୀ କରୁଥିବା ରାଜ୍ୟ ଆରମ୍ଭରୁ ୪୦୦ ୟୁନିଟ୍ ପର୍ଯ୍ୟନ୍ତ ୨ ଟଙ୍କା ଲେଖାଏଁ ୮୦୦ ଟଙ୍କା ଶୁଳ୍କ ନେଉଛି। ହେଲେ ଓଡ଼ିଶାରେ ଆରମ୍ଭରୁ ୪୦୦ ୟୁନିଟ୍ ପାଇଁ ପ୍ରାୟ ୧୯୫୦ ଟଙ୍କା ଦେବାକୁ ପଡୁଛି। ଉପରୋକ୍ତ ୧୧୫୦ ଟଙ୍କା ଲାଭଖୋର କମ୍ପାନୀ ଏବଂ ତାଙ୍କର ରାଜନୈତିକ ମୁଣ୍ଡିଆଳମାନଙ୍କ ନିକଟକୁ ଯାଉଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଭିଯୋଗ କରିଛନ୍ତି। ପଞ୍ଜାବ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଚାଷୀଙ୍କୁ ମାଗଣା ବିଜୁଳି, ଆନୁଷଙ୍ଗିକ ସବ୍‌ସିଡି ଏବଂ ପଛୁଆ ବର୍ଗଙ୍କୁ ବିଦ୍ୟୁତ୍ ସମ୍ବନ୍ଧୀୟ ସୁବିଧା ପ୍ରଦାନ କରିପାରୁଛି। ସେହିପରି ଆନ୍ଧ୍ର ମଧ୍ୟ ରିହାତି ଦେଉଛି। ଓଡ଼ିଶାରେ ଏ ସବୁ କାହିଁକି ସମ୍ଭବ ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଜଣେ ଆଇଏଏସ୍ ଅଧିକାରୀ କିପରି ଭାବେ ଶକ୍ତି ସଚିବ ରହିବା ସହ ବିଦ୍ୟୁତ୍ ସହ ଜଡ଼ିତ ଏକାଧିକ ସଂସ୍ଥାର ଅଧ୍ୟକ୍ଷ ପଦରେ ଦୀର୍ଘଦିନ ଧରି ରହିଛନ୍ତି। ବିଦ୍ୟୁତ୍ ଉତ୍ପାଦନ କରିବା, ବଣ୍ଟନ କରିବା ଏବଂ ଶୁଳ୍କ ଆଦାୟ କରିବା ଭିନ୍ନ ଭିନ୍ନ ବ୍ୟାପାର। ସବୁର ଗୋଟିଏ ଅଫିସର ଦାୟିତ୍ୱରେ ରହିବା ଦୁର୍ନୀତିକୁ ଆଖିବୁଜା ପ୍ରୋତ୍ସାହନ ବୋଲି ଶ୍ରୀକାନ୍ତ କହିଛନ୍ତି।

ଅପରପକ୍ଷରେ ରାଜ୍ୟ ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ପରିବାର ଏବଂ କୃଷକଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଦେବା ପାଇଁ ସେ ଦାବି କରିଛନ୍ତି। ଶକ୍ତି ବିଭାଗରେ ହୋଇଥିବା ଏହି ବହୁ କୋଟିର ଦୁର୍ନୀତିର ସିବିଆଇ ତଦନ୍ତ ଏବଂ ତୃତୀୟ ପକ୍ଷ ଦ୍ୱାରା ବିଭାଗର ଅଡିଟ୍ କରିବା ପାଇଁ ଜେନା ଦାବି କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଅଣାଯାଇଥିବା ଅଭିଯୋଗ ଉପରେ ଶକ୍ତି ସଚିବ ହେମନ୍ତ ଶର୍ମାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲାରେ ତିତ୍‌ଲି ପ୍ରଭାବରେ ଶକ୍ତି ବିଭାଗର ପ୍ରଭୂତ କ୍ଷତି ହୋଇଛି। ଯଥାସମ୍ଭବ ସାଧାରଣ ଲୋକଙ୍କୁ ତୁରନ୍ତ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଚେଷ୍ଟା ଅବ୍ୟାହତ ରହିଛି। ତେଣୁ ଜେନା କେଉଁ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି, ସେ ସମ୍ପର୍କରେ ଅବଗତ ନାହୁଁ। ୮ ଲକ୍ଷ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ୨୦୦୦ରୁ ଅଧିକ କର୍ମଚାରୀ କାମ କରୁଛନ୍ତି। ଏଯାବତ୍ ୬ ଲକ୍ଷ ଉପଭୋକ୍ତାଙ୍କ ପାଇଁ କାର୍ଯ୍ୟ ସରିଛି। ତେଣୁ ଏପରି ସମୟରେ ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା କରିବା ଯଥାର୍ଥ ନୁହେଁ ବୋଲି ଶର୍ମା କହିଛନ୍ତି।

## ସାବତ ମା'ଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକଲେ ପୁଅ

**ଟେନସା,୧୪।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ଓରାଘାଟ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ଘରୋଇ କଳିକୁ କେନ୍ଦ୍ର କରି ଜଣେ ଯୁବକ ତାଙ୍କ ସାବତ ମା'ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ଜେମା ମୁଣ୍ଡା(୩୫)। ଅଭିଯୁକ୍ତ ମାଟା ମୁଣ୍ଡା(୨୦)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କୌଣସି ଘଟଣାକୁ ନେଇ ମା'ପୁଅଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମାଟା ଏକ ଟାଙ୍ଗିଆରେ ଜେମାଙ୍କୁ ଆକ୍ରମଣ କରିଥିଲେ। ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। କୌଣସି ସୂତ୍ରରୁ ଖବର ପାଇ ରବିବାର ସକାଳେ ପୋଲିସ ଗାଁରେ ପହଞ୍ଚି ମାଟାଙ୍କୁ ଗିରଫ କରିଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୋଇଡ଼ା ଡାକ୍ତରଖାନା ପଠାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ୭୪/୧୮) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ଦାଶ ପ୍ରକାଶ କରିଛନ୍ତି।

## ■ ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ଗ୍ୟାସ୍‌ରେ ରିହାତି
# ଉଜ୍ଜ୍ୱଳା ଉପଭୋକ୍ତାଙ୍କୁ ୨ଶହ ଟଙ୍କାରେ ମିଳିବ ସିଲିଣ୍ଡର

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)**

- କାଗଜପତ୍ର ହଜିଯାଇଥିଲେ ନୂଆ ଯୋଗାଇଦେବ କମ୍ପାନୀ
- କ୍ଷତିଗ୍ରସ୍ତ ଅଞ୍ଚଳରେ ଖୋଲିବ କ୍ୟାମ୍ପ୍

ତିତ୍‌ଲି ପ୍ରଭାବରେ ପ୍ରଭାବିତ ହୋଇଥିବା ଜିଲାଗୁଡ଼ିକର କ୍ଷତିଗ୍ରସ୍ତଙ୍କୁ ରିହାତି ଦାମ୍‌ରେ ଗ୍ୟାସ୍ ମିଳିବ। ବନ୍ୟା ଓ ବାତ୍ୟା ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଉଜ୍ଜ୍ୱଳା ହିତାଧିକାରୀଙ୍କୁ ୨ଶହ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯିବ ବୋଲି ତୈଳ ବିପଣନ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଏଲ୍‌ପିଜିକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ କରିବା ପାଇଁ ୩ ତୈଳକମ୍ପାନୀ ପକ୍ଷରୁ ଏଚଏଲସି ପ୍ରୀତୀଶ ଭାରତ ଖାଉଟିମାନଙ୍କୁ ଏହି ସୁବିଧା ମିଳିବ ବୋଲି ସୂଚନା ଦେଇଛନ୍ତି।

ରବିବାର ଭାରତ କହିଛନ୍ତି ଯେ, ରୋଷେଇ ପାଇଁ ଗ୍ୟାସ୍ ନିତାନ୍ତ ଆବଶ୍ୟକ। ବାତ୍ୟା ଓ ବନ୍ୟାରେ ଯେଉଁମାନଙ୍କର ସିଲିଣ୍ଡର କିମ୍ବା ଗ୍ୟାସ୍ କାଗଜପତ୍ର ହଜିଯାଇଥିବ ସେଭଳି ସ୍ଥିତିରେ ଖାଉଟିମାନଙ୍କୁ ଯେପରି ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡିବ ସେଥିପାଇଁ ତୈଳ ବିପଣନ କମ୍ପାନୀଗୁଡ଼ିକ ଯତ୍ନବାନ୍ ଅଛନ୍ତି। ଯଦି ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ଉପଭୋକ୍ତାମାନଙ୍କର ସିଲିଣ୍ଡର ହଜିଯାଇଥାଏ ତେବେ ସେମାନେ ଉପଯୁକ୍ତ ପ୍ରମାଣ ଦେଇ ୨ଶହ ଟଙ୍କାରେ ସିଲିଣ୍ଡର ନେଇପାରିବେ। ସେହିପରି ଅନ୍ୟସବୁ ଘରୋଇ ଗ୍ରାହକମାନଙ୍କର ସିଲିଣ୍ଡର ହଜିଯାଇଥିଲେ ସେମାନଙ୍କୁ ୧୨ଶହ ଟଙ୍କାରେ ନୂଆ ଯୋଗାଇ ଦିଆଯିବ। ଏହାସହ ଗ୍ୟାସ୍ କାଗଜପତ୍ର ହଜିଯାଇଥିଲେ ମଧ୍ୟ ସେମାନଙ୍କୁ ନୂଆ କାଗଜପତ୍ର ଯୋଗାଇ ଦିଆଯିବ। ଏଥିପାଇଁ ତୈଳ ବିପଣନ କମ୍ପାନୀଗୁଡ଼ିକ ସହଯୋଗ କରିବେ। ଏହି ସୁବିଧା ଯୋଗାଇ ଦେବା ପାଇଁ ବିଭିନ୍ନ ସ୍ଥାନରେ କ୍ୟାମ୍ପ ଖୋଲାଯିବ। ଗ୍ୟାସ୍ ବିତରକ ଏବଂ ଅନ୍ୟାନ୍ୟ ମାଧ୍ୟମରେ ଉପଭୋକ୍ତାମାନଙ୍କ ନିକଟରେ ପହଞ୍ଚାଯିବ ବୋଲି ଭାରତ ସୂଚନା ଦେଇଛନ୍ତି।

## ଟ୍ରକ୍‌କୁ ପିଟିଲା ଟ୍ରକ୍, ଡ୍ରାଇଭର ମୃତ

**ବାରକୋଟ, ୧୪।୧୦(ଡି.ଏନ.ଏ.)**

ଦେବଗଡ ଜିଲା ବାରକୋଟ ଥାନା ଅନ୍ତର୍ଗତ ୪୯ନମ୍ବର ଜାତୀୟ ରାଜପଥର ଗୋଲାବନ୍ଧ ଗ୍ରାମ ନିକଟରେ ଟ୍ରକ ପଛରେ ଏକ ଟ୍ରକ ଧକ୍କା ଦେବାରୁ ପଛ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭର ଜଣକ ହେଲେ ଭରତ ଦେହୁରୀ(୪୦)। ଖବର ନେବାରୁ ଜଣାଯାଇଛି ଯେ, ଓଡି ୦୯ଜି-୬୬୫୭ ବିଶିଷ୍ଟ ଟ୍ରକ ସାମନାରେ ଏକ ରୋଲର ଗାଡି ଛିଡା ହୋଇଥିଲା। ରାସ୍ତା ପାର ହେବା ବେଳେ ହଠାତ ଟ୍ରକଟି ବ୍ରେକ ମାରିବାରୁ ପଛରେ ଆସୁଥିବା ଓଡି୧୪ ଡି-୫୭୭୭ ନମ୍ବର ଟ୍ରକ ପଛରେ ପିଟି ହୋଇ ଯାଇଥିଲା। ଫଳରେ ଗୋଲାବନ୍ଧ ଗ୍ରାମର ଗାଡି ଡ୍ରାଇଭର ଭରତ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବଂପରଡା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବାରକୋଟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଦୁଇଟି ଯାକ ଟ୍ରକ ଜବତ ହୋଇଛି। ମୃତ ଡ୍ରାଇଭରଙ୍କ ଘର ଗୋଲାବନ୍ଧ ଗ୍ରାମରେ ବୋଲି ଜଣାପଡିଛି।

# ୮ଜଣଙ୍କୁ ସାରସ୍ୱତ ସାଧକ ସାହିତ୍ୟଶ୍ରୀ ସମ୍ମାନ



ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ରେଡ୍‌କ୍ରସ ଭବନଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅହିଂସା ମାର୍ଗରେ ପରିଚାଳିତ ହେବାକୁ ଆହ୍ୱାନ କରିଥିଲେ। ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଜୟାନନ୍ଦ ସିଂ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କବି ହୁସେନ୍ ରବି ଗାନ୍ଧୀ ଓ ପ୍ରଫେସର ରାଧାମୋହନ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅବଦାନ ଲାଗି ୮ଜଣଙ୍କୁ ଅନୁଷ୍ଠାନ ତରଫରୁ ସାରସ୍ୱତ ସାଧକ ସାହିତ୍ୟଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବାସୁଦେବ ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅରୁଣ କୁମାର ବିଶ୍ୱାଳ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖପତ୍ର 'ବିନ୍ଦୁ ପତ୍ରିକା', ବାସୁଦେବ ସାମଲଙ୍କ ରଚିତ ଉପନ୍ୟାସ 'କୃଷ୍ଣ ଚରିତ ଅନୁବାଦ' ଏବଂ ଲୋପାମୁଦ୍ରା ଜେନାଙ୍କ କବିତା ସଙ୍କଳନ 'ହୃଦୟର ବେଳାଭୂମି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ପରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଧିବେଶନରେ ଉପସ୍ଥିତ କବିମାନେ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ପୁଷ୍ପିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୈଳାସ ସାହାଣୀ ସଂଯୋଜନା କରିଥିଲେ।

# ହାତୀ ଆକ୍ରମଣରେ ଜଣଙ୍କ ଜୀବନ ଗଲା

**କ୍ଷତିପୂରଣ ଦାବିରେ ୬ ଘଣ୍ଟା ଆନ୍ଦୋଳନ**

**ବନ୍ତଲା,୧୪।୧୦ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ବନ୍ତଲା ରେଞ୍ଜ ବଡ଼କନ୍ତକୁଳ ପଞ୍ଚାୟତ ନୂଆଖେତା ଗ୍ରାମର ରମେଶ ସାହୁଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଶନିବାର ସକାଳେ ରମେଶ କୁହୁରୁପଦା ନିକଟକୁ ଛତୁ ତୋଳିବା ପାଇଁ ଯାଇ ନିଖୋଜ ଥିଲେ। ରବିବାର ସକାଳେ ଜଙ୍ଗଲ ମଧ୍ୟରେ ତାଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀ ଆକ୍ରମଣରେ ରମେଶଙ୍କ ଜୀବନ ଯାଇଥିବା ଜଣାପଡ଼ିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ସହ ୪ ଦଫା ଦାବି ପୂରଣ ପାଇଁ ଗ୍ରାମବାସୀ ମୃତଦେହକୁ ୬ ଘଣ୍ଟା ଧରି ଅଟକ ରଖିଥିଲେ। ବନ ବିଭାଗ ଅଧିକାରୀମାନେ ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

ହାତୀ ଆକ୍ରମଣରେ ଜଣଙ୍କର ଜୀବନ ଯାଇଥିବା ଖବର ମିଳିବା ମାତ୍ରେ ବନ୍ତଲା ରେଞ୍ଜର ଧନରାଜ ଏଚ.ଡି.,ଏସିଏଫ୍ ବାସୁଦେବ ନାୟକ, ବନ୍ତଲା ଥାନା ଆଇଆଇସି ସବ୍ୟସାଚୀ ରାଉତ, ଏଏସ୍‌ଆଇ ନେପାଳ ପଣ୍ଡା, ରେଞ୍ଜର ଶରତ ମହାପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ଛଡ଼ାଯିବା ନାହିଁ ବୋଲି ଗ୍ରାମବାସୀ ଅଡ଼ିବସିଥିଲେ। ଜଙ୍ଗଲ ମଧ୍ୟରେ ଆଲୋଚନା ବିଫଳ ହେବାରୁ ଗ୍ରାମବାସୀ ମୃତଦେହ ଗ୍ରାମ ମେଳାପଡିଆକୁ ନେଇ ଯାଇଥିଲେ। ସେଠାରେ ଉପସ୍ଥିତ ଅଧିକାରୀମାନଙ୍କ ସହିତ ଗ୍ରାମ ସଭାପତି ତପନ ପ୍ରଧାନ, ସରପଞ୍ଚ ଧ୍ରୁବ ଚରଣ ଦେହୁରୀ, ସମିତି ସଭ୍ୟ ବିମଳ ପ୍ରଧାନ ପ୍ରମୁଖ ଆଲୋଚନା କରିଥିଲେ। କ୍ଷତିପୂରଣ ବାବଦରେ ମୃତକଙ୍କ ପରିବାରକୁ ଚାରି ଲକ୍ଷ ଟଙ୍କା ମିଳିବାର ନିୟମ ଥିବା ବେଳେ ସେଥିରୁ ୪୦ ହଜାର ଟଙ୍କାର ଚେକ୍ ଡିଏଫଓ ତୁରନ୍ତ ପ୍ରଦାନ କରିଥିଲେ। ଏଥିସହ ଶୁଦ୍ଧିକ୍ରିୟା ସମୟରେ ଆଉ ଏକ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯିବ। ବାକି ଦୁଇ ଲକ୍ଷ ଷାଠିଏ ହଜାର ଟଙ୍କା ସମସ୍ତ ପ୍ରମାଣ ପତ୍ର ପ୍ରଦାନ ପରେ ମିଳିବ। ମୃତକଙ୍କ ଉତ୍ତରାଧିକାରୀଙ୍କୁ ବନ ବିଭାଗରେ ଚାକିରି, ଗ୍ରାମ୍ୟ କମିଟି ମାଧ୍ୟମରେ ସୋଲାର ଫେନସିଂ ଓ ହାତୀ ନିରୋଧ ଗାତ ଖୋଳାଯିବା, ପୂର୍ବରୁ ହାତୀ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁକୁ ନେଇ ହୋଇଥିବା ଭଙ୍ଗାରୁଜା ଘଟଣାରେ ଗ୍ରାମବାସୀଙ୍କ ନାମରେ ଥିବା ମାମଲା ସମାଧାନ କରିବା, ବନ୍ୟଜନ୍ତୁ ଉପଦ୍ରପ ଜନିତ କ୍ଷତିପୂରଣ ଦେବା ଆଦି ଦାବିପୂରଣ କରାଯିବ ବୋଲି ବନ ବିଭାଗ ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଛାଡ଼ିଥିଲେ। ପରେ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ୨ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ସରପଞ୍ଚ ୨ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ।

## ତିତ୍‌ଲି ମୁକାବିଲାରେ ରାଜ୍ୟ ସରକାର ବିଫଳ: ସିପିଏମ୍

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

ତିତ୍‌ଲି ବାତ୍ୟା ଏବଂ ପରବର୍ତ୍ତୀ ବର୍ଷାର ମୁକାବିଲା କରିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ଅଭିଯୋଗ କରିଛି ସିପିଏମ୍ । ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅଳିକିଶୋର ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟର ୧୬ଟି ଜିଲାର ୧୨୦ ବ୍ଲକ ବିଭିନ୍ନ ଭାବରେ କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ଦ୍ୱାରା ଶୂନ୍ୟମୃତ୍ୟୁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ପ୍ରଶାସନିକ ଅପାରଗତା କାରଣରୁ ୩୦ରୁ ଊର୍ଦ୍ଧ୍ୱ ଜୀବନ ହାନି ଘଟିଲା। ଶହ ଶହ ଗୋରୁ ମରିବା ସହ ନିଖୋଜ ହୋଇଛନ୍ତି। ସେହିପରି ରାୟଗଡା, ଗଜପତି ଏବଂ ଗଞ୍ଜାମ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବାତ୍ୟା ଓ ବନ୍ୟା ବିଭୀଷିକା ଫଳରେ ପ୍ରାୟ ୧୦,୦୦୦ ଘର ଭାଙ୍ଗିଥିବା ଅଳିକିଶୋର ଅଭିଯୋଗ କରିଛନ୍ତି। ସିପିଏମ୍ ପକ୍ଷରୁ ମୃତ୍ୟୁ ହୋଇଥିବା ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଚାଷ ଏବଂ ଅନ୍ୟାନ୍ୟ କ୍ଷତିର ଠିକ୍ ଆକଳନ କରାଯାଇ ତୁରନ୍ତ ସହାୟତା ପ୍ରଦାନ କରାଯିବା ପାଇଁ ଦାବି କରାଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଅଳିକିଶୋରଙ୍କ ନେତୃତ୍ୱରେ ଗଞ୍ଜାମ ଜିଲାର ପୋଇରାଣି ଗ୍ରାମରେ ରିଲିଫ୍ ବଣ୍ଟନ କରାଯାଇଛି।

## ■ ବାଛୁରିକୁ ଝାମ୍ପିନେଲା ସୁନ୍ଦରୀ ବାଘୁଣୀ
# ହାତୀବାରିରେ ପୁଣି ଆତଙ୍କ

**ବନ୍ତଲା,୧୪।୧୦ (ଡି.ଏନ୍.ଏ.)**



ମାସେ ପରେ ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ଟିକରପଡା ରେଞ୍ଜ ହାତୀବାରି ଗ୍ରାମରେ ପୁଣି ବାଘୁଣୀ ସୁନ୍ଦରୀ ଆତଙ୍କ ଦେଖାଦେଇଛି। ଗତ ସେପ୍ଟେମ୍ବର ୧୨ରେ ସୁନ୍ଦରୀ ଗ୍ରାମର ମହିଳା କୈଳାସ ସାଇଅ (୫୦)ଙ୍କୁ ଆକ୍ରମଣ କରି ମାରିଦେଇଥିବା ବେଳେ ରବିବାର ଅପରାହ୍ନରେ ରଘୁ ସାଏଙ୍କ ଏକ ବାଛୁରୀକୁ ଝାମ୍ପି ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମରେ ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଛି। ଏଥିସହ ଥମିଯାଇଥିବା ସୁନ୍ଦରୀ ଆତଙ୍କ ପୁଣି ଲୋକଙ୍କୁ ଭୟଭୀତ କରିଦେଇଛି। ଖବରପାଇ ଟିକରପଡ଼ା ରେଞ୍ଜର ଜୟନ୍ତ ପଟ୍ଟନାୟକ, ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରା, ଏସିଏଫ ଶୁଭେନ୍ଦୁ ବେହେରା, ଡବ୍ଲ୍ୟୁଆଇଆଇ ଟିମ୍, ମନିଟରିଂ ଟିମ୍, ବନ କର୍ମଚାରୀ ଏବଂ ପୋଲିସ ଫୋର୍ସ ପହଞ୍ଚି ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ସହିତ ବାଘୁଣୀକୁ ଘଉଡାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏଥିସହିତ ବାଛୁରୀର ମୃତଦେହ ଖୋଜାଯାଉଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ବନ ବିଭାଗକୁ ତାହା ମିଳିନାହିଁ। ଏ ବିଷୟରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସରଂକ୍ଷକ ଡ. ସୁଦର୍ଶନ ପଣ୍ଡା କୁହନ୍ତି, ଘଟଣାସ୍ଥଳରେ ଥିବା ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ମନିଟରିଂ ଟିମ୍ ଘଟଣାସ୍ଥଳରେ ଅଛନ୍ତି।

## ଟ୍ରେନ୍‌ରୁ ଖସିପଡ଼ି ନାବାଳକଙ୍କ ମୃତ୍ୟୁ

**ବେଗୁନିଆ/ବୋଲଗଡ଼,୧୪।୧୦ (ଡି.ଏନ.ଏ.)**

ଟ୍ରେନରୁ ଖସିପଡି ରବିବାର ସକାଳୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଥାନାରେ (ନଂ. ୧୦/୧୮) ଅପମୃତ୍ୟୁ ମାମଲା ରୁଜୁ ହେବା ସହ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁସାରେ ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ସାନପଦର ପଞ୍ଚାୟତ ଅନ୍ତର୍ଗତ କୃଷ୍ଣଶରଣପୁର ଗ୍ରାମର କେଞ୍ଚୁ ପରିଡାଙ୍କ ପୁଅ ପିକୁ(୧୬) ସକାଳ ୬ଟା ୧୨ରେ ରାଜସୁନାଖଳା ଷ୍ଟେଶନରୁ ପୁରୀ ଅଭିମୁଖେ ଟ୍ରେନ ଯୋଗେ ଯାଉଥିଲେ। ସାନପଦର ଗ୍ରାମ ନିକଟରେ ଅକସ୍ମାତ ପିକୁ ଟ୍ରେନରୁ ଖସିପଡିଥିଲେ। ଖବରପାଇ ସ୍ଥାନୀୟ ଲୋକେ ପିକୁଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ମାତ୍ର କେଞ୍ଚୁଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ■ ଚାନ୍ଦା ମାଗିବାକୁ ନେଇ ବିବାଦ
# ପାଣି ପାଉଚ ଫ୍ୟାକ୍ଟ୍ରି ମାଲିକଙ୍କୁ ଆକ୍ରମଣ

**ଢେଙ୍କାନାଳ ଅଫିସ,୧୪।୧୦**

ଢେଙ୍କାନାଳ ସହରସ୍ଥିତ ଶକ୍ତିସୁଗାର ନିକଟସ୍ଥ ଗଙ୍ଗୋତ୍ରୀ ଏଣ୍ଟରପ୍ରାଇଜର୍ସ ନାମକ ଏକ ପାଣି ପାଉଚ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ରାକେଶ ଆଚାର୍ଯ୍ୟଙ୍କୁ ରବିବାର ମରଣାନ୍ତକ ଆକ୍ରମଣ ହୋଇଛି। ପ୍ରାୟ ୪ ଜଣ ଲୋକ ତାଙ୍କୁ ପଛପଟୁ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିବାରୁ ସେ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ସହ ରାକେଶ ଟାଉନ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଲକ୍ଷ୍ମୀପୂଜା ପାଇଁ ଚାନ୍ଦା ଆଦାୟକୁ କେନ୍ଦ୍ର କରି ଏହି ଗଣ୍ଡଗୋଳ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ପକ୍ଷରୁ ମଧ୍ୟ ଥାନାରେ ଏକ ପାଲଟା ଅଭିଯୋଗ ହୋଇଛି।

ରାକେଶଙ୍କ ଅଭିଯୋଗରୁ ଜଣାପଡିଛି, ସେ ସକାଳେ ତାଙ୍କ ପାଣିପାଉଚ ଫ୍ୟାକ୍ଟ୍ରିରେ ଥିବା ସମୟରେ କୋରିଆଁ ଜୁଆଙ୍ଗ ସାହିରୁ ପ୍ରାୟ ୧୫ଜଣ ଲୋକ ଆସି ତାଙ୍କୁ ଚାନ୍ଦା ମାଗିଥିଲେ । ସେ ଅନ୍ୟ ଜାଗାରେ ଚାନ୍ଦା ଦେଉଥିବାରୁ ଏ ସମ୍ପର୍କରେ ଉକ୍ତ ପୂଜା କମିଟିକୁ ପଚାରି ନିଷ୍ପତ୍ତି ନେବେ ବୋଲି ରାକେଶ କହିବାରୁ ସେମାନେ ଗାଳିଗୁଲଜ କରି ପଳାଇଥିଲେ। ଅପରାହ୍ନ ପ୍ରାୟ ୧ଟା ବେଳେ ରାକେଶ ଫ୍ୟାକ୍ଟ୍ରି ନିକଟସ୍ଥ ଏକ ହୋଟେଲକୁ ଖାଇବାକୁ ଯାଇ ଫେରୁଥିବା ବେଳେ ୪ ଜଣ ଲୋକ ଲୁହାରଡ୍, ଟାଙ୍ଗିଆ ବେଣ୍ଟ, ଫାର୍ସା ଓ ଶାବଳ ଦ୍ୱାରା ତାଙ୍କୁ ଆକ୍ରମଣ କରିଥିଲେ। ପରେ ଏକ ବାଇକରେ ତାଙ୍କୁ ଜବରଦସ୍ତ ଜୁଆଙ୍ଗ ସାହିକୁ ନେଇଯାଇଥିଲେ। ରାକେଶଙ୍କଠାରୁ ଫୋନ ଯୋଗେ ଖବର ପାଇ ସମ୍ପର୍କୀୟମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ସମ୍ପୃକ୍ତ ଚାନ୍ଦା ଆଦାୟକାରୀ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ନଂ. ୨୯୧/୧୮ ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଅପରଗୋଷ୍ଠୀ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ ହୋଇଛି। ଦିନ ପ୍ରାୟ ୧ଟା ବେଳେ ସାହିର ଲକ୍ଷ୍ମୀପୂଜା କମିଟି ପିଲାମାନେ ପାଣି ପାଉଚ ଫ୍ୟାକ୍ଟ୍ରିକୁ ଚାନ୍ଦା ମାଗିବାକୁ ଯାଇଥିବା ବେଳେ ସେମାନଙ୍କୁ ଫ୍ୟାକ୍ଟ୍ରି କର୍ତ୍ତୃପକ୍ଷ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ କରି ତଡି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିସହ ମହିଳାଙ୍କୁ ଅସଦାଚରଣ କରିଥିବା ଉକ୍ତ ଅଞ୍ଚଳର ଛବି ମଲିକ, ଲିଲି ମଲିକ, ବବିତା ରାଉଳ ପ୍ରମୁଖ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ନଂ. ୨୯୨/୧୮ ରେ ମାମଲା ରୁଜୁ ହୋଇଛି। ଟାଉନ ଥାନା ଇନ୍ସପେକ୍ଟର ଦୋଲେଶ୍ୱର ନାୟକ କୁହନ୍ତି, ଚାନ୍ଦା ମାଗିବାକୁ ନେଇ ଗଣ୍ଡଗୋଳ ହୋଇଥିବା ଅଭିଯୋଗ ହୋଇଛି। ଦୁଇଗୋଷ୍ଠୀର ଅଭିଯୋଗ ପାଇଛୁ। କାହାରିକୁ ଗିରଫ କରାଯାଇ ନାହିଁ। ତଦନ୍ତ ଚାଲିଛି।

# ଲେଜର ବିଜ୍ଞାନର ଅବଦାନ

## ନୋବେଲ ପୁରସ୍କାର-୨୦୧୮ (ପଦାର୍ଥ ବିଜ୍ଞାନ)



ଇଂ. ମାୟାଧର ସ୍ୱାଇଁ



(ବାମରୁ) ଆର୍ଥର ଆସ୍କିନ୍ , ଜୋରାର୍ଡ ମୋରୁ, ଡୋନା ଷ୍ଟ୍ରିକ୍‌ଲାଣ୍ଡ।

''ଲେଜର ହେଉଛି ତୀବ୍ର ଉଚ୍ଚ ସଂହତିଯୁକ୍ତ ଏକବର୍ଣ୍ଣୀ ଆଲୋକ ଉତ୍ସ। ଏହା ୧୯୬୦ ମସିହାରେ ଉଦ୍ଭାବିତ ହେବା ପରେ ପରେ ବୈଜ୍ଞାନିକମାନେ ଏହାର ସଫଳ ପ୍ରୟୋଗ ଉପରେ ଗବେଷଣା କଲେ। ମାନବୋପଯୋଗୀ ଏହାର ଦୁଇଟି ପ୍ରୟୋଗ ସମ୍ବନ୍ଧୀୟ ଉଦ୍ଭାବନ କରିଥିବାରୁ ଏହି ବର୍ଷ ତିନିଜଣ ବୈଜ୍ଞାନିକ–ଯୁକ୍ତରାଷ୍ଟ୍ର ଆମେରିକାର ଆର୍ଥର ଆସ୍କିନ୍, ଫ୍ରାନ୍ସର ଜୋରାର୍ଡ ମୋରୁ ଓ କାନାଡ଼ାର ଡୋନା ଷ୍ଟ୍ରିକ୍‌ଲାଣ୍ଡଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରିବା ପାଇଁ ରୟାଲ୍ ସୁଇଡେନ୍ ବିଜ୍ଞାନ ଏକାଡେମୀ ଘୋଷଣା କରିଛନ୍ତି।''

ଲେଜର ହେଉଛି ତୀବ୍ର ଉଚ୍ଚ ସଂହତିଯୁକ୍ତ ଏକବର୍ଣ୍ଣୀ ଆଲୋକ ଉତ୍ସ। ଏହା ୧୯୬୦ ମସିହାରେ ଉଦ୍ଭାବିତ ହେବା ପରେ ବୈଜ୍ଞାନିକମାନେ ଏହାର ସଫଳ ପ୍ରୟୋଗ ଉପରେ ଗବେଷଣା କଲେ। ମାନବୋପଯୋଗୀ ଏହାର ଦୁଇଟି ପ୍ରୟୋଗ ସମ୍ବନ୍ଧୀୟ ଉଦ୍ଭାବନ କରିଥିବାରୁ ଏହି ବର୍ଷ ତିନିଜଣ ବୈଜ୍ଞାନିକଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରିବା ପାଇଁ ରୟାଲ୍ ସୁଇଡେନ୍ ବିଜ୍ଞାନ ଏକାଡେମୀ ଘୋଷଣା କରିଛନ୍ତି। ତିନିଜଣଙ୍କ ମଧ୍ୟରୁ ଯୁକ୍ତରାଷ୍ଟ୍ର ଆମେରିକାର ଆର୍ଥର ଆସ୍କିନ୍ ଆଲୋକୀୟ ଚିମୁଟା (ଟ୍ୱିଜର୍) ଉଦ୍ଭାବନ ପାଇଁ ମୋଟ ପୁରସ୍କାର ରାଶି ୯ନିୟୁତ ସ୍ୱିଡ଼ିଶ୍ କ୍ରୁନର୍ (୧.୦୧ ନିୟୁତ ଆମେରିକୀୟ ଡଲାର)ର ଅର୍ଦ୍ଧେକ ପାଇବେ। ଅନ୍ୟ ଦୁଇଜଣ ବିଜ୍ଞାନୀ ହେଉଛନ୍ତି ଫ୍ରାନ୍ସର ଜୋରାର୍ଡ ମୋରୁ ଓ କାନାଡ଼ାର ଡୋନା ଷ୍ଟ୍ରିକ୍‌ଲାଣ୍ଡ। ଏହି ଦୁଇଜଣ ଶକ୍ତିଶାଳୀ ଲେଜର ସ୍ପନ୍ଦନ ସୃଷ୍ଟି କରିବାର ପଦ୍ଧତି ଉଦ୍ଭାବନ କରି ମୋଟ୍ ପୁରସ୍କାର ରାଶିର ଅର୍ଦ୍ଧେକ ପାଇବେ।

ଡୋନା ଷ୍ଟ୍ରିକ୍‌ଲାଣ୍ଡ୍ କାନାଡ଼ାରୁ ଆସି ଯୁକ୍ତରାଷ୍ଟ୍ର ଆମେରିକାର ରୋଚେଷ୍ଟର ବିଶ୍ୱବିଦ୍ୟାଳୟରେ ପ୍ରଫେସର ଜୋରାର୍ଡ ମୋରୁଙ୍କ ଅଧୀନରେ ପିଏଚ୍‌ଡି ପାଇଁ ଲେଜର ପ୍ରଯୁକ୍ତିବିଦ୍ୟା ଉପରେ ଗବେଷଣା କଲେ। ଗୋଟିଏ ଶୃଙ୍ଖଳ ପ୍ରତିକ୍ରିୟାରେ ଲେଜର ଆଲୋକ ସୃଷ୍ଟି ହୋଇଥାଏ। ଏଥିରେ ଆଲୋକ କଣିକା ଫୋଟନ୍ ଏହାଠାରୁ ଅଧିକ ଫୋଟନ୍ ସୃଷ୍ଟି କରିଥାଏ। ଏହା ସ୍ପନ୍ଦନ ଆକାରରେ ନିର୍ଗତ ହୋଇଥାଏ। ଲେଜରର ସଫଳ ପ୍ରୟୋଗ ପାଇଁ ଗବେଷକମାନେ ଅତି–ତୀବ୍ରତା ବିଶିଷ୍ଟ ସ୍ପନ୍ଦନ ସୃଷ୍ଟି କରିବା ପାଇଁ ଚେଷ୍ଟା କଲେ। କିନ୍ତୁ ଅସୁବିଧା ହେଲା ଯେ ଆଲୋକର ତୀବ୍ରତା ବୃଦ୍ଧି କଲେ ଏହାର ଆଧାର (ପରିବର୍ଦ୍ଧନ କରୁଥିବା ପଦାର୍ଥ) ନଷ୍ଟ ହୋଇଯାଉଥିଲା। ମୋରୁ ଓ ଷ୍ଟ୍ରିକ୍‌ଲାଣ୍ଡ ଗୋଟିଏ ନୂତନ ସରଳ କୌଶଳ ଉଦ୍ଭାବନ କରି ଏହାର ସମାଧାନ କରି ପାରିଲେ। ଏହାର ନାମ ହେଉଛି 'ଚର୍ପଡ, ପଲ୍‌ସ ଆମ୍ପ୍ଲିଫିକେଶନ'। ସେମାନେ ଏଥିରେ ପ୍ରାରମ୍ଭିକ ଅବସ୍ଥାରେ ଲେଜର ସ୍ପନ୍ଦନର ତରଙ୍ଗ ଦୈର୍ଘ୍ୟ ବୃଦ୍ଧି କଲେ ଏବଂ ଫଳରେ ଏହାର ଶକ୍ତି ହ୍ରାସ ହେଲା। ଏହି ଅବସ୍ଥାରେ ସେମାନେ ସ୍ପନ୍ଦନକୁ ପରିବର୍ଦ୍ଧନ କଲେ ଏବଂ ପରିବର୍ଦ୍ଧିତ ସ୍ପନ୍ଦନକୁ ପୁନର୍ବାର ଗ୍ରେଟିଂ ଦ୍ୱାରା ସ୍ୱଳ୍ପ–ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଲେଜର ସ୍ପନ୍ଦନକୁ ରୂପାନ୍ତର କଲେ। ଏହା ଫଳରେ ଅଳ୍ପ ଜାଗାରେ ଅଧିକ ଆଲୋକ ରହୁଥିବାରୁ ସ୍ପନ୍ଦନର ଶକ୍ତି ବହୁତ ବୃଦ୍ଧି ପାଇଲା। ଏହି ପ୍ରକ୍ରିୟାରେ ଆଲୋକ ତରଙ୍ଗ ଦୈର୍ଘ୍ୟ ଅଧିକ ଓ ଶକ୍ତି କମ୍ ଥିବା ସମୟରେ ଏହାକୁ ପରିବର୍ଦ୍ଧନ କରାଯାଉଥିବାରୁ ପରିବର୍ଦ୍ଧନ କରୁଥିବା ପଦାର୍ଥର କୌଣସି କ୍ଷତି ହୁଏ ନାହିଁ। ଏହି ଉପାୟରେ ସବୁଠାରୁ ସୂକ୍ଷ୍ମ ଓ ତୀବ୍ର ଲେଜର ସ୍ପନ୍ଦନ ମିଳିଥାଏ।

ମୋରୁ ଓ ଷ୍ଟ୍ରିକ୍‌ଲାଣ୍ଡ ୧୯୮୫ ମସିହାରେ ସେମାନଙ୍କର ଉଦ୍ଭାବନକୁ ଏକ ନିବନ୍ଧ ଆକାରରେ ପ୍ରକାଶ କଲେ। ସଂଯୋଗବଶତଃ ଏହା ଷ୍ଟ୍ରିକ୍‌ଲାଣ୍ଡଙ୍କ ପ୍ରଥମ ଗବେଷଣାତ୍ମକ ନିବନ୍ଧ ଥିଲା ଏବଂ ପ୍ରଥମ ନିବନ୍ଧ ହିଁ ତାଙ୍କୁ ନୋବେଲ ପୁରସ୍କାର ଦେଲା। ଦୁଇଜଣଙ୍କ ଉଦ୍ଭାବିତ କାରିଗରି ବିଦ୍ୟା ଲେଜର ପଦାର୍ଥ ବିଜ୍ଞାନରେ ବଡ଼ ପରିବର୍ତ୍ତନ ଆଣିଲା। ବର୍ତ୍ତମାନ ଏହାକୁ ପଦାର୍ଥ ବିଜ୍ଞାନ ସମେତ ରସାୟନ ବିଜ୍ଞାନ ଓ ଚିକିତ୍ସା ବିଜ୍ଞାନରେ ବହୁଳ ବ୍ୟବହାର କରାଯାଉଛି । ବର୍ତ୍ତମାନ କ୍ଷୁଦ୍ରତମ ଏବଂ ଅତି ଶକ୍ତିଶାଳୀ ଲେଜର ସ୍ପନ୍ଦନକୁ ପରୀକ୍ଷାଗାରରେ ସୃଷ୍ଟି କରାଯାଇ ପାରୁଛି। ଏହାକୁ ପଦାର୍ଥର ଗୁଣ ପରିବର୍ତ୍ତନ କରିବା ପାଇଁ ଗୋଟିଏ ଅନୁଯନ୍ତ୍ର ଭାବେ ବ୍ୟବହାର କରାଯାଉଛି। ଏହା ସାହାଯ୍ୟରେ ବିଦ୍ୟୁତ୍ କୁପରିବାହୀ (ଇନ୍‌ସୁଲେଟର)କୁ ସୁପରିବାହୀ (କଣ୍ଡକ୍ଟର)ରେ ପରିବର୍ତ୍ତନ କରାଯାଇପାରୁଛି ଏବଂ ବିଭିନ୍ନ ପଦାର୍ଥରେ ଓ ଏପରି କି ଜୀବନ୍ତ କୋଷରେ ଠିକ୍ ଭାବେ ଗର୍ତ୍ତ କରାଯାଇ ପାରୁଛି। ଏହା ଚିକିତ୍ସା ବିଜ୍ଞାନ ଓ ଶିଳ୍ପ ବିଜ୍ଞାନରେ ଅଭୂତପୂର୍ବ ପରିବର୍ତ୍ତନ ଆଣି ପାରିଛି। ଏହାଦ୍ୱାରା କମ୍ପ୍ୟୁଟରରେ ଅଧିକ ତଥ୍ୟ ସଞ୍ଚୟ କରି ହେଉଛି। ଏହାକୁ ଚକ୍ଷୁ ଅସ୍ତ୍ରୋପଚାରରେ ବ୍ୟବହାର କରାଯାଉଛି ଏବଂ ଏହି କୌଶଳ ଦ୍ୱାରା ଅସ୍ତ୍ରୋପଚାର ଷ୍ଟେଣ୍ଟ୍ ମଧ୍ୟ ପ୍ରସ୍ତୁତ କରାଯାଉଛି।

ଷ୍ଟ୍ରିକ୍‌ଲାଣ୍ଡ ନିଜ ଦେଶ କାନାଡ଼ାକୁ ଫେରିଯାଇ ସେଠାରେ ବର୍ତ୍ତମାନ ୱାଟରଲୁ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ଅଧ୍ୟାପନା କରୁଛନ୍ତି ଏବଂ ମୋରୁ ମଧ୍ୟ ନିଜ ଦେଶ ଫ୍ରାନ୍ସ ଯାଇ ସେଠାରେ ଲେଜର ପ୍ରଯୁକ୍ତି ବିଦ୍ୟା ପ୍ରକଳ୍ପରେ କାର୍ଯ୍ୟ କରୁଛନ୍ତି।

ଏହି ବର୍ଷର ପଦାର୍ଥ ବିଜ୍ଞାନ ନୋବେଲ ପୁରସ୍କାରରେ କେତୋଟି ବିଶେଷତା ଅଛି। ୯୬ ବର୍ଷ ବୟସରେ ନୋବେଲ ପୁରସ୍କାର ପାଇବାରେ ଆସ୍କିନ୍ ହେଉଛନ୍ତି ବୟୋଜ୍ୟେଷ୍ଠ ବ୍ୟକ୍ତି। ଏହା ପୂର୍ବରୁ ଆମେରିକୀୟ ଅର୍ଥନୀତିଜ୍ଞ ଲିଓନିଡ୍ ହୁରଉଇଚ୍ ୨୦୦୭ ମସିହାରେ ୯୦ବର୍ଷ ବୟସରେ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଥିଲେ। ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ଯେ ଦୀର୍ଘ ୫୫ବର୍ଷ ପରେ ପଦାର୍ଥ ବିଜ୍ଞାନରେ ଜଣେ ମହିଳା ଭାବେ ଷ୍ଟ୍ରିକ୍‌ଲାଣ୍ଡ ଏହି ପୁରସ୍କାର ପାଇଲେ। ନୋବେଲ ପୁରସ୍କାରର ୧୧୭ବର୍ଷ ଇତିହାସରେ ଷ୍ଟ୍ରିକ୍‌ଲାଣ୍ଡଙ୍କ ପୂର୍ବରୁ କେବଳ ଦୁଇଜଣ ମହିଳା ଏହି ପୁରସ୍କାର ପାଇଥିଲେ। ସେମାନେ ହେଉଛନ୍ତି ୧୯୦୩ ମସିହାରେ ତେଜସ୍କ୍ରିୟତା ପାଇଁ ପୁରସ୍କାର ପାଇଥିବା ମେରି କ୍ୟୁରି ଏବଂ ୧୯୬୩ ମସିହାରେ ପରମାଣୁ ତତ୍ତ୍ୱ ପାଇଁ ପୁରସ୍କାର ପାଇଥିବା ମାରିଆ ଜିଓପେର୍ଟ ମାୟେର। ଏପର୍ଯ୍ୟନ୍ତ ମୋଟ ୨୦୯ ଜଣଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ମିଳିଥିବା ବେଳେ ସେମାନଙ୍କ ମଧ୍ୟରେ ମାତ୍ର ତିନିଜଣ ମହିଳା ଅଛନ୍ତି। ଉଲ୍ଲେଖନୀୟ ଯେ ଏହି ପୁରସ୍କାର ଘୋଷଣାର ପୂର୍ବଦିନ 'ସର୍ନ'ର ବୈଜ୍ଞାନିକ ଆଲେସାଣ୍ଡ୍ରୋ ଷ୍ଟ୍ରୁମିଆ ଏହାର ମୁଖ୍ୟାଳୟରେ ଅନୁଷ୍ଠିତ ହେଉଥିବା ଏକ ସମ୍ମାନରେ କହିଥିଲେ ଯେ, '' ପୁରୁଷମାନଙ୍କ ଦ୍ୱାରା ପଦାର୍ଥ ବିଜ୍ଞାନ ଉଦ୍ଭାବିତ ହୋଇଛି ଓ ଗଢ଼ି ଉଠିଛି''। ଅବଶ୍ୟ ଏଥିପାଇଁ ସର୍ନ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଷ୍ଟ୍ରିକ୍‌ଲାଣ୍ଡଙ୍କ କ୍ଷେତ୍ରରେ ଅନ୍ୟ ଏକ ନୂତନତା ହେଉଛି ଯେ ତାଙ୍କର ପିଏଚ୍‌ଡି ଗବେଷଣାର ଫଳ ପାଇଁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି।

ନୋବେଲ ପୁରସ୍କାର ପ୍ରତିଷ୍ଠାତା ଆଲଫ୍ରେଡ ନୋବେଲଙ୍କ ଉଇଲ୍ (ଇଚ୍ଛାପତ୍ର)ରେ ସ୍ପଷ୍ଟଭାବେ ଲେଖା ଅଛି ଯେ ମାନବ ସମାଜର ସବୁଠାରୁ ଉପକାରୀ ପ୍ରୟୋଗ ହେବା ଭଳି ନୂତନ ଆବିଷ୍କାରକୁ ଏହି ପୁରସ୍କାର ଦିଆଯିବ। ଏହି ବର୍ଷର ପଦାର୍ଥ ବିଜ୍ଞାନରେ ନୋବେଲ୍ ପୁରସ୍କାର ବିଜୟୀ ବୈଜ୍ଞାନିକମାନଙ୍କର କାର୍ଯ୍ୟ ନିଶ୍ଚିତ ଭାବେ ନୋବେଲଙ୍କ ଇଚ୍ଛାପତ୍ରକୁ ଚମତ୍କାର ଭାବେ ପ୍ରତିପାଦିତ କରିଛି।

–ଡାଇରେକ୍ଟର, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ସ୍ମରଣ ଶକ୍ତି ବୃଦ୍ଧି କରିବାର ନୂଆ ଉପାୟ



ବେଳେବେଳେ କେତେକ କଥା ଆମ ହାତ ପାଆନ୍ତାରେ ଥାଏ, ହେଲେ ଆମେ ତାକୁ ସହଜରେ ଜାଣି ପାରି ନ ଥାଉ। କୌଣସି ସୂତ୍ରରୁ ସୂଚନା ପାଇବା ମାତ୍ରେ ତାକୁ ଉପଯୋଗ କରି ତାହାର ସୁଫଳ ପାଉ। ଆପଣ ନିଜର ସ୍ମରଣ ଶକ୍ତି ବଢ଼ାଇବାକୁ ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏହାର ଏକ ସହଜ ଉପାୟ ରହିଛି। ନିଜର ସାଙ୍ଗ କିମ୍ବା କୌଣସି ନିକଟତର ଲୋକଙ୍କ ସହ କିଛି ସମୟ ଗପନ୍ତୁ ନା ! ଏହାର ସୁପ୍ରଭାବ ଆପଣ ଅନୁଭବ କରିପାରିବେ। ହେଲେ ଗପିବାର ବିଷୟବସ୍ତୁ ସକାରାତ୍ମକ ହେବା ଆବଶ୍ୟକ। କେବଳ ସେତିକି ନୁହେଁ, ଗପିବା ସମୟରେ ଅଯଥା ଯୁକ୍ତିତର୍କ ଯେପରି ନ ହୁଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଭଲ କଥା ଗପିଲେ ତାହା ସ୍ମରଣ ଶକ୍ତିକୁ ଅନେକାଂଶରେ ବୃଦ୍ଧି କରିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ପରସ୍ପର ସହ ପ୍ରତିଦିନ କିଛି ସମୟ ଗପିବାକୁ ପରାମର୍ଶ ଦିଆଯାଇଥିଲା। ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଏହାର ପ୍ରଭାବ କିପରି ରହୁଛି ତାହା ଅନୁଧ୍ୟାନ କରି ଏଭଳି ସିଦ୍ଧାନ୍ତରେ ପହଞ୍ଚିଥିଲେ।

## ଖାଇବା ଶୈଳୀରୁ ଜଣାପଡ଼ିବ ବ୍ୟକ୍ତିତ୍ୱ



ଜଣେ ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ତାଙ୍କର ଖାଇବା ଶୈଳୀରୁ ଜଣାପଡିବ– ଏଭଳି ଏକ ମଜାଦାର ତଥ୍ୟ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଏପରି ବିଷୟବସ୍ତୁକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଖାଇବା ଶୈଳୀ କେତେକ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱକୁ କେତେ ପ୍ରଭାବିତ କରୁଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରାଯାଇଥିଲା। ବିଶେଷଭାବରେ ତରତର ହୋଇ ଖାଉଥିବା ବ୍ୟକ୍ତିଙ୍କର ଆଚାର ବ୍ୟବହାର ତଥା କଥାବାର୍ତ୍ତା ସାଧାରଣ ଭାବରେ ଖାଉଥିବା ବ୍ୟକ୍ତିଙ୍କଠାରୁ କେତେକାଂଶରେ ଭିନ୍ନ ଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ଖାଇବା ଶୈଳୀ ନୁହେଁ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ତାଙ୍କର ମାନସିକତା ଉପରେ ମଧ୍ୟ ନିର୍ଭର କରେ ବୋଲି ସେମାନେ ପ୍ରକାଶ କରିଛନ୍ତି।

## ଡେଙ୍ଗୁର ଘରୋଇ ଉପଚାର



ଡେଙ୍ଗୁ ସାଧାରଣତଃ ବର୍ଷାଦିନେ ହୋଇଥାଏ। ଅନ୍ୟପକ୍ଷରେ ଅପରିଷ୍କାର ସ୍ଥାନରେ ଡେଙ୍ଗୁର ବାହକ ଏଡିସ୍ ମଶା ବଂଶ ବିସ୍ତାର କରିଥାଏ। ତେଣୁ ନିଜ ଘର ଚତୁଃପାର୍ଶ୍ୱ ଯେପରି ପରିଷ୍କାର ପରିଚ୍ଛନ୍ନ ରହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଘର ଚାରିପଟେ ଅଳିଆ ଆବର୍ଜନା ଜମା ହେବାକୁ ଦିଅନ୍ତୁ ନାହିଁ। ଯଦି ଜମା ହୋଇଛି, ତେବେ ବିଳମ୍ବ ନ କରି ତାହାକୁ ତୁରନ୍ତ ସଫା କରନ୍ତୁ। ଘର ବାହାରେ କୌଣସି ଖୋଲା ପାତ୍ର ରଖନ୍ତୁ ନାହିଁ। କାରଣ ସେଥିରେ ପାଣି କିମ୍ବା ଅଳିଆ ଆବର୍ଜନା ଜମି ରହିଲେ ତାହା ମଶାଙ୍କ ବଂଶବୃଦ୍ଧିରେ ସହାୟକ ହୋଇଥାଏ। ବର୍ଷାଦିନେ ମଶାଦାଉରୁ ରକ୍ଷା ପାଇବା ପାଇଁ ଶରୀରକୁ ସମ୍ପୂର୍ଣ୍ଣ ଭାବରେ ଆବୃତ କରିପାରୁଥିବା ପୋଷାକ ପିନ୍ଧନ୍ତୁ। ଖାଦ୍ୟପଦାର୍ଥ ଏବଂ ପାଣି ରଖୁଥିବା ପାତ୍ରକୁ ଢାଙ୍କୁଣୀ ଦ୍ୱାରା ଘୋଡ଼ାଇ ରଖନ୍ତୁ। ବର୍ଷାଦିନେ ମଶାଙ୍କ ପ୍ରାଦୁର୍ଭାବ ଅଧିକ ଥାଏ। ତେଣୁ ଝରକା ବାଟ ଦେଇ ଯେପରି ମଶା ନ ପଶିବେ ସେଥିପାଇଁ ଝରକାରେ ସରୁ ଜାଲି ଲଗାନ୍ତୁ। ଅନ୍ୟପକ୍ଷରେ ସନ୍ଧ୍ୟା ହେବା ମାତ୍ରେ ଝରକା କବାଟ ବନ୍ଦ କରିଦିଅନ୍ତୁ। ମଶାମାନେ ଅନ୍ଧାରିଆ ସ୍ଥାନରେ ରହିଥାଆନ୍ତି। ତେଣୁ ସନ୍ଧ୍ୟା ପରେ ଘରର ବାହାର ପାର୍ଶ୍ୱ ଲାଇଟ ଅନ୍ କରିଦିଅନ୍ତୁ। ଘର ଭିତରେ ଯେପରି ମଶା ବସା ନ ବାନ୍ଧନ୍ତି, ତାହାର ସୁବ୍ୟବସ୍ଥା କରନ୍ତୁ।

## ଅଲ୍‌ରାଉଣ୍ଡର ରୋବୋ



ବିଭିନ୍ନ କ୍ଷେତ୍ରରେ ରୋବୋର ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷଭାବରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହାର ଉପଯୋଗ ଚିକିତ୍ସା ଜଗତରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ନିକଟରେ ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ବୈଜ୍ଞାନିକ ଏକ ନୂଆ ରୋବୋ ତିଆରି କରିଛନ୍ତି। ଏହା ଏକାଥରେ କେତୋଟି କାମକୁ ଅନାୟାସରେ କରିପାରିବ। ଜଣେ ରୋଗୀର ଚିକିତ୍ସା ସମୟରେ ଏହା ବେଶ୍ ସହାୟକ ହୋଇପାରିବ। ପ୍ରଥମତଃ ରୋଗୀ ଖାଉଥିବା ଔଷଧର ଗୁଣବତ୍ତା ବିଷୟରେ ଠିକ ଭାବରେ ଅନୁଧ୍ୟାନ କରିବା ସହ ରୋଗୀକୁ ଔଷଧ ଖାଇବାରେ ସାହାଯ୍ୟ କରିପାରିବ। କେବଳ ସେତିକି ନୁହେଁ, ରୋଗୀର ନିଃସଙ୍ଗ ସମୟରେ ଏହି ଅଲ୍‌ରାଉଣ୍ଡର ରୋବୋ ଏପରି ସାହାଯ୍ୟ କରିବ, ଯେପରି ରୋଗୀ ଭାବିବ ଯେ ସେ ବେଡ୍ ଉପରେ ଏକୁଟିଆ ନାହିଁ, ତା'ପରେ ଜଣେ କେହି ତାକୁ ଜଗି ରହିଛି। ଅନ୍ୟପକ୍ଷରେ ଯଦି ଜଣେ ରୋଗୀ ଚାହେଁ ତେବେ ଏହି ରୋବୋରେ ସଂଯୁକ୍ତ ଭିଡିଓଗେମ ଖେଳି ନିଜକୁ ଖୁସିର ମାହୋଲ ଭିତରେ ରଖିପାରିବ। ଏଭଳି ରୋବୋକୁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇ ସଫଳତା ମିଳିଛି ବୋଲି ଉକ୍ତ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ସୂଚନା ଦିଆଯାଇଛି।

OFFICE OF THE
CHIEF DISTRICT MEDICAL & PUBLIC HEALTH OFFICER, SUNDARGARH
NATIONAL PROGRAMME FOR CONTROL OF BLINDNESS, SUNDARGARH
Notice No.: 424/DBCS/SNG Date: 12.10.2018
TENDER CALL NOTICE
No.: 501-E: Sealed tender is invited for supply of instruments for Cataract Surgery which are used in District Blindness Control Society, Sundargarh. The interested reputed Firms/Agencies/ Manufacturers are requested to submit their sealed tender with separate Technical Bid and Price Bid including all taxes to the Office of the undersigned on or before 3.11.2018 till 5 P.M. The tender will be opened on 8.11.2018 at 12 Noon. This office will not entertain any tender after the due date/time fixed for at any circumstances. The details of the notification and annexure are available in the website: www.sundergarh.nic.in.
10100/11/0057/1819 Sd./- Dr. D.K. Sarangi
Chief District Medical & Public Health Officer

Government of Odisha "e" Procurement Notice
WORKS DEPARTMENT
Bid Identification No. S.E.K.C., Keonjhar No. 18 / 2018-19
No.709-B:- e-mail : sekcpwd_keonjhar@yahoo.com
Letter No. 3138 Dt. 5.10.2018

| | | |
|---|---|---|
| 1. No. of the work | :- | 02 Nos. Building Works |
| 2. Estimated cost | :- | Rs. 100.50 Lakhs to 113.26 Lakhs |
| 3. Period of completion | :- | 06 (Six) Calendar Months |
| 4. Date and Time of availability of Bid document in the portal | :- | From 11.00 Hours of 25.10.2018 to 16.00 Hours of 12.11.2018 |
| 5. Last date / Time for receipt of bids in the portal | :- | 16.00 Hours of 12.11.2018 |
| 6. Date of opening of Bid from Portal | :- | 12.00 Hours on 14.11.2018 |
| 7. Name and address of the officer inviting Bid | :- | Superintending Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in".
Sd./- P.C. Nayak
Superintending Engineer
34004/11/0025/1819 Keonjhar (R&B) Circle, Keonjhar

See Career Appointment on every Wednesday & Saturday

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

No. 43-L
ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ
ନିଜସ୍ୱ ଜ୍ଞାନ କୌଶଳରେ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତି ତିଆରି ଏବଂ ବ୍ୟବହାର କରୁଥିବା ପ୍ରତିଭାବାନ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜିଲ୍ଲା ଓ ରାଜ୍ୟ ସ୍ତରରେ ସମ୍ମାନୀତ ଓ ପୁରସ୍କୃତ କରାଯିବ ।
ରାଜ୍ୟ ସ୍ତରରେ ୩ଟି ପ୍ରଥମ ପୁରସ୍କାର, ୩ଟି ଦ୍ୱିତୀୟ ପୁରସ୍କାର, ୫ଟି ତୃତୀୟ ପୁରସ୍କାର ଓ ଜିଲ୍ଲା ସ୍ତରରେ (୩ ଜଣ ଜିଲ୍ଲା ପ୍ରତି) ୯୦ ଜଣଙ୍କୁ ପୁରସ୍କୃତ କରାଯିବ ।

| | | |
|---|---|---|
| ପ୍ରଥମ ପୁରସ୍କାର ରାଶି | : | ୨ ଲକ୍ଷ ଟଙ୍କା |
| ଦ୍ୱିତୀୟ ପୁରସ୍କାର ରାଶି | : | ୧ ଲକ୍ଷ ୫୦ ହଜାର ଟଙ୍କା |
| ତୃତୀୟ ପୁରସ୍କାର ରାଶି | : | ୧ ଲକ୍ଷ ଟଙ୍କା |
| ଜିଲ୍ଲା ସ୍ତରୀୟ ପୁରସ୍କାର ରାଶି | : | ୧୫ ହଜାର ଟଙ୍କା |

ଅଭିନବ କୃଷି ଯନ୍ତ୍ରପାତି ଗୁଡ଼ିକର ପଞ୍ଜିକରଣ ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ http://agrisnetodisha.ori.nic.in ରେ ଉପଲବ୍ଧ । ଆଗ୍ରହୀ ଚାଷୀ ଭାଇ ଓ ଭଉଣୀମାନେ ଆବେଦନ ପତ୍ର ଚଳିତ ବର୍ଷ ୩୧ ଅକ୍ଟୋବର ସୁଦ୍ଧା ନିଜ ବ୍ଲକ୍ ଅନ୍ତର୍ଗତ "ବ୍ଲକ୍ ସ୍ତରୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର" (FIAC)ର ଡ୍ରପ୍ ବକ୍ସରେ ଦାଖଲ କରିପାରିବେ ।
ଏହାର ଚୟନ ପ୍ରକ୍ରିୟା ଜିଲ୍ଲା ତଥା ରାଜ୍ୟ ସ୍ତରୀୟ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା କରାଯିବ । ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।
ନିର୍ଦ୍ଦେଶକ
01034/11/0026/1819
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

GOVERNMENT OF ODISHA
HEALTH & FAMILY WELFARE DEPARTMENT
OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH
BURLA (SAMBALPUR), ODISHA - 768017
Telephone No.: 0663-2430738, Fax No.: 0663-2430435
E-mail: superintendent.vssmch@gmail.com
No.: 13602/VIMSAR Dated, Burla, the 12th October, 2018
QUOTATION CALL NOTICE
No.: 503-E: Quotations are hereby invited by the undersigned from the intending firms having GST holders for **repair of defective suction machines, OT lights, cautery machines, Autoclaves, Tissue Processor, Electrical Sterilisers, Centrifuge machines, B.P. Instruments, Horizontal & Vertical Sterilisers** of different departments of this Institution so as to reach the Office of the undersigned on or before **29.10.2018 upto 5.00 P.M.** which will be opened on **30.10.2018** day at **03.30 P.M.** The quotation should be enclosed with the following documents mentioned below.
1. GST Registration Certificate.
2. A Certificate to the effect that the rates quoted does not exceed the prevailing market price or Maximum Retail Price.
3. Photostat copy of PAN Card.
4. Rs.5000/- in shape of Bank Draft pledged in favour of the Superintendent, VSS IMS&R, Burla as EMD. The EMD will be refunded.
5. Experience Certificates in this field.
**Terms & Conditions:**
1. The quotation must be in a sealed cover and should be superscribed as **"QUOTATION FOR REPAIR OF DEFECTIVE SURGICAL SUNDRY ITEMS OF THIS INSTITUTE AND DUE DATE IS DT.29.10.2018**.
2. The quoted rates should not be exceeded the prevailing market price.
3. The repair of the defective items should be done in the hospital premises only. If required outside repair that should be taken with proper permission.
4. Before initiating repair works, that should be followed with proper estimates.
5. The rates should be quoted for the spares and service charges. The GST rate should be mentioned clearly as extra.
The undersigned reserves the full right to accept or reject any or all quotations without assigning any reason thereof.
10012/11/0042/1819 Sd./- Dean & Principal, VIMSAR, Burla

No.706-B
GOVERNMENT OF ODISHA
"e" PROCUREMENT NOTICE
WORKS DEPARTMENT
Bid Identification No. CE-DPI & R-43/2018-19
1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for road / bridge works as mentioned below.

| | | |
|---|---|---|
| 2. Nature of work | : | Road / Bridge works |
| 3. No. of work | : | 08 Nos. |
| 4. Tender paper cost | : | Rs.10,000.00 |
| 5. Class of contractor | : | 'A' Class / Special Class / Super Class as noted against each work |
| 6. Available of bid document in the website | : | From 10.00 AM of 22.10.2018 to 05.00 PM of 12.11.2018 |
| 7. Date of opening of bid | : | Dt.14.11.2018 at 11.30 AM |

8. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.
34117/11/0128/1819 OSD-cum-Chief Engineer (DPI & Roads), Odisha

## ସଂକ୍ଷେପରେ

### ଅନ୍ତଃରାଷ୍ଟ୍ରୀୟ ଉଡ଼ାନ ସେବା ଲାଗି ନିଲାମ ଆହ୍ୱାନ କଲେ ସରକାର



**ନୂଆଦିଲ୍ଲୀ,୧୪-୧୦:** କେନ୍ଦ୍ର ସରକାର 'ଉଡ଼େ ଦେଶ କା ଆମ୍ ନାଗରିକ'(ଉଡ଼ାନ) ଯୋଜନାର ଅନ୍ତଃରାଷ୍ଟ୍ରୀୟ ସଂସ୍କରଣ ଲାଗି ଇଚ୍ଛୁକ କମ୍ପାନୀଙ୍କଠାରୁ ନିଲାମ ଆହ୍ୱାନ କରିଛନ୍ତି। ଦେଶରୁ ବଛା ବଛା ବିଦେଶୀ ଗନ୍ତବ୍ୟସ୍ଥଳ ଲାଗି ବିମାନ ସମ୍ପର୍କ ବିସ୍ତାର କରିବାକୁ ସରକାର ଚାହୁଁଛନ୍ତି। ଏହି ଯୋଜନାର ଘରୋଇ ସଂସ୍କରଣରେ ଆଶାନୁରୂପ ସଫଳତା ମିଳିନି। ପ୍ରଥମ ପର୍ଯ୍ୟାୟ ନିଲାମରେ ଯେଉଁସବୁ ମାର୍ଗକୁ ଅନୁମୋଦନ କରାଯାଇଥିଲା, ତା'ର ଅଧାରୁ ଅଧିକ ରୁଟ୍‌ରେ ଅଦ୍ୟାବଧି ବିମାନ ସେବା ଆରମ୍ଭ ହୋଇପାରିନି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ଏହି ଅନ୍ତରାଷ୍ଟ୍ରୀୟ ଉଡ଼ାନ ସେବା କ୍ରିୟାନ୍ୱୟନ ଦାୟିତ୍ୱରେ ରହିଛି। ଉଡ଼ାନ ଯୋଜନା ଲାଗି ଏଏଆଇ ନିଲାମ ଆହ୍ୱାନ କରିଛି। କେନ୍ଦ୍ର ସରକାର ୨୦୧୬ ଅକ୍ଟୋବରରେ ଶସ୍ତା ବିମାନ ସେବା ଯୋଗାଣ ଲାଗି ଉଡ଼ାନ ଯୋଜନା ଆରମ୍ଭ କରିଥିଲେ।

### ତୈଳ କମ୍ପାନୀ ସିଇଓଙ୍କୁ ଭେଟିବେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୧୪-୧୦:** ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଏକ ବୈଠକ ଡାକିଛନ୍ତି। ଏଥିରେ ଦେଶ ତଥା ବିଦେଶର ବହୁ ତୈଳ କମ୍ପାନୀଙ୍କ ସିଇଓମାନେ ଉପସ୍ଥିତ ରହିବେ। ଭାରତର ତୈଳ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ସହ ଦରବୃଦ୍ଧିର ମୁକାବିଲା ପାଇଁ ଉପାୟ ବାହାର କରିବା ଏହି ବୈଠକର ଉଦ୍ଦେଶ୍ୟ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ୨୦୧୬ ଜାନୁୟାରୀ ୫ରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବାଷ୍ପ ଦରରେ ସଂସ୍କାର ପାଇଁ ସୁପାରିସ କରାଯାଇଥିଲା। ଏହାର ବର୍ଷାଧିକ ସମୟ ପରେ କେନ୍ଦ୍ର ସରକାର ଗଭୀର ସମୁଦ୍ର ତଥା ବାଷ୍ପ କୂଅରୁ ଉତ୍ପାଦିତ ହେବାକୁ ଥିବା ଗ୍ୟାସ୍‌ର ଦାମ ବଢ଼ାଇବାକୁ ଅନୁମତି ଦେଇଥିଲେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସୌଦି ଆରବର ଶକ୍ତି ମନ୍ତ୍ରୀ ଖାଲିଦ ଏ ଅଲ୍ ଫଲିହ ମଧ୍ୟ ଏହି ବୈଠକରେ ଯୋଗଦେବେ। ଏହାଛଡା ବିପି କମ୍ପାନୀ ସିଇଓ ବବ୍ ଡଡ୍‌ଲେ, ଟୋଟାଲ କମ୍ପାନୀ ମୁଖ୍ୟ ପ୍ୟାଟ୍ରିକ୍ ପୌୟେନ, ରିଲାଏନ୍ସ ଇଣ୍ଡଷ୍ଟ୍ରି ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏବଂ ବେଦାନ୍ତ ମୁଖ୍ୟ ଅନିଲ ଅଗ୍ରୱାଲ ଉକ୍ତ ବୈଠକରେ ଯୋଗଦେବେ।

### ଆପ୍ ଜରିଆରେ ଟ୍ରେନ ଯାତ୍ରୀ 'ଜିରୋ ଏଫଆଇଆର' ଦାଏର କରିପାରିବେ



**ନୂଆଦିଲ୍ଲୀ,୧୪-୧୦:** ଚୋରି, ଦୁର୍ବ୍ୟବହାର, ମହିଳାଙ୍କ ବିରୋଧରେ ଅପରାଧ ଭଳି ଘଟଣାର ଅଭିଯୋଗ କରିବା ଲାଗି ଟ୍ରେନ ଯାତ୍ରୀଙ୍କୁ ଏଣିକି ପରବର୍ତ୍ତୀ ଷ୍ଟେଶନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବନି। ଯାତ୍ରା କାଳରେ ଟ୍ରେନ ଯାତ୍ରୀ ମୋବାଇଲ ଆପ୍ ଜରିଆରେ ଯେ କୌଣସି ଆପରାଧିକ ପ୍ରସଙ୍ଗରେ ଅଭିଯୋଗ କରିପାରିବେ। ଏହାକୁ 'ଜିରୋ ଏଫଆଇଆର୍' ଭାବେ ଗ୍ରହଣ କରାଯିବ। ଅଭିଯୋଗ ପାଇବା ମାତ୍ରେ ଆର୍‌ପିଏଫ୍ ଦ୍ୱାରା ଏହାର ତୁରନ୍ତ ଯାଞ୍ଚ କରାଯିବ ବୋଲି ଡିଜି ଅରୁଣ କୁମାର ପ୍ରକାଶ କରିଛନ୍ତି। ପାଇଲଟ ଭିତ୍ତିରେ ମଧ୍ୟପ୍ରଦେଶରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି। ସେ କହିଛନ୍ତି ଯେ, 'ଜିରୋ ଏଫଆଇଆର୍' ଅର୍ଥ ଯାତ୍ରା ପଥରେ ଯେକୌଣସି ସ୍ଥାନରେ ଘଟଣା ଘଟିଥିଲେ ହେଁ ତାହାକୁ ଯାତ୍ରା ସ୍ଥାନକୁ ଅଣଦେଖା କରି ଅଭିଯୋଗର ତୁରନ୍ତ ଯାଞ୍ଚ କରାଯିବ। ପରେ ଏହି ଅଭିଯୋଗକୁ ସମ୍ପୃକ୍ତ ଥାନାକୁ ହସ୍ତାନ୍ତର କରାଯିବ। ପ୍ରଚଳିତ ବ୍ୟବସ୍ଥାରେ ଟ୍ରେନ ଭିତରେ କୌଣସି ଅଘଟଣ ଘଟିଲେ ସମ୍ପୃକ୍ତ ଯାତ୍ରୀ ଅଭିଯୋଗ କରିବାକୁ ଚାହିଁଲେ ଟିକେଟ ପରୀକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ଏକ ଅଭିଯୋଗ ଫର୍ମ ପୂରଣ କରି ଆର୍‌ପିଏଫ୍ ଅଥବା ଜିଆର୍‌ପିକୁ ହସ୍ତାନ୍ତର କରିଥାନ୍ତି। ଏହି ଫର୍ମକୁ ପରେ ଏଫଆଇଆର୍ ଭାବେ ଗ୍ରହଣ କରାଯାଏ। ଆପ୍‌ରେ ମହିଳାଙ୍କ ଲାଗି ସ୍ୱତନ୍ତ୍ର ପ୍ୟାନିକ୍ ବଟନ ସୁବିଧା ରହିଛି।

> ପାର୍ବଣ ସମୟରେ ଏସ୍‌ବିଆଇ ୟୋନୋ ପ୍ଲାଟଫର୍ମରେ କ୍ରୟ ଉପରେ ଗ୍ରାହକଙ୍କୁ ଅତିରିକ୍ତ ରିହାତି ଏବଂ କ୍ୟାଶବ୍ୟାକ୍ ସୁବିଧା ଉପଲବ୍ଧ ହେବ।
> – ପି.କେ. ଗୁପ୍ତା, ପରିଚାଳନା ନିର୍ଦ୍ଦେଶକ, ଏସ୍‌ବିଆଇ



> ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ପ୍ରଭାବରୁ ବଜାରରେ ସୁଧାର ଆସୁଥିବା ବେଳେ ଜୁଲାଇ-ସେପ୍ଟେମ୍ବର ମଧ୍ୟରେ ଦେଶର ୭ ପ୍ରମୁଖ ସହରରେ ଘର ବିକ୍ରି ୧୫% ବୃଦ୍ଧି ଘଟିଛି।
> – ଅନୁଜ ପୁରୀ, ଅଧ୍ୟକ୍ଷ, ଆନାରକ ପ୍ରପର୍ଟି କନସଲଟାଣ୍ଟ



# ଜିଦ୍‌ରେ ଅଟଳ ଆର୍‌ବିଆଇ

**ନୂଆଦିଲ୍ଲୀ,୧୪-୧୦**

**ଡାଟା ଲୋକାଲାଇଜେଶନ**
- ନିୟମକୁ ଆମେରିକାର ବିରୋଧ
- ପ୍ରଧାନମନ୍ତ୍ରୀଙ୍କୁ ଆମେରିକା ସିନେଟରଙ୍କ ଚିଠି
- ବଢ଼ିବନି ସମୟସୀମା



ଡାଟା ଲୋକାଲାଇଜେଶନକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ନିର୍ଦ୍ଦେଶ ଜାରି ପରେ ଭାରତରେ ବ୍ୟବସାୟ କରୁଥିବା ଗୁଗୁଲ୍, ଫେସବୁକ୍ ଭଳି ଅନ୍ତର୍ଜାତୀୟ କମ୍ପାନୀମାନେ ଏବେ ଅଡୁଆରେ ପଡିଯାଇଛନ୍ତି। ଚଳିତ ମାସ ୧୫ ତାରିଖ ସୁଦ୍ଧା ଅନ୍ତର୍ଜାତୀୟ କମ୍ପାନୀମାନେ ଦେଶରେ ସୃଷ୍ଟି ହେଉଥିବା ସମସ୍ତ ପେମେଣ୍ଟ ଡାଟାକୁ ଗଚ୍ଛିତ ରଖିବାକୁ ଆର୍‌ବିଆଇ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟସୀମାକୁ ଆଉ ବୃଦ୍ଧି କରାଯିବ ନାହିଁ ବୋଲି ରିଜର୍ଭ ବ୍ୟାଙ୍କ ସ୍ପଷ୍ଟ କରିଛନ୍ତି। ଭାରତରେ ଡାଟାକୁ ସୁରକ୍ଷିତ ରଖିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକୁ ୬ ମାସ ସମୟ ଦେଇଥିଲେ। ତେବେ ଆମେରିକା ଏହାକୁ ବିରୋଧ କରିଛି। ଡାଟାର ମୁକ୍ତ ବିଚରଣ ଲାଗି ସୁଯୋଗ ଦିଆଯାଉ ବୋଲି ଆମେରିକା ଯୁକ୍ତି ଦର୍ଶାଇଛି। ଆମେରିକାର ଦୁଇ ଜଣ ସିନେଟର ଜନ୍ କରିନ୍ ଏବଂ ମାର୍କ ୱାର୍ନର ଭାରତର ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲେଖିଥିବା ପତ୍ରରେ ରିଜର୍ଭ ବ୍ୟାଙ୍କ ନୀତିକୁ କୋହଳ କରିବାକୁ ସେମାନେ ଅନୁରୋଧ କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ନିଷ୍ପତ୍ତି ଆମେରିକା କମ୍ପାନୀଙ୍କ ହିତବିରୋଧୀ ବୋଲି ସେମାନେ ଦର୍ଶାଇଛନ୍ତି। ସେମାନେ ପତ୍ରରେ ଲେଖିଛନ୍ତି ଯେ, ଡାଟା ଲୋକାଲାଇଜେଶନ ପାଇଁ କେନ୍ଦ୍ର ସରକାରଙ୍କ ଜାତୀୟ ଇ-କମର୍ସ ନୀତି ଚିଠା ଏବଂ ଡାଟା ସୁରକ୍ଷା ବିଲ୍ ଚିଠାରେ ଯେଉଁ ବ୍ୟବସ୍ଥା କରାଯାଇଛି, ତାହା ଦ୍ୱାରା ଅନ୍ତର୍ଜାତୀୟ କମ୍ପାନୀଙ୍କ ଭାରତରେ ବ୍ୟବସାୟ କରିବା କଷ୍ଟକର ହେବ। ଏହାଦ୍ୱାରା ଭାରତର ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ ମଧ୍ୟ ବାଧାପ୍ରାପ୍ତ ହେବ ବୋଲି ସେମାନେ ଯୁକ୍ତି ଦର୍ଶାଇଛନ୍ତି। ଡାଟା ଲୋକାଲାଇଜେଶନ ସମୟସୀମା ବୃଦ୍ଧି କରିବା ଲାଗି ଅନ୍ତର୍ଜାତୀୟ ପେମେଣ୍ଟ କମ୍ପାନୀମାନେ ବାରମ୍ବାର ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରିଥିଲେ ହେଁ କେନ୍ଦ୍ରୀୟ ବ୍ୟାଙ୍କ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଉଲ୍ଲେଖଥାଉ କି, ଦେଶରେ ସୃଷ୍ଟି ହେଉଥିବା ଡାଟାକୁ ଏକତ୍ରିତ କରାଯିବା ପରେ ଏହାର ପ୍ରକ୍ରିୟାକରଣ କରାଯାଇ ଗଚ୍ଛିତ ରଖାଯିବ। ଏହାକୁ ହିଁ ଡାଟା ଲୋକାଲାଇଜେଶନ କୁହାଯାଉଛି। ଦେଶୀ କମ୍ପାନୀମାନେ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶକୁ ସ୍ୱାଗତ କରିଥିବା ବେଳେ ବିଦେଶୀ ପେମେଣ୍ଟ କମ୍ପାନୀମାନେ ସର୍ଭର ରଖିବା ବାବଦରେ ଅଧିକ ଖର୍ଚ୍ଚାନ୍ତର ଶିକାର ହେବେ ବୋଲି ଆଶଙ୍କା ବ୍ୟକ୍ତ କରୁଛନ୍ତି। ଭାରତରେ ସ୍ଥାନୀୟ ଡାଟାକୁ ରଖିବା ବଦଳରେ ଏକ ଛାୟା ଡାଟା ରଖିବା ପାଇଁ ସେମାନେ ରାଜି ବୋଲି ବିଦେଶୀ କମ୍ପାନୀମାନେ କହିଥିଲେ ହେଁ ରିଜର୍ଭ ବ୍ୟାଙ୍କ ଏଭଳି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଗତ ସପ୍ତାହରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ବି.ପି.କାନୁନଗୋଙ୍କୁ ଭେଟି ଡାଟା ଲୋକାଲାଇଜେଶନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଅର୍ଥନୈତିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ, ଅର୍ଥନୈତିକ ସେବା ସଚିବ ରାଜୀବ କୁମାର ଏବଂ ଆଇଟି ସଚିବ ଅଜୟ ପ୍ରକାଶ ସହାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଶକ୍ତିଶାଳୀ ସିନେଟ ଇଣ୍ଡିଆ କକସ୍‌ର ସଦସ୍ୟ ଥିବା ରିପବ୍ଲିକାନ ପାର୍ଟି ସିନେଟର କରିନ୍ ଏବଂ ଡେମୋକ୍ରାଟ ୱାର୍ନର ସେମାନଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ସ୍ଥାନୀୟ ଡାଟାକୁ ସୁରକ୍ଷିତ ରଖିବା ଲାଗି ବାଧ କରିବା ଉଭୟ କମ୍ପାନୀ ଓ ଗ୍ରାହକଙ୍କ ଅକ୍ଷମତାକୁ ପ୍ରକାଶ କରିବ। ଏହାଦ୍ୱାରା ଡାଟାକୁ ସୁରକ୍ଷିତ ରଖିବା ଖର୍ଚ୍ଚ ମଧ୍ୟ ବଢ଼ିଯିବ। ଏହାଦ୍ୱାରା ଭାରତର ହିତ ହେବ ନାହିଁ।

## ହ୍ୟୁଣ୍ଡାଇର ଅଲ୍ ନ୍ୟୁ ସାଣ୍ଟ୍ରୋ




**ଭୁବନେଶ୍ୱର,୧୪-୧୦**

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ବଜାରକୁ ଆସିଛି ଦି ଅଲ୍ ନ୍ୟୁ ସାଣ୍ଟ୍ରୋ। ଏହି ମଡେଲକୁ କମ୍ପାନୀର ଏମ୍‌ଡି ତଥା ସିଇଓ ୱାଇ.କେ କୋ ଉନ୍ମୋଚନ କରିଥିଲେ। ଏହି କାର୍‌କୁ ଉନ୍ମୋଚନ କରି ଅତ୍ୟନ୍ତ ଖୁସି ବୋଲି କୋ କହିଛନ୍ତି। ବଜାରକୁ ଆସିବା ପରଠାରୁ ଏହା ଏକ ଫ୍ୟାମିଲି କାର ଭାବେ ଗ୍ରାହକଙ୍କ ମନ ଜିଣିବାକୁ ସକ୍ଷମ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ସେହିଭଳି ନୂଆ ସାଣ୍ଟ୍ରୋ ପ୍ରମୁଖ ୬ ବୈଶିଷ୍ଟ୍ୟ ଯୋଗୁ ଗ୍ରାହକଙ୍କର ନିକଟତର ହୋଇ ପାରିଛି। ଏହା ମଧ୍ୟରେ ମଡର୍ନ ଷ୍ଟାଇଲିସ ଟଲ୍ ବଏ ଡିଜାଇନ୍, ଆରାମଦାୟକ ପ୍ରିମିୟମ କ୍ୟାବିନ, ନୂତନ ଟେକ୍ନୋଲୋଜି, ଅତ୍ୟାଧୁନିକ ନିରାପତ୍ତା ବୈଶିଷ୍ଟ୍ୟ, ଅଲ୍ ରାଉଣ୍ଡ ପରଫରମାନ୍ସ, ପିସ୍ ଅଫ୍ ମାଇଣ୍ଡ ଭଳି ବୈଶିଷ୍ଟ୍ୟ ଗ୍ରାହକ ପାଇ ପାରିବେ। ଏହା ବର୍ତ୍ତମାନ ସ୍ମାର୍ଟ ଅଟୋ ଏଏମ୍‌ଟି ବୈଶିଷ୍ଟ୍ୟ ସହ ବଜାରକୁ ଆସୁଛି। ଏଥିରେ ଫ୍ୟାକ୍ଟରି ଫିଟେଡ୍ ସିଏନ୍‌ଜି ଫିଚର ସାମିଲ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଫର୍ନିଚର ଗୋଡାଉନ୍‌ରେ ପାର୍ବଣ ଅଫର

**ଭୁବନେଶ୍ୱର,୧୪-୧୦**

ଫର୍ଣ୍ଣିଚର ଯୋଗାଣ କ୍ଷେତ୍ରରେ ପ୍ରମୁଖ ଶୋ'ରୁମ 'ଫର୍ନିଚର ଗୋଡାଉନ' ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଶୋ'ରୁମ ପକ୍ଷରୁ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ଗ୍ରାହକ ଚାହିଦାକୁ ଧ୍ୟାନରେ ରଖି ପ୍ରଥମଥର ଲାଗି ଏଭଳି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଥିବା ଶୋ'ରୁମ ପକ୍ଷରୁ କୁହାଯାଇଛି। ଏହି ସମୟରେ ୨୯୯୯ ଟଙ୍କାରେ ଡ୍ରେସିଂ ଟେବୁଲ, ୯୯୯୯ ଟଙ୍କାରେ ୨ ଡୋର୍‌ବିଶିଷ୍ଟ ୱାର୍ଡରୋବ୍, ୪୯୯୯ ଟଙ୍କାରେ ନିର୍ଦ୍ଦିଷ୍ଟ ସାଇଜର ମ୍ୟାଟ୍ରେସ, ୧୯,୯୯୯ରେ କିଙ୍ଗ୍ ବେଡ୍, ୧୨,୯୯୯ ଟଙ୍କାରେ ୩ ଡୋର୍ ବିଶିଷ୍ଟ ୱାର୍ଡରୋବ୍, ୩୯୯୯ରେ ଅଫିସ ଟେବୁଲ୍ ଉପଲବ୍ଧ ହେଉଥିବା ଫର୍ନିଚର ଗୋଡାଉନ୍‌ର ସ୍ୱତ୍ୱାଧିକାରୀ ଶଶାଙ୍କ ଶେଖର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏହା ସହ ଅନ୍ୟ କେତେକ ବର୍ଗରେ ଅଫର୍ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ଏହି ଅଫର ସୌଭାଗ୍ୟ ନଗର ଏବଂ ବାପୁଜି ନଗର ଶୋ'ରୁମରେ ଉପଲବ୍ଧ ହେଉଛି। ସକାଳ ୧୦ରୁ ସଂଧ୍ୟା ୯.୩୦ ଯାଏ ଗ୍ରାହକ କ୍ରୟ ସୁବିଧା ଲାଭ କରିପାରିବେ। ଅଫରର ଅବଧି ୧୩ ଅକ୍ଟୋବରଠାରୁ ୧୯ ଅକ୍ଟୋବର ପର୍ଯ୍ୟନ୍ତ ରହିଛି। ୩୦ ହଜାର ଟଙ୍କାରୁ ଅଧିକ ଦାମ୍‌ର ସାମଗ୍ରୀ କ୍ରୟରେ ଗ୍ରାହକମାନେ ଉପହାରଭାବେ ଇଲେକଟ୍ରୋନିକ୍ସ ସାମଗ୍ରୀ ପାଇ ପାରିବେ। ଏଠାରେ କବାଟ ବନ୍ଧ ଠାରୁ ଆରମ୍ଭ କରି ସିଲିଂ, ୱାର୍ଡରୋବ, ୱାଲ୍‌ପେପର, ଉଡେନଫ୍ଲୋର, କାର୍ପେଟ, ଗାର୍ଡେନ ଫର୍ନିଚର, ହୋମ ଇଣ୍ଟେରିୟର, ମଡ୍ୟୁଲାର କିଚେନ୍ ଭଳି ପ୍ରାୟ ୧୦୦୦ ପ୍ରକାରର ହୋମ୍ ଆସେସୋରିଜ୍ ଉପଲବ୍ଧ ହେଉଥିବା ଆଚାର୍ଯ୍ୟ କହିଛନ୍ତି।

## ଆଧାର ମଡେଲ ଆପଣାଇବାକୁ ମାଲେସିଆ ଆଗ୍ରହୀ

**ନୂଆଦିଲ୍ଲୀ,୧୪-୧୦**

ଆଧାର ମଡେଲକୁ ଆପଣାଇବା ଲାଗି ମାଲେସିଆ ଆଗ୍ରହ ପ୍ରକାଶ କରିଛି। ଏହାକୁ କାର୍ଯ୍ୟରେ ଲଗାଇ ଭାରତ ବ୍ୟାପକ ଆର୍ଥିକ ସଫଳତା ହାସଲ କରିଥିବାରୁ ନିଜ ଦେଶରେ ଦୁର୍ନୀତିକୁ ରୋକିବା ଲାଗି ମାଲେସିଆ ଏବେ ଆଧାର ମଡେଲ ଲାଗୁ କରିବାକୁ ଚାହୁଁଛି। ଗତ ମେ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଲେସିଆ ଗସ୍ତରେ ଯାଇଥିଲେ। ସେତେବେଳେ ସେ ଦେଶର ପ୍ରଧାନମନ୍ତ୍ରୀ ମହାତିର ମହମ୍ମଦଙ୍କୁ ଆଧାର ଲାଗୁ କରିବାରେ ଭାରତର ସହାୟତା ନେଇ ପ୍ରସ୍ତାବ ଦେଇଥିଲେ ବୋଲି ମାଲେସିଆ ମାନବ ସମ୍ବଳ ମନ୍ତ୍ରୀ ଏମ୍.କୁଲା ସେଗାରାନ କହିଛନ୍ତି। ଆଧାର ସଂକ୍ରାନ୍ତରେ ସହଯୋଗିତା ଚୁକ୍ତି ପାଇଁ ମାଲେସିଆ କ୍ୟାବିନେଟ ରାଜି ହେବା ପରେ କୁଲା ସେଗାରାନଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗତ ସପ୍ତାହରେ ଭାରତ ଗସ୍ତରେ ଆସି ଆଧାର ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଦଳରେ ଦେଶର ରିଜର୍ଭ ବ୍ୟାଙ୍କ, ଅର୍ଥ ମନ୍ତ୍ରଣାଳୟ, ଆର୍ଥିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ମାନବ ସମ୍ବଳ ମନ୍ତ୍ରଣାଳୟର ବହୁ ବରିଷ୍ଠ ଅଧିକାରୀ ସାମିଲ ଥିଲେ। ସେମାନେ ଆଧାର ଜାରି କରୁଥିବା ଭାରତୀୟ ଏକକ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ସିଇଓ ଅଜୟ ଭୂଷଣ ପାଣ୍ଡେ ଓ ଅନ୍ୟମାନଙ୍କୁ ଭେଟିଥିଲେ।

## ହୋଣ୍ଡା ଟୁ-ହ୍ୱିଲର୍ସ ପକ୍ଷରୁ 'ହୋଣ୍ଡା ଜଏ କ୍ଲବ' ଉନ୍ମୋଚିତ




**ନୂଆଦିଲ୍ଲୀ,୧୪-୧୦**

ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ ପକ୍ଷରୁ ଏହାର ଗ୍ରାହକ ଲୟାଲଟି କାର୍ଯ୍ୟକ୍ରମ 'ହୋଣ୍ଡା ଜଏ କ୍ଲବ'କୁ ଉନ୍ମୋଚନ କରାଯାଇଛି। ଏଥିରେ ହୋଣ୍ଡାର ପୁରୁଣା ଏବଂ ନୂଆ ଗ୍ରାହକଙ୍କ ଲାଗି ଅନେକ ପ୍ରକାରର ସୁବିଧା କରାଯାଇଛି। ଦୁଇ ଚକିଆ ଯାନ ବର୍ଗରେ ଏହା ସର୍ବବୃହତ୍ ଏବଂ ପ୍ରଥମ ଲୟାଲଟି କାର୍ଯ୍ୟକ୍ରମ। ହୋଣ୍ଡାର ବିଶ୍ୱ ସ୍ତରୀୟ ବିକ୍ରିରେ ୩୨% ଅବଦାନ ସହ ଭାରତ ଶୀର୍ଷ ସ୍ଥାନରେ ରହିଛି। ଭାରତରେ ୧୮ ବର୍ଷ ଧରି ଉପସ୍ଥିତି ଜାହିର କରିବା ସହ ଏହା ୩୯ ନିୟୁତ ପରିବାରରେ ଖୁସି ବାଣ୍ଟି ପାରିଛି। ପ୍ରତି ୫ ସେକେଣ୍ଡରେ ନୂଆ ସଦସ୍ୟ ହୋଣ୍ଡା ପରିବାରରେ ଯୋଗ ଦେଉଛନ୍ତି। ଏହି ସମସ୍ତ ଗ୍ରାହକ ହୋଣ୍ଡା ଜୟ କ୍ଲବରେ ସାମିଲ ହୋଇ ପାରିବେ। ଏହା ଦ୍ୱାରା ଅନେକ ଆକର୍ଷଣୀୟ ସୁବିଧା ସେମାନେ ପାଇପାରିବେ। ଜଏ କ୍ଲବରୁ ମିଳୁଥିବା ପଏଣ୍ଟକୁ ସେମାନେ ପୋଷାକ, ମନୋରଞ୍ଜନ, ପର୍ସନାଲ କେୟାର, ବୀମା ଏବଂ ଆହୁରି ବହୁତ କିଛି କାମ ପାଇଁ ରିଡିମ୍ କରି ପାରିବେ। ବୃହତ୍ ପରିମାଣର ଗ୍ରାହକଙ୍କୁ ସେବା ଯୋଗାଣ ଏବଂ ନୂତନ ଉତ୍ପାଦ ଜରିଆରେ ଖୁସି ପ୍ରଦାନ ଏକ ଚ୍ୟାଲେଞ୍ଜ ବୋଲି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ସଭାପତି ତଥା ସିଇଓ ମିନୋରୋ କାଟୋ କହିଛନ୍ତି। ହୋଣ୍ଡା ଜଏ କ୍ଲବ ଏକ ଅନନ୍ୟ ଲୟାଲଟି କାର୍ଯ୍ୟକ୍ରମ ହୋଇଥିବା ବେଳେ ଏହା ଗ୍ରାହକଙ୍କୁ ଶସକ୍ତ କରୁଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି।

## ଆସିଲା ନୂଆ ସାମ୍‌ସଙ୍ଗ ଗାଲାକ୍ସି ଏ୯



**ନୂଆଦିଲ୍ଲୀ,୧୪-୧୦**

ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ସାମ୍‌ସଙ୍ଗ ପକ୍ଷରୁ ବଜାରକୁ ଆସିଛି ନୂଆ ଗାଲାକ୍ସି ଏ୯। ମାଲେସିଆର କୁଆଲାଲମ୍ପୁରଠାରେ ଏହାକୁ ବଜାର ପ୍ରବେଶ କରାଯାଇଛି। ଏହି ମଡେଲରେ ବିଶ୍ୱର ପ୍ରଥମ ରିୟର କ୍ୱାର୍ଡ କ୍ୟାମେରା ସହ ଅତ୍ୟାଧୁନିକ ଫିଚର ରହିଛି। ରୋମାଞ୍ଚକୁ ଧରି ରଖିବା ସହ ଏହାକୁ ସେୟାର କରିବା ଲାଗି ଉକ୍ତ ମଡେଲକୁ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପ୍ରକାଶ କରିଛି। ଭିଜୁଆଲ ଯୋଗାଯୋଗ କ୍ଷେତ୍ରରେ ବଦଳୁଥିବା ଚାହିଦାକୁ ଧ୍ୟାନରେ ରଖିବା ସହ ନୂତନତ୍ୱର ଦାବିକୁ ବୁଝିଛୁ ବୋଲି ସାମସଙ୍ଗ ଇଲେକ୍‌ଟ୍ରୋନିକ୍ସର ଆଇଟି ଓ ମୋବାଇଲ ଯୋଗାଯୋଗ ବିଭାଗ ପ୍ରେସିଡେଣ୍ଟ ତଥା ସିଇଓ ଡି.ଜେ କୋହ ସୂଚନା ଦେଇଛନ୍ତି। ଏହାର କ୍ୱାର୍ଡକୋର କ୍ୟାମେରାରେ ୨୪ ମେଗା ପିକ୍ସେଲ୍ ପ୍ରମୁଖ ଲେନ୍ସ, ୨ ଏକ୍ସ ଅପ୍ଟିକାଲ ଜୁମ୍, ଅଲ୍‌ଟ୍ରାୱାଇଡ୍ ଲେନ୍ସ, ଡେପଥ୍ ଲେନ୍ସ ବ୍ୟବହାର କରାଯାଇଛି। ମଡେଲଟିରେ ୩୮୦୦ ଏମ୍‌ଏଏଚ୍ ବ୍ୟାଟେରି, ୬.୩ ଇଞ୍ଚ ଫୁଲ୍‌ଏଚ୍‌ଡି, ସୁପର ଆମୋଏଲ୍‌ଇଡି ସ୍କ୍ରିନ, ୧୨୮ ଜିବି ଷ୍ଟୋରେଜ୍, ଅକ୍ଟାକୋର ପ୍ରୋସେସର, ୬-୮ ଜିବି ରାମ୍, ଆଣ୍ଡ୍ରଏଡ୍ ୮.୦ ସୁବିଧା ରହିଛି।

# ସ୍ୱତନ୍ତ୍ର ସେବା ଯୋଗାଣରେ ବିଶ୍ୱାସ ରଖିଛି ସ୍ୱେଜ୍ଜ୍ୱା ଭିଜନ୍

**ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ରିଟେଲିଂ ବ୍ୟବସାୟରେ ଏବେ ୩୬୦% ପ୍ରତିଦ୍ୱନ୍ଦ୍ୱିତା। ସଙ୍ଗଠିତ ଷ୍ଟୋରଗୁଡିକ ଗ୍ରାହକଙ୍କୁ ନିଜ ସହ ଯୋଡି ରଖିବା ଦିଗରେ ବିଭିନ୍ନ ପଦକ୍ଷେପକୁ ଦୃଷ୍ଟି ଦେଉଛନ୍ତି। ଏହି ଧାରାରେ ଜାତୀୟସ୍ତରର ଲାର୍ଜ ଫର୍ମାଟ ଷ୍ଟୋର ସେମାନଙ୍କ କୌଶଳରେ ପରିବର୍ତ୍ତନ ଆଣିଛନ୍ତି। ଏହା ସହ ଯୁବବର୍ଗଙ୍କ ମଧ୍ୟରେ ସ୍ମାର୍ଟଫୋନ ଏବଂ ସ୍ମାର୍ଟ ଡିଭାଇସର ଚାହିଦା ବଢୁଥିବାରୁ ଇଲେକ୍‌ଟ୍ରୋନିକ୍ସ ରିଟେଲିଂ ଷ୍ଟୋରଗୁଡ଼ିକର କଳେବରରେ ଏବେ ଢେର ପରିବର୍ତ୍ତନ ଆସିଛି। ସ୍ୱେଜ୍ଜ୍ୱା ଭିଜନ ଉକ୍ତ କ୍ଷେତ୍ରରେ ଏକ ପ୍ରମୁଖ ନାମ। ରିଟେଲିଂ ଅଭିଜ୍ଞତାକୁ ନେଇ ଏହାର ସ୍ୱତ୍ୱାଧିକାରୀ ଦେବରାଜ ରଥ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତ୍‌କାର...**



**○ପୂର୍ବପିଢି କେହି ବାଣିଜ୍ୟ ସହ ସମ୍ପୃକ୍ତ ଥିଲେ କି?**

ବାପା ସରକାରୀ ଚାକିରି କରିଥିଲେ। ପ୍ରଥମ ପିଢିର ଏଣ୍ଟରପ୍ରେନ୍ୟୋର ଭାବେ ୧୯୮୪ରେ ଏହି ବାଣିଜ୍ୟରେ ପ୍ରବେଶ କରିଥିଲି। ଏକ୍ଷେତ୍ରରେ ୩୪ ବର୍ଷର ଅଭିଜ୍ଞତା ରହିଛି। ପ୍ରଥମେ କୋଣାର୍କ ଟିଭି, ୱେଷ୍ଟର୍ନ ଟିଭି, ଡାଇନୋରା ଟିଭି ସହ ଜଡିତ ହୋଇଥିଲୁ । ଏହା ପରେ ଓନିଡା, ଫିଲିପ୍ସ, ବିପିଏଲ୍ ଏବଂ ଭିଡିଓକନ ସହ ମିଳିତ ହେଲୁ। ୧୯୯୦ ଦଶକରେ ଏଲ୍‌ଜି, ସାମ୍‌ସଙ୍ଗ, ସୋନି, ହ୍ୱର୍ଲପୁଲ ଭଳି ଅନ୍ୟ ବହୁ ଦେଶୀୟ କମ୍ପାନୀ ସହ ମିଶି କାର୍ଯ୍ୟ କଲୁ। ରାଜ୍ୟରେ ସଙ୍ଗଠିତ ଭାବେ ଟିଭି ରିଟେଲିଂ ବ୍ୟବସାୟ କ୍ଷେତ୍ରରେ ଆମେ ପ୍ରଥମେ ପ୍ରବେଶ କରିଥିଲୁ। ସେହିସମୟରେ ମାସିକ ୧୫୦ ୟୁନିଟ ଟିଭି ବିକ୍ରି କରୁଥିଲୁ। ଏହା ବର୍ତ୍ତମାନ ୩,୦୦୦ ୟୁନିଟ ଛୁଇଁଛି।

**○ଶୋ'ରୁମର ସ୍ୱତନ୍ତ୍ରତା କ'ଣ ରହିଛି?**

ଗ୍ରାହକମାନେ ଏଠାରେ ଗୋଟିଏ ଛାତ ତଳେ ହ୍ୱାଇଟଗୁଡ, ସ୍ମଲ କିଚେନ୍ ଆପ୍ଲାଏନ୍ସ, ବିଭିନ୍ନ ବ୍ରାଣ୍ଡର ମୋବାଇଲ ଫୋନ, ପ୍ରମୁଖ କମ୍ପାନୀର ଡିଜିଟାଲ କ୍ୟାମେରା, ଆଇଟି ଉତ୍ପାଦ, ଭିଡିଓ ପ୍ରଡକ୍ସନ କ୍ୟାମେରା ଏବଂ ଆସେସୋରିଜ ଲାଭ କରିପାରିବେ। ହ୍ୱାଇଟ୍‌ଗୁଡ ମଧ୍ୟରେ ଟିଭି, ରେଫ୍ରିଜରେଟର, ୱାଶିଂମେଶିନ, ମାଇକ୍ରୋୱେଭ, ଡିସ୍ ୱାସର, ଏୟାର କଣ୍ଡିଶନର ଲାଭ କରିପାରିବେ। ବାପୁଜୀ ନଗର ସମେତ ଭୁବନେଶ୍ୱରରେ ୪ ଶୋ'ରୁମ ରହିଛି। ଶୋ'ରୁମଗୁଡ଼ିକରେ ପ୍ରଡକ୍ଟର ଲାଇଭ୍ ଡିସ୍‌ପ୍ଲେ ରହିଛି। ବାପୁଜୀ ନଗର ଶୋ'ରୁମ ୯,୦୦୦ ବର୍ଗଫୁଟ ସ୍ଥାନରେ ଖୋଲିଛି। ଗ୍ରାହକମାନେ ଏଠାରେ ଟଚ୍ ଆଣ୍ଡ ଫିଲ୍ ଅଭିଜ୍ଞତା ଲାଭ କରିପାରିବେ। ପାତ୍ରପଡା ଏବଂ ବମିଖାଲରେ ନୂଆ ଷ୍ଟୋର ଖୋଲିବାକୁ ଯୋଜନା ରହିଛି। ଗ୍ରାହକଙ୍କ ଲାଗି ଆକର୍ଷକ ଫାଇନାନ୍ସ ସୁବିଧା ରହିଛି। ଏହା ୨ରୁ ୫ ମିନିଟ ମଧ୍ୟରେ ପ୍ରୋସେସିଂ ହୋଇ ପାରୁଛି।

**○ଉନ୍ନତ ଗ୍ରାହକ ସେବାକୁ କେମିତି ବିଚାର କରନ୍ତି?**

ସେବା ଯୋଗାଣରେ ସ୍ୱତନ୍ତ୍ରତାକୁ ବିଚାର କରୁ। ଦୀର୍ଘ ଦିନ ଧରି ବ୍ୟବସାୟରେ ରହିଥିବାରୁ ଗ୍ରାହକଙ୍କ ଆବଶ୍ୟକତାକୁ ବୁଝିଛୁ। ଗ୍ରାହକଙ୍କ ସହ ଭଲ ସମ୍ପର୍କ ରଖୁ। ପର୍ସନାଲାଇଜ୍ ସର୍ଭିସ ସହ କମ୍ପାନୀ ସର୍ଭିସ ଗ୍ରାହକ କିଭଳି ଭାବେ ଭଲ ଭାବେ ଲାଭ କରିବେ ତାକୁ ସୁନିଶ୍ଚିତ କରୁ। ଗ୍ରାହକଙ୍କ ଅଭିଯୋଗ ସମାଧାନକୁ ଦୃଷ୍ଟିରେ ରଖିଛୁ। ଏଥି ପାଇଁ ସ୍ୱତନ୍ତ୍ର ଡେସ୍କ ରହିଛି। ନିଜେ ମଧ୍ୟ ଏଥିରେ ସାମିଲ ହୋଇ ଗ୍ରାହକଙ୍କ ସମସ୍ୟା ସମାଧାନ କରିଥାଏ। ଜଣେ ଗ୍ରାହକର ଅସୁବିଧା କିଭଳି ତ୍ୱରିତ ଭାବେ ସମାଧାନ ହେବ ତାକୁ ଗୁରୁତ୍ୱ ଦେଇଛୁ।

**○ହ୍ୱାଇଟ୍‌ଗୁଡ ରିଟେଲିଂ ବାଣିଜ୍ୟ ଢାଞ୍ଚା ବଦଳୁଛି। ଏହାକୁ ନେଇ କେମିତି ପ୍ରସ୍ତୁତି ରଖିଛନ୍ତି?**

ଏହି କ୍ଷେତ୍ରରେ ଜାତୀୟସ୍ତରର ଲାର୍ଜ ଫର୍ମାଟ ଷ୍ଟୋର ତଥା ବଡ କମ୍ପାନୀମାନେ ଏବେ ପ୍ରବେଶ କରିଛନ୍ତି। ଅନ୍‌ଲାଇନରେ ମଧ୍ୟ ହ୍ୱାଇଟ୍‌ଗୁଡ ବିକ୍ରି ହେବା ଆରମ୍ଭ ହୋଇଛି। ୧୯୯୮ରେ ପ୍ରଥମେ ବାପୁଜୀ ନଗରରେ ମଲ୍ଟି ବ୍ରାଣ୍ଡ ଷ୍ଟୋର ପରିକଳ୍ପନା କରିଥିଲୁ। ଓଡିଶା ଏବଂ ପୂର୍ବ ଭାରତରେ ଏଭଳି ଶୋ'ରୁମ ନ ଥିଲା। ଷ୍ଟୋରରେ କିଭଳି ଭଲ ଭିଜିବିଲିଟି ରହିବ ତାକୁ ଧ୍ୟାନରେ ରଖିଥିଲୁ। ଏବେ ହାଇଏଣ୍ଡ ପ୍ରଡକ୍ଟ ଆଡ଼କୁ ଗ୍ରାହକ ଅଗ୍ରସର ହେଉଛନ୍ତି। ପେନେଟ୍ରେଶନ ହାର ଏବେ ମଧ୍ୟ କମ୍ ଥିବାରୁ ଏକ୍ଷେତ୍ରରେ ଅଭିବୃଦ୍ଧି ସୁଯୋଗ ରହିଛି। ପରିବର୍ତ୍ତିତ ସ୍ଥିତିରେ ଆମେ ସର୍ବଦା ବାଣିଜ୍ୟରେ ରହିଛୁ। ଗ୍ରାହକମାନେ କିଭଳି ଉନ୍ନତ କ୍ରୟ ଅଭିଜ୍ଞତା ଲାଭ କରିବେ ତାକୁ ବିଚାର କରିଛୁ। ଅଫ୍ ଲାଇନ୍ କ୍ରୟ ଅଭିଜ୍ଞତା ଅନ୍‌ଲାଇନରେ ମିଳିବ ନାହିଁ। ଗ୍ରାହକଙ୍କର ଭଲ ପାଇବା ବାଣିଜ୍ୟ ଦୃଢ଼ୀକରଣ ଦିଗରେ ଏହା ବିଶେଷ ଭାବେ ସହାୟକ ହୋଇଛି।

**○ଓଡିଶା ଇଲେକ୍‌ଟ୍ରୋନିକ୍ସ ବଜାର ସ୍ଥିତିକୁ ନେଇ କ'ଣ କହିବେ?**

ରାଜ୍ୟର ଇଲେକଟ୍ରୋନିକ୍ସ ବଜାର ଅଭିବୃଦ୍ଧି ଗତ ୨ ବର୍ଷ ଧରି ମନ୍ଥର ରହିଛି। ସେହିଭଳି ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ହେବା ଯୋଗୁ ଏହା ବଜାର ଉପରେ ପ୍ରଭାବ ପକାଇଛି। ଲୋକଙ୍କ କ୍ରୟ ବ୍ୟବହାର ଉପରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି।

**○ପାର୍ବଣ ସମୟରେ ଲୋକଙ୍କ କ୍ରୟ ବ୍ୟବହାରରେ କିଛି ପରିବର୍ତ୍ତନ ଦେଖୁଛନ୍ତି କି?**

ପୂର୍ବରୁ ଲୋକମାନେ ପାର୍ବଣ ସମୟରେ ହ୍ୱାଇଟଗୁଡ ସାମଗ୍ରୀ କ୍ରୟ ଲାଗି ପସନ୍ଦ କରୁଥିଲେ। ଏବେ ଗତ କିଛି ବର୍ଷ ଧରି ଏହି ଧାରାରେ ପରିବର୍ତ୍ତନ ଆସିଛି। ଗ୍ରାହକ ଆବଶ୍ୟକତା ଭିତ୍ତିରେ ଏଭଳି ସାମଗ୍ରୀ କ୍ରୟ କରୁଛନ୍ତି। ଲୋକଙ୍କ ନିକଟରେ ବିକଳ୍ପ ସୁବିଧା ରହିଛି। ଶୋ'ରୁମଗୁଡ଼ିକ ଆକର୍ଷକ ଅଫର ସବୁ ପ୍ରଦାନ କରୁଥିବାରୁ ଏହି ଧାରାରେ ପରିବର୍ତ୍ତନ ଆସିଛି। ଆଜିର ଯୁବବର୍ଗ ଡିଜିଟାଲ ତଥା ସ୍ମାର୍ଟ ପ୍ରଡକ୍ଟ କ୍ରୟ ଉପରେ ଧ୍ୟାନ ଦେଉଛନ୍ତି। ସେହି ମୁତାବକ ଆମେ ପ୍ରସ୍ତୁତ।

**○ଗ୍ରାହକଙ୍କ ଲାଗି କ'ଣ ସବୁ ଅଫର ତଥା ପ୍ରୋତ୍ସାହନ ବ୍ୟବସ୍ଥା ଦେଉଛନ୍ତି?**

ପାର୍ବଣରେ ଆକର୍ଷକ ରିହାତି, ଅତିରିକ୍ତ ୱାରେଣ୍ଟି, କମ୍ପାନୀ ଅଫର, ଶୋ'ରୁମ ପକ୍ଷରୁ ଆକର୍ଷଣୀୟ ଉପହାର, କ୍ୟାଶବ୍ୟାକ୍ ସୁବିଧା ରହିଛି। ଗ୍ରାହକଙ୍କ ସହ ଯୋଡି ହେବା ଲାଗି ବିଭିନ୍ନ ସ୍ୱତନ୍ତ୍ର ଦିବସରେ ସେମାନଙ୍କ ନିକଟକୁ ମେସେଜ, ସରପ୍ରାଇଜ ଗିଫ୍ଟ ପଠାଇଥାଉ। କୁକିଂ କମ୍ପିଟିଶନ, କୁକିଂ କ୍ଲାସ ଆୟୋଜନ କରୁ। ସେହିଭଳି ଫଟୋଗ୍ରାଫି ୱାର୍କଶପ ଭଳି ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନେଇଛୁ।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୫ ଅକ୍ଟୋବର, ୨୦୧୮





ଆସନ୍ତା ଅଷ୍ଟ୍ରେଲିଆ ଟୁର୍ ପାଇଁ ଭାରତୀୟ ବୋଲରମାନେ ଠିକ୍ ଅଛନ୍ତି ମାତ୍ର ବ୍ୟାଟ୍ସମ୍ୟାନମାନଙ୍କୁ ସେମାନଙ୍କ ଫର୍ମ ବଜାୟ ରଖିବାକୁ ପଡ଼ିବ।
– ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



ଯୁବ ପ୍ରତିଭା ପୃଥ୍ୱୀ ଶ'ଙ୍କ ନିକଟରେ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ ଓ ବ୍ରାଏନ ଲାରାଙ୍କ ବ୍ୟାଟିଂ ଟେକ୍ନିକର ମିଶ୍ରଣ ଦେଖିବାକୁ ମିଳୁଛି।
–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ କୋଚ

## ସଂକ୍ଷେପରେ

### ଗୁରୁକୁଳ ଜୁନିୟର ଟେନିସ୍ ଆରମ୍ଭ

**ଭୁବନେଶ୍ୱର, ୧୪।୧୦(କ୍ରୀଡ଼ା ପ୍ରତିନିଧି):** ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ରବିବାର ଜୁନିୟର ଟେନିସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ୧୨ ଓ ୧୬ ବର୍ଷରୁ କମ୍ ବର୍ଗରେ ଉଭୟ ବାଳିକା ଓ ବାଳକ ବିଭାଗରେ ହେଉଥିବା ଏହି ପ୍ରତିଯୋଗିତାରେ ମୋଟ ୬୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ୧୨ ବର୍ଷରୁ କମ୍ ବାଳକ ପ୍ରି-କ୍ୱାର୍ଟରରେ ଶ୍ରୀୟମ ପଟନାଏକ ୭-୫ରେ ଆହାନ ବିଶ୍ୱରଞ୍ଜନଙ୍କୁ ଏବଂ ଏଲ. ଟୁଡୁ ୭-୦ରେ ଏ. ଆର୍ଯ୍ୟନଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୧୬ ବର୍ଷରୁ କମ୍ ବାଳକ ବର୍ଗରେ ଏସ.କେ. ପାତ୍ର ୮-୨ରେ ସିଦ୍ଧାର୍ଥ ହରିଦାସଙ୍କୁ ଏବଂ ବଳଭଦ୍ର ବେହେରା ୮-୦ରେ ରାଜଦୀପ ଦାସଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଏନ. ବୈଷ୍ଣବୀ ୮-୨ରେ ଲୋପାମୁଦ୍ରା ବେହେରାଙ୍କୁ, ଆହାନ ୮-୩ରେ ସାରା ଅନ୍ୱିତାଙ୍କୁ ଏବଂ ଅର୍ନି ରାଜ ୮-୦ରେ ପ୍ରଲିପ୍ତା ମହାପାତ୍ରଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ରିୟା ମର୍ଦ୍ଦରାଜ ୮-୨ରେ ସାରା ଅନ୍ୱିତାଙ୍କୁ, ଆହାନ ୮-୩ରେ ଏନ. ବୈଷ୍ଣବୀଙ୍କୁ, ଅର୍ନି ରାଜ ୮-୪ରେ ମାହିରା ଦାସଙ୍କୁ ଏବଂ ଆକୃତି ୮-୨ରେ ଆୟୁଷୀ ଦାସଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

### ରବିନ୍ସନ ଅରୁଣାଚଳ ଜୁନିୟର ଟିମ୍ ଟ୍ରେନର



**ଭୁବନେଶ୍ୱର, ୧୪।୧୦(କ୍ରୀଡ଼ା ପ୍ରତିନିଧି):** ଅରୁଣାଚଳ ପ୍ରଦେଶର ଯୁବ କ୍ରିକେଟରଙ୍କୁ ଫିଟ୍ ରଖିବା ପାଇଁ ଦାୟିତ୍ୱ ପାଇଛନ୍ତି ଓଡ଼ିଶାର ପଲ୍ ରବିନ୍ସନ। ୨୦୧୮-୧୯ ସିଜନ ପାଇଁ ରବିନସନ୍ ୧୬ ବର୍ଷରୁ କମ୍ ଦଳର ଟ୍ରେନର ନିଯୁକ୍ତ ହୋଇଛନ୍ତି। ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ କ୍ଲବ ରାମେଶ୍ୱର ସ୍ପୋର୍ଟିଂର ପୂର୍ବତନ ଖେଳାଳି ରବିନ୍ସନ ଏହା ପୂର୍ବରୁ ଓଡ଼ିଶା, ବେଙ୍ଗଲ, ଛତିଶ୍ଗଡ଼ ଓ ତ୍ରିପୁରା ରାଜ୍ୟ କ୍ରିକେଟ ଦଳର ଟ୍ରେନର ଦାୟିତ୍ୱ ସମ୍ପନ୍ନ କରିସାରିଛନ୍ତି। ଏହା ବ୍ୟତୀତ ସେ ଅଷ୍ଟ୍ରେଲିଆର ମାଇକେଲ ଭନ୍, ପାକିସ୍ତାନର ୱାକର ୟୁନିସ, ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ଓ ଭାରତର ଭିଭିଏସ ଲକ୍ଷ୍ମଣଙ୍କ ସହ କାର୍ଯ୍ୟ କରିଛନ୍ତି। ନିଜ ସମୟରେ ଜଣେ ବିସ୍ଫୋରକ ଓପନିଂ ବ୍ୟାଟ୍ସମ୍ୟାନ ଓ ମିଡିୟମ ପେସ୍ ବୋଲରଭାବେ ପରିଚିତ ରବିନ୍ସନ ଦୀର୍ଘ ୧୭ ବର୍ଷ ଧରି ଓଡ଼ିଶା ପକ୍ଷରୁ ଘରୋଇ କ୍ରିକେଟ ଖେଳିଛନ୍ତି। ଏହା ବ୍ୟତୀତ ସେ କୋଲକାତା, ଚେନ୍ନାଇ ଓ ତ୍ରିପୁରାରେ ଲିଗ୍ କ୍ରିକେଟ ଖେଳିଛନ୍ତି।

### ଓସିଏରେ ବୟସ ଜାଲିଆତି ଅଭିଯୋଗ

**କଟକ ଅଫିସ,୧୪।୧୦:** ବୟସ ଜାଲିଆତିକୁ ରୋକିବା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପାଇଁ କାଠିକର ପାଠ ହେବାରେ ଲାଗିଛି। ସତ୍ୟପାଠ ଜରିଆରେ ଖେଳାଳିମାନେ ଜନ୍ମ ପ୍ରମାଣପତ୍ର ଦାଖଲ କରୁଥିଲେ ମଧ ଏଥିରେ ଅନେକ ଗଫଲତି ହେଉଛି ବୋଲି ଅଭିଯୋଗ ଉଠାଇଛି ଭୁବନେଶ୍ୱରର ଏକ ସଙ୍ଗଠନ କଳିଙ୍ଗ ସେନା । ଆସନ୍ତା ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ନିମନ୍ତେ ଘୋଷିତ ରାଜ୍ୟ ୧୬ ବର୍ଷରୁ କମ ଚୂଡ଼ାନ୍ତ ଦଳରେ ସ୍ଥାନ ପାଇଥିବା ବିଶ୍ୱଜିତ ପାତ୍ର ବୟସ ଜାଲିଆତି କରିଛନ୍ତି ବୋଲି ରବିବାର ସେନାର ମୁଖ୍ୟ ହେମନ୍ତ ରଥ ଅଭିଯୋଗ ଆଣିଛନ୍ତି। ବିଶ୍ୱଜିତ ଓସିଏ ନିକଟରେ ଦାଖଲ କରିଥିବା ଜନ୍ମ ପ୍ରମାଣପତ୍ରରେ ଜନ୍ମ ତାରିଖ ରହିଛି ୨୦୦୩ ନଭେମ୍ବର ୧୦ ତାରିଖ । ମାତ୍ର କଟକ ମହାନଗର ନିଗମ(ସିଏମ୍ସି) ନିକଟରେ ଥିବା ବିଶ୍ୱଜିତଙ୍କ ଜନ୍ମ ପ୍ରମାଣପତ୍ରରେ ଜନ୍ମ ତାରିଖ ହେଉଛି ୨୦୦୧ ଜୁନ ୧୦ ତାରିଖ । ବିଶ୍ୱଜିତ ଓସିଏ ନିକଟରେ ଦାଖଲ କରିଥିବା ଜନ୍ମ ପ୍ରମାଣପତ୍ରରେ ଜାଲିଆତି କରିବା ସହ ୨ବର୍ଷ କମ୍ କରିଦେଇଛନ୍ତି । ବିଶ୍ୱଜିତଙ୍କୁ ତୁରନ୍ତ ଦଳରୁ ବାଦ୍ ଦେବା ପାଇଁ ସେନା ପକ୍ଷରୁ ଦାବି ହୋଇଛି । ସମ୍ମିଳନୀରେ ସେନାର ସାଧାରଣ ସମ୍ପାଦକ ସବ୍ୟସାଚି ମହାପାତ୍ର, ନୀହାର ପାଣି, ନାରୀ ସେନା ଅଧକ୍ଷା ସୁଭଦ୍ରା ମିଶ୍ର, ଶୁଭଶ୍ରୀ ପତି, ସମ୍ପାଦକ ଶିବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତର କ୍ଲିନ୍ ସୁଇପ୍




ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ବିଜୟୀ ଭାରତୀୟ ଦଳ ଟ୍ରଫି ସହ ।

ହାଇଦ୍ରାବାଦ, ୧୪।୧୦ (ପି.ଟି.)

ଭାରତ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ କ୍ରିକେଟ ଟେଷ୍ଟ ୩ ଦିନରେ ଶେଷ ହୋଇଛି। ରବିବାର ମୋଟ ୧୬ଟି ଉଇକେଟର ପତନ ଘଟିଥିବାବେଳେ ୱେଷ୍ଟଇଣ୍ଡିଜକୁ ୧୦ ଉଇକେଟରେ ହରାଇଛି ଟିମ୍ ଇଣ୍ଡିଆ। ଫଳରେ ଦୁଇ ମାଚ୍ ବିଶିଷ୍ଟ ସିରିଜକୁ ଭାରତ ୨-୦ରେ କ୍ଲିନ୍ ସୁଇପ୍ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୭୨ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତ ୧୬.୧ ଓଭରରେ କୌଣସି ଉଇକେଟ ନ ହରାଇ ୭୫ ରନ ସଂଗ୍ରହ କରି ନେଇଥିଲା। ୧୭ତମ ଓଭର ବୋଲିଂ କରିବାକୁ ଆସୁଥିବା ସ୍ପିନର ଦେବେନ୍ଦ୍ର ବିଶୁଙ୍କ ପ୍ରଥମ ବଲ୍କୁ ଚୌକାରେ ପରିଣତ କରି ପୃଥ୍ୱୀ ଶ ଭାରତ ବିଜୟରେ ମୁଣ୍ଡି ମାରିଥିଲେ। ଖେଳ ଶେଷ ହେବା ବେଳକୁ ପୃଥ୍ୱୀ ଓ ଲୋକେଶ ରାହୁଲ ୩୩ ରନ ଲେଖାଏ କରି ଅପରାଜିତ ରହିଥିଲେ। ଅଭିଜ୍ଞ ଦ୍ରୁତ ବୋଲର ଉମେଶ ଯାଦବ ଟେଷ୍ଟ ଫର୍ମାଟରେ ପ୍ରଥମଥର ପାଇଁ ୧୦ ଉଇକେଟ ସଫଳତା ହାସଲ କରିବା ସହ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ଅନ୍ୟପକ୍ଷରେ ନିଜର ପଦାର୍ପଣ ଟେଷ୍ଟରେ ପୃଥ୍ୱୀ ମ୍ୟାନ ଅଫ ଦ ସିରିଜ ହେବାର ଗୌରବ ଅର୍ଜନ କରିଥିଲେ। ଘରୋଇ ମାଟିରେ ଭାରତର ଏହାଥିଲା କ୍ରମାଗତ ୧୦ମ ଟେଷ୍ଟ ସିରିଜ ବିଜୟ। ୱେଷ୍ଟଇଣ୍ଡିଜ୍ର ପ୍ରଥମ ଇନିଂସ ସ୍କୋର ୩୧୧ ରନ ଜବାବରେ ଭାରତ ପ୍ରଥମ ଇନିଂସରେ ୩୬୭ ରନ କରିବାକୁ ସକ୍ଷମ ହୋଇଥିଲା। ଦ୍ୱିତୀୟ ଦିନ ଶେଷସୁଦ୍ଧା ୪ ଉଇକେଟ ହରାଇ ୩୦୮ ରନ କରିଥିବା ଭାରତ ତୃତୀୟ ଦିବସ ସକାଳେ ନାଟକୀୟଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୯ ରନ ମଧ୍ୟରେ ୬ଟି ଉଇକେଟ ହରାଇଥିଲା। ଫଳରେ ଦଳକୁ ୫୬ ରନର ଅଗ୍ରଣୀ ମିଳିଥିଲା। ଚଳିତ ସିରିଜରେ ରିଷଭ ପନ୍ତ ଦ୍ୱିତୀୟ ଥରପାଇଁ ୯୨ ରନରେ ଆଉଟ ହୋଇ ଶତକ ହାସଲରୁ ବଞ୍ଚିତ ହୋଇଥିବାବେଳେ ଅଜିଙ୍କ୍ୟ ରାହାନେ ୮୦ ଓ ରବିଚନ୍ଦ୍ରନ ଅଶ୍ୱିନ ୩୫ ରନର ଯୋଗଦାନ ଦେଇଥିଲେ। ପଞ୍ଚମ ଉଇକେଟ ଯୋଡିରେ ରାହାନେ ଓ ପନ୍ତ ୧୫୨ ରନର ଭାଗୀଦାରି ଗଢ଼ିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଜାସନ ହୋଲ୍ଡର ୫ ଉଇକେଟ ସଫଳତା ପାଇଥିବାବେଳେ ଶାନନ ଗାବ୍ରିଏଲ ୩ ଓ ଜୋମେଲ ୱାରିକାନ ୨ଟି ଉଇକେଟ ନେଇଥିଲେ। ଏହାପରେ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସକୁ ୧୨୭ ରନରେ ସୀମିତ ରଖିଥିଲେ। ଦଳ ପକ୍ଷରୁ ସୁନୀଲ ଅମ୍ବ୍ରିଶ ସର୍ବାଧିକ ୩୮ ଓ ସାଇ ହୋପ ୨୮ ରନ କରିବାକୁ ସକ୍ଷମ ହୋଇଥିଲେ। ଉମେଶ ଯାଦବ ୪ଟି, ରବୀନ୍ଦ୍ର ଜାଡେଜା ୩ଟି, ରବିଚନ୍ଦ୍ରନ ଅଶ୍ୱିନ ୨ଟି ଓ କୁଲଦୀପ ଯାଦବ ଗୋଟିଏ ଉଇକେଟ ନେଇ ଭାରତକୁ ଡ୍ରାଇଭର ଶିଟ୍ରେ ବସାଇଥିଲେ। ଭାରତ ସମ୍ମୁଖରେ ୭୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ୧୬.୧ ଓଭରରେ କୌଣସି ଉଇକେଟ ନ ହରାଇ ୭୫ ରନ ସଂଗ୍ରହ କରି ନେଇଥିଲା।

### ସଂକ୍ଷିପ୍ତ ସ୍କୋର

- ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୩୧୧।
- ଭାରତ ପ୍ରଥମ ଇନିଂସ: ୩୬୭ /ଅଲଆଉଟ (ପନ୍ତ- ୯୨, ରାହାନେ- ୮୦, ପୃଥ୍ୱୀ- ୭୦, କୋହଲି- ୪୫, ଅଶ୍ୱିନ- ୩୫, ହୋଲ୍ଡର- ୫/୫୬, ଗାବ୍ରିଏଲ- ୩/୧୦୭, ୱାରିକାନ- ୨/୮୪)।
- ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ:୧୨୭/ଅଲଆଉଟ (ଅମ୍ବ୍ରିଶ-୩୮, ହୋପ- ୨୮, ଉମେଶ- ୪/୪୫, ଜାଡେଜା- ୩/୨୨, ଅଶ୍ୱିନ- ୨/୨୪, କୁଲଦୀପ- ୧/୪୫)।
- ଭାରତ ଦ୍ୱିତୀୟ ଇନିଂସ୍: ୭୫/୦(ପୃଥ୍ୱୀ- ୩୩*, ରାହୁଲ- ୩୩*)।

### ହାଇଲାଇଟ୍ସ

- ଗୋଟିଏ ଦିନରେ ୧୬ ଉଇକେଟ ପତନ
- ତିନି ଦିନରେ ଖେଳ ଶେଷ
- ଉମେଶ ଯାଦବଙ୍କୁ ୧୦ ଉଇକେଟ ସଫଳତା, ମ୍ୟାନ ଅଫ ଦି ମ୍ୟାଚ
- ପଦାର୍ପଣ ସିରିଜରେ ପୃଥ୍ୱୀ ଶ ମ୍ୟାନ ଅଫ ଦି ସିରିଜ। ଅନ୍ତର୍ଜାତୀୟ କ୍ରିକେଟରେ ନିଜ ପ୍ରଥମ ଟେଷ୍ଟ ସିରିଜରେ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇବାରେ ପୃଥ୍ୱୀ ୧୦ମ ଖେଳାଳି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ରବିଚନ୍ଦ୍ରନ ଅଶ୍ୱିନ ୨୦୧୧ ଓ ରୋହିତ ଶର୍ମା ୨୦୧୩ରେ ଏହି ସଫଳତା ପାଇଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ୧୯୯୬ରେ ଇଂଲଣ୍ଡ ବିପକ୍ଷରେ ସୌରଭ ଗାଙ୍ଗୁଲି ପଦାର୍ପଣ ଟେଷ୍ଟ ସିରିଜରେ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ।
- ୨୦୦୨ରୁ ୨୦୧୮ ମଧ୍ୟରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୨୧ ଟେଷ୍ଟରେ ଅପରାଜେୟ।
- ୨୦୧୩-୧୩ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଘରୋଇ ପରିବେଶରେ ଭାରତର ଏହା କ୍ରମାଗତ ୧୦ମ ଟେଷ୍ଟ ସିରିଜ ବିଜୟ।
- ଭାରତର ଏହାଥିଲା ୧୦ମ ୧୦ ଉଇକେଟ ଟେଷ୍ଟ ବିଜୟ।

### ଘରୋଇ ମାଟିରେ ଭାରତର କ୍ରମାଗତ ୧୦ ଟେଷ୍ଟ ସିରିଜ ବିଜୟ

| | | | |
|---|---|---|---|
| ୨୦୧୨-୧୩ | ବନାମ | ଅଷ୍ଟ୍ରେଲିଆ | ୪-୦ |
| ୨୦୧୩-୧୪ | ବନାମ | ୱେଷ୍ଟଇଣ୍ଡିଜ | ୨-୦ |
| ୨୦୧୫-୧୬ | ବନାମ | ଦକ୍ଷିଣ ଆଫ୍ରିକା | ୩-୦ |
| ୨୦୧୬-୧୭ | ବନାମ | ନ୍ୟୁଜିଲାଣ୍ଡ | ୩-୦ |
| ୨୦୧୬-୧୭ | ବନାମ | ଇଂଲଣ୍ଡ | ୪-୦ |
| ୨୦୧୬-୧୭ | ବନାମ | ବାଂଲାଦେଶ | ୧-୦ |
| ୨୦୧୬-୧୭ | ବନାମ | ଅଷ୍ଟ୍ରେଲିଆ | ୨-୧ |
| ୨୦୧୭-୧୮ | ବନାମ | ଶ୍ରୀଲଙ୍କା | ୧-୦ |
| ୨୦୧୮ | ବନାମ | ଆଫଗାନିସ୍ତାନ | ୧-୦ |
| ୨୦୧୮-୧୯ | ବନାମ | ୱେଷ୍ଟଇଣ୍ଡିଜ | ୨-୦ |

■ ୧୯ ବର୍ଷରୁ କମ୍ ମହିଳା ଟି୨୦

## ଓଡ଼ିଶା, ମୁମ୍ବାଇ, ଦିଲ୍ଲୀ ବିଜୟୀ

କଟକ ଅଫିସ,୧୪।୧୦

କଟକରେ ରବିବାରଠାରୁ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଗ୍ରୁପ-ବିର ଏକ ମ୍ୟାଚ୍ରେ ଓଡ଼ିଶା ୧୦ ଉଇକେଟରେ ମଣିପୁରକୁ ପରାସ୍ତ କରିଛି। ରେଭେନ୍ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମଣିପୁର ମାତ୍ର ୧୯ରନ୍ରେ ଅଲଆଉଟ ହୋଇଥିଲା। ଦଳର ୫ଜଣ ଖେଳାଳି ଡକ୍(୦)ରେ ଓ ୩ଜଣ ଖେଳାଳି ୧ରନ୍ରେ ଆଉଟ ହୋଇଥିବା ବେଳେ ଅଧିନାୟିକା ଏଲ. ରାଜକୁମାରୀ ସର୍ବାଧିକ ୪ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ତରଣା ପ୍ରଧାନ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିଲେ। ଜବାବରେ ଦୁଇ ଓପନର କାଜଲ ଜେନା(୯ରନ୍) ଓ ପୁନମ ନାୟକ(୭ରନ୍) ଅପରାଜିତ ରହି ଓଡ଼ିଶାକୁ ବିଜୟୀ କରାଇଥିଲେ। ସୋମବାର ପ୍ରତିଯୋଗିତାର ପରବର୍ତ୍ତୀ ମ୍ୟାଚ୍ ଓଡ଼ିଶା ତ୍ରିପୁରା ବିପକ୍ଷରେ ଖେଳିବ। ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ରେ ମୁମ୍ବାଇ ୭ ଉଇକେଟରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ମହାରାଷ୍ଟ୍ର ପକ୍ଷରୁ ଧାର୍ଯ୍ୟ ୭୨ରନ୍ର ବିଜୟ ଲକ୍ଷ୍ୟକୁ ବମ୍ବେ ୧୯ତମ ଓଭରରେ ୩ ଉଇକେଟ ହରାଇ ହାସଲ କରିଥିଲା। ରେଭେନ୍ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ରେ ଦିଲ୍ଲୀ ୯ ଉଇକେଟରେ ଅରୁଣାଚଳପ୍ରଦେଶକୁ ହରାଇଛି। ଅରୁଣାଚଳପ୍ରଦେଶ ମାତ୍ର ୨୩ରନ୍ରେ ଅଲଆଉଟ ହୋଇଥିଲା। ଦିଲ୍ଲୀ ଗୋଟିଏ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

## ଆନ୍ତଃ ମହାବିଦ୍ୟାଳୟ ହକି: ନିଶ୍ୱାସ ଚାମ୍ପିୟନ

ଭୁବନେଶ୍ୱର, ୧୪।୧୦(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ୱର୍କ ଆଣ୍ଡ ସୋସିଆଲ୍ ସାଇନ୍ସେସ(ନିଶ୍ୱାସ) ଉତ୍କଳ ବିଶ୍ୱବିଦ୍ୟାଳୟର ଆନ୍ତଃ ମହାବିଦ୍ୟାଳୟ ପୁରୁଷ ହକି ଚାମ୍ପିୟନ ହୋଇଛି। ବାଣୀବିହାରଠାରେ ଅନୁଷ୍ଠିତ ଫାଇନାଲରେ ନିଶ୍ୱାସ ୪-୦ ଗୋଲରେ ଢେଙ୍କାନାଳ ମହାବିଦ୍ୟାଳୟକୁ ହରାଇ ଟାଇଟଲ ହାସଲରେ ହାଟ୍ରିକ କରିଛି। ସେମିଫାଇନାଲରେ ନିଶ୍ୱାସ ୧-୦ରେ କଟକର ରଘୁନାଥଜୀଉ ମହାବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଢେଙ୍କାନାଳ ସେମିଫାଇନାଲରେ ୱାକ୍ଓଭର ପାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଆନ୍ତଃ ମହାବିଦ୍ୟାଳୟ ପୁରୁଷ ହକି ଚାମ୍ପିୟନ ନିଶ୍ୱାସ ଦଳ ଅତିଥିଙ୍କ ଗହଣରେ।

ହକି ବିଶ୍ୱକପ୍



ଆଉ ୪୨ ଦିନ

## ଡିଫେନ୍ସ ଉପରେ ଅଧିକ ଗୁରୁତ୍ୱ ଦେବୁ: ମନପ୍ରୀତ

ଭୁବନେଶ୍ୱର, ୧୪।୧୦(ସ୍ପୋର୍ଟ୍ସ ବ୍ୟୁରୋ)



ମନପ୍ରୀତ ସିଂ

ବିଶ୍ୱକପ୍ ପୂର୍ବରୁ ଓମାନରେ ଆସନ୍ତା ୧୮ରୁ ୨୮ ତାରିଖ ମଧ୍ୟରେ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ହେବାକୁ ଯାଉଛି। ଭାରତୀୟ ଦଳ ସୋମବାର ଅପରାହ୍ନରେ ଓମାନ ଯାତ୍ରା କରିବ। ଏହି ଟୁର୍ନାମେଣ୍ଟରେ ଭାରତର ଯୋଜନା ଓ ପ୍ରସ୍ତୁତି ନେଇ ମତ ରଖିଛନ୍ତି ଭାରତୀୟ ଅଧିନାୟକ ମନପ୍ରୀତ ସିଂ। ଚାମ୍ପିୟନ୍ସ ଟ୍ରଫିରେ ଆମେ ଡିଫେନ୍ସକୁ ଅଧିକ ଗୁରୁତ୍ୱ ଦେବୁ ବୋଲି ସେ କହିଛନ୍ତି। କାରଣ ଡିଫେନ୍ସ ମଜଭୁତ ହେଲେ ପ୍ରତିପକ୍ଷ ଦଳ ଗୋଲ ଦେବାରେ ସୁଯୋଗ ପାଇବ ନାହିଁ। ଓମାନରେ ଅଧିକ ଗରମ ଅନୁଭୂତ ହେବ। ତାହାକୁ ଆମେ ମନମଧ୍ୟରେ ରଖିଛୁ। କୌଣସି ଦଳକୁ ଆମେ ହେୟ ମନେକରୁନାହୁଁ। ଶତପ୍ରତିଶତ ପ୍ରଦର୍ଶନ କରିବୁ ଏବଂ ଆମ ସମ୍ମୁଖରେ ଯେଉଁ ଦଳ ଥାଉନାକାହିଁକି ବିଜୟୀ ହେବାକୁ ସବୁମତେ ପ୍ରୟାସ କରିବୁ ବୋଲି ସେ କହିଛନ୍ତି। ଯେତେବେଳେ ବି ସୁଯୋଗ ମିଳିବ ତାକୁ ଗୋଲରେ ପରିଣତ କରିବାକୁ ଚେଷ୍ଟା କରିବୁ। ଏସିଆନ୍ ଗେମ୍ସରେ ଆମେ ଭଲ ଖେଳିଥିଲୁ। କେବଳ ଗୋଟିଏ ମ୍ୟାଚ୍ରେ ତ୍ରୁଟି କରିଥିଲୁ ଓ ଏଥିପାଇଁ ଆମକୁ ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ତେବେ ଏହା ଏବେ ଇତିହାସ ହୋଇଛି। ଶେଷ ମିନିଟରେ ଗୋଲ ଯେପରି ବରଣ ନ କରୁ ସେ ନେଇ ଆମେ କାର୍ଯ୍ୟ କରୁଛୁ। ପୁଣି ଥରେ ଏହି ତ୍ରୁଟି ନ ଦୋହରାଇବାକୁ ଚେଷ୍ଟା କରିବୁ। ଆମ ପାଇଁ ବିଶ୍ୱକପ୍ ବେଶ୍ ଗୁରୁତ୍ୱ ବହନ କରୁଛି। ଚାମ୍ପିୟନ ହେବୁ କି ନା ସେ ନେଇ ଆମେ ଚିନ୍ତା କରୁନାହୁଁ। କିନ୍ତୁ ପ୍ରତି ମ୍ୟାଚ୍କୁ ଆମେ ଗୁରୁତ୍ୱ ଦେଇ ଆଗକୁ ବଢ଼ିବୁ। ପେନାଲ୍ଟି ଶୁଟ୍ ଆଉଟକୁ ଗୋଲରେ ପରିଣତ କରିବା ଉପରେ ମଧ ଆମେ କାର୍ଯ୍ୟ ତଥା ଅଭ୍ୟାସ କରୁଛୁ। କିନ୍ତୁ ଶୁଟ୍ ଆଉଟ୍ ପର୍ଯ୍ୟନ୍ତ ଯେପରି କଥା ନ ଯିବ ତା ପୂର୍ବରୁ ଆମେ ମ୍ୟାଚ ହାତେଇବାକୁ ଚେଷ୍ଟା କରିବୁ। ଏ ନେଇ ଆମେ କୋଚ୍ଙ୍କ ସହ କାର୍ଯ୍ୟ କରୁଛୁ ଓ ପରିଶ୍ରମ ମଧ କରୁଛୁ ବୋଲି ସେ କହିଛନ୍ତି।

## ବିହାର, ନାଗାଲାଣ୍ଡ, ମଣିପୁରର ବୃହତ୍ ବିଜୟ

### ଭିନୁ ମଙ୍କଡ ଟ୍ରଫି

ଭୁବନେଶ୍ୱର, ୧୪।୧୦(କ୍ରୀଡ଼ା ପ୍ରତିନିଧି)

ଭିନୁ ମଙ୍କଡ ଟ୍ରଫି(୧୯ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ୩ଟି ମ୍ୟାଚ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିହାର, ମଣିପୁର ଓ ନାଗାଲାଣ୍ଡ ବୃହତ୍ ବିଜୟ ହାସଲ କରିଛନ୍ତି। କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ବିହାର ୧୦୫ ରନରେ ଅରୁଣାଚଳ ପ୍ରଦେଶକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିହାର ଆକାଶ ରାଜଙ୍କ ଶତକ ସହାୟତାରେ ୫୦ ଓଭରରେ ୩ ଉଇକେଟ ହରାଇ ୨୫୭ ରନ କରିଥିଲା। ଆକାଶ ୧୩୫ ବଲ୍ରୁ ୧୦୧ ରନ ସଂଗ୍ରହ କରିଥିଲେ। ଜବାବରେ ଅରୁଣାଚଳ ପ୍ରଦେଶ ୪୨.୪ ଓଭରରେ ୧୫୨ ରନ କରି ଅଲଆଉଟ ହୋଇଯାଇଥିଲା। ମହମ୍ମଦ ବିଲାଲ ସର୍ବାଧିକ ୪୩ ରନ କରିଥିବାବେଳେ ବିଜୟୀ ଦଳର ଆକାଶ ୩ଟି ଉଇକେଟ ନେଇଥିଲେ। ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ନାଗାଲାଣ୍ଡ ୧୧୩ ରନରେ ପୁଡୁଚେରୀକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନାଗାଲାଣ୍ଡ ୪୧ ଓଭରରେ ୧୫୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପୁଡୁଚେରୀ ୨୦ ଓଭରରେ ମାତ୍ର ୪୧ ରନ କରି ସମସ୍ତ ଉଇକେଟ ହରାଇଥିଲା। ନାଗାଲାଣ୍ଡ ପକ୍ଷରୁ ୟଶ୍ ଟଣ୍ଡନ ୧୦ ଓଭରରେ ମାତ୍ର ୧୬ ରନ ଦେଇ ୮ଟି ଉଇକେଟ ଅକ୍ତିଆର କରିଥିଲେ। ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ମଣିପୁର ୧୨୬ ରନରେ ମିଜୋରାମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମଣିପୁର ୩୬ ଓଭରରେ ୩ ଉଇକେଟ ହରାଇ ୧୮୭ ରନ କରିଥିଲା। ଦଳ ପକ୍ଷରୁ ଶୁଭମ୍ ଚୌହାନ ୮୦ ରନରେ ଅପରାଜିତ ରହିଥିଲେ। ୧୮୮ ରନ ବିଜୟ ଲକ୍ଷ୍ୟ ନେଇ ମିଜୋରାମ ୨୨ ଓଭରରେ ୬୧ ରନ୍ କରି ଅଲଆଉଟ ହୋଇଯାଇଥିଲା।



ପଡ଼ିଆରେ ଦଳକୁ ନେତୃତ୍ୱ ଦେବାର ସାମର୍ଥ୍ୟ ନ ଥିବାରୁ ଲିଓନେଲ ମେସିଙ୍କୁ ଫୁଟ୍‌ବଲର ଭଗବାନ ବୋଲି କହିବା ଯଥାର୍ଥ ନୁହେଁ

–ଡିଏଗୋ ମାରାଡୋନା, ଆର୍ଜେଣ୍ଟିନା ଫୁଟ୍‌ବଲ କିମ୍ବଦନ୍ତୀ

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ଭଲ ଖେଳିଥିବାରୁ ଦ୍ୱିତୀୟ ଟେଷ୍ଟରେ ସମର୍ଥକମାନେ ଆମଠାରୁ ବିଜୟ ଆଶା କରୁଛନ୍ତି।

–ଆଝାର ଅଲି, ପାକିସ୍ତାନର ସିନିୟର ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ଆଇସିସି ବୈଠକରୁ ଓହରିଲେ ଜୋହରି

**ହାଇଦ୍ରାବାଦ, ୧୪।୧୦ (ପି.ଟି.):** ସୋସିଆଲ ମିଡିଆରେ ଯୌନ ନିର୍ଯାତନା ଅଭିଯୋଗ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସିଇଓ ରାହୁଲ ଜୋହରି ସିଙ୍ଗାପୁରରେ ହେବାକୁଥିବା ଆଇସିସି ବୈଠକରୁ ଓହରିବାକୁ ବାଧ ହୋଇଛନ୍ତି। ତାଙ୍କ ସ୍ଥାନରେ ବିସିସିଆଇ କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧାରୀ ବୋର୍ଡରୁ ପ୍ରତିନିଧିତ୍ୱ କରିବେ ବୋଲି ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାୟ ପ୍ରକାଶ କରିଛନ୍ତି। ଆଇସିସି ବୈଠକରେ ସିଙ୍ଗାପୁର ଅକ୍ଟୋବର ୧୬ରୁ ୧୯ ପର୍ଯ୍ୟନ୍ତ ହେବ। ସୋସିଆଲ ମିଡିଆରେ ହୋଇଥିବା ଅଭିଯୋଗକୁ ନେଇ ଜବାବ ଉପସ୍ଥାନ କରିବା ଲାଗି ଜୋହରିଙ୍କୁ ସିଓଏ ଏକ ସପ୍ତାହ ସମୟ ଦେଇଥିଲା। ମାତ୍ର ରାହୁଲ ୧୪ ଦିନ ସମୟ ଚାହିଁଥିଲେ। ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ସେ ତାଙ୍କ ଲିଗାଲ ଟିମ୍ ସହିତ କଥାବାର୍ତ୍ତା ଚଳାଇଥିବା କହିଥିଲେ। ସିଓଏ କିନ୍ତୁ ତାଙ୍କୁ ଅଧିକ ସମୟ ଦେବାକୁ ମନା କରିଦେଇଥିଲା। ସୂଚନାଯୋଗ୍ୟ, ଜୋହରି ପୂର୍ବରୁ ଡିସ୍‌କଭରି ଚ୍ୟାନେଲର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସେ ସମୟରେ ତାଙ୍କ ସହକର୍ମୀ ଭାବେ କାର୍ଯ୍ୟ କରିଥିବା ଜଣେ ମହିଳା ନିଜ ନାମ ଗୋପନ ରଖି ଟୁଇଟର ଜରିଆରେ ଅଭିଯୋଗ କରିଛନ୍ତି।

### ଜୋକୋଭିଚ୍ ଜିତିଲେ ସାଂଘାଇ ମାଷ୍ଟର୍ସ

**ଶାଂଘାଇ, ୧୪।୧୦ (ଏଏଫ୍‌ପି):** ନୋଭାକ ଜୋକୋଭିଚ୍ ସାଂଘାଇ ମାଷ୍ଟର୍ସ ଟେନିସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୯୧ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ତଥା କ୍ରୋଏସିଆର ବୋର୍ନା କୋରିକ୍‌ଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ବିଜୟ ଦ୍ୱାରା ସେ ବିଶ୍ୱର ନମ୍ବର ୱାନ ଖେଳାଳି ରାଫାଲ ନାଡାଲଙ୍କ ନିକଟତର ହୋଇ ପାରିଛନ୍ତି। ସୋମବାର ନୂଆ ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇବ। ୩୧ବର୍ଷୀୟ ସର୍ବୀୟ ଖେଳାଳି ରୋଜର ଫେଡେରରଙ୍କୁ ହଟାଇ ର୍‍ୟାଙ୍କିଙ୍ଗ ତାଲିକାର ଦ୍ୱିତୀୟ ସ୍ଥାନ ଅଧିକାର କରିନେବେ।




ଅଲ୍ ଓଡ଼ିଶା ଓପନ କ୍ୟାରମ୍ ଚାମ୍ପିୟନ ଜୟପ୍ରକାଶ ଦାସ(ଡାହାଣରୁ ତୃତୀୟ) ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଅଲ୍ ଓଡ଼ିଶା ଓପନ କ୍ୟାରମ: ଜୟପ୍ରକାଶ ଚାମ୍ପିୟନ

ଭୁବନେଶ୍ୱର, ୧୪।୧୦ (କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଜିଲା କ୍ୟାରମ ଆସୋସିଏଶନ (ବିଡିସିଏ) ଆନୁକୂଲ୍ୟରେ ୧୩ ଓ ୧୪ ତାରିଖ ଦୁଇଦିନ ଧରି ଅଲ୍ ଓଡ଼ିଶା ଓପନ କ୍ୟାରମ୍ ଚାମ୍ପିୟନଶିପ୍ ଏଠାରେ ଅନୁଷ୍ଠିତ ହୋଇ ଯାଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭୁବନେଶ୍ୱରର ଜୟପ୍ରକାଶ ଦାସ ଖୋର୍ଦ୍ଧାର ଭି.ପୃଥ୍ୱୀଙ୍କୁ ୧୪-୧୬, ୨୧-୯, ୨୫-୯ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେମିଫାଇନାଲରେ ଜୟପ୍ରକାଶ ଭୁବନେଶ୍ୱରର ଅନ୍ୟତମ ଖେଳାଳି ଗୌରାଙ୍ଗ ଭୋଳାଙ୍କୁ ୨୫-୫, ୨୩-୧ ଏବଂ ପୃଥ୍ୱୀ ୨୦-୧୫, ୨୫-୧୧ରେ ସତୀଶ ସାମନ୍ତରାୟଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କ ମଧ୍ୟରେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ସତୀଶ ୨୦-୧୬, ୧୯-୧୫ ପଏଣ୍ଟରେ ଗୌରାଙ୍ଗଙ୍କୁ ହରାଇ ଦେଇଥିଲେ। ଚାମ୍ପିୟନ ଜୟପ୍ରକାଶ ଟ୍ରଫି ସହ ୩୦୦୦, ରନର୍ସଅପ୍ ପୃଥ୍ୱୀ ଟ୍ରଫି ସହ ୨୦୦୦ ଏବଂ ତୃତୀୟ ଓ ୪ର୍ଥ ସ୍ଥାନୀୟ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୦୦୦ ଓ ୫୦୦ଟଙ୍କା ପୁରସ୍କାର ଆକାରରେ ଦିଆଯାଇଥିଲା। ଖୋର୍ଦ୍ଧା, ଅନୁଗୋଳ, ତାଳଚେର ଓ ଭୁବନେଶ୍ୱରରୁ ମୋଟ ୬୫ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ବିଡିସିଏ ସମ୍ପାଦକ ରାଜେଶ ସାହୁ, ସଭାପତି ସୁନୀଲ ପଟ୍ଟନାୟକ, କର୍ପୋରେଟର ରାମ୍ ଭାଇ, ଓଡ଼ିଶା ରାଜ୍ୟ କ୍ୟାରମ ଆସୋସିଏଶନ ସମ୍ପାଦକ ଶ୍ରୀରଞ୍ଜନ ମହାନ୍ତି, ମୁଖ୍ୟ ରେଫରି ଲକ୍ଷ୍ମୀକାନ୍ତ ମିଶ୍ର ଓ ଅମ୍ପାୟର ସ୍ୱର୍ଣ୍ଣଲତା ଦାସ ପୁରସ୍କାର ପ୍ରଦାନ କରିଥିଲେ।

# କିଟ୍ ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟ୍ସ ଫେଷ୍ଟିଭାଲ

ଭୁବନେଶ୍ୱର, ୧୪।୧୦ (କ୍ରୀଡ଼ା ପ୍ରତିନିଧି)

କିଟ୍ ବିଶ୍ୱବିଦ୍ୟାଳୟରେ ଏକାଧିକ କ୍ରୀଡ଼ା ଇଭେଣ୍ଟ ଆୟୋଜନ ହେଉଥିବାରୁ ଏହା ସ୍ପୋର୍ଟ୍ସ ଫେଷ୍ଟିଭାଲର ରୂପ ନେଇଛି। ଭାରତ-ଚାଇନା ଚେସ୍ ସମ୍ମିଳନୀର ତୃତୀୟ ସଂସ୍କରଣ ଚଳିତମାସ ୧୫ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏହି ଇଭେଣ୍ଟର ପ୍ରାୟୋଜକ । ଡବଲ ରାଉଣ୍ଡ ରବିନ୍‌ଭିତ୍ତିକ ପ୍ରତିଯୋଗିତାରେ ଭାରତ ଓ ଚାଇନାର ଶୀର୍ଷସ୍ଥାନୀୟ ୪ ଜଣ ଲେଖାଏ ଗ୍ରାଣ୍ଡମାଷ୍ଟର ଅଂଶଗ୍ରହଣ କରିବେ। ଏଥିରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍ଯ୍ୟନ ଚୋପ୍ରା(୨୫୪୧ ରେଟିଂ), ଶ୍ରୀନାଥ ନାରାୟଣ (୨୫୬୫), ଅରବିନ୍ଦ ଚିଦାମ୍ବରମ (୨୫୭୮) ଓ ମୁରଲୀ କାର୍ତ୍ତିକେୟନ (୨୬୦୫) ଖେଳିବେ। ସେହିପରି ଚାଇନାର ଲୁ ଶାଙ୍ଗଲେଇ (୨୬୩୫), ଜୁ ଜିଆଙ୍ଗୟୁ (୨୫୮୬), ବାଇ ଜିନ୍‌ଶି (୨୫୫୬) ଓ ଜୁ ୟିନ୍‌ଗ୍ଲୁନ୍(୨୫୩୩) ଏଥିରେ ଅଂଶଗ୍ରହଣ କରିବେ।

ସେହିପରି ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଚଳିତମାସ ୧୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ) ପକ୍ଷରୁ କିଟ୍‌କୁ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ବାସ୍କେଟବଲ(ପୁରୁଷ), ଭଲିବଲ(ପୁରୁଷ), ବ୍ୟାଡ୍‌ମିଣ୍ଟନ(ମହିଳା), ଟେନିସ (ମହିଳା/ପୁରୁଷ), ହକି(ମହିଳା/ପୁରୁଷ) ଇଭେଣ୍ଟ ଆୟୋଜନ ଅଧିକାର ଦିଆଯାଇଛି। ଇଷ୍ଟର୍ନ ଜୋନ୍‌ର ୧୬୩ ବିଶ୍ୱବିଦ୍ୟାଳୟରୁ ଅନ୍ୟୂନ ୩୫୦୦ ପ୍ରତିଯୋଗୀ ଏଥିରେ ଭାଗନେବେ। ପ୍ରତି ଇଭେଣ୍ଟର ଶୀର୍ଷ ଦୁଇ ଦଳ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିବେ।

ସିବିଏସଇ ପୂର୍ବାଞ୍ଚଳ ସୁଇମିଂ ଚାମ୍ପିୟନଶିପ୍ ୧୮ରୁ ୨୦ ଅକ୍ଟୋବର ମଧ୍ୟରେ ଆୟୋଜିତ ହେବ। ୧୧୦ ସିବିଏସଇ ସ୍କୁଲର ୧୨୦୦ ପ୍ରତିଯୋଗୀ ଏଥିରେ ଭାଗନେବା ନିଶ୍ଚିତ ହୋଇଛି। ଆସାମ, ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଓଡ଼ିଶାର ପ୍ରତିଯୋଗୀମାନେ ମୋଟ ୫୫ଟି ସୁଇମିଂ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଚଳିତମାସ ୨୦ରୁ ୨୬ ପର୍ଯ୍ୟନ୍ତ ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆରଏଫୟୁ) ଆନୁକୂଲ୍ୟରେ ଏସିଆ ୧୮ ବର୍ଷରୁ କମ୍ ବାଳିକା ରଗ୍‌ବୀ ୭ଏସ ଟ୍ରେନିଂ ଓ କର୍ମଶାଳା ଅନୁଷ୍ଠିତ ହେବ। ଏଥିରେ ପାଖାପାଖି ୨୦୦ ପ୍ରତିନିଧି ଏହି କର୍ମଶାଳାରେ ଏକାଠି ହେବା ଆଶା କରାଯାଉଛି।

ଏହା ବ୍ୟତୀତ ସମ୍ପ୍ରତି କିଟ୍ ପଡ଼ିଆରେ ଏବେ ଭିନୁ ମଙ୍କଡ ଟ୍ରଫି କ୍ରିକେଟ ମ୍ୟାଚ ଚାଲିଛି। ଏହା ଗତ ୫ରୁ ଆରମ୍ଭ ହୋଇଛି ଏବଂ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। କିଟ୍ ଫୁଟବଲ ପଡ଼ିଆରେ ସାଇ ୧୭ ବର୍ଷରୁ କମ୍ ସୁବ୍ରତ ମୁଖାର୍ଜୀ ଜୁନିୟର ବାଳିକା ଦଳର ଚୟନ ଟ୍ରାଏଲ ଏବଂ କୋଚିଂ କ୍ୟାମ୍ପ ଗତ ୯ ତାରିଖରୁ ଚାଲିଛି। ଇଣ୍ଡିଆନ ଆରୋଜ୍ ଫୁଟବଲ ଟିମ୍ ଆସନ୍ତା ୧୭ ତାରିଖରୁ ଏଠାରେ ଅଭ୍ୟାସ କରିବ। ସାଇ ସାଗ୍ ସେଣ୍ଟର ଫୁଟବଲ କୋଚ୍ ସୁଶୀଲ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଣ୍ଡିଆନ ଆରୋଜ୍‌ର କ୍ୟାମ୍ପ ଚାଲିବ। ଆସନ୍ତା ଏସିଆନ ରଗ୍‌ବୀ ଇଭେଣ୍ଟକୁ ଦୃଷ୍ଟିରେ ରଖି ୧୮ ବର୍ଷରୁ କମ୍ ଭାରତୀୟ ବାଳିକା ରଗ୍‌ବୀ ଦଳର ଟ୍ରେନିଂ ଏବଂ ଚୟନ କ୍ୟାମ୍ପ ଗତ ୭ ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୫ ତାରିଖ ଯାଏ ଚାଲିବ। ତେଣୁ ବିଭିନ୍ନ କ୍ରୀଡ଼ା ଇଭେଣ୍ଟରେ ଭାଗ ନେବା ପାଇଁ କିଟ୍ କ୍ୟାମ୍ପସରେ ୬୫୦୦ରୁ ୭୦୦୦ ଖେଳାଳି ଏକାଠି ହେବା ଆଶା କରାଯାଉଛି।

# ୟୁଥ୍ ଅଲିମ୍ପିକ୍ସ: ସିମରନଙ୍କୁ ରୌପ୍ୟ

ବୁଏନ୍ସ ଆରିଜ, ୧୪।୧୦(ପି.ଟି.)

ଏଠାରେ ଚାଲିଥିବା ୟୁଥ୍ ଅଲିମ୍ପିକ୍ସରେ ଭାରତୀୟ ମହିଳା ରେସଲର ସିମରାନ କୌର ରୌପ୍ୟ ପଦକ ହାସଲ କରିଛନ୍ତି। ସିମରନ ମହିଳା ଫ୍ରିଷ୍ଟାଇଲ ୪୩ କେ.ଜି. ବର୍ଗ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଛନ୍ତି। ସିମରନଙ୍କୁ ପରାସ୍ତ କରି ଆମେରିକାର ଏମିଲି ଶିଲସନ ଶୀର୍ଷରେ ରହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବରୁ ସିମରନ ୨୦୧୭ କ୍ୟାଡେଟ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ୪୦ କେ.ଜି. ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେ ଏମିଲିଙ୍କଠାରୁ ୬- ୧୧ରେ ପରାସ୍ତ ହୋଇଥିଲେ ଓ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ୨୦୧୮ କ୍ୟାଡେଟ ବିଶ୍ୱ ଚାମ୍ପିୟନଶିପ୍‌ରେ ଶିଲସନ ୪୩ କେ.ଜି. ବର୍ଗ ପ୍ରତିଯୋଗିତାରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

### ପୁରୁଷ ହକି ଦଳକୁ ରୌପ୍ୟ

ଭାରତୀୟ ପୁରୁଷ ହକି ଦଳ ରବିବାର ଅନୁଷ୍ଠିତ ଫାଇନାଲରେ ମାଲେସିଆଠାରୁ ୨-୪ ଗୋଲରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଭାରତ ପକ୍ଷରୁ ଅଧିନାୟକ ବିବେକ ସାଗର ପ୍ରସାଦ ୩ ଓ ୬୫ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ମାଲେସିଆ ପକ୍ଷରୁ ଆଖିମୁଲ୍ଲା ଅନୁଆର(୧୪, ୧୯) ୨ଟି ଫିରଦୁସ ରୋସ୍‌ଡି ୫ମ ଏବଂ ଅରିଫ ଇଶାକ ୧୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ମହିଳା ଦଳ ୩-୦ ଗୋଲରେ ଚାଇନାକୁ ହରାଇ ଫାଇନାଲ ଟିକେଟ ହାସଲ କରିଛି। ଟାଇଟଲ ମୁକାବିଲାରେ ଭାରତ ଆୟୋଜକ ଆର୍ଜେଣ୍ଟିନାକୁ ଭେଟିବ।

# ପାଟନା ପାଇରେଟ୍ସ ବିଜୟୀ

**ପ୍ରୋ-କବାଡ଼ି ଲିଗ୍**

ସୋନିପତ୍, ୧୪।୧୦ (ପି.ଟି.)

ପ୍ରୋ କବାଡ଼ି ଲିଗ୍‌ରେ ରବିବାର ଅନୁଷ୍ଠିତ ଜୋନ୍-ବି'ର ଏକ ମ୍ୟାଚରେ ପାଟନା ପାଇରେଟ୍ସ ବିଜୟୀ ହୋଇଛି। ଦଳ ୪୩-୩୭ରେ ୟୁପି ଯୋଦ୍ଧାସକୁ ହରାଇ ଦେଇଛି। ଏହି ବିଜୟ ଦ୍ୱାରା ଦଳ ଏପର୍ଯ୍ୟନ୍ତ ଖେଳିଥିବା ୩ଟି ମ୍ୟାଚରୁ ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୧୦ ପଏଣ୍ଟ ଅର୍ଜନ କରି ନିଜ ଜୋନ୍‌ରେ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ତେଲୁଗୁ ଟାଇଟାନ୍ସ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ଜୋନ୍ ଏ'ର ଖେଳାଯାଇଥିବା ଏକ ମ୍ୟାଚରେ ପୁନେରୀ ପଲଟନ ୪୫-୨୭ରେ ହରିୟାଣା ଷ୍ଟିଲର୍ସକୁ ପରାସ୍ତ କରିଛି। ରବିବାରର ଏହି ବିଜୟ ଦ୍ୱାରା ଦଳ ୪ଟି ମ୍ୟାଚରୁ ୨ଟି ବିଜୟ, ଗୋଟିଏ ପରାଜୟ ଏବଂ ଗୋଟିଏ ଟାଇ ସହ ୧୪ ପଏଣ୍ଟ ପାଇ ନିଜ ଜୋନ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛି।




* This includes 10% cashback (up to INR 2500) on ICICI Bank Credit & Debit Cards. Offer valid till 15th October, 2018.
# Terms & conditions apply. +5 yr. warranty without any additional charges.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers: BHUBANESWAR**: Ashirbad TVS, Ph.: 7735341866, Jyote TVS, Ph.: 7735180749, 3S TVS, Ph: 8860629978. **PURI**: Krishna TVS, Ph.: 9861049633. **CUTTACK:** Arnapurna TVS, Ph.: 9778422980, Sai Durga TVS, Ph: 9937117562. **KENDRAPADA:** Samir TVS, Ph.: 8260133307. **RAHAMA:** Senapati TVS, Ph.: 7735969743. **JAJPUR ROAD:** Subash TVS, Ph.:7735911808. **NAYAGARH:** Kumar TVS, Ph.: 9778728751. **CHANDIKHLOE** : Sasmita TVS, Ph : 8860793803. **Authorised Dealers:** CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Uttara, Bhubaneswar, Jyote Uttara, Ph : 7440030006; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dhaitree Associates, Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051.

dentsuindia/dha bhu/41/18



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ




**Mi Preferred Partners - Bhubaneswar :** Unit II – Naman Mobile – 9861039441,Ashok Nagar - Friends Mobile – 9938056167, Surya Mobile-9937899007, Bapuji Nagar : Bhootnath Mobile World-9861025777 , Cell Net Tele Link's-9437232008, Gungun Mobile -9937621203, JS Enterprises-9937441615, Laxmi Mobiles & Services-9861150005 Sister Mobile-9937070861, Spectra Vision -9937722277, Unicorn -9937077134, Baranga - Manoj Electronics-9938268724, Bhawani Mall(Sahid Nagar) -Ambika Mobiles-7008858375, Bhouma Nagar- MaaSarbeswari Enterprises -9861047870, Damana-Dillip Communiocation-9861155009, Mobilinq-7978511544, Forest Park -Digital House -9438447130, Ganga Nagar-Galaxy Mobile-9556115400,Garage Chhak-Sister Mobile -9937070861, ID Market -Bhootnath Mobile World-9861025777, Gudly Mobile-9337704203, Gurukrupa Communication-9439925290, New Mobile Bazar-9937775255, Jagamara- Galaxy Mobile-9556115400, JaydevVihar - Eastsite Happy Hours Pvt LTD-7008211884, Hello Mobile-9861786200 ,Mobile Park -7377378332, Khandagiri-Kanha& Kirteemaa-9937071285, Raja Communication-9437365053, Kharvela Nagar - Maa Mobile-7978950362, LaxmiSagar-Eastsite Happy Hours Pvt LTD-7008211884, Maa Mobile-7978950362, Old Town Shanti Radio Mobile & Watch -9438092183 Palasuni - Sri Omm Electronics-9778714984, Patia - Gupta Distributors-9861499995, Sai Telepoint-7008013349, SMS Infrastrusture-7008129671, Patrapada-Sanjaya Mobile Care-9439202028, PDMarketShyam Sunder Electronics-9437084985, Rasulgarh - Amrita Telecom-9583010161,Ruchika Market - Nexcell -9668820905, Saheed Nagar - Bajrang Teleservices-9437000412, Laxmi Mobiles & Services-9861150005, Mobile Fashion-8249471142, Tech Zone -9437036615, ShailashreeViharBhagyashree Mobile-9438413349, Shyampur-JS Enterprises-9937441615, Subham Market- Sale Point -9937072529,Trisulia Rohit Gadget-9853239888, Khurda Dream Palace-9337540966, Omm Maa Traders-8260338612, Panctuality Communication-9861237083, Shree Mobile,Khurdha-9439115770, Ravi Talkies - Mobile Mart - 9776992048.

**Cuttack** :Badambadi -My Mobile -9438591089, Todays Mobile-9853534953, Bajrakabati Road - Nigam International-9938522222, Buxibazar Digital World-9861232503, CDA Chiku Communications-8895614330, City Mobiles-9937070255, ChandiChhakSaiLaxmi Graphic-9861111610, Choudhury Bazar TechAdda-6292120809 College Square -MaaTarini - 9853790100, Nigam International-9938522222, Rishika Communication-9937074982, Rani hat canal road – jay durga communication-9937074955, Dargha Bazar - Mobile India-7735907735, Dolamundai-Shree Mobile-9776199909, Jagatpur-Chandrika Telipoint-9338294890, KanikaChhak- Mobile Planet-9583059665 LinkRoad New Help Line-9337239234, Mahanadi Vihar - Sunil Electronics - 9437225355, MangalabagShivam Electronics-9437097201, Nandi Sahi-Ambika Mobiles-7008858375, NayaBazarAnand Xerox -9776911110, Nayasadak-Mangal Enterprises-9437013425, Nuapada New Help Line-9337239234, Ranihat -Newyork Electronics-9040055446, Sikharpur-MaaDuladevi Communications-9937011180, TinikoniaBagicha- Gupta Distributors-9861499995, Choudwar - Premium-9938069877.




**World leading brands from the House of Hero**

HF Deluxe | Splendor+ | Super Splendor | iSmart+ splendor | Passion PRO | GLAMOUR | Xtreme 200R | MAESTRO EDGE | Pleasure

କମ ଡାଉନ ପେମେଣ୍ଟ ₹4999/-#

Paytm ₹5000/-# ର ଲାଭ

INDIA'S FIRST 5 YEAR WARRANTY* *Conditions apply.

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. #Finance at the sole discretion of financiers. Customers have to provide all relevant documents desired by financiers to avail the loan.

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp HeroMotoCorp.com

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍ଡ ଡିଲର : ଭୁବନେଶ୍ୱର:** ରୋହନ ହୀରୋ – 7799766422. ଭାରତ ହୀରୋ – 7799766378. ଡିଡି ହୀରୋ – 7799566329. **ବାଲେଶ୍ୱର:** ନୀଲମ ହୀରୋ – 7799766393. **ବାରିପଦା :** ଆଦିତ୍ୟ ହୀରୋ – 7799766370. **ଭଦ୍ରକ :** ସଞ୍ଜୀବ ହୀରୋ – 7799766380. **ଚଣ୍ଡୀଖୋଲ:** ଏସ୍.କେ. ହୀରୋ – 7799766362. **କଟକ:** ଜେଏମଜି ହୀରୋ – 7799766366. ସନୀ ହୀରୋ – 7799766401. ଏସେନ୍ ହୀରୋ – 7799766425. **ଜଗତସିଂହପୁର:** ତ୍ରିଶୂଳ ହୀରୋ – 7799766383. **ଯାଜପୁର ରୋଡ:** ସୌମିକ ହୀରୋ – 7799766410. **ଜଲେଶ୍ୱର:** ସାଇ ହୀରୋ – 7799766407. **ଜଟଣୀ:** ବିଶାଳ ହୀରୋ – 7799766398. **କେନ୍ଦୁଝର:** ସୁପ୍ରିମ ହୀରୋ – 7799766360. **ନୟାଗଡ଼:** ଭଗବତୀ ହୀରୋ – 7799766417. **ପୁରୀ:** ସଞ୍ଜୀବ ହୀରୋ – 06752-255881, 7894020001. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ :** ବାବା ମୋଟର୍ସ – 253841, 9438757377. **ବାଲୁଗାଁ:** ମହାମୟୀ ମୋଟର୍ସ – (06756) 250280. **ଯାଜପୁର:** ଆୟୁଷ ଅଟୋମୋବାଇଲ୍ସ – 223864. **କେନ୍ଦ୍ରାପଡ଼ା:** ବୈଷ୍ଣବୀ ମୋଟର୍ସ – 221083. **ଖୋର୍ଦ୍ଧା:** ଦିନେଶ ଟ୍ରେଡିଂ କମ୍ପାନୀ – 221511. **ନିମାପଡ଼ା:** ବାସୁଦେବ ଅଟୋମୋବାଇଲ୍ସ – 252725. **ପାରାଦୀପ:** ପ୍ରଦୀପ ମୋଟର୍ସ – 9238120001. **ପଟ୍ଟାମୁଣ୍ଡାଇ:** ମିଶ୍ର ଅଟୋ – 220430. **ପିପିଲି:** ଶ୍ରୀରାମ ମୋଟର୍ସ – 240687. **ପୁରୀ:** ଲକ୍ଷ୍ମୀ ପ୍ରିୟା ମୋଟର୍ସ – 225552. **ରାହାମା:** ଶରଳା ଅଟୋମୋବାଇଲ୍ସ – 248001, 248002. **ରାଇରଙ୍ଗପୁର:** ମା ସାକମରୀ ମୋଟର୍ସ – 7008906387. **ସୋରୋ:** ଟୁଇଙ୍କିଲ ମୋଟର୍ସ – 221711, 9337375571. ହୀରୋ ସିଓର! ସାର୍ଟିଫାଏଡ ପ୍ରି-ଓନ୍ଡ- ଟୁ ହୁଇଲର୍ – ବିଦ୍ୟାଧରପୁର, କଟକ – 8093080012.



ଶତ୍ରୁଙ୍କୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକାରୀ ଶକ୍ତି।
- ମହାତ୍ମା ଗାନ୍ଧୀ



## ■ ଡାକ୍ତରଙ୍କ ଅବହେଳା ଯୋଗୁ ସାପକାମୁଡ଼ା ରୋଗୀଙ୍କ ମୃତ୍ୟୁ ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଅବରୋଧ



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ନିଶ୍ଚିନ୍ତକୋଇଲି,୧୪।୧୦(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ସାପ କାମୁଡ଼ାରେ ଗୁରୁତର ହୋଇଥିବା ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ରୋଗୀଙ୍କୁ ଉପଯୁକ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଚିକିତ୍ସା ଅବହେଳା ହେବାରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ତେଣୁ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ପରିବାର ଲୋକେ ଓ ଗ୍ରାମବାସୀ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ କଟକ-ଚାନ୍ଦବାଲି ରାସ୍ତାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଘଣ୍ଟାଏ କାଳ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ମୋଟର ଅଟକି ରହିଥିଲା।

**■ ଥାନାରେ ଅଭିଯୋଗ କଲେ ପରିବାର**

**■ କଟକ ସ୍ଥାନାନ୍ତର କରିବାରେ ସହଯୋଗ କରି ନ ଥିଲେ ଡାକ୍ତର**

ସୂଚନା ଅନୁସାରେ, ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତର ନଟବର ସାମଲ(୫୧) ସକାଳେ ଖେତରେ କାମ କରୁଥିଲେ। ଏହି ସମୟରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ। ଏହା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଓ ପରିବାର ସଦସ୍ୟ ତାଙ୍କୁ ଉଦ୍ଧାର କରି ଦିନ ୧୧ଟାରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ନଟବରଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ସାଲାଇନ ଓ ଇଞ୍ଜେକସନ ଦେଇ ଶୀଘ୍ର ଭଲ ହୋଇଯିବ ବୋଲି କହିଥିଲେ। କିନ୍ତୁ ଦୀର୍ଘ ସମୟ ପରେ ମଧ୍ୟ ନଟବରଙ୍କ ଅବସ୍ଥାରେ ଉନ୍ନତି ଆସି ନ ଥିଲା। ଫଳରେ ପରିବାର ଲୋକେ ଓ ଗ୍ରାମବାସୀ ନଟବରଙ୍କୁ କଟକ ବଡ଼ ମେଡିକାଲକୁ ନେବା ପାଇଁ ଡାକ୍ତରଙ୍କୁ କହିଥିଲେ। ହେଲେ ସମ୍ପୃକ୍ତ ଡାକ୍ତର ତାଙ୍କୁ ସହଯୋଗ କରି ନ ଥିଲେ। ଏହାର କିଛି ସମୟରେ ପରେ ସେଠାରେ ନଟବରଙ୍କ ମୃତ୍ୟୁ ହୋଇ ଯାଇଥିଲା। ଏହାପରେ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା। ଡାକ୍ତର ଓ ମୃତକଙ୍କ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଘଟଣା ପ୍ରଚାରିତ ହେବା ପରେ ବାଲିଆପଦା ଗ୍ରାମର ବହୁ ଲୋକ ଡାକ୍ତରଖାନାରେ ରୁଣ୍ଡ ହୋଇଥିଲେ। ପରେ ମୃତଦେହକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ କଟକ-ଚାନ୍ଦବାଲି ରାସ୍ତାରେ ରଖି ଘଣ୍ଟାଏ କାଳ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟି ଯାଇଥିଲା। ନଟବରଙ୍କ ପୁଅ ଜିତେନ୍ଦ୍ର ଡାକ୍ତରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଏକ ମାମଲା ନଂ-୫/୧୮ ରୁଜୁ ହୋଇଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଅମିତ ଜେନା କହିଛନ୍ତି, ଘଟଣା ପରେ ସମ୍ପୃକ୍ତ ଡାକ୍ତରଙ୍କୁ ତୁରନ୍ତ କାର୍ଯ୍ୟବନ୍ଦ କରି ମେଡିକାଲ ଛାଡିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ସିଡିଏମଓ ଏହାର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### କେନାଲରେ ଭାସିଯାଇ ବୃଦ୍ଧ ମୃତ

**ସାଲେପୁର,୧୪।୧୦(ଡି.ଏନ.ଏ.):** କେନ୍ଦ୍ରାପଡ଼ା କେନାଲକୁ ରବିବାର ଶୌଚ ହେବାକୁ ଯାଇଥିବା ଜଣେ ବୃଦ୍ଧ କେନାଲ ପାଣିରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ସାଲେପୁର ଥାନା ତେନ୍ତୋଳ ଗ୍ରାମର ରସାନନ୍ଦ ବେହେରା(୭୮)। ଅପରାହ୍ନ ପ୍ରାୟ ୩ଟାରେ ସେ କେନାଲକୁ ଶୌଚ ହେବାକୁ ଯାଇଥିବାବେଳେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଏହାଜାଣି ଖୋଜାଖୋଜି କରିବା ପରେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲେପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ସୋମବାର ବ୍ୟବଚ୍ଛେଦ କରାଯିବ।

### ହୃଦ୍‌ଘାତରେ ମେଡିକାଲ କର୍ମଚାରୀଙ୍କ ମୃତ୍ୟୁ

**ସାଲେପୁର,୧୪।୧୦(ଡି.ଏନ.ଏ.):** ସାଲେପୁର ବ୍ଲକ ନାନ୍ଦୋଳ ପଞ୍ଚାୟତ ନାନ୍ଦୋଳ ଗ୍ରାମର କୃଷ୍ଣଚରଣ ସାହୁ(୫୮)ଙ୍କ ରବିବାର ହୃଦ୍‌ଘାତ ଜନିତ ମୃତ୍ୟୁ ଘଟିଛି। ସକାଳ ପ୍ରାୟ ୮ଟାରେ ପ୍ରାତଃ ଭ୍ରମଣ କରି ଘରକୁ ଫେରିବାପରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ କଟକ ବଡ଼ ମେଡିକାଲର ଚକ୍ଷୁ ବିଭାଗରେ କାର୍ଯ୍ୟ କରୁଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ସେହିପରି ପ୍ରଶାନ୍ତ ବେହେରା, ଦିଲୀପ ଦାଶ, ଜ୍ଞାନରଞ୍ଜନ ପଟ୍ଟନାୟକ ଓ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଦୁର୍ଗାପୂଜା ପାଇଁ ନୀତି ନିର୍ଘଣ୍ଟ

**କଟକ ସଦର,୧୪।୧୦(ଡି.ଏନ୍.ଏ.):** କିଶୋରନଗର ଥାନା ଅଧୀନ ଶୀର୍ଲୋ ନବଗ୍ରାମ-ନୂଆଗାଁ ଭଗବତୀ ଜୟଦୁର୍ଗା ଦେବୀଙ୍କ ଶାରଦୀୟ ପୂଜା ପାଇଁ ନୀତି ନିର୍ଘଣ୍ଟ ହୋଇଛି। ୧୫ ତାରିଖ ସୋମବାର ସକାଳ ୮ଟା ୪୮ରେ ବିଲ୍ୱବରଣ, ଚକ୍ଷୁଦାନ, ସପ୍ତମୀ ପୂଜା, ୧୬ ତାରିଖ ମଙ୍ଗଳବାର ସକାଳ ୯ଟା ୫୩ରେ ମହାଅଷ୍ଟମୀ ପୂଜା, ୧୭ ତାରିଖ ସକାଳ ୧୦ଟା ୨୬ରେ ସନ୍ଧି ପୂଜା ଆରମ୍ଭ, ୧୮ ତାରିଖ ସକାଳ ୧୦ଟା ୨ରେ ମହାନବମୀ ପୂଜା, ହୋମ, ୧୯ ତାରିଖ ଶୁକ୍ରବାର ସକାଳ ୮ଟା ୪୫ରେ ଦଶମୀ ପୂଜା ଏବଂ ରାତି ୧୧ଟା ୪୫ରେ ବିସର୍ଜନ ପୂଜା କରାଯିବ ବୋଲି ଦେବୀ ପୀଠର ପୂଜକ ମନ୍ମଥ ନାଥ ଚକ୍ରବର୍ତ୍ତୀ ଓ ସେବକ ହୃଦୟ କୁମାର ରାୟ କହିଛନ୍ତି।

### ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ନରସିଂହପୁର, ୧୪।୧୦ (ସ୍ୱ.ପ୍ର./ଡି.ଏନ.ଏ.):** ନରସିଂହପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନନ୍ତ ନାରାୟଣ ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବୌଧିକ ବିକାଶ ନିମନ୍ତେ ଶିକ୍ଷୟିତ୍ରୀଶିକ୍ଷକ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସୌମ୍ୟାଶ୍ରୀ ପଣ୍ଡାଙ୍କ ଅଧକ୍ଷତାରେ କଟକ ବ୍ଲକ ଶିକ୍ଷା ଅଧିକାରୀ ସନାତନ ବେହେରା, ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କୁମୁଲତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଗୋଷ୍ଠୀ ନୃତ୍ୟରେ ବାଲିଝାରି ଏମ୍‌ଜି ହାଇସ୍କୁଲ ପ୍ରଥମ ଓ ସରକାରୀ ବାଳୀକା ଉଚ୍ଚ ବିଦ୍ୟାଳ୍ୟର ଛାତ୍ରୀମାନେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସଙ୍ଗୀତରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ କୌସ୍ତୁଭ୍ କାରୁବାକୀ ପାଲଟା ସିଂହ ୧ମ ହୋଇଥିବା ବେଳେ ପ୍ରବନ୍ଧରେ ପ୍ରିୟଙ୍କା ରାଉତ ୧ମ ହୋଇଛନ୍ତି।



## ଚର୍ଚ୍ଚିକାଙ୍କ ଷୋଡ଼ଶ ପୂଜାର ତ୍ରୟୋଦଶ ପର୍ବ

**ବାଙ୍କୀ, ୧୪।୧୦(ସ୍ୱ.ପ୍ର.)**

ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଶାରଦୀୟ ଦୁର୍ଗାପୂଜାର ତ୍ରୟୋଦଶ ପର୍ବ ରବିବାର ପାଳିତ ହୋଇଛି। ସକାଳେ ମା'ଙ୍କ ପହଡ଼ ଖୋଲାଯାଇ ମଙ୍ଗଳଆଳତି, ପଞ୍ଚଅବକାଶ, ସହସ୍ରକୁମ୍ଭାବିଷେକ ଆଦି ସମ୍ପନ୍ନ ହୋଇଥିଲା। ପରେ ନବଶକ୍ତି ସଂକଳ୍ପ କଳସ ନିକଟରେ ଛାମୁଚଣ୍ଡୀ ଓ ରାମାୟଣ ପାଠ କରାଯାଇଥିଲା। ଦେବୀଙ୍କୁ ମାଣ୍ଡୁଆ ଓ ମଧ୍ୟାହ୍ନ ଧୂପ ଅର୍ପଣ କରାଯାଇ ବିଶ୍ରାମ ପାଇଁ ପହଡ ବନ୍ଦ କରାଯାଇଥିଲା। ସନ୍ଧ୍ୟା ପୂର୍ବରୁ ପହଡ ଖୋଲାଯାଇ ଆଳତିପରେ ଟେରାଅନ୍ ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଦ୍ୱାର ଉନ୍ମୁକ୍ତ ରହିଥିଲା। ରାତି ୮ରେ ମନ୍ଦିରର ସେବାସୀମାନେ ମହାନଦୀର ରେଣୁକା ତୁଠରୁ ଜଳଆଣି ସହସ୍ର କୁମ୍ଭାଭିଷେକ, ମାଜଣା ଓ ଦେବୀଙ୍କ ତ୍ରୟୋଦଶ ପୂଜାର ବିଶେଷ ବେଶ କରିଥିଲେ। ମା'ଙ୍କ ରାତ୍ରି ଭୋଗରେ ଦହିପଖାଳ, ଅଧରପଣା, ତରକାରୀ ଓ ବଡସିଂହାର ଆଦିବ୍ୟବସ୍ଥା କରାଯାଇଥିଲା।

## ମା'ଭଗବତୀଙ୍କ ଷୋଡ଼ଶୀ ବେଶ



**ସାଲେପୁର,୧୪।୧୦(ଡି.ଏନ.ଏ.):** ସାଲେପୁର ବ୍ଲକ ବଟେଶ୍ୱରସ୍ଥିତ ମା'ଭଗବତୀଙ୍କ ରବିବାର ଷୋଡ଼ଶୀ ବେଶ ଅନୁଷ୍ଠିତ ହୋଇଛି। ମା'ଙ୍କୁ ଏହି ବେଶରେ ଦର୍ଶନ କଲେ ଅପାର କୃପା ପ୍ରାପ୍ତ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏଥିପାଇଁ ମା'ଙ୍କ ପୀଠରେ ବହୁ ଭିଡ଼ ଜମିଥିବା ଦେଖା ଯାଇଥିଲା।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଆଠଗଡ଼,୧୪।୧୦(ସ୍ୱ.ପ୍ର.):** ଆଠଗଡ଼ ବ୍ଲକ ବିଜେଡି ପକ୍ଷରୁ ବ୍ଲକର ୩ ଜୋନ୍ ରାଜନଗର ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଦଯାତ୍ରା ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ପଞ୍ଚାୟତର ରାଜନଗର, ପଥରଚକଡ଼ା, ତଇଲାମାଳ, ହଂସଭୂଇଁ ଆଦି ଗ୍ରାମ ପରିକ୍ରମା କରିଥିଲା। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ବ୍ଲକ ମହିଳା ବିଜେଡି ସଭାପତି ବାସନ୍ତୀ ରାଉଳ, ଲକ୍ଷ୍ମୀପ୍ରିୟା ବେହେରା, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ସରପଞ୍ଚ ମହେନ୍ଦ୍ର ପରିଡ଼ା, ସମିତିସଭ୍ୟ ବିଭିନ୍ଦ୍ର ରଣା, ଜିଲା ପରିଷଦ ସଭ୍ୟା ଜାନକୀଲତା ନାଏକ, ବଳଭଦ୍ର ବାଘ ଓ ଲଳିତେନ୍ଦୁ ସେନାପତି ପ୍ରମୁଖଙ୍କ ସମେତ ଦଳର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ସେହିପରି ଜୋନ ନଂ-୨ରେ ଅନୁଷ୍ଠିତ ଉକ୍ତ ପଦଯାତ୍ରା କୁମାରପୁର ଗ୍ରାମପଞ୍ଚାୟତଠାରୁ ଆରମ୍ଭ ହୋଇ କଣ୍ଟାଣିଆ ଗ୍ରାମରେ ଶେଷ ହୋଇଥିଲା। ପଦଯାତ୍ରାରେ ବ୍ଲକର ପୂର୍ବତନ ଅଧକ୍ଷ ରଞ୍ଜନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବ୍ଲକ ଉପାଧକ୍ଷା ଚିନ୍ମୟୀ ପାଢ଼ୀ, ସରପଞ୍ଚ ଦୀପକ ଆଚାର୍ଯ୍ୟ, ନମିତା ବେହେରା, ବିପିନି ବିହାରୀ ଜେନା, ନୃସିଂହ ସାହୁ, ଯୁବନେତା ଜ୍ଞାନ ରଞ୍ଜନ ଦାଶ, ଗୁରୁଡିଝାଟିଆ ପଞ୍ଚାୟତ ବିଜେଡି ସଭାପତି ସନାତନ ରାଉତ, ଶୁକଦେବ ବେହେରା ଓ ଅକ୍ଷୟ ନାୟକଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।



ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅତିଥି ଉପସ୍ଥିତ।

## ୭୬୪ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

**ନିଶ୍ଚିନ୍ତକୋଇଲି,୧୪।୧୦ (ସ୍ୱ.ପ୍ର./ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏଥିସହ ବିଧବା ଭତ୍ତା ଓ ଅନ୍ୟାନ୍ୟ ସହାୟତା ବଣ୍ଟନ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ୭୬୪ ଜଣଙ୍କୁ ରାଶନ କାର୍ଡ, ୬୨୫ଙ୍କୁ ବିଧବା ଭତ୍ତା, ୧୪ ଜଣଙ୍କୁ ୨୦ ହଜାର ଟଙ୍କା ଲେଖାଏ ସମାଜ ମଙ୍ଗଳ ଯୋଜନାରେ ସହାୟତା ଓ ୩ ଜଣଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରିଥିଲେ। ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ବ୍ଲକ ଅଧକ୍ଷା ସବିତା ଓଝା, ସମ୍ମାନିତ ଅତିଥି ଉପାଧକ୍ଷା ସବିତା ମହାନ୍ତି, ଗିରିଶ ମହାପାତ୍ର, ଜିଲାପରିଷଦ ସଭ୍ୟା ସବିତା ସାମଲ, ଗୀତାଞ୍ଜଳି ପଣ୍ଡା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ସମିତି ସଭ୍ୟ ସଂଘ ଉପଦେଷ୍ଟା ଅଶୋକ ଓଝା ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ପ୍ରିତମ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭତ୍ତା ବଣ୍ଟନକୁ ସମାଜ ମଙ୍ଗଳ ଅଧିକାରୀ ସର୍ବେଶ୍ୱର ସିଂହ ଓ ସମ୍ପୃକ୍ତ ପଞ୍ଚାୟତର ସମ୍ପ୍ରସାରଣ ଅଧିକାରୀ ପରିଚାଳନା କରିଥିଲେ।

## ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ

**ଟିଗିରିଆ, ୧୪।୧୦ (ଡି.ଏନ.ଏ.):** ଟିଗିରିଆ ବ୍ଲକ ବଡ଼ନାଉପୁଟ ଓ ହାଟମାଳ ପଞ୍ଚାୟତର ୫୪୫ ନିର୍ମାଣ ଶ୍ରମିକଙ୍କୁ ରବିବାର ସାଇକେଲ ବଣ୍ଟନ କରାଯାଇଛି। ବଉଳାଙ୍ଗ ବାତ୍ୟା ଆଶ୍ରୟସ୍ଥଳଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରୂପା ଦଳେଇ ଯୋଗଦେଇ ଶ୍ରମିକମାନଙ୍କୁ ସାଇକେଲ ବଣ୍ଟନ କରିଥିଲେ। ସମିତିସଭ୍ୟ ସନ୍ତୋଷ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଆଠଗଡ଼ ପୂର୍ବତନ ନଗରପାଳ ରମେଶ ଚନ୍ଦ୍ର ଘଡ଼େଇ, ସମ୍ମାନିତ ଅତିଥି ବଡ଼ନାଉପୁଟ ସରପଞ୍ଚ ସସ୍ମିତା ରାଉତ, ହାଟମାଳ ସରପଞ୍ଚ ପ୍ରସନ୍ନ ଭୋଇ, ସମିତିସଭ୍ୟ ପ୍ରଦୀପ ନାୟକ, ହିନ୍ଦ ମଜଦୁର ଟିଗିରିଆ ଶାଖା ସଭାପତି ବିଶ୍ୱନାଥ ଜେନା, ଏଚ୍‌ଏମ୍‌ଏସ୍ ଆଠଗଡ଼ର ସମ୍ପାଦକ ଅଶୋକ ରାଉତ, ଏଚ୍‌ଏମ୍‌ଏସ୍ ସଂଗଠକ ସୁଧାକାର ରାଉତ, ପ୍ରକାଶ ରାଉତ ଓ ବ୍ଲକ ଉପାଧକ୍ଷ ଗୌରହରି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାର ଯୁବ ସଂଯୋଜକ କର୍ମଶାଳା

**ଲଳିତଗିରି,୧୪।୧୦(ସ୍ୱ.ପ୍ର.)**

ମାହାଙ୍ଗା ଭାଜପାର ଯୁବ ସଂଯୋଜକ କର୍ମଶାଳା ରବିବାର ଓଳାଶୁଣୀ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ଯୁବ ମୋର୍ଚ୍ଚା ଉପସଭାପତି ରଞ୍ଜିତ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୁବ ନେତା ସାରଦା ପ୍ରଧାନ ଯୋଗଦେଇ ମାହାଙ୍ଗାରେ ବଢ଼ିଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର, ଲୁଟ ଓ ଅରାଜକତାର ମୂଳୋତ୍ପାଟନ କରିବାକୁ ହେଲେ ଯୁବପିଢ଼ି ଏକଜୁଟ ହୋଇ ଲଢ଼ିବାକୁ ହେବ ବୋଲି କହିଥିଲେ। ଏଥିସହ ନଭେମ୍ବରରୁ ପଦଯାତ୍ରା ମାଧ୍ୟମରେ ଗାଁଗାଁ ବୁଲି ଲୋକଙ୍କୁ ସଚେତନ କରାଯିବ ବୋଲି ସେ ଉପସ୍ଥିତ ଯୁବକଙ୍କୁ କହିଥିଲେ। ଜିଲା ଯୁବମୋର୍ଚ୍ଚା ସଭାପତି ଭକ୍ତବତ୍ସଳ ବସ୍ତିଆ ଏବଂ ସମୀର ସାମଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ସତ୍ୟବାଦୀ ଚଇନି, ଯାଜ୍ଞସେନୀ ଜେନା, ଅଶୋକ ଦାସ, କୁଳମଣି ବରାଳ ଓ ସେକ୍ ଜାହିର ମହମ୍ମଦ୍ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅମରେନ୍ଦ୍ର ଦାସ, ବିଶ୍ୱନାଥ ଜେନା, ଅମୂଲ୍ୟ ନାୟକ ଓ ଅହଲ୍ୟା ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଯୁବମୋର୍ଚ୍ଚା ସଂଯୋଜକ ଦେବଦତ୍ତ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୪୧ ନଂ ଜୋନ ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ପ୍ରଦୀପ୍ତ ମହାରଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ଯୁବତୀଯୁବକ ଉପସ୍ଥିତ ଥିଲେ।




ଯୁବ ସଂଯୋଜକ କର୍ମଶାଳାରେ ଯୋଗ ଦେଇଥିବା ଅତିଥି।

## ଅନ୍ତର୍ନିହିତ ପ୍ରତିଭା ବିକାଶ କରନ୍ତି ଗୁରୁ

**ବଡ଼ମ୍ବା,୧୪।୧୦(ଡି.ଏନ.ଏ.)**

ବଡ଼ମ୍ବାସ୍ଥିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ରବିବାର ବ୍ଲକସ୍ତରୀୟ ବିଦ୍ୟାର୍ଥୀ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଧ୍ୟାହ୍ନ ଭୋଜନ ଓ ପରିବେଶ ସଚେତନ ତଥା ହସ୍ତଶିଳ୍ପ ମେଳା ପ୍ରଦର୍ଶିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରିଣୀ ସୁଜାତା ପ୍ରୀୟଦର୍ଶିନୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ, ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତ ହେବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ମଧ୍ୟ କହିଥିଲେ। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ମୁଖ୍ୟବକ୍ତାଭାବେ ଯୋଗଦେଇଥିବା ବେଳେ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଡ.ଶାହାନାରା ବେଗମ, ବିଡିଓ ସଦାନନ୍ଦ ସେଠୀ, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମିଶ୍ର, ବ୍ଲକ ଅଧକ୍ଷା ଅନସୂୟା ନାଏକ, ସମିତିସଭ୍ୟ ମୁରଲୀଧର ମହାପାତ୍ର, ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରକାଶଚନ୍ଦ୍ର ମତ୍ତଗଜସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଗତ ମାଟ୍ରିକ ପରୀକ୍ଷାରେ ବ୍ଲକସ୍ତରରେ ଗ୍ରେଡ୍ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ୪ ବିଦ୍ୟାର୍ଥୀ, ଗ୍ରେଡ୍‌ଏ-୨ର ୭୪, ଗ୍ରେଡ୍ ବି-୧ର ୩୨୮ ବିଦ୍ୟାର୍ଥୀଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ୨୦୧୭ରେ ୩ୟ ଶ୍ରେଣୀ ବୃତ୍ତି ପାଇଥିବା ୧୪, ୫ମ ଶ୍ରେଣୀ ବୃତ୍ତି ପାଇଥିବା ୧୪, ଗ୍ରାମାଞ୍ଚଳ ମେଧାବୃତ୍ତି ପାଇଥିବା ୧୪, ପଠାଣି ସାମନ୍ତ ମେଧା ବୃତ୍ତି ଷ୍ଟେଜ-୧ର ୭ ଏବଂ ଷ୍ଟେଜ-୨ର ୪ ବିଦ୍ୟାର୍ଥୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୧୮୫ଟି ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରୀଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ ଯୋଗ ଦେଇଥିଲେ। ଶିକ୍ଷକ ରମେଶଚନ୍ଦ୍ର ବେହେରା, ଶିବପ୍ରସାଦ ବ୍ରହ୍ମା, ବୀରବର ବାରିକ ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ। ବଡ଼ମ୍ବାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳାତୀର୍ଥର ସମ୍ପାଦକ ମନୋରଞ୍ଜନ ମହାନ୍ତି, ସଙ୍ଗୀତଗୁରୁ ଅକ୍ଷୟ କୁମାର ନାୟକ, ବାଦ୍ୟଶିଳ୍ପୀ ସରୋଜ କୁମାର ମଲ୍ଲିକଙ୍କ ମିଳିତ ଉଦ୍ୟମରେ ବିଦ୍ୟାର୍ଥୀ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ବଡ଼ମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର, ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ପଟ୍ଟନାୟକ, ବନଜା ସିଂହ, ଭାଗ୍ୟଲକ୍ଷ୍ମୀ ସାହୁ, ଶିକ୍ଷକ ସଚ୍ଚିଦାନନ୍ଦ ତରାସିଆ, ଅନ୍ତର୍ଯ୍ୟାମୀ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା। ୧୬ରେ ବ୍ଲକସ୍ତରୀୟ 'ସୁରଭି' ଅନୁଷ୍ଠିତ ହେବବୋଲି କୁହାଯାଇଛି।



ବିଧାୟକ ଦେବୀ ପ୍ରସାଦ ମିଶ୍ର ଜଣେ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି।

**ବ୍ଲକସ୍ତରୀୟ ବିଦ୍ୟାର୍ଥୀ ପ୍ରତିଭା ସମ୍ମାନ ସମାରୋହ**



ଶତ୍ରୁଙ୍କୁ ମିତ୍ରରେ ପରିଣତ କରିବା ହେଉଛି
ଅହିଂସାର ଏକ ଯାଦୁକାରୀ ଶକ୍ତି।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଅଟୋ ଚାଳକଙ୍କ ପାଇଁ କଟକଣା

**କଟକ ଅଫିସ,୧୪।୧୦:** ଶାରଦୀୟ ପୂଜା ଉପଲକ୍ଷେ କମିଶନରେଟ୍ ପୋଲିସ ପକ୍ଷରୁ କଟକରେ ଅଟୋ ଚାଳକଙ୍କ ପାଇଁ ସ୍ୱତନ୍ତ୍ର କଟକଣା ଜାରି କରାଯାଇଛି। ରବିବାର ଟ୍ରାଫିକ୍ ଥାନା ପରିସରରେ ଡିସିପି ଅଖିଳେଶ୍ୱର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଟୋ ଚାଳକ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଛି। ଚାଳକମାନେ ଡ୍ରେସ୍‌କୋଡ ପିନ୍ଧିବା ସହ ବେକରେ ପରିଚୟପତ୍ର ପକାଇ ଅଟୋ ଚଳାଇବାକୁ କୁହାଯାଇଛି। ଆବଶ୍ୟକତାରୁ ଅଧିକ ଯାତ୍ରୀ ନେବାକୁ ବାରଣ କରାଯାଇଥିବାବେଳେ ନିଶା ସେବନ କରି ଚଳାଇବାକୁ ମନା କରାଯାଇଛି। ଏଥିସହ ରାସ୍ତାକଡରେ ଅଟୋ ପାର୍କିଂ ନ କରିବାକୁ ସମସ୍ତ ଅଟୋ ଚାଳକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହି କଟକଣାକୁ କେହି ଅମାନ୍ୟ କରନ୍ତି ତେବେ ୫୦୦ ଟଙ୍କା ଲେଖାଏଁ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଶିଶୁ ମହୋତ୍ସବ ସୁରଭି

**ଖୁଣ୍ଟୁଣୀ, ୧୪।୧୦(ଡି.ଏନ୍.ଏ.)** ଖୁଣ୍ଟୁଣୀ ଥାନା ଅଧୀନ କଖଡି ନୋଡାଲ ହାଇସ୍କୁଲ ପରିସରରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ଥାନୀୟ ସରପଞ୍ଚ ଶାନ୍ତିପ୍ରିୟା ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ କଖଡି ଓ କୟଲପଡା ପଞ୍ଚାୟତରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ହାଇସ୍କୁଲର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ହାଇସ୍କୁଲର ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ମହାଦେବ ମୁଦୁଲି, ସାମାଜିକ କର୍ମୀ ବେଣୁଧର ମହାନ୍ତି ଓ ଶିକ୍ଷକ ବିଭୂତି ଭୂଷଣ ଶତପଥୀ ଯୋଗଦେଇଥିଲେ। ସିଆରସିସି ତ୍ରିଲୋଚନ ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ନୃତ୍ୟ, ବକ୍ତୃତା ଓ ଚିତ୍ରାଙ୍କନ ଭଳି ୧୦ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିଲେ। ଶିକ୍ଷକ ଶିବ ପ୍ରସାଦ ପତି ମଞ୍ଚ ପରିଚାଳନା କରିଥିବାବେଳେ ସୁଜାତା ସାହୁ, ରଞ୍ଜିତା ନାୟକ, ଇପ୍‌ସିତା ସାହୁ ଓ ସୂର୍ଯ୍ୟମଣି ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଫୁଲନଖରା,୧୪।୧୦(ଡି.ଏନ.ଏ.):** ଚଳିତବର୍ଷ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଶନିବାର କଟକ ସଦର ଥାନା ପକ୍ଷରୁ ସ୍ଥାନୀୟ ପ୍ରତାପନଗରୀସ୍ଥିତ ଧାକୁଲେଇଙ୍କ ପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସିପି ଶୁଭେନ୍ଦୁ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର କୁମାର ସାହୁ, ଭିକାରୀ ଚରଣ ଦାସ, ବିଜୟ ସାହୁ, ଉମାକାନ୍ତ ନନ୍ଦ, କର୍ପୋରେଟର ପ୍ରମୋଦ ମହାପାତ୍ର, ରାଜକୁମାରୀ ସ୍ୱାଇଁ ଓ ସଞ୍ଜୟ ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଟକ ସଦର ଥାନା ଅଞ୍ଚଳର ୩୦ଟି ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେବ। ଭସାଣି ଶୋଭାଯାତ୍ରାରେ ଯେଉଁ ପୂଜା କମିଟି ଶୃଙ୍ଖଳିତ ଆଚରଣ କରିବ ସେଥିମଧ୍ୟରୁ ୩ଟି କମିଟିକୁ ପୁରସ୍କୃତ କରାଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଏହି ବୈଠକରେ ଟ୍ରାଫିକ ପରିଚାଳନା, ରାସ୍ତା ମରାମତି, ଆବଶ୍ୟକ ସଂଖ୍ୟକ ପୋଲିସ ଫୋର୍ସ ମୁତୟନ ଓ ଦଶହରା ସମୟରେ ଛିନ୍‌ତାଇ ଘଟଣା ପ୍ରତି ଦୃଷ୍ଟି ଦେବାକୁ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ଡିସିପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଟକ ସଦର ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା ଧନ୍ୟବାଦ ଦେଇଥିଲେ।

### ୧୧୦ରେ ୨ ଗିରଫ

**କଟକ ଅଫିସ,୧୪।୧୦:** ବହୁ ଆପରାଧିକ ମାମଲାରେ ଜଡିତ ଥିବା ଜଣେ ଅଭିଯୁକ୍ତଙ୍କୁ ଆଇପିସି ଦଫା ୧୧୦ ବଳରେ ମଙ୍ଗଳାବାଗ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ମାଳିସାହି ଅଞ୍ଚଳର ଭବାନୀ ଶଙ୍କର ରାଉତ। ଅଗଷ୍ଟ ମାସରେ ପ୍ରଫେସରପଡା ଏବଂ ମାଳିସାହି ମଧ୍ୟରେ ହୋଇଥିବା ଗଣ୍ଡଗୋଳରେ ଭବାନୀ ମୁଖ୍ୟ ଅଭିଯୁକ୍ତ ଥିଲେ।। ସେହିପରି ୧୧୦ ଦଫାରେ ବାଦାମବାଡି ପୋଲିସ ସ୍ଥାନୀୟ ଶଙ୍କରପୁର ଉପରସାହି ଅଞ୍ଚଳର ସଞ୍ଜୟ ବାରିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନାଁରେ ୩ରୁ ଊର୍ଦ୍ଧ୍ୱ ମାମଲା ଥିବା ପୋଲିସ କହିଛି।



ଷୋଳପୂଜା ଉପଲକ୍ଷେ ମା' କଟକଚଣ୍ଡୀଙ୍କ ଗାୟତ୍ରୀ ବେଶ।



ମା' ଗଡଚଣ୍ଡୀଙ୍କ ନାରାୟଣୀ ବେଶ।



ମା' ଝାଞ୍ଜିରୀମଙ୍ଗଳାଙ୍କ ଚାମୁଣ୍ଡା ବେଶ।



ମା' ବାସନ୍ତୀଦୁର୍ଗାଙ୍କ ସ୍କନ୍ଦମାତା ବେଶ।



ମା'ଧାକୁଲେଇଙ୍କ ଚାମୁଣ୍ଡା ବେଶ।

# ପୂଜା ପାଇଁ ପୋଲିସ ପ୍ରସ୍ତୁତ



ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

**କଟକ ଅଫିସ, ୧୪।୧୦**

■କଟକରେ ମୁତୟନ ହେବେ ୪୫ ପ୍ଲାଟୁନ୍ ଫୋର୍ସ

■ଦାୟିତ୍ୱରେ ରହିବେ ୩୫୦ ଅଫିସର

ଦୁର୍ଗା ପୂଜା ପାଇଁ କମିଶନରେଟ ପୋଲିସ ପକ୍ଷରୁ କଟକରେ ପ୍ରସ୍ତୁତି ଶେଷ ହୋଇଛି। ପୂଜାରେ ଶାନ୍ତିଶୃଙ୍ଖଳା ବଜାଇ ରଖିବା ପାଇଁ ରବିବାର ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ଏସିପି, ସମସ୍ତ ଥାନାର ଆଇଆଇସି ଏବଂ ଅଫିସର ଉପସ୍ଥିତ ଥିଲେ। କିପରି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ସେନେଇ ଆଲୋଚନା ହୋଇଛି। ଓଏସ୍‌ଏପି, ଓଡ୍ରାଫ୍, ଏସ୍‌ଓଜି, ଆଇଆରବି, ସିଆରପିଏଫ୍, ବିଏସ୍‌ଏଫଙ୍କୁ ମିଶାଇ ମୋଟ ୪୫ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ବୋଲି ନିଷ୍ପତ୍ତି ହୋଇଛି। ୩୫୦ ଜଣ ଅଫିସରଙ୍କୁ ସୁରକ୍ଷାର ଦାୟିତ୍ୱ ଦିଆଯାଇଥିବାବେଳେ ୩୦୦ କନଷ୍ଟେବଲ, ୭୦୦ ହୋମଗାର୍ଡ ମୁତୟନ ହେବେ। ଏଥିସହିତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ବିଭିନ୍ନ ପୂଜା ମଣ୍ଡପରେ ନିୟୋଜିତ କରାଯିବ। ସୁରକ୍ଷା ଦୃଷ୍ଟିରୁ ମେଢଗୁଡିକୁ ୩ ଭାଗରେ ବିଭକ୍ତ କରାଯାଇଛି। ଏ ଗ୍ରେଡ୍ ମେଢ ପାଇଁ ଆଇଆଇସି, ବି ଗ୍ରେଡ୍ ପାଇଁ ଏସ୍‌ଆଇ, ସି ଗ୍ରେଡ୍ ପାଇଁ ଏଏସ୍‌ଆଇଙ୍କୁ ଦାୟିତ୍ୱ ଦିଆଯାଇଛି। ସୁନା ଏବଂ ଚାନ୍ଦି ମେଢପାଖରେ ବନ୍ଧୁକଧାରୀ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ହୋଇଛି। ସୋମବାରଠାରୁ ପୂଜା ଆରମ୍ଭ ହେଉଛି। ଏହି ଅବସରରେ ପୂଜା ଏବଂ ଭସାଣି ପାଇଁ ପୃଥକ୍ ପୃଥକ୍ ଟ୍ରାଫିକ କଟକଣା ଜାରି କରାଯାଇଛି। ପୂଜା ପାଇଁ ୧୫ରୁ ୧୯ ତାରିଖ ଅପରାହ୍ନ ୪ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଟ୍ରାଫିକ୍ କଟକଣା କରାଯାଇଛି। ସେହିପରି ଭସାଣି ପାଇଁ ଅକ୍ଟୋବର ୨୦ ସକାଳ ୭ଟାରୁ ୨୧ ତାରିଖ ମୂର୍ତ୍ତି ବିସର୍ଜନ ଶେଷ ହେବା ପର୍ଯ୍ୟନ୍ତ ଟ୍ରାଫିକ କଟକଣା ଜାରି କରାଯାଇଛି।

## ପୂଜା ପାଇଁ ଟ୍ରାଫିକ୍ କଟକଣା

- ହାଓଡା ମୋଟରଛକଠାରୁ କୌଣସି ଯାନବାହନ ସିଧା ମଙ୍ଗଳାବାଗ ଛକ ଆଡକୁ ଯାଇପାରିବ ନାହିଁ। ଏହି ଗାଡ଼ିଗୁଡ଼ିକ ହାଓଡା ମୋଟର ଛକଠାରୁ ମାତା ମଠ ଛକ, ମହାନଦୀ ରିଂରୋଡ, ମାଲାସାହି, କାଠଗୋଲା ଦେଇ ମଙ୍ଗଳାବାଗ ଛକକୁ ଯାଇପାରିବ।
- ମଙ୍ଗଳାବାଗ ପୁରୁଣା ଦେବୀଘର ଛକଠାରୁ କୌଣସି ଯାନବାହନ ବଣିଆସାହି ଓ ଥୋରିଆ ସାହି ଆଡକୁ ଯାଇପାରିବ ନାହିଁ।
- ଦୋଳମୁଣ୍ଡାଇ ଛକ ଆଡୁ ଆସୁଥିବା ଯାନବାହନ ବଜ୍ରକବାଟି ପୋଲ ଛକଠାରୁ ରାଣୀହାଟ ଆଡକୁ ଯାଇପାରିବ ନାହିଁ। ସେମାନେ ବଜ୍ରକବାଟି ପୋଲ ଛକଠାରୁ କେନାଲ ରାସ୍ତା, ଗଡ୍ଡାଡିଆ କବରସ୍ଥାନ, କେଶରପୁର ଛକ ଦେଇ ମଙ୍ଗଳାବାଗ ଅବା ବକ୍ସିବଜାର ଆସିପାରିବେ।
- କେଶରପୁର ପୋଲ ଗଡ୍ଡାଡିଆ ଛକ, ଥୋରିଆ ସାହି ମହିଳା ସ୍କୁଲ ଛକ ଓ ଫ୍ରେଣ୍ଡସ କଲୋନୀ ପକ୍ଷରୁ କୌଣସି ଯାନବାହନ ବଜ୍ରକବାଟି ପୋଲ ଆଡକୁ ଯାଇପାରିବ ନାହିଁ।
- ଦୋଳମୁଣ୍ଡାଇ ଛକ ଆଡୁ ଆସୁଥିବା ଯାନବାହନ ମହତାବ ରୋଡ ଦେଇ ମାଲଗୋଦାମ ଆଡକୁ ଯାଇପାରିବେ। କିନ୍ତୁ ଛତ୍ରବଜାର ପୋଲ ପାଖରୁ କୌଣସି ଯାନବାହନ ଛତ୍ରବଜାର ଦେଇ ମହତାବ ରୋଡ କିମ୍ବା ପିଲିଗ୍ରୀମ ରୋଡରେ କଲେଜ ଛକ ଆଡକୁ ଯାଇପାରିବ ନାହିଁ।
- ହିନ୍ଦ ସିନେମା ହଲ୍ ଆଡୁ କେନାଲ କୂଳ ରାସ୍ତାରେ ଆସୁଥିବା ଯାନବାହନଗୁଡ଼ିକ ଛତ୍ରବଜାର ପୋଲ ପାଖରୁ ବାମ ପଟ ଦେଇ ମାଲଗୋଦାମ ଆଡକୁ ଯାଇପାରିବେ। କିନ୍ତୁ ସିଧା ସମ୍ରାଟ ସିନେମା ହଲ୍ ଆଡକୁ କିମ୍ବା ଛତ୍ରବଜାର ଦେଇ ମହତାବରୋଡ ଆଡକୁ ଯାଇପାରିବ ନାହିଁ।
- ବଜ୍ରକବାଟି କେନାଲ କୂଳ ରାସ୍ତାରେ ବାହାରିଥିବା ନାରାୟଣ ମିଶ୍ର ଲେନ୍, କେଶବସାହୁ ଛକ ସାମ୍ନାରୁ ଗୋପୀନାହାକାଣୀ ରାସ୍ତା ଦେଇ ଯାନବାହନଗୁଡ଼ିକ ମହତାବରୋଡରେ ପହଞ୍ଚିବା ପରେ କେବଳ ଛତ୍ରବଜାର ଆଡକୁ ଯାଇପାରିବ। କିନ୍ତୁ ଦୋଳମୁଣ୍ଡାଇ ଆଡକୁ ଯାଇପାରିବେ ନାହିଁ। ଲିଙ୍କ୍‌ରୋଡରୁ ଯାନବାହନଗୁଡ଼ିକ ମହତାବ ରୋଡ ଦେଇ ଦୋଳମୁଣ୍ଡାଇ ଯାଇପାରିବ ନାହିଁ।
- ମାଲଗୋଦାମରୁ କୌଣସି ଯାନବାହନ ଛତ୍ରବଜାର ଆଡକୁ ବା ପିଲିଗ୍ରୀମ ରୋଡ ଦେଇ କଲେଜ ଛକ ଯାଇପାରିବ ନାହିଁ। ମାଲଗୋଦାମ ଆଡୁ ଓଭରବ୍ରିଜ ଆଡୁ କୌଣସି ଗାଡ଼ି ଫ୍ଲାଏଓଭର ଉପରକୁ କୌଣସି ଗାଡ଼ି ଆସିପାରିବେ ନାହିଁ। ସେମାନେ ଫ୍ଲାଏଓଭର ବାମପଟେ ଥିବା ପୁରୁଣା ରାସ୍ତା ଦେଇ ରେଳଷ୍ଟେଶନ, ରେଭେନ୍‌ଶା କଲେଜ ଛକ ଦେଇ କଲେଜ ଛକ ଯାଇପାରିବେ। ଫ୍ଲାଏଓଭର ଛକରେ ଟ୍ରାଫିକ ଭିଡ଼ ହେଲେ କୌଣସି ଯାନବାହନ କଲେଜ ଛକ କିମ୍ବା ମାଲଗୋଦାମ ଆଡକୁ ନ ଯାଇ ସିଧା ଶିଖରପୁର ଆଡକୁ ଯାଇପାରିବ।
- ପିଠାପୁର ଓ ଝୋଲାସାହି ଆଡୁ ଆସୁଥିବା ଯାନବାହନ ଫୋନବକ୍ସ ଛକରୁ ବାମପଟେ ଗୋପାଳଜୀଉ ଲେନ୍, ବଙ୍ଗାଳିସାହି, ନନ୍ଦିସାହି ଛକ ଆଡକୁ ଯାଇପାରିବ ନାହିଁ। ଫୋନ ବକ୍ସ ଛକରୁ ଡାହାଣକୁ ଯାଇ ଧର୍ମଶାଳା ଛକ, ଉତ୍କଳିକା ଦେଇ ଜେଲ୍ ରୋଡ କିମ୍ବା ଗୌରୀଶଙ୍କର ପାର୍କ ଆଡକୁ ଯାଇପାରିବ।
- ଗୌରୀଶଙ୍କର ପାର୍କ, କାଠଗଡ଼ା ସାହି, ଝୋଲାସାହି ଯିବାକୁ ଚାହୁଁଥିବା ବ୍ୟକ୍ତିମାନେ ସବ୍‌ଷ୍ଟେଶନ ଛକଠାରୁ ପ୍ରେସ୍ କ୍ଲବ ସାମ୍ନା ଦେଇ ଧର୍ମଶାଳା ଛକରୁ ଡାହାଣକୁ କେଉଟ ସାହି ଦେଇ ନନ୍ଦିସାହି ଓ ଝୋଲାସାହି ଇଲେକ୍ଟ୍ରୋନିକ୍ସ ଛକ ଦେଇ ଝୋଲାସାହି ଯାଇପାରିବେ।
- ପୁରୁଣା ଜେଲ୍ ଛକରୁ ଚୌଧୁରୀବଜାର ଛକ ଆଡୁ ଆସୁଥିବା ଯାନବାହନଗୁଡ଼ିକ ଗୌରୀଶଙ୍କର ପାର୍କ, ସବଷ୍ଟେଶନ ଛକରୁ ସିଧା ଚୌଧୁରୀବଜାର ଛକ ଆଡକୁ ଯାଇପାରିବ ନାହିଁ। କିନ୍ତୁ ସବ୍‌ଷ୍ଟେଶନ ଛକରୁ ଗଙ୍ଗା ମନ୍ଦିର, କାଜିବଜାର, ମେହେନ୍ଦିପୁର, ମୁନଲାଇଟ୍ ଛକ ଦେଇ ଚାନ୍ଦିନଚୌକ ଆଡକୁ ଯାଇପାରିବ।
- ନୂଆବଜାର ଛକରୁ କୌଣସି ଚାରିଚକିଆ ଓ ଭାରିଯାନ ନୂଆବଜାର ଛକ ଆଡକୁ ଯାଇପାରିବେ ନାହିଁ। କିନ୍ତୁ ନୂଆପଡ଼ା, ପ୍ରେସ୍‌ଛକ କିମ୍ବା ପୋତାପୋଖରୀ ଦେଇ କାଳିଆବୋଦା ଆଡକୁ ଯାଇପାରିବ।
- ଯୋବ୍ରା ଆନିକଟ ଛକ ଆଡୁ ଆସୁଥିବା ସମସ୍ତ ତିନି ଚକିଆ ଓ ଚାରି ଚକିଆ ଯାନଗୁଡ଼ିକ ଯୋବ୍ରା ଶନି ମନ୍ଦିର ଛକଠାରୁ ସିଧା ଗାଳି ପୋଲ ରାସ୍ତାରେ ନ ଯାଇ ମହାନଦୀ କଡା ରାସ୍ତାରେ ଯାଇପାରିବେ।

## ବର୍ଷା କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ

**କଣ୍ଟାପଡା, ୧୪।୧୦(ଡି.ଏନ୍.ଏ.)**

ବାତ୍ୟା ତିତ୍‌ଲି ପ୍ରଭାବରେ ହୋଇଥିବା ବର୍ଷାଯୋଗୁ ନିଆଳି ନିର୍ବାଚନ ମଣ୍ଡଳୀରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି କ୍ଷୟକ୍ଷତିର ରିପୋର୍ଟ ପ୍ରସ୍ତୁତ କରିବାକୁ କଣ୍ଟାପଡା ବ୍ଲକ ପରିସ୍ରରସ୍ଥ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅନୁଷ୍ଠିତ ବୈଠକରେ ବିଧାୟକ ଡା. ପ୍ରମୋଦ ମଲ୍ଲିକ କଣ୍ଟାପଡା, ନିଆଳି ଓ ବାରଙ୍ଗ ବ୍ଲକର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାରେ କ୍ଷତି ଘଟିଥିବା ପନିପରିବା, ଧାନ ସମ୍ପର୍କରେ ରାଜସ୍ୱ ଓ କୃଷିବିଭାଗ ଅଧିକାରୀ ତୁରନ୍ତ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ବର୍ଷାରେ କେତେ ଘର ଭାଙ୍ଗିଛି ତାହାର ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ଅପରାହ୍ନ ୨ଟା ସୁଦ୍ଧା ବୃତ୍ତାନ୍ତ ରିପୋର୍ଟ ପ୍ରସ୍ତୁତ ପାଇଁ ସମସ୍ତ ଅଧିକାରୀ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏହି ବୈଠକରେ ବିଡିଓ କେ. ଅଶୋକ କୁମାର, ଆକୁଳି ଚରଣ ମଲିକ, ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ, ରଞ୍ଜନ କୁମାର ଜେନା ଓ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ବ୍ଲକର କୃଷିଅଧିକାରୀ, କଣ୍ଟାପଡା ବ୍ଲକ ଆମ୍‌ା ସଭାପତି ଅନନ୍ତ ବେହେରା, ଆଦିତ୍ୟ ପାଣି, ବାରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ ସାହୁ ଯୋଗଦେଇଥିଲେ।

## ହିମାଳୟ ପର୍ବତାରୋହୀଙ୍କୁ କଟକରେ ସମ୍ବର୍ଦ୍ଧନା

**କଟକ ଅଫିସ,୧୪।୧୦**

ଶିଖରପୁର କୋରପୋଖରୀ ସାହିର ଟବକା ଗୋଚ୍ଛାୟତଙ୍କ ଝିଅ ତଥା ହିମାଳୟ ପର୍ବତ ଆରୋହୀ ରୋଜାଲିନ ଗୋଚ୍ଛାୟତଙ୍କୁ ରବିବାର କଟକରେ ସମ୍ବର୍ଦ୍ଧିତ କରାଯାଇଛି। ତୃତୀୟ ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନରେ ରାଜ୍ୟରୁ ଯାଇଥିବା ୧୩ ଜଣିଆ ଟିମ୍‌ର ସଦସ୍ୟ ଥିଲେ ରୋଜାଲିନ। ୧୯,୧୦୦ ଫୁଟର ପର୍ବତକୁ ସେପ୍ଟେମ୍ବର ୧୮ରେ ଆରୋହଣ ଆରମ୍ଭ କରି ୨୬ ତାରିଖରେ ଶେଷ କରିଥିଲେ ବୋଲି ରୋଜାଲିନ୍ କହିଛନ୍ତି। କୋରପୋଖରୀ ସାହିରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରୋଜାଲିନଙ୍କୁ ଉତ୍ତରୀୟ ଏବଂ ଫଳକ ପ୍ରଦାନ କରାଯାଇଛି। ଏଭଳି ସଫଳତା ହାସଲ କରି ରୋଜାଲିନ କଟକ ପାଇଁ ସୁନାମ ଅର୍ଜନ କରିଛନ୍ତି।

## ଜୁଆ ଆଡ୍ଡାରେ ଚଢାଉ, ୧୬ ଗିରଫ

**କଟକ ଅଫିସ,୧୪।୧୦**

**୧୧ ମୋବାଇଲ, ୫୬ ହଜାର ଟଙ୍କା ଜବତ**

ଦୁଇଟି ଜୁଆ ଆଡ୍ଡା ଉପରେ ରବିବାର ଚଢାଉ କରି ଚାଉଳିଆଗଞ୍ଜ ଏବଂ ବାଦାମବାଡି ପୋଲିସ ୧୬ ଜଣଙ୍କୁ ଗିରଫ କରିଛି। ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ବୃନ୍ଦାଭାଟିଗଡି ଅଞ୍ଚଳରେ ରବିବାର ରାତିରେ ପୋଲିସ ଚଢାଉ କରି ୧୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଧୁପାଟଣା ଅଞ୍ଚଳର ଶିବ ପ୍ରଧାନ, ଚାଉଳିଆଗଞ୍ଜ ଅଞ୍ଚଳର ଦିଲୀପ ଦାସ, ମଙ୍ଗଳାବାଗ ଅଞ୍ଚଳର ମାଧବ ସାହୁ, ବାବୁ ମହାରଣା, ଶଙ୍କର ରାଓ, ପୁରୀଘାଟ ଅଞ୍ଚଳର ସୋମନାଥ ରାଉତ, ଜଗତ୍‌ପୁର ଅଞ୍ଚଳର ବଂଶୀଧର ଦାସ, ବାଦାମବାଡି ଅଞ୍ଚଳର ଗୁଡୁ ଗୋଚ୍ଛାୟତ, ବାବୁ ଜୟସ୍ୱାଲ, କାହ୍ନୁଚରଣ ସାହୁ, ରାହୁଲ ସାହାଣୀ, କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଏସ୍‌କେ ଇମ୍ରାନ୍। ସେମାନଙ୍କଠାରୁ ପୋଲିସ ୧୧ଟି ମୋବାଇଲ, ୪୬,୫୦୦ଟଙ୍କା ଜବତ କରିବା ସହ ଏକ ମାମଲା (ନଂ.୨୫୮/୧୮) ରୁଜୁ କରିଛି। ସେହିପରି ବାଦାମବାଡି ଥାନା ଅନ୍ତର୍ଗତ ପାଲାମଣ୍ଡପ ଅଞ୍ଚଳରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ପୋଲିସ ଚଢାଉ କରିବା ସହ ୪ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ଶଙ୍କରପୁର ଅଞ୍ଚଳର ଲକ୍ଷ୍ମୀଧର ରାଉତ, ଦିଲୀପ ରାଉତ, ପ୍ରଦୀପ ମହାନ୍ତ ଓ କଟକ ସଦର ଥାନା ଅନ୍ତର୍ଗତ ଜରିପଦା ଅଞ୍ଚଳର ପପୁନି ବିଶ୍ୱାଳ। ପୋଲିସ ସେମାନଙ୍କ ଠାରୁ ୧୦ ହଜାର ୨୦୦ ଟଙ୍କା ଜବତ କରିବା ସହ ଏକ ମାମଲା(ନଂ.୨୮୧/୧୮) ରୁଜୁ କରିଛି।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା



ଜନସମ୍ପର୍କ ପଦଯାତ୍ରାରେ ଯାଉଥିବା କର୍ମୀମାନେ।

**ଖୁଣ୍ଟୁଣୀ, ୧୪।୧୦(ଡି.ଏନ୍.ଏ.):** ଭୋଗରା ପଞ୍ଚାୟତ ଅଧୀନ ତୋଟାପଡା, ଭୋଗରା ଓ ମଥୁରାପୁର ଗ୍ରାମରେ ଆଠଗଡ଼ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ଜିଲା ପରିଷଦ ସଦସ୍ୟ କେଶବ ଦଳେଇ, ଗୌରହରି ମହାନ୍ତି, ନୃସିଂହ ସାହୁ, ରବୀନ୍ଦ୍ର ରାଉତ, ଜ୍ଞାନରଞ୍ଜନ ଦାସ, ମାମୁନି ରାଉତ, ତ୍ରିନାଥ ରାଉତ, ସୁକଦେବ ବେହେରା, ସନ୍ତୋଷ ସାହୁଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ।

## ଅନୁରୋଧ ରକ୍ଷା କରି ଭିନ୍ନକ୍ଷମ ପ୍ରଶଂସକଙ୍କୁ ଭେଟିଲେ ଅଭିନେତା ଅନୁଭବ

**କଟକ ଅଫିସ,୧୪।୧୦**

ସୋସିଆଲ ମିଡିଆରେ ଭିନ୍ନକ୍ଷମ ପ୍ରଶଂସକଙ୍କ ଅନୁରୋଧ ରକ୍ଷା କରି ତାଙ୍କୁ ଭେଟିଛନ୍ତି ଅଭିନେତା ଅନୁଭବ ମହାନ୍ତି। କଟକ ଏସ୍‌ସିବି ମେଡିକାଲ ପରିସରରେ ପରିବାର ସହ ରହୁଥିବା ସିପୁନଙ୍କର ଜନ୍ମରୁ ଆଖିରେ ସମସ୍ୟା ରହିଛି। କିଛିଦିନ ପୂର୍ବରୁ ସିପୁନ ତାଙ୍କ ପ୍ରିୟ ଅଭିନେତା ଅନୁଭବଙ୍କୁ ଦେଖିବାପାଇଁ ସମ୍ପର୍କୀୟଙ୍କୁ କହିଥିଲେ। ପରେ ତାଙ୍କ ସମ୍ପର୍କୀୟ ଏ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଭିଡିଓକୁ ଅନୁଭବ ଦେଖିବା ପରେ ଠିକଣା ବୁଝି ସିପୁନଙ୍କ ଘରେ ସେ ପହଞ୍ଚିଥିଲେ। ଏହି ସମୟରେ ଅନୁଭବଙ୍କୁ ପାଖରେ ପାଇ ସିପୁନଙ୍କ ସମେତ ଆଖପାଖର ପିଲା ବେଶ୍ ଖୁସି ହୋଇଥିଲେ। ଅନୁଭବଙ୍କ ଏଭଳି ଆଚରଣ ପରେ ସେଠାକାର ଲୋକେ ତାଙ୍କୁ ରିଅଲ ବିଙ୍ଗ ହ୍ୟୁମାନ ବୋଲି କହିଥିଲେ। ଜନ୍ମରୁ ସିପୁନଙ୍କ ଆଖିରେ ସମସ୍ୟା ଥିବା ଯୋଗୁ ଏହାର ଚିକିତ୍ସା ପାଇଁ ଆଗକୁ ଆର୍ଥିକ ସହାୟତା ଯୋଗାଇଦେବେ ବୋଲି ଅନୁଭବ କହିଛନ୍ତି। ଅନ୍ୟପଟେ ସିପୁନଙ୍କ ମା' କହିଛନ୍ତି, ଅନୁଭବ ଜଣେ ହୃଦୟବାନ ବ୍ୟକ୍ତି ବୋଲି ମୁଁ ଅନୁଭବ କରିଛି। ଆଗକୁ ମୋ' ପୁଅର ଚିକିତ୍ସା ପାଇଁ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିବାରୁ ମୁଁ ତାଙ୍କ ପାଖରେ କୃତଜ୍ଞ।

## ପୁସ୍ତକ ଉନ୍ମୋଚନ

**ନିଆଳି, ୧୪।୧୦(ଡି.ଏନ୍.ଏ.):** ନିଆଳିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରାଚୀ ସାହିତ୍ୟ ସମିତି ପକ୍ଷରୁ ନୂଆଗାଁ ପଞ୍ଚାୟତ ଅଧୀନ ଶ୍ରୀରାଧାକାନ୍ତ ମଠ ପରିସରରେ ସାହିତ୍ୟ ଆସର ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମଠର ମଠାଧୀଶ ମଦନ ମୋହନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଡ. ତ୍ରିନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ପ୍ରଶାନ୍ତ କୁମାର ମହାନ୍ତି, ମୁଖ୍ୟବକ୍ତା ଲେଖକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଗବେଷକ ହଂସନାଥ ସାହୁ, ସାମାଜିକ କର୍ମୀ ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପଣ୍ଡିତ ଦେବେନ୍ଦ୍ର କୁମାର ମିଶ୍ରଙ୍କ ରଚିତ 'ଆମ ସମାଜ ଓ ସଂସ୍କୃତି' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିରେ ପ୍ରକୃତିବନ୍ଧୁ ପାବନୀ ବସ୍ତିଆ, ସୁଦାମ ଚରଣ ଜେନା, ପ୍ରଗତି ମହାପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କବୟିତ୍ରୀ, କବି ଓ ସାହିତ୍ୟପ୍ରେମୀ ଯୋଗଦେଇଥିଲେ। ଅବ୍‌ଦୁଲ ବାରି ଧନ୍ୟବାଦ ଦେଇଥିଲେ।

## ମିନାବଜାର ଉଦ୍‌ଘାଟିତ

**କଟକ ଅଫିସ,୧୪।୧୦:** ରବିବାର ଖାନ୍‌ନଗରସ୍ଥିତ କାଠଯୋଡି ରିଭର ଭ୍ୟୁ ପାର୍କ ନିକଟରେ ମିନାବଜାର ଉଦ୍‌ଘାଟିତ ହୋଇଛି। ଏହାକୁ ଖାନ୍‌ନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ମୀନାବଜାରରେ ବିଭିନ୍ନ ପ୍ରକାର ଦୋଳି ଓ ଖାଦ୍ୟ ଷ୍ଟଲ୍ ଖୋଲିଥିଲା।



ଶତ୍ରୁଙ୍କୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକାରୀ ଶକ୍ତି।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

ଖୋର୍ଦ୍ଧା

- ମା' ଦୁର୍ଗା ବଣିକ ସଂଘ ପକ୍ଷରୁ କୃଷ୍ଣଚୂଡ଼ା ସାହିତ୍ୟ ସଂସଦର କବିତା ଆସର, ବାଘମାରୀ ଦୁର୍ଗା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଦୁର୍ଗାପୂଜାର ଷଷ୍ଠୀ ପୂଜାରେ ବିଲ୍ୱବରଣ ଓ ଦେବୀ ଆମନ୍ତ୍ରଣ, ଖୋର୍ଦ୍ଧା କ୍ଲବ ଏବଂ କଣ୍ଟାବଜାର, ସନ୍ଧ୍ୟା ୬ଟା ୦୫।

## ଚୋରି ବେଳେ କାର୍ ଜବତ, ଜଣେ ଗିରଫ

**ବାଲୁଗାଁ,୧୪।୧୦(ଡ଼ି.ଏନ.ଏ.):** ବାଲୁଗାଁ ଚିଲିକାରୋଡ଼ର ଏକ ଦୋକାନରୁ ଜରିପାଲ ଚୋରି କରି କାର ଯୋଗେ ଚମ୍ପଟ ମାରୁଥିବା ଜଣେ ଯୁବକଙ୍କୁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ସହ ବ୍ୟବହୃତ କାରକୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଖଲ୍ଲିକୋଟ ଥାନା ତୋଟାଗାଁର ମିଟୁ ବାରିକ। ବାଲୁଗାଁ ଚିଲିକା ରୋଡ଼ରେ ସୌରୀ ଲେଙ୍କାଙ୍କ ଜରିପାଲ ଦୋକାନ ଅଛି। ଶନିବାର ସୌରୀଙ୍କ ପୁଅ ଶିବ ଦୋକାନରେ ବସିଥିବାବେଳେ କାରରେ ଆସିଥିବା ମିଟୁ ପହଞ୍ଚି ତାଙ୍କ ସହ ଜରିପାଲ ବ୍ୟବସାୟ ନେଇ ଆଲୋଚନା କରିଥିଲା। ଏହି ସମୟରେ ଗ୍ରାହକମାନେ ପହଞ୍ଚିବାରୁ ଶିବଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ମିଟୁ ଦୋକାନରୁ ୩ ଜରିପାଲ ଚୋରି କରିନେଇ ନିଜ କାରରେ ରଖି ସେଠାରୁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ଶିବ ପାଟି କରିବାରୁ ବଜାର ଲୋକେ ପହଞ୍ଚି କାରଟିକୁ ଅଟକାଇଥିଲେ। ପୋଲିସ ପହଞ୍ଚି ମିଟୁଙ୍କୁ ଗିରଫ କରିଥିଲା। ନଂ. ୧୨୩/୧୮ରେ ମାମଲା ରୁଜୁ କରି ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି।

## ଗୁରୁଜଙ୍ଗ ପ୍ରିମିୟର ଲିଗ୍

**ଖୋର୍ଦ୍ଧା ଅଫିସ,୧୪।୧୦:** ଖୋର୍ଦ୍ଧା ଗୁରୁଜଙ୍ଗ ପଡ଼ିଆରେ ଆରମ୍ଭ ହୋଇଛି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସଂସ୍କରଣ ମ୍ୟାଚ। ସ୍ଥାନୀୟ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଖେଳରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ୨୧ ତାରିଖରେ ହେବ। ୨ୟ ଦିବସ ରବିବାରର ୩ୟ ମ୍ୟାଚ ପାଇଥନ ଏକାଦଶ ଓ ରାଇଜିଂ ଡ୍ରାଗନ ମଧ୍ୟରେ ହୋଇଥିଲା। ପାଇଥନ ଦଳ ପ୍ରଥମେ ବ୍ୟାଟି କରି ୧୫ ଓଭରରେ ୬ ଉଇକେଟ୍ ହରାଇ ୧୬୦ରନ କରିଥିଲା। ଜବାବରେ ରାଇଜିଂ ଡ୍ରାଗନ ଦଳ ୧୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୬ ରନ କରି ପରାଜିତ ହୋଇଥିଲା। ମ୍ୟାଚରେ ଅଲରାଉଣ୍ଡର ସୌମ୍ୟଜିତ ପଟ୍ଟନାୟକ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି। ୪ର୍ଥ ମ୍ୟାଚ୍ ବିବିସିସି ଓ ବିଜୁରାଜ ସୁଟର ମଧ୍ୟରେ ହୋଇଥିଲା। ବିବିସିସି ଦଳ ୧୫ ଓଭରରେ ୬ ଉଇକେଟ ହରାଇ ୧୦୮ରନ କରିଥିଲା। ଜବାବରେ ବିଜୁରାଜ ଦଳ ୯ ଓଭରରେ ଗୋଟିଏ ଉଇକେଟ ହରାଇ ୧୦୯ ରନ କରି ବିଜୟ ଘୋଷିତ ହୋଇଥିଲା। ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ହିମାଂଶୁ ଦାସ ପୁରସ୍କୃତ ହୋଇଛନ୍ତି। ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଅସିତ୍ ଶତପଥୀ ଓ ପ୍ରଶାନ୍ତ ବେହେରା ଖେଳ ପରିଚାଳନା କରିଥିଲେ।

## ସାହିତ୍ୟ ଆସରରେ ଗଳ୍ପ ଓ କବିତା ପାଠ

**ନିରାକାରପୁର,୧୪।୧୦(ଡ଼ି.ଏନ.ଏ.):** ରାମେଶ୍ୱର ପଞ୍ଚାୟତଠାରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା। ରବିବାର ଜାନକୀ ବଲ୍ଲଭ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ କବି ଓ ଗାଳ୍ପିକମାନେ ସ୍ୱରଚିତ ଲେଖା ପାଠ କରିଥିଲେ। ସଭାରେ ସ୍ଥାନୀୟ କଲେଜର ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି ପୌରୋହିତ୍ୟ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଦିବ୍ୟସିଂହ ତ୍ରିପାଠୀ ଓ ସମ୍ପାଦକ ବୀରେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଦୀପ୍ତିରଞ୍ଜନ ପଟ୍ଟନାୟକ ସମାରୋହକୁ ପରିଚାଳନା କରିଥିଲାବେଳେ ଧନ୍ୟବାଦ ଦେଇଥିଲେ ଚନ୍ଦ୍ରମୋହନ ପଟ୍ଟନାୟକ।

## ଧାନ ଗଛରେ ପଟୁମାଟି

**ଖୋର୍ଦ୍ଧା ଅଫିସ,୧୪।୧୦:** ଖୋର୍ଦ୍ଧା ତହସିଲ ମୁଣ୍ଡାଆନ୍ଧ ଓ ଜଙ୍କିଆ ଅଞ୍ଚଳର ଧାନ ଜମିରେ ମଲାଗୁଣୀ ନଦୀର ବନ୍ୟାଜଳ ଆସି ଧାନ ଗଛ ଉପରେ ପଟୁମାଟି ମାଡି ଯାଇଛି। ଫଳରେ ଧାନ ଫସଲ ଉଜୁଡି ଗଲା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ମଲାଗୁଣୀ ନଦୀର ବନ୍ୟା ଜଳ ଗୋଳବାଇ ଅଞ୍ଚଳର ଧାନ ଜମିରେ ଜମି ରହିଥିବାରୁ ଏଠାର ଧାନ ଫସଲ ଉଜୁଡି ଯାଇଛି।

## ■ କାଳିଶି ଦେହରେ ସବାର ହୁଅନ୍ତି ମା' ରାମଚଣ୍ଡୀ

# ଦଳିତ ଦୁଆରେ ଖାଆନ୍ତି ଅନ୍ନ ଭୋଗ

**ଖୋର୍ଦ୍ଧା ଅଫିସ,୧୪।୧୦**

ବେଗୁନିଆ ବ୍ଲକ ଗଡମାଣତୀରରେ ରହିଛି ମା' ରାମଚଣ୍ଡୀଙ୍କ ପୀଠ। ଏଠାରେ ଦଶହରା ପର୍ବ ଦ୍ୱିତୀୟା ଓଷାଠାରୁ ରାମଚଣ୍ଡୀଙ୍କ ପୀଠରେ ଆରମ୍ଭ ହୁଏ। ଏହିପର୍ବରେ ମା' ରାମଚଣ୍ଡୀ କାଳିଶି ଦେହରେ ଉଭା ହୋଇ ଦଳିତ ଦୁଆରେ ଖାଆନ୍ତି ଅନ୍ନଭୋଗ। ଆଉ ଆମ୍ବଗଛ ମୂଳେ ରାତିରେ ଅଣ୍ଡା ଖାଇ ଜୁରୀ ପିଇ ଶୋଭାଯାତ୍ରାରେ ପରିକ୍ରମା କରି ଭକ୍ତଙ୍କ ଗୁହାରି ବୁଝନ୍ତି। ସେମାନଙ୍କର ମନସ୍କାମନା ପୂରଣ କରନ୍ତି। ଏହି ଯାତ୍ରା ଅବସରରେ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଛି।

ରାତି ପାହିଲେ ସୋମବାର। ଷଷ୍ଠୀରେ ମୂଳା ନକ୍ଷତ୍ର ପୀଠେ ସପ୍ତମୀ ପୂଜା ହେବ। ପର୍ବକୁ ସୁରୁଖୁରୁରେ ପାଳନ ପାଇଁ ୧୬ ପୂଜାଠାରୁ ଷଷ୍ଠୀ ପର୍ଯ୍ୟନ୍ତ ଗୋଟିଏ ବକ୍ତ ସନ୍ଧ୍ୟାରେ କେବଳ ଅରୁଆ ଭାତ ଭୋଜନ କରନ୍ତି କାଳିଶି। ସପ୍ତମୀରେ କେବଳ ପଣା ପାନ କରନ୍ତି। ସନ୍ଧ୍ୟା ୭ଟାରେ କାଳିଶି ଓ ହଟକ (ବଳି ପକାଉଥିବା ଲୋକ) ଉଭୟେ ସଜନା ପୋଖରୀରେ ସ୍ନାନ କରି ମହାପାତ୍ର ବଂଶଠାରୁ ଶାଢ଼ି ଗ୍ରହଣ କରି ପିନ୍ଧନ୍ତି। କାଳିଶି ଦେହରେ ପ୍ରାୟ ୧୧ଟା ରାତିରେ ରାମଚଣ୍ଡୀ ସବାର ହୁଅନ୍ତି। ସବାର ପରେ ଆରମ୍ଭ ହୁଏ ଠାକୁରଙ୍କର ପର୍ବ। କାଳିଶିଙ୍କ ବାମପଟେ ମା' କାଳିକାଙ୍କ ଘଟ ଓ ଡାହାଣ ପାର୍ଶ୍ୱରେ ରାମଚଣ୍ଡୀଙ୍କ ଘଟ ଶୋଭାପାଏ। ୨ ପୂଜକ ଏହି ଘଟକୁ ଧରି ଥାନ୍ତି। ଅନ୍ୟପକ୍ଷେ କଇଁଫୁଲ ମାଳରେ ତିଆରି ଛତିକୁ ଧରି ସବାର ଠାକୁରାଣୀ ପ୍ରଥମେ ଗଞ୍ଜାବଳି ମୂଳପୀଠରେ ଖାଆନ୍ତି। ବଳି ଖାଇ ସାରିବା ପରେ ପୀଠରୁ ଗୁହାରିଆ ଉଠାନ୍ତି। ବାରିକ ମଶାଲ ଜାଳେ। ଢ଼ୋଲ, ଝଞ୍ଜାଳ ଓ ମହୁରି ବାଦ୍ୟରେ ଶୋଭାଯାତ୍ରା ବାହାରେ। ଶୋଭାଯାତ୍ରା ମା'ଙ୍କ ମୂଳପୀଠରୁ ବିଦାୟ ନେଇ ମାଘ ମାଝିପୋଖରୀ ରାସ୍ତାରେ ଅତିକ୍ରମ କରେ। ସେଠାରେ ଥିବା ଏକ ଆମ୍ବଗଛ ମୂଳେ କିଛି ସମୟ ପାଇଁ ଅଟକି ରୁହନ୍ତି। ଏଠାରେ ମା' ଅଣ୍ଡା ଖାଆନ୍ତି ଓ ଜୁରୀ ପିଅନ୍ତି। ପରେ ସଜନା ପୋଖରୀ ରାସ୍ତା ଦେଇ ରାମଚନ୍ଦ୍ରପୁର ଛାଟିଆ ଦୂଆରେ ହାତ ତିଆରି ଅନ୍ନ ଭୋଗ ସେବନ କରନ୍ତି। ଭୋଗ ଖାଇ ମା' ସିଦ୍ଧେଶ୍ୱରୀ ପୀଠରେ ପହଞ୍ଚି ମାନସିକଧାରୀଙ୍କଠାରୁ ଗଞ୍ଜା ବଳି ଗ୍ରହଣ କରନ୍ତି। ଶୋଭାଯାତ୍ରା ପୁରାତନ ଗାଦି କଚେରି ଦୁଆରରେ ପହଞ୍ଚେ। ଏଠାରେ କଇଁଫୁଲର ଛତିକୁ ଛାଡି ଦଳବେହେରାଙ୍କ ଖଣ୍ଡାକୁ ଆପଣାନ୍ତି। ଦଳବେହେରାଙ୍କୁ ଖଣ୍ଡାକୁ ମାଳି ପୂଜା କରି ମା' ସବାର ହୋଇଥିବା କାଳିଶିଙ୍କ ହାତ ବଢ଼ାନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ କଚେରି ଦୁଆରେ ବୋଦା ଓ ଗଞ୍ଜାବଳି ଖାଇ ମା' କଣ୍ଟାଖେଳ ଦେଖାନ୍ତି, ଯାହାକି ଅତି ଚମତ୍କାର। ପୁଣି ବଡଦାଣ୍ଡ ସାହିରୁ ଭୋଗ ଖାଇ ଭୋଇ ସାହିର ମା' ମଙ୍ଗଳା ଠାକୁରାଣୀଙ୍କ ପୀଠରେ ପୁଣି ବଳି ଗ୍ରହଣ କରନ୍ତି। ସପ୍ତମୀ ରାତି ଶେଷ ଓ ଅଷ୍ଟମୀ ଭୋରରେ ଉପରଗଡ ତଳସାହି ମା' ଦୁଆରଶୁଣୀଙ୍କ ପୀଠରେ ଗାଁକୋଠରୁ ପୁଣି ଗଞ୍ଜାବଳି ଖାଆନ୍ତି। ପରେ ତଳସାହି ପରିକ୍ରମା କରି ଦ୍ୱାର ଦ୍ୱାର ବୁଲି ଭୋଗ ଖାଇଥାନ୍ତି। ଜୟସିଂହସାହି କୋଠକରଣଙ୍କ ଦ୍ୱାରରେ ମା' ନୂଆ ଖଣ୍ଡୁଆ ପାଟରେ ବିଶ୍ରାମ ନିଅନ୍ତି। କିଛି ସମୟ ଥକା ମେଣ୍ଟାଇବା ପରେ ଉପରଗଡ ଉପରସାହି ମା' ଦୁଆରଶୁଣୀଙ୍କ ପୀଠରେ ପହଞ୍ଚି ପୁଣି ଗଞ୍ଜାବଳି ଓ ଗାଁରେ ଭୋଗ ଖାଇ ଖଣ୍ଡା ଘରେ ଖଣ୍ଡା ଥୋଇ ମା' ରାମଚଣ୍ଡୀ ଉଭାନ ହୁଅନ୍ତି। ଚଳିତବର୍ଷ ଠାକୁରାଣୀ ଅଶ୍ୱରେ ଆସି ଗଜ ବାହନରେ ଉଭାନ ହେବେ ବୋଲି କୁହାଯାଉଛି। ତେବେ ମା' କାଳିଶି ଦେହରେ ସବାର ସମୟରେ ଅଶ୍ୱରେ ଆସିବେ ଓ ଉଭାନ ସମୟରେ ଗଜରେ ଫେରିଯିବେ।

### ଆମ୍ବଗଛ ମୂଳେ ପିଅନ୍ତି ଜୁରୀ



ମା' ରାମଚଣ୍ଡୀ।

## ଭଗବତୀ ପୀଠରେ ପ୍ରତୀକ ନରବଳି



ଦକ୍ଷିଣେଶ୍ୱରୀ ମନ୍ଦିରର ୭ ବଖରା ଘରେ ରବୀନ୍ଦ୍ର ବଳିଜେନା।

**ଖୋର୍ଦ୍ଧା ଅଫିସ,୧୪।୧୦**

**ପରମ୍ପରା ପଛର କାହାଣୀ**

ଖୋର୍ଦ୍ଧା ଜିଲା ବାଣପୁରର ଅଧିଷ୍ଠାତ୍ରୀ ଦେବୀ ଭଗବତୀ। ଏଠାରେ କାହିଁ କେଉଁ କାଳରୁ ଶାରଦୀୟ ଦୁର୍ଗାପୂଜାରେ ନରବଳି ଦିଆଯାଉଥିଲା। ତେବେ ବଂଶରକ୍ଷା ପାଇଁ ମା'ର ମନକଥା ବୁଝି ପାରି ନିଜେ ଭଗବତୀ ପ୍ରତୀକ ନରବଳି ବ୍ୟବସ୍ଥା ଲାଗୁ କରାଇଥିଲେ, ଯାହାକି ବଳିଜେନା ପରମ୍ପରା ଭାବେ ପ୍ରଚଳିତ। ଭଗବତୀ ପୀଠରେ ମହାନବମୀ ରାତିରେ ବଳି ପଡିବା ପାଇଁ ବାଲୁଗାଁ ପାଖ ସିଂହେଶ୍ୱର ଗ୍ରାମର ଜେନା ପରିବାର ଜାଗିର ଜମି ଉପଭୋଗ କରୁଛନ୍ତି। ପ୍ରତିବର୍ଷ ବଳି ପଡିବା ଦ୍ୱାରା ପରିବାର ନିଃବଂଶ ହେବାକୁ ଯାଉଥିଲା। ନିଜ ପୁଅକୁ ବଳି ଦେବାକୁ ଚାହୁଁ ନ ଥିଲେ ଜେନା ପରିବାରର ଜଣେ ବୋହୂ। ସେ ଭଗବତୀଙ୍କର ପରମ ଭକ୍ତ ଥିଲେ। ବଳି ପଡିବା ପୂର୍ବରୁ ଭଗବତୀଙ୍କୁ ଭୁଲ ମାଗି ନିଜ ପୁଅକୁ ସାଥିରେ ନେଇ ଘର ଛାଡିଥିଲେ। ବାଲୁଗାଁଠାରୁ ୫ କିମି ଦୂର ଛତ୍ରଗଡରେ ପହଞ୍ଚିବାବେଳେ ଥକ୍କା ମାରିବାକୁ ମା' ପୁଅ ଏକ ଗଛମୂଳେ ବସି ପଡିଥିଲେ। କିଛି ସମୟ ପରେ ହଠାତ୍ ଜଣେ ବୃଦ୍ଧାଙ୍କୁ ଦେଖିବାକୁ ମିଳିଥିଲା। ପାଚିଲା ବାଳ, ବଙ୍କୁଲି ବାଡି ଧରି ସେଠାରେ ପହଞ୍ଚି ବୋହୂଙ୍କୁ ଘର ଛାଡିବାର କାରଣ ଓ ପରିଚୟ ପଚାରିଥିଲେ। ଉତ୍ତର ପାଇବା ପରେ ମୁଣ୍ଡର ଉକୁଣି ଦେଖିବାକୁ ତାଙ୍କୁ କହିଥିଲେ। ଉକୁଣି ଦେଖିବା ସମୟରେ ମୁଣ୍ଡରେ କେବଳ ଶହ ଶହ ଆଖି ଦେଖି ଜେନା ଘର ବୋହୂ ଚକିତ ହୋଇ ପଡିଥିଲେ। ବୃଦ୍ଧାଙ୍କର ପ୍ରକୃତ ପରିଚୟ ବୁଝିବା ପରେ ମା' ଭଗବତୀ ଜାଣି ପୁଅର ଜୀବନ ଭିକ୍ଷା ମାଗିଥିଲେ। ଭକ୍ତର ଭକ୍ତିରେ ସନ୍ତୁଷ୍ଟ ହୋଇ ମା' ପ୍ରତୀକ ନରବଳି ଲାଗୁ କରିଥିଲେ। ସେ ପୁଅ ଥିଲେ ଜେନା ପରିବାରର ବଳଭଦ୍ର ବଳିଜେନା। ବଳଭଦ୍ରଙ୍କ ସମୟରୁ ପ୍ରତୀକ ନରବଳି ଚାଲୁ ରହିଛି। ଏହି ପ୍ରତୀକ ନରବଳୀରେ ପ୍ରାୟ ୨୧ଦିନ ସାତ୍ତ୍ୱିକ ଆହାର କରି ସାତ ବଖରା ଘରେ ରହିବାକୁ ପଡେ। ନିଜକୁ ସମର୍ପି ଦେବା ଦିବସରେ ଅଚେତ ହୋଇ ଯାଉଥିବାର ଦେଖିବାକୁ ମିଳେ। କିଛି ସମୟ ପରେ ଚେତା ଫେରେ। ଚଳିତବର୍ଷ ବଳଭଦ୍ରଙ୍କ ପଣନାତି ରବୀନ୍ଦ୍ର ବଳିଜେନା ପରମ୍ପରା ମୁତାବକ ନିଜକୁ ସମର୍ପି ଦେଇଛନ୍ତି। ଭଗବତୀ ପୀଠରେ ଚାଲିଥିବା ବଳିପ୍ରଥାର ପରମ୍ପରା କାହାଣୀ ନୁହେଁ ନିଚ୍ଛକ ସତ୍ୟ କଥା ବୋଲି ରବୀନ୍ଦ୍ର ସ୍ୱୀକାର କରିଛନ୍ତି।

## ■ ରୋଗପୋକ, ବନ୍ୟଜନ୍ତୁ ପ୍ରାଦୁର୍ଭାବ: ଚାଷୀ ହନ୍ତସନ୍ତ

# ପ୍ରଶାସନ ନ ଶୁଣିଲେ ଆମରଣ ଅନଶନ

**ଟାଙ୍ଗୀ(ଖୋର୍ଦ୍ଧା),୧୪।୧୦(ଡ଼ି.ଏନ.ଏ.)**

ରଣପୁର ବ୍ଲକ୍‌ର ମୟୂରଝାଲିଆ ଓ ରାଜଜଙ୍କିଆ ପଞ୍ଚାୟତର ଚାଷଜମିରେ ରୋଗପୋକ ଓ ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବ ଯୋଗୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ହାତୀ, ପାତି ମାଙ୍କଡ଼, ରୋଗପୋକ ଓ ଶେଷକୁ ତିତ୍‌ଲି ବର୍ଷା ଯୋଗୁ ଏହି ଅଞ୍ଚଳର ଚାଷୀଙ୍କୁ ଦୁର୍ଦ୍ଦଶାର ସମ୍ମୁଖୀନ କରାଇଛି। ଧାନ ଏବଂ ଅନ୍ୟାନ୍ୟ ଫସଲ ନିମନ୍ତେ ଏହି ଅଞ୍ଚଳ ବେଶ୍ ପରିଚିତ ଥିଲେ ମଧ୍ୟ ଏବେ ପ୍ରାକୃତିକ ଦୁର୍ବିପାକ ଚାଷୀକୁଳର ମେରୁଦଣ୍ଡ ଭାଙ୍ଗିଦେଇଛି ବୋଲି ରବିବାର ଜନୈକ ଚାଷୀ ରମେଶ ଚନ୍ଦ୍ର ରାଉତ ଅଭିଯୋଗ କରିଛନ୍ତି। ପ୍ରାୟ ୧୫ ଦିନ ଧରି ଉଭୟ ପଞ୍ଚାୟତରେ ୧୨ ରୁ ୧୫ ଥିବା ହାତୀପଲ ଦଳାଚକଟା କରି ଧାନଫସଲ ନଷ୍ଟ କରିଚାଲୁଥିଲେ ମଧ୍ୟ ରଣପୁର ବନବିଭାଗ ନୀରବଦ୍ରଷ୍ଟା ସାଜି ଥିବା ଅଭିଯୋଗ ହୋଇଛି। ହାତୀପଲ ପ୍ରାୟ ୬୦ ରୁ ୭୦ ଏକର ପର୍ଯ୍ୟନ୍ତ ଧାନଫସଲ ଖାଇଦେଇଥିବା ଅଭିଯୋଗ ହୋଇଛି। ଏ ପରିସ୍ଥିତିରେ ବନବିଭାଗ କେବଳ ଆଶ୍ୱାସନା ଓ ପ୍ରତିଶ୍ରୁତି ଦେବାରେ ଲାଗିଛି। ରାତିରେ ଧାନଫସଲରେ ହାତୀ ଓ ଦିନରେ ପନିପରିବା ଚାଷରେ ପାତିମାଙ୍କଡ଼ଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଏହାବ୍ୟତୀତ ରୋଗପୋକ ଲାଗି ଧାନଗଛ ସବୁ ନାଲି ପଡ଼ିଯାଇଛି। ଶେଷରେ ତିତ୍‌ଲି ପ୍ରଭାବଜନିତ ବର୍ଷା ଚାଷୀଙ୍କ ଭରସାକୁ ତୁଟାଇ ଦେଇଛି। ମୟୂରଝାଲିଆ ପଞ୍ଚାୟତସ୍ଥ ବାଉଁଶ ନଈରେ କେତେଗୁଡ଼ିଏ ଘାଇ ଭାଙ୍ଗିଯିବା ଦ୍ୱାରା ଧାନଜମି ସବୁ ନଷ୍ଟ ହେବା ସହ ବାଲି ଚରିଯାଇଛି। ଏହିସବୁ ଘାଇ ବନ୍ଧାଇବା ଗରିବ ଚାଷୀଙ୍କ ପକ୍ଷେ ସହଜ ନୁହେଁ। ରୋଗପୋକ ନିରାକରଣ ଦିଗରେ ବିଭାଗୀୟ ପଦକ୍ଷେପ ନେଇ ରଣପୁର ସହକାରୀ କୃଷି ଅଧିକାରୀ ରାଜେଶ୍ୱରୀ ସାହୁଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନି। ତେଣୁ ଏହିସବୁ ସମସ୍ୟାଗୁଡିକର ସମାଧାନ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ବାଧହୋଇ ଚାଷୀମାନେ ଆମରଣ ଅନଶନକୁ ଓହ୍ଲାଇବେ ବୋଲି ଏକ ପ୍ରେସ ବିବୃତି ମାଧ୍ୟମରେ ରାଉତ ଚେତାବନୀ ଦେଇଛନ୍ତି।

## ଫସଲ ନଷ୍ଟ କରୁଛନ୍ତି ହାତୀପଲ

**ଖୋର୍ଦ୍ଧା ଅଫିସ,୧୪।୧୦**

ବାଣପୁର ମାଳ ଅଞ୍ଚଳ ଦାମିଆ ବରବରା ପଞ୍ଚାୟତରେ ହାତୀପଲଙ୍କ ଉତ୍ପାଦ ଲାଗି ରହିଛି। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗ୍ରାମକୁ ଆସି ଧାନ ଓ ପରିବା ଫସଲ ଖାଇବା ସହ ନଷ୍ଟ କରି ଦେଉଛନ୍ତି। ସ୍ଥାନୀୟ ଲୋକ ରାତି ଉଜାଗର ରହି ହାତୀ ଘଉଡାଉଛନ୍ତି। ହେଲେ ସୁଫଳ ମିଳିନି।

## ଚିଲିକା ମତ୍ସ୍ୟଜୀବୀ ମହାସଂଘର ନୂତନ କର୍ମକର୍ତ୍ତା

**ଟାଙ୍ଗୀ(ଖୋର୍ଦ୍ଧା), ୧୪।୧୦(ଡ଼ି.ଏନ.ଏ.)**

ଚିଲିକା ମତ୍ସ୍ୟଜୀବୀ ମହାସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ରବିବାର ମାନସିଂହପୁର ମା' ଯୋଗମାୟାଙ୍କ ପୀଠରେ ମହାସଂଘର ସଭାପତି ମାଧବ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ବସିଥିଲା। ଏଥିରେ ମାଧବ ବେହେରା ସଭାପତି, ସୁବାସ ଘଡାଇ ଉପସଭାପତି, ଦଣ୍ଡପାଣି ବେହେରା ସମ୍ପାଦକ, ଭୀମସେନ ବେହେରା ସହ ସମ୍ପାଦକ ଓ ଭରତ ବେହେରା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। କିଶୋର ବେହେରାଙ୍କୁ ନେଇ ଏକ ୬ ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠିତ ହୋଇଛି। ତିତ୍‌ଲିର ପ୍ରଭାବଜନିତ ବର୍ଷାରେ ମତ୍ସ୍ୟଜୀବୀଙ୍କ କ୍ଷୟକ୍ଷତି ସମ୍ପର୍କରେ ବୈଠକରେ ଆଲୋଚନା ହେବା ସହ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ମହାସଂଘ ସୂତ୍ରରୁ ପ୍ରକାଶ।



ଭୁବନେଶ୍ୱର ଫ୍ରେଣ୍ଡସ କ୍ଲବ ଓ ବାରଙ୍ଗ ମଧ୍ୟରେ ଅନୁଷ୍ଠିତ କବାଡ଼ି ମ୍ୟାଚ୍।

## ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ: ବାରଙ୍ଗ ବିଜୟୀ

**ବୋଲଗଡ଼,୧୪।୧୦(ଡ଼ି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ କଚେରିବର କବାଡି ଖେଳପଡ଼ିଆରେ ଚାଲିଥିବା ମା'ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟର ୨ୟ ଦିବସୀୟ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଫ୍ରେଣ୍ଡସ କ୍ଲବ କବାଡି ଟିମ୍‌କୁ ୯ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ବାରଙ୍ଗ କବାଡି ଟିମ୍ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧରେ ବାରଙ୍ଗ କବାଡି ଟିମ୍ ୩୨ ପଏଣ୍ଟ ପାଇଥିବା ବେଳେ ଭୁବନେଶ୍ୱର ଫ୍ରେଣ୍ଡସ କ୍ଲବ କବାଡି ଟିମ୍ ୨୮ ପଏଣ୍ଟ ପାଇଥିଲା। ତେବେ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ବାରଙ୍ଗ ଟିମ୍ ୪୮ ପଏଣ୍ଟ ହାସଲ କରିଥିବା ବେଳେ ଭୁବନେଶ୍ୱର ଫ୍ରେଣ୍ଡସ କ୍ଲବ ଟିମ୍ ୩୯ ପଏଣ୍ଟ ଲାଭ କରିଥିଲା। ମ୍ୟାଚ୍ ପରିଚାଳନା କରିଥିଲେ ଲୋକନାଥ ବେହେରା, ତ୍ରିନାଥ ମତ୍ତଗଜସିଂହ ଓ କାହ୍ନୁ ଚରଣ ସାମନ୍ତରାୟ। ଶନିବାର ଉଦ୍‌ଘାଟନୀ ମ୍ୟାଚରେ ଗଡସାନପୁଟ କବାଡି ଟିମ୍‌କୁ ୪ ପଏଣ୍ଟ ବ୍ୟବଧାନରେ ହରାଇ କାଳିକା ପ୍ରସାଦ କବାଡି ଟିମ୍ ମ୍ୟାଚ୍ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ରୂପେ ଶିକ୍ଷାବିତ କୁଳମଣୀ ହୋତା ଓ ସମ୍ମାନିତ ଅତିଥି ଭାବେ ସୁମନ୍ତ ଛୋଟରାୟ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ମା' କୋଶଳାଶୁଣି ମହୋତ୍ସବ ଉଦ୍‌ଘାଟିତ

**ବୋଲଗଡ଼,୧୪।୧୦(ଡ଼ି.ଏନ.ଏ.)**

ବୋଲଗଡ଼ ବ୍ଲକ ଆରିକମାଠାରେ ମା' କୋଶଳାଶୁଣି ମହୋତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାର ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ପ୍ରଭାତ କୁମାର ବାରିକ, ଜୟକୃଷ୍ଣ ପ୍ରହରାଜ ଓ ଠେକୁ ପଟ୍ଟନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହୋତ୍ସବ ୪ ଦିନ ଧରି ଚାଲୁରହିବ।



ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଏଲିମେଣ୍ଟାରୀ ଯୁବକ ସଂଘର ନୂତନ କର୍ମକର୍ତ୍ତା

**ଜଟଣୀ,୧୪।୧୦(ଡ଼ି.ଏନ.ଏ.)**

ଜଟଣୀ ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସଂଘର ଶନିବାର ନୂତନ କର୍ମକର୍ତ୍ତା ଗଠନ ହୋଇଛି। ସଂଘର ବରିଷ୍ଠ ଉପଦେଷ୍ଟା ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ହିନ୍ଦୀ ପ୍ରକଳ୍ପ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୈଳାସ ଚନ୍ଦ୍ର ରାଉତ ସଭାପତି, ହେମନ୍ତ କୁମାର ଜେନା ଉପସଭାପତି, ରବୀନ୍ଦ୍ର କୁମାର ମହାନ୍ତି ସମ୍ପାଦକ, ଅକ୍ଷୟ କୁମାର ପାଲଟାସିଂହ ସହ ସମ୍ପାଦକ, ଜିତ୍ ରଞ୍ଜନ ମହାପାତ୍ର, ଝୁମୁରୀ ସାହୁ, ପ୍ରସନ୍ନ କୁମାର ମହାପାତ୍ର, ପ୍ରତିମା ମଣ୍ଡଳ, ଅଜୟ କୁମାର ରାଉତରାୟ, ସୁନୀଲ କୁମାର ଦାସ ସଙ୍ଗଠନ ସମ୍ପାଦକ, ଦିଲୀପ କୁମାର ବେହେରା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ମଞ୍ଜୁଳି ପୃଷ୍ଟି ସମୀକ୍ଷକ ଓ ଗଣମାଧ୍ୟମ ସଂଯୋଜକ ଭାବେ ଶିଶିର କୁମାର ମହାରଣା, ଫୟାଜ ଉଦ୍ଦିନ୍ ଖାଁଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ତ୍ରିନାଥ ସାମନ୍ତରାୟ, ଗଗନ ଚନ୍ଦ୍ର ମଙ୍ଗରାଜ, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ରହିଥିଲେ।

## ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ବୈଠକ

**କୃଷ୍ଣପ୍ରସାଦ,୧୪।୧୦(ଡ଼ି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ଶନିବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କନିଷ୍ଠଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜ, ଧର୍ମେନ୍ଦ୍ର କୁମାର ସାମନ୍ତରାୟ, ପବିତ୍ର କୁମାର ମଲ୍ଲିକ, ସୀତାପତି ସେଠୀ, ମୁଖ୍ୟ କିରାଣି ରୂପକ କୁମାର ରାଉତରାୟ, ବରିଷ୍ଠ କିରାଣି ପୂର୍ଣ୍ଣଚନ୍ଦ୍ର କାଣ୍ଡି, ପ୍ରକଳ୍ପ ସଂଯୋଜକ ମନୋଜ ସାହୁ, କମ୍ପ୍ୟୁଟର ପ୍ରୋଗ୍ରାମର ମାନସ ରଞ୍ଜନ ପଲେଇ, ବ୍ଲକ ପ୍ରଗତି ସହାୟକ ସୁବାସ ଚନ୍ଦ୍ର ସେଠୀଙ୍କ ସମେତ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ ଅଂଶଗ୍ରହଣ କରିଥିଲେ। ୨୦୧୩-୧୪, ୨୦୧୪-୧୫ ଓ ୨୦୧୫-୧୬ରେ ଇନ୍ଦିରା ଆବାସ, ବିଜୁ ପକ୍କା ଘର ଯୋଜନାରେ ଗୃହ କରି ନ ଥିବା ହିତାଧିକାରୀଙ୍କ କାର୍ଯ୍ୟାଦେଶ ରଦ୍ଦ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ସେହିପରି ୨୦୧୬-୧୭, ୨୦୧୭-୧୮ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେକାର୍ଯ୍ୟ ଶେଷ କରିବା ନିମନ୍ତେ ସହକାରୀ ଯନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଡିଆରଡିଏ ଅଧିକାରୀମାନଙ୍କୁ ନେଇ ବୈଠକ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

# ଏବର୍ଷ ୫ ରାତି ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା

### ବେଗୁନିଆ ସାର୍ବଜନୀନ ଦୁର୍ଗାପୂଜା କମିଟି




**ବେଗୁନିଆ,୧୪।୧୦(ଡ଼ି.ଏନ.ଏ.)**

ମା' ଜଗତ୍‌ଜନନୀଙ୍କ ପୂଜା ଯେତିକି ପାଖେଇ ଆସୁଛି, କମିଟି କର୍ମକର୍ତ୍ତାଙ୍କ ପ୍ରସ୍ତୁତି ସେହିଭଳି ଆଗେଇ ଚାଲିଛି। ବେଗୁନିଆ ସାର୍ବଜନୀନ ଦୁର୍ଗାପୂଜା ସମିତି ଚଳିତବର୍ଷ ମଣ୍ଡପରେ ସାଜସଜ୍ଜା, ତୋରଣ, ଇଲୋକ୍ଟ୍ରୋନିକ୍ ଲାଇଟ୍ ସାଙ୍ଗକୁ ନାଟକ ପ୍ରତିଯୋଗିତାର ଆୟୋଜନ ପାଇଁ କର୍ମକର୍ତ୍ତା ତତ୍ପର ହୋଇ ଉଠିଛନ୍ତି। ନୂଆ କମିଟି ସଦସ୍ୟମାନେ ବିଗତ ବର୍ଷଠାରୁ ଚଳିତବର୍ଷ ପୂଜାକୁ ଆକର୍ଷଣୀୟ କରିବାକୁ ଜୋରଦାର ଲାଗି ପଡ଼ିଛନ୍ତି। ୬୦ ବର୍ଷରେ ପଦାର୍ପଣ କରୁଥିବା ଏହି ପୂଜା କମିଟିର ଏକ ପୁରୁଣା ପରମ୍ପରା ରହି ଆସିଛି। ଦର୍ଶକମାନଙ୍କ ପାଇଁ ୪ ରୁ ୫ ରାତି ବିନା ଶୁଳ୍କରେ ଯାତ୍ରାଭିନୟ ପରିବେଷଣର ବନ୍ଦୋବସ୍ତ କରାଯାଉଥିଲା। ହେଲେ ଚଳିତବର୍ଷ ସମ୍ପୂର୍ଣ୍ଣ ବଦଳି ଯାଇଛି ଉତ୍ସବ। ଆସନ୍ତା ୧୫ ତାରିଖରୁ ସନ୍ଧ୍ୟାରେ ଶାରଦୀୟ ମହୋତ୍ସବ ଅନୁଷ୍ଠିତ ହେବା ସହ ରାତିରେ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତାରେ ୫ ଗ୍ରାମର ନାଟ୍ୟ କଳା ପରିଷଦ ନିଜ ନିଜର ପ୍ରତିଭା ପ୍ରଦର୍ଶିତ କରିବେ। ଏଥର ପୂଜାରେ ୧୭ରୁ ୧୯ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ଯୋଜନା ରହିଛି। ଶ୍ରୀମନ୍ଦିର ଆକୃତିର ଇଲୋକ୍ଟ୍ରୋନିକ୍ ତୋରଣ ବଜାରର ଶେଷ ସୀମାରେ ଦୁଇ ପାର୍ଶ୍ୱରେ ତିଆରି କରାଯାଉଛି। ଯାହାର ଉଚ୍ଚତା ୩୦ ଫୁଟ୍ ଓ ଚଉଡ଼ା ୨୫ ଫୁଟ୍ ରଖାଯାଇଛି। ତୋରଣ ବାଉଁଶ ଓ କପଡ଼ାରେ ସାଜ ସଜ୍ଜା କରାଯାଉଛି। ମା'ଙ୍କ ମୃଣ୍ମୟ ମୂର୍ତ୍ତି ୧୫ ଫୁଟ୍ ଓ ମେଢ଼ ୧୮ ଫୁଟ୍ ଉଚ୍ଚତା କରାଯାଉଛି। କଟକର କାରିଗର ଆସି ମା'ଙ୍କ ମୂର୍ତ୍ତିଙ୍କୁ ଗଢିବାରେ ଲାଗି ପଡିଛନ୍ତି। ବେଲ୍ଲ ଅଧିବାସ ଷଷ୍ଠୀ ୧୫ ତାରିଖଠାରୁ ପୂଜା ଆରମ୍ଭ ହେବ ବୋଲି କମିଟି ପକ୍ଷରୁ ସ୍ଥିର କରାଯାଇଛି।



" ୧୯୫୬ ରୁ ଥାନା ଏଏସ୍‌ଆଇ ଶରତ ଚନ୍ଦ୍ର ମିଶ୍ର ଓ ଡାକ୍ତର ରବୀନ୍ଦ୍ର ନାଥ ଦାସ ଏହି ପୂଜାକୁ ଆରମ୍ଭ କରିଥିଲେ। ଅଗାଧୁ ଦାଶ ନାମକ ପୂଜକ ତାଙ୍କୁ ସହାୟତା କରିଥିଲେ। ପରେ ବେଗୁନିଆ ବଜାର ବଣିକମାନେ ଏହି ପୂଜାକୁ ହାତକୁ ନେଲେ। ପ୍ରମୁଖ ବ୍ୟକ୍ତିବିଶେଷ, ଗ୍ରାମବାସୀ ଏବଂ ବଣିକମାନଙ୍କ ପକ୍ଷରୁ ଚାନ୍ଦା ଆଦାୟ କରାଯାଇ ବହୁ ବାଧା ବିଘ୍ନରେ ଏହି ପୂଜାକୁ ବଞ୍ଚାଇ ରଖାଯାଇଛି। ପୂଜାର ପ୍ରାଚୀନ ପରମ୍ପରା ବିନା ଶୁଳ୍କରେ ପୂଜା ଆରମ୍ଭ ବର୍ଷଠାରୁ ରାତିରେ ଦର୍ଶକମାନଙ୍କ ପାଇଁ ଯାତ୍ରା ପାର୍ଟିର ଆୟୋଜନ କରାଯାଉଛି।

- ବିଶ୍ୱନାଥ ସୁନ୍ଦରାୟ, ସଭାପତି



" ଚଳିତବର୍ଷ ଷଷ୍ଠୀ ଦିନଠାରୁ ଆରମ୍ଭ ହୋଇ ୫ ରାତି ପର୍ଯ୍ୟନ୍ତ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ନାଟକ ପ୍ରତିଯୋଗିତାର ବ୍ୟବସ୍ଥା କରାଯାଇଛି। ଏଥିସହ ସନ୍ଧ୍ୟାରେ ଶାରଦୀୟ ମହୋତ୍ସବ ଯୋଡି ହୋଇଯାଇଛି। ୨୦ ତାରିଖରେ ପୁରସ୍କାର ବିତରଣ ଉତ୍ସବ ଏବଂ ୨୧ ତାରିଖରେ ଭସାଣି ଅନୁଷ୍ଠିତ ହେବା ମାତ୍ର ଦର୍ଶକମାନେ ଶୃଙ୍ଖଳିତ ହୋଇ ମା'ଙ୍କ ପୂଜା ପାଠ ଓ ନାଟକୁ ଉପଭୋଗ କରିବା ପାଇଁ କମିଟି ପକ୍ଷରୁ ନିବେଦନ କରାଯାଉଛି।

- ପ୍ରଣବ ଦାସ, ସମ୍ପାଦକ



ଶତ୍ରୁଙ୍କୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକରୀ ଶକ୍ତି।

– ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

କାକଟପୁର

- ଶାରଦୀୟ ପୂଜା ଅବସରରେ ମା' ମଙ୍ଗଳାଙ୍କ ସିଂହବାହିନୀ ବେଶ ଓ ଭଜନ ସମାରୋହ, ମନ୍ଦିର ପରିସର, ରାତି ୯ଟା।

## କାର୍ କାଚ ଭାଙ୍ଗି ୫୦ହଜାର ଲୁଟ୍

**କୋଣାର୍କ,୧୪।୧୦(ଡି.ଏନ୍.ଏ.):** ଚନ୍ଦ୍ରଭାଗା ମେରାଇନ ଥାନା ଅଧୀନ ବେଳାଭୂମିମାର୍ଗରୁ ରବିବାର ସକାଳ ୭ଟାରେ ଜଣେ ପର୍ଯ୍ୟଟକଙ୍କ କାର କାଚ ଭାଙ୍ଗି ୫୦ହଜାର ଟଙ୍କା, ଲ୍ୟାପଟପ ଓ କାଗଜପତ୍ର ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗୁଜରାଟ ଅଞ୍ଚଳର ପର୍ଯ୍ୟଟକ ଡ.ମୁକେଶ ଓ ତାଙ୍କ ସହଯୋଗୀ କୋଣାର୍କ ବେଳାଭୂମି ମାର୍ଗରେ କାର୍ ରଖି ବୁଲିବାକୁ ଯାଇଥିଲେ। ବୁଲି ଆସି ଦେଖିବାରେ କାର କାଚ ଭାଙ୍ଗି ନଗଦ ୫୦ହଜାର ଟଙ୍କା, ଏକ ଲ୍ୟାପଟପ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟ ହୋଇଥିବା ଜାଣିଥିଲେ। ଏନେଇ ଡ.ମୁକେଶ ଚନ୍ଦ୍ରଭାଗା ମେରାଇନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ମହିଳାଙ୍କ ଦ୍ୱାରା ଗ୍ରାମ ସଫେଇ



**ସାକ୍ଷୀଗୋପାଳ,୧୪।୧୦(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ ବଳପୁର ଗ୍ରାମପଞ୍ଚାୟତର ମହିଳାମାନେ ଏକାଠି ହୋଇ ରବିବାର ଉକ୍ତ ପଞ୍ଚାୟତର ୩ନଂ ୱାର୍ଡ ଆନନ୍ଦପୁର ଗ୍ରାମ ସଫେଇ କରିଛନ୍ତି। ସତ୍ୟବାଦୀ ବ୍ଲକ ମହିଳା ମହାସଂଘର ସଭାପତି ଲକ୍ଷ୍ମୀପ୍ରିୟା ଦାଶ, ସ୍ୱଚ୍ଛ ଭାରତ ଅଭିଯାନ ମୋଟିଭେଟର ଜିତେନ୍ଦ୍ର କୁମାର ଦାଶ ଏବଂ ଆଶାକର୍ମୀ ନିର୍ମଳା ବେହେରାଙ୍କ ନେତୃତ୍ୱରେ ମହିଳାମାନେ ଆନନ୍ଦପୁର ଦାଶସାହି, ବେହେରାସାହି, ମୁଦୁଲିସାହି ଓ ପଣ୍ଡାସାହି ରାସ୍ତା, ନଳକୂପ ଓ ବିଭିନ୍ନ ସ୍ଥାନରେ ଜମା ହୋଇଥିବା ଆବର୍ଜନା, ଅନାବନା ଗଛଲତା ଓ ଅନାବଶ୍ୟକ ପଲିଥିନ ଆଦି ସଫା କରିବା ପରେ ବ୍ଲିଚିଂ ପକାଇଥିଲେ। ଏହି ସଫେଇ କାମରେ ଗ୍ରାମର ତାରେଣୀ, ଚକ୍ରମଣି, ଭାର୍ଗବୀ, ମମତା-୪, କପିଳେଶ୍ୱର, ଭାଗ୍ୟଶ୍ରୀ, ହାଣ୍ଡୋଳେଇ ଓ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ସାମିଲ ହୋଇଥିଲେ।

## ବୃକ୍ଷରୋପଣ କାର୍ଯ୍ୟକ୍ରମ

**କଣାସ,୧୪।୧୦(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଡିମିରି ଗ୍ରାମରେ ରବିବାର ବରିଷ୍ଠ ନାଗରିକମାନଙ୍କୁ ନେଇ ଗଠନ କରାଯାଇଥିବା ସାମାଜିକ ସାଂସ୍କୃତିକ ସଚେତନ ସଙ୍ଗଠନ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିମିରି ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ନେତା ମୃତ୍ୟୁଞ୍ଜୟ ବଡ଼ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ବିଶିଷ୍ଟ ସଂଗ୍ରାମୀ ପ୍ରାଣକୃଷ୍ଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରିବେଶର ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ସହିତ ବିଦ୍ୟାଳୟ, ମନ୍ଦିର, ପୁଷ୍କରିଣୀ, ଗ୍ରାମ ରାସ୍ତା ସଫା ରଖିବା ସହିତ ପ୍ରତ୍ୟେକ ପରିବାର ନିଜ ବାସଗୃହ ମଧ୍ୟରେ ପାଇଖାନା ନିର୍ମାଣ କରିବାକୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପତିତପାବାନ ଦାସ, କଣ୍ଡୁରି ପ୍ରଧାନ, ବିବେକାନନ୍ଦ ମାର୍ଥା, ଦୟାନିଧି ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରାକାଠ ଗାଡ଼ି ଜବତ

**ବ୍ରହ୍ମଗିରି,୧୪।୧୦(ଡି.ଏନ୍.ଏ.):** ବ୍ରହ୍ମଗିରି ବନ ବିଭାଗ ତରଫରୁ ଶନିବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ଏକ କାଠଗାଡିକୁ ଜବତ କରାଯାଇଛି। ବ୍ରହ୍ମଗିରି ରେଞ୍ଜର ରଜତ ମହାପାତ୍ରଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଉକ୍ତ ରେଞ୍ଜ ଅଧୀନ ରାମେଶ୍ୱର ପୁରଠାରୁ ଚଢାଉ କରି ପୋଲାଙ୍ଗ ଓ କାଜୁ କାଠ ବୋଝେଇ ହୋଇଥିବା ଏକ ୪୦୭ ଗାଡି (ଓଆର-୦୫ବି-୪୭୮୧)କୁ ଜବତ କରି ରେଞ୍ଜ୍ କାର୍ଯ୍ୟାଳୟକୁ ଆଣିଛନ୍ତି। ଏ ନେଇ ବ୍ରହ୍ମଗିରି ରେଞ୍ଜ୍‌ରେ ୟୁଡି-୧୨/ବିଆର/୧୮-୧୯ରେ ଏକ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି।



ପୁରୀ ବାସେଳିସାହି ମଙ୍ଗଳାଙ୍କ ହରଚଣ୍ଡୀ ବେଶ।



ମା' ବାଙ୍କୀମୁହାଣ ରାମଚଣ୍ଡୀଙ୍କ କାତ୍ୟାୟନୀ ବେଶ।



ମରିଚେଇ ଠାକୁରାଣୀଙ୍କ ମହା ସରସ୍ୱତୀ ବେଶ।

# ଡକାୟତ ଗ୍ୟାଙ୍ଗଙ୍କୁ ଉଠାଇନେଲା ବାଲେଶ୍ୱର ପୋଲିସ

- ମୋଚିସାହି ଛକରେ ଅପରାଧୀ-ପୋଲିସ ଧସ୍ତାଧସ୍ତି
- ପୁରୀ ପୋଲିସ ପାଖରେ ନ ଥିଲା ଖବର

**ପୁରୀ ଅଫିସ, ୧୪।୧୦**

ବାଲେଶ୍ୱରରେ ଡକାୟତି, ପୁରୀରେ ଆତ୍ମଗୋପନ। ଏମିତି ଅନେକ ଅପରାଧରେ ସମ୍ପୃକ୍ତ ଥିବା ଏକ ଡକାୟତ ଗ୍ୟାଙ୍ଗ୍‌ର ୩ ଅଭିଯୁକ୍ତଙ୍କୁ ପୁରୀରୁ ଉଠାଇ ନେଇଛି ବାଲେଶ୍ୱର ଜିଲାର ଖଇରା ପୋଲିସ। ଏହାକୁ ନେଇ ରବିବାର ଅପରାହ୍ନରେ ମୋଚିସାହି ଛକରେ ପୋଲିସ ଏବଂ ଅଭିଯୁକ୍ତମାନଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ହୋଇଥିଲା। ଶେଷରେ ପୋଲିସ ଅଭିଯୁକ୍ତମାନଙ୍କୁ କାବୁ କରିନେଇଥିଲା। ସର୍ବ ସମ୍ମୁଖରେ ଫିଲ୍ମ ଷ୍ଟାଇଲରେ ସମ୍ପୂର୍ଣ୍ଣ ଘଟଣା ଘଟିଥିଲା।

ସୂଚନା ମୁତାବକ, ରବିବାର ଅପରାହ୍ନ ପ୍ରାୟ ସାଢେ ୫ଟା ହେବ। ମୋଚିସାହି ଛକରେ ସାଦା ପୋଷାକରେ ଥିବା ଜଣେ ମହିଳା ପୋଲିସ ହଠାତ୍ ନିଜ ବ୍ୟାଗରୁ ଏକ ବନ୍ଧୁକ ବାହାର କରି ଜଣେ ଯୁବକଙ୍କ ମୁଣ୍ଡରେ ଲଗାଇଥିଲେ। ଏହି ସମୟରେ ସେଠାରେ ଥିବା ଅନ୍ୟ ୨ ଯୁବକ ଫେରାର ହେବାକୁ ଉଦ୍ୟମ କରିବା ବେଳେ ସାଦା ପୋଷାକରେ ଥିବା ସ୍ଥାନୀୟ ପୋଲିସ ସେମାନଙ୍କୁ କାବୁ କରିଥିଲା। ଏହି ସମୟରେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। କିଛି ସମୟ ପର୍ଯ୍ୟନ୍ତ ସ୍ଥାନୀୟ ଲୋକେ କିଛି ବୁଝି ପାରି ନ ଥିଲେ। ସମସ୍ତେ ସ୍ତବ୍ଧ ପାଲଟିଯାଇଥିଲେ। ମହିଳା ଜଣକ ବନ୍ଧୁକ ବାହାର କରିବା ଦେଖି ଅନେକ ଲୋକ ଭୟରେ ଦୌଡ଼ାଦୌଡ଼ି ହୋଇ ପଳାଇଥିଲେ।



ମୋଚିସାହି ଛକରେ ପୋଲିସ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ଧସ୍ତାଧସ୍ତି।

ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଭ୍ୟାନରେ ବସାଇ ସମୁଦ୍ରକୂଳ ଥାନାକୁ ନେଇଥିଲା। ଏମାନଙ୍କ ସାଥିରେ ଅନ୍ୟ କେଉଁମାନେ ଅଛନ୍ତି, କେଉଁଠି ରହିଛନ୍ତି ଏବଂ କେଉଁଠି ଡକାୟତି ଯୋଜନା କରିଛନ୍ତି ସେ ନେଇ ଖଇରା ପୋଲିସ ପଚରାଉଚରା କରିଥିଲା। ପରେ ସେମାନଙ୍କୁ ଧରି ସେମାନଙ୍କ ଆଡ୍ଡା ସ୍ଥଳକୁ ନିଆଯାଇଥିଲା। ସେଠାରୁ ପୋଲିସ ପୁଣି ଟାଉନ ଥାନାକୁ ନେଇଥିଲା।

ଖଇରା ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ଏକ ବଡ ଡକାୟତି ଗ୍ୟାଙ୍ଗ ଖଇରାରୁ ଖସି ଆସି ପୁରୀରେ ଆତ୍ମଗୋପନ କରିଥିବା ସୂଚନା ମିଳିଥିଲା। ଏହି ଗ୍ୟାଙ୍ଗ ଖଇରା ଥାନା ଅଧୀନରେ ଘଟିଥିବା ଏକାଧିକ ଲୁଟ, ରାହାଜାନି ଘଟଣାରେ ସମ୍ପୃକ୍ତ ଥିଲେ। ସେମାନଙ୍କ ମୋବାଇଲ ନମ୍ବର ଟ୍ରାକ କରାଯିବା ପରେ ସେମାନେ ପୁରୀରେ ଥିବା ସୂଚନା ମିଳିଥିଲା। ଏହାପରେ ଯୋଜନା ମୁତାବକ ପୋଲିସ ଗତ ଦୁଇ ଦିନ ହେଲା ପୁରୀରେ ଡେରା ପକାଇଥିଲା। ଅନ୍ୟପଟେ ବାହାର ଅଞ୍ଚଳରୁ ଅପରାଧୀମାନେ ଆସି ଏଠାରେ ଆଡ୍ଡା ଜମାଇଥିଲେ ମଧ୍ୟ ପୁରୀ ପୋଲିସ ନିକଟରେ ଏ ସମ୍ପର୍କରେ ସୂଚନା ନ ଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଏଥିରୁ ପୁରୀ ପୋଲିସ କେତେ ତତ୍ପର ତାହା ଜଣାପଡୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ■ ବାଇକ୍ ଚୋରି ଘଟଣାର ପର୍ଦ୍ଦାଫାଶ

# କବାଡ଼ିଆ ସହ ୨ ଗିରଫ, ଚୋରି ଯନ୍ତ୍ରାଂଶ ଜବତ

**ଗୋପ, ୧୪।୧୦(ଡି.ଏନ୍.ଏ.)**

ଗୋପ ଥାନା ଅଞ୍ଚଳରୁ ବିଭିନ୍ନ ସମୟରେ ବାଇକ୍ ଚୋରି କରିଥିବା ଅଭିଯୋଗରେ ଗୋପ ଥାନା ଅଧୀନ ନାଗପୁର ଖରିଦାସାହିର କବାଡ଼ିଆ ଅମୂଲ୍ୟ କୁଣ୍ଡ (୨୪) ଏବଂ ବେଗୁନିଆର ଶମ୍ଭୁନାଥ ସେନାପତି (୨୦)ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ୧୫ରୁ ଊର୍ଦ୍ଧ୍ୱ ବାଇକ୍ ଓ ଅଟୋର ଯନ୍ତ୍ରାଂଶ ପୋଲିସ ଜବତ କରିଥିବାବେଳେ ଗୋଟିଏ ବାଇକ୍ ମଧ୍ୟ ଉଦ୍ଧାର କରିଥିବା ଜଣାପଡ଼ିଛି। ରବିବାର ପୋଲିସ ଏହି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ଗୋପ ଥାନାରେ ୧୬୬/୧୮ରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ନିକଟରେ ଗୋପ ତଥା ଏହାର ଆଖପାଖ ଅଞ୍ଚଳରେ କ୍ରମାଗତ ବାଇକ୍ ଚୋରି ହେଉଥିବା ଅଭିଯୋଗ ହେଉଥିଲା। ଅଳ୍ପଦିନ ତଳେ ବେଗୁନିଆ ଗ୍ରାମର କୁମର ବେହେରାଙ୍କ ଘର ସମ୍ମୁଖରୁ ଏକ ବାଇକ୍ ଚୋରି ହୋଇଯାଇଥିବାବେଳେ ଏ ନେଇ ଗାଡ଼ି ମାଲିକ ଥାନାରେ ଅଭିଯୋଗ କରିଥିଲେ। ଏହି ଗାଡ଼ିଟି ନାଗପୁରସ୍ଥିତ କବାଡ଼ିଆ ଦୋକାନରେ ବିକ୍ରି ହୋଇଥିବା କୌଣସି ସୂତ୍ରରୁ ପୋଲିସ ଖବର ପାଇବା ପରେ ଅଚାନକ ଚଢ଼ାଉ କରି ଗାଡ଼ିଟିକୁ ଜବତ କରିଥିଲା। ପୋଲିସ ତଦନ୍ତ ସମୟରେ ଏହି ବାଇକ୍ ଚୋର ର୍‍ୟାକେଟ୍‌ରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ଥିବା ସନ୍ଦେହ କରୁଛି। ରବିବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରି ଜେଲ ହାଜତକୁ ପଠାଇ ଦେଇଥିବା ଗୋପ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ କହିଛନ୍ତି।

# ୧୯୮୦ ବ୍ୟାଚ୍‌ର ବନ୍ଧୁମିଳନ

**ପୁରୀ ଅଫିସ,୧୪।୧୦**

ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ୧୯୮୦ ବ୍ୟାଚ୍‌ର ଛାତ୍ରୀଛାତ୍ରମାନଙ୍କର ରବିବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପାନ୍ଥନିବାସ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୀର୍ଘ ୩୮ବର୍ଷ ପରେ ଏହି ପୂରାତନ ଛାତ୍ରୀଛାତ୍ରମାନେ ଏକାଠି ହୋଇ ନିଜର ପୁରୁଣା ସ୍ମୃତିକୁ ମନେପକାଇ ଥିଲେ। ଏହି ଅବସରରେ ଉକ୍ତ ବ୍ୟାଚ୍‌ର ପରଲୋକ ଘଟିଥିବା ସହପାଠିମାନଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଆଗକୁ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ କରିବାକୁ ସମସ୍ତେ ମତ ରଖିଥିଲେ। ପରେ ସମସ୍ତେ ନିଜ ନିଜର ପାରିବାରିକ, ସାମାଜିକ ଏବଂ ଆର୍ଥିକ ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ।





ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

## ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

**କଣାସ,୧୪।୧୦(ସ୍ୱ.ପ୍ର.)**

କଣାସ ଥାନା ଅନ୍ତର୍ଗତ କୋଟକଣାଛକ ନିକଟବର୍ତ୍ତୀ ନୂଆ ଜଗନ୍ନାଥ ସଡ଼କରେ ପୁରୀକୁ ମୃତଦେହ ନେଇ ଯାଉଥିବା ଏକ ଆମ୍ବୁଲାନ୍ସକୁ ସାମ୍ନାରୁ ଏକ ଅଟୋ ଧକ୍କା ଦେଇଥିଲା। ନୟାଗଡ଼ ଜିଲା ଗଣିଆ ବ୍ଲକ ଆଡ଼କଟା ଗ୍ରାମର ଭାସ୍କର ବେୱାଙ୍କ ମୃତଦେହକୁ ତାଙ୍କ ପରିବାର ଲୋକେ ପୁରୀ ନେଉଥିଲେ। ଏହି ସମୟରେ ଦୁର୍ଘଟଣା ଘଟିବାରୁ ଗାଡ଼ିରେ ଥିବା ୨ମହିଳା ଓ ୨ପୁରୁଷ ଆହତ ହୋଇଥିଲେ। ଘଟଣାସ୍ଥଳରେ ୪୦ ମିନିଟ୍ ଧରି ଲୋକେ ରୁଣ୍ଡ ହେବାସହ ଗାଡ଼ି ଅଟକି ରହିଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

**ଗୋପ, ୧୪।୧୦(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ବଣିଆସାହି ଓ କୁଆଁପଡ଼ା ପଞ୍ଚାୟତରେ ରବିବାର ବିଜେଡି ତରଫରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ଜନସମ୍ପର୍କ ପଦଯାତ୍ରାରେ ଆୟୋଜିତ ପଥପ୍ରାନ୍ତ ସଭାରେ ବିଧାୟକ ଜନସାଧାରଣଙ୍କୁ ବିଜେଡି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଆମ ଗାଁ, ଆମ ବିକାଶ ଯୋଜନାରେ ବିଭିନ୍ନ ପଞ୍ଚାୟତ ଓ ଗାଁର ବିକାଶ ପାଇଁ ଦିଆଯାଇଥିବା ଅନୁଦାନ କିପରି ଠିକ୍ ଭାବରେ ଖର୍ଚ୍ଚ କରାଯିବ, ସେଥିପ୍ରତି ସଜାଗ ରହିବାକୁ ଉପସ୍ଥିତ କର୍ମକର୍ତ୍ତା ଓ ଜନପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ନିରଞ୍ଜନ ଶଗଡ଼ିଆ, ସରପଞ୍ଚ ସୁଲୋଚନା ଶଗଡ଼ିଆ, କୁଆଁପଡ଼ା ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ୧୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସରୋଜିନୀ ନାୟକ, ଯୁବ ପର୍ଯ୍ୟବେକ୍ଷକ ପ୍ରକାଶ ପ୍ରଧାନ, କୁଆଁପଡ଼ା ପୂର୍ବତନ ସମିତି ସଭ୍ୟ ଧନେଶ୍ୱର ବେହେରା, ସମିତି ସଭ୍ୟ ରାଧାଶ୍ୟାମ ମହାନ୍ତିଙ୍କ ସମେତ ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ।

# ନୂଆ ଶୋ'ରୁମ୍ ଖୋଲିଲା ରୟାଲ ଏନ୍‌ଫିଲ୍ଡ



**ପୁରୀ ଅଫିସ,୧୪।୧୦**

ସ୍ଥାନୀୟ ଭିଆଇପି ରୋଡ୍‌ଠାରେ ରୟାଲ ଏନ୍‌ଫିଲ୍ଡର ନୂଆ ଶୋ'ରୁମ ପିଜିଏସ୍ ରୟାଲ ଏନ୍‌ଫିଲ୍ଡ ଗୁରୁବାର ଶୁଭାରମ୍ଭ ହୋଇଛି। ଏହାକୁ କୌଶଲ୍ୟା ଦେବୀ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆଇଚର ମୋଟର ପ୍ରାଇଭେଟ ଲିମିଟେଡର ଟେରିଟୋରି ସେଲ୍‌ସ ମ୍ୟାନେଜର ଚନ୍ଦ୍ର ଶେଖର ଆଚାର୍ଯ୍ୟ ଏବଂ ଏରିଆ ସେଲସ୍ ମ୍ୟାନେଜର ଶାୟନ୍ତନ ଦାସ ଉପସ୍ଥିତ ଥିଲେ । ୨୪ଶହ ବର୍ଗଫୁଟ ବିଶିଷ୍ଟ ଉକ୍ତ ଶୋ ରୁମ୍‌ରେ ଅତ୍ୟାଧୁନିକ ୱାର୍କଶପ୍ ରହିଛି । ରୟାଲ ଏନ୍‌ଫିଲ୍ଡର ୧୫ ପ୍ରକାରର ବୁଲେଟ ଏହି ଶୋ'ରୁମ୍‌ରେ ଉପଲବ୍ଧ । ପିଜିଏସ୍ ମୋଟର୍ସର ପାର୍ଟନର ମନୀଷା ଅଗ୍ରୱାଲ ଏବଂ ମ୍ୟାନେଜିଙ୍ଗ ପାର୍ଟନର ଅଜୟ ଅଗ୍ରୱାଲ ଏଥିରେ ଉପସ୍ଥିତ ଥିଲେ।

# ଭାଜପାରେ ଯୋଗଦେଲେ ୫୦ ବିଜେଡି କର୍ମୀ

**ବ୍ରହ୍ମଗିରି, ୧୪।୧୦(ଡି.ଏନ୍.ଏ.)**

ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଭାଜପା ତା'ର ସ୍ଥିତି ମଜଭୁତ କରିବାରେ ଲାଗିଛି । ରବିବାର କୃଷ୍ଣପ୍ରସାଦ ବ୍ଲକର ହରିସହଦେବଙ୍କ ପୀଠରେ ଏକ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଅଛି । ଏହି ପର୍ବରେ ଗୋପୀନାଥପୁର ଗ୍ରାମ ପଞ୍ଚାୟତର ୫୦ ଜଣ ବିଜେଡି କର୍ମୀ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଭାଜପାରେ ଯୋଗଦେଇଛନ୍ତି । ଏଥିରେ ଗୋପୀନାଥପୁର ଗ୍ରାମପଞ୍ଚାୟତ ସରପଞ୍ଚ ଶତ୍ରୁଘ୍ନ ବେହେରା, ପ୍ରଦୀପ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କାଗଜପତ୍ର ପଠାଇବାକୁ ବିଇଓଙ୍କୁ ତାଗିଦ୍

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ମିଳୁନି ପେନ୍‌ସନ

**ପୁରୀ ଅଫିସ,୧୪।୧୦**

ସତ୍ୟବାଦୀ ବ୍ଲକ୍‌ରେ ଅବସର ଗ୍ରହଣ କରିଥିବା କେତେଜଣ ଶିକ୍ଷକ ପେନ୍‌ସନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସଂଘ ଜିଲା ମୁଖ୍ୟ ଶିକ୍ଷାଧିକାରୀ (ଡିଇଓ) ଡ. ହୃଷୀକେଶ କାଣ୍ଡିଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସତ୍ୟବାଦୀ ବିଇଓଙ୍କୁ ଚିଠି କରି ଡିଇଓ ତାଗିଦ୍ କରିଥିବା ଜଣାପଡିଛି। ତୁରନ୍ତ ଏହି ପେନ୍‌ସନ ସଂକ୍ରାନ୍ତ କାଗଜପତ୍ର ଭୁବନେଶ୍ୱରସ୍ଥିତ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟ୍‌ସକୁ ପଠାଇବାକୁ ଚିଠି ନଂ.୧୦୬୮୦ରେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହାସତ୍ତ୍ୱେ ଯଦି ସମ୍ପୃକ୍ତ ଶିକ୍ଷକମାନଙ୍କୁ ତୁରନ୍ତ ପେନ୍‌ସନ ପ୍ରଦାନ କରା ନ ଯାଏ ତେବେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ମିଳିଥିବା ସୂଚନାନୁସାରେ, ସତ୍ୟବାଦୀ ଶିକ୍ଷା ମଣ୍ଡଳ ଅଧୀନରେ କାର୍ଯ୍ୟରତ କେତେଜଣ ଶିକ୍ଷକ ଅବସର ଗ୍ରହଣ କରିବା ପରେ ପେନ୍‌ସନ ପାଇବା ପାଇଁ ବ୍ଲକ୍ ଶିକ୍ଷା ମଣ୍ଡଳ ଅଧିକାରୀଙ୍କୁ ବାରମ୍ବାର ଭେଟି ଅନୁରୋଧ କରି ଆସୁଛନ୍ତି। ମାତ୍ର କୌଣସି ସୁଫଳ ନ ମିଳିବାରୁ ଏ ସଂକ୍ରାନ୍ତରେ ଡିଇଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହିଆଧାରରେ ଡିଇଓ ଉପରୋକ୍ତ ଚିଠି ମାଧ୍ୟମରେ ବିଇଓଙ୍କ ଉପରେ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ତାଗିଦ୍ କରିଛନ୍ତି। ସଂଘ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କୁହନ୍ତି, ପେନ୍‌ସନ ସମସ୍ୟା ନେଇ ସବୁ ଅଧିକାରୀଙ୍କୁ ଅବଗତ କରାଯାଇଛି। ଯଦି ଏଥିରେ ଆହୁରି ଅବହେଳା କରାଯାଏ, ଆସନ୍ତା ୨ ତାରିଖରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ସେ କହିଛନ୍ତି। ତେବେ ଏ ନେଇ ସତ୍ୟବାଦୀ ବିଇଓଙ୍କ ମତାମତ ମିଳିପାରି ନାହିଁ।